# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୩୦/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 30/2021 | ★★★★★★

୪୭ଶ ଭାଗ ୧୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**କିଶ୍ୱେରଙ୍କ କାଷ୍ଟିଂ କାଉଚ୍ ଅନୁଭୂତି**

ବଲିଉଡ୍‌ରେ କାଷ୍ଟିଂ କାଉଚର ସମ୍ମୁଖୀନ ହୋଇଥିବା ନେଇ ଏକ ସାକ୍ଷାତକାରରେ କହିଛନ୍ତି ଅଭିନେତ୍ରୀ କିଶ୍ୱେର ମର୍ଚାଣ୍ଟ। ୧୦

୦୯ **ଦି ହଣ୍ଡ୍ରେଡ୍ ଟି୨୦ ଖେଳିବେ ଜେମିମା**

ୟୁକେରେ ଦି ହଣ୍ଡ୍ରେଡ୍ ଟି୨୦ ଟୁର୍ନାମେଣ୍ଟରେ ନର୍ଦ୍ଦର୍ନ ସୁପର ଚାର୍ଜର୍ସ ତରଫରୁ ଖେଳିବେ ଭାରତୀୟ ବ୍ୟାଟ୍ସଓମ୍ୟାନ ଜେମିମା ରୋଡ୍ରିଗୁଏଜ୍।



# ପାଠ୍ୟକ୍ରମରେ ବିପର୍ଯ୍ୟୟ, ମହାମାରୀ ମୁକାବିଲା

**ଭୁବନେଶ୍ୱର,୨୯।୫(ବ୍ୟୁରୋ)**

ରାଜ୍ୟ ପ୍ରତି ବର୍ଷ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଗତ ବର୍ଷେରୁ ଊର୍ଦ୍ଧ୍ୱ ହେବ ସମଗ୍ର ବିଶ୍ୱ ସହିତ ଓଡ଼ିଶା ମହାମାରୀ କରୋନା ସଂକ୍ରମଣରେ ଅଣନିଃଶ୍ୱାସୀ ହୋଇପଡ଼ିଛି। ପ୍ରାକୃତିକ ବିପର୍ଯ୍ୟୟଠାରୁ ମହାମାରୀର ପ୍ରକୋପ ଅତି ଭୟଙ୍କର ହୋଇଛି। ଏହାକୁ ଦୃଷ୍ଟିରେ ରଖି ଆମାଗୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ସହ ମହାମାରୀ ମୁକାବିଲା ପାଇଁ ଛାତ୍ରୀଛାତ୍ରଙ୍କଠୁ ନେଇ ଜନପ୍ରତିନିଧି, ମିଶନ ଶକ୍ତି ଗୋଷ୍ଠୀ, ବିଭିନ୍ନ ସଂଗଠନ ଏପରି କି ସାଧାରଣ ଜନତାଙ୍କୁ ତାଲିମ ଦେବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ପ୍ରତ୍ୟେକ ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ମହାମାରୀ ପରିଚାଳନାଠାରୁ ଆରମ୍ଭ କରି ପ୍ରାକୃତିକ ବିପର୍ଯ୍ୟୟ ପର୍ଯ୍ୟନ୍ତ ସବୁ ବିଷୟରେ ଜ୍ଞାନ ଆହରଣ କରିବେ। ଏହା ସେମାନଙ୍କ ପାଠ୍ୟକ୍ରମର ଅଂଶବିଶେଷ ହେବ। ମହାମାରୀ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ମୌଳିକ ଦିଗ ଉପରେ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କୁ ତାଲିମ ଦିଆଯିବ। ସରକାରୀ ଚାକିରି ଓ ନିଯୁକ୍ତି ପାଇଁ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା ଏକ ବାଧ୍ୟତାମୂଳକ ବିଷୟ ହେବ। ବିପର୍ଯ୍ୟୟ ସମୟରେ ନିର୍ବାଚିତ ପ୍ରତିନିଧିଙ୍କର ଭୂମିକା ସବୁଠାରୁ



ନବୀନ ପଟ୍ଟନାୟକ

ଗୁରୁତ୍ୱପୂର୍ଣ୍ଣ। ୱାର୍ଡମେମ୍ବରଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତ ନିର୍ବାଚିତ ପ୍ରତିନିଧି ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା ବିଷୟରେ ପ୍ରଶିକ୍ଷଣ ନେବେ। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ମୁକାବିଲା ନେଇ ଏଭଳି ଏକ ସଂକଳ୍ପ ପାରିତ କରାଯାଇଛି।

ଜଣାଶୁଣା ଜରୁରୀ ପରିସ୍ଥିତିର କିପରି ସମ୍ମୁଖୀନ ହେବା ଏବଂ ଏଥିସହିତ ଅଜଣାଅଶୁଣା ପରିସ୍ଥିତିକୁ କିପରି ମୁକାବିଲା କରିବାକୁ ହେବ, ସେ ବିଷୟରେ ସବୁ ଲୋକଙ୍କୁ ପ୍ରସ୍ତୁତ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଲକ୍ଷ୍ୟ ପୂରଣ ସାଙ୍ଗକୁ ଓଡ଼ିଶାକୁ ବିପର୍ଯ୍ୟୟ ପରିଚାଳନାରେ ଏକ ଅଗ୍ରଣୀ ରାଜ୍ୟ ଭାବରେ ଗଢ଼ିତୋଳିବାକୁ ହେବ। ଫଳରେ ଜୈବିକ, ଜଳବାୟୁଜନିତ କିମ୍ବା ଅନ୍ୟ ଯାହା କିଛି ବିପତ୍ତିର ମୁକାବିଲା ☞ପୃଷ୍ଠା-୪

**ମନ୍ତ୍ରୀ ପରିଷଦ ବୈଠକରେ ସଂକଳ୍ପ ପାରିତ**

- ସରକାରୀ ଚାକିରି ପାଇଁ ମଧ୍ୟ ବାଧ୍ୟତାମୂଳକ ବିଷୟ ହେବ
- ତାଲିମ ନେବେ ସରକାରୀ କର୍ମଚାରୀ, ଜନପ୍ରତିନିଧି
- ମିଶନ ଶକ୍ତି ଗୋଷ୍ଠୀ, ବନ ସୁରକ୍ଷା ସମିତିଙ୍କୁ ବି ମିଳିବ ତାଲିମ

## କୋଭିଡ୍ ଅନାଥଙ୍କ ପାଇଁ ୧୦ ଲକ୍ଷ

**ନୂଆଦିଲ୍ଲୀ, ୨୯।୫**

କରୋନା ମହାମାରୀରେ ମାଆବାପାଙ୍କୁ ହରାଇ ଅନାଥ ହୋଇଥିବା ଶିଶୁମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କେତେକ କଲ୍ୟାଣକାରୀ ଯୋଜନା ଘୋଷଣା କରିଛନ୍ତି। ଏହି ପିଲାମାନଙ୍କୁ ମାଗଣା ଶିକ୍ଷା ଯୋଗାଇ ଦିଆଯିବା ସହ ୧୮ ବର୍ଷ ବୟସରେ ପହଞ୍ଚିଲେ ସେମାନଙ୍କୁ ୫ ବର୍ଷ ଯାଏ ମାସିକ ଷ୍ଟାଇପେଣ୍ଡ ଦିଆଯିବ। ୨୩ ବର୍ଷ ବୟସରେ ପହଞ୍ଚିଲେ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ। ଏହା ବ୍ୟତୀତ ଉଚ୍ଚଶିକ୍ଷା ପାଇଁ ସେମାନଙ୍କୁ ଶିକ୍ଷାଋଣ ଯୋଗାଇ ଦିଆଯିବ, ଯାହାର ସୁଧ ପିଏମ୍-କେୟାର୍ସର ପରିଶୋଧ କରାଯିବ। ସେହିପରି ପିଲାମାନଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ୫ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟ ବୀମା ୧୮ ବର୍ଷ ପର୍ଯ୍ୟନ୍ତ ଯୋଗାଇ ଦିଆଯିବ। ଏଥିପାଇଁ ପିଏମ୍ କେୟାର୍ସ ପ୍ରିମିୟମ ରାଶି ଭରିବ। ମୋଦି ସରକାରଙ୍କ ଦ୍ୱିତୀୟ ପାଳି ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ଏଭଳି ଘୋଷଣା କରାଯାଇଛି। ଏହି ସହାୟତା ପିଲାଙ୍କ ପାଇଁ ପିଏମ୍-କେୟାର୍ସ ଯୋଜନା ଅଧୀନରେ ଯୋଗାଇ ଦିଆଯିବ।



ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତି ଅନୁଯାୟୀ ମହାମାରୀରେ ଅନାଥ ହୋଇଥିବା ଶିଶୁଙ୍କ ନାମରେ ସ୍ଥାୟୀ ଜମା ଖାତା ଖୋଲାଯିବ। ଏକ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ପିଏମ୍-କେୟାର୍ସ ପାଣ୍ଠିରୁ ଏଥିପାଇଁ ଅର୍ଥ ଯୋଗାଇ ଦିଆଯିବ। ପିଲାକୁ ୧୮ ବର୍ଷ ହେଲାବେଳକୁ ଉକ୍ତ ଜମା ଅର୍ଥରୁ ପରବର୍ତ୍ତୀ ୫ ବର୍ଷ ପର୍ଯ୍ୟନ୍ତ ମାସିକ ଆର୍ଥିକ ସହାୟତା ବା ଷ୍ଟାଇପେଣ୍ଡ ଯୋଗାଇ ଦିଆଯିବ, ଯେଉଁଥିରେ ସେ ଉଚ୍ଚଶିକ୍ଷା ଗ୍ରହଣ ସହ ବ୍ୟକ୍ତିଗତ ଆବଶ୍ୟକତା ପୂରଣ କରିପାରିବେ। ୨୩ବର୍ଷ ବୟସରେ ପହଞ୍ଚିବା ପରେ ତାଙ୍କୁ ଉକ୍ତ ଜମା ରାଶିର ଅବଶିଷ୍ଟ ଅର୍ଥ ବ୍ୟକ୍ତିଗତ କିମ୍ବା ପେସାଗତ ବ୍ୟବହାର ପାଇଁ ଯୋଗାଇ ଦିଆଯିବ ବୋଲି ପିଏମ୍‌ଓ କହିଛି।

ଏହି ସହାୟତା ଘୋଷଣା କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପିଲାମାନେ ଦେଶର ☞ପୃଷ୍ଠା-୪

**ପିଏମ୍ କେୟାର୍ସରେ ମାଗଣା ଶିକ୍ଷା**

- ୧୮ ବର୍ଷ ହେଲେ ୫ ବର୍ଷ ଯାଏ ଷ୍ଟାଇପେଣ୍ଡ
- ୫ ଲକ୍ଷ ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ୍ ସରକାର ଦେବେ

## ୧ରୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଅନ୍‌ଲାଇନ କ୍ଲାସ୍

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ଆସନ୍ତା ୧ ତାରିଖରୁ ରାଜ୍ୟର ସମସ୍ତ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲୁଛି। ତେବେ ଅଫ୍‌ଲାଇନ ନୁହେଁ, କେବଳ ଅନ୍‌ଲାଇନ କ୍ଲାସ ଆରମ୍ଭ ହେବ ବୋଲି ଶନିବାର ଉଚ୍ଚ ଶିକ୍ଷା ବିଭାଗ ଟୁଇଟ୍ କରି ସୂଚନା ଦେଇଛି। ବର୍ତ୍ତମାନ କରୋନା ସ୍ଥିତି ଜାରି ରହିଥିବାରୁ ଶ୍ରେଣୀ ଗୃହରେ ପାଠପଢ଼ା ସମ୍ଭବ ନୁହେଁ। ତେବେ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ହଷ୍ଟେଲଗୁଡ଼ିକ ବନ୍ଦ ରହିବ। ଏଥିସହିତ ପରୀକ୍ଷା ସମ୍ପର୍କରେ ମଧ୍ୟ ବିଭାଗ ସ୍ପଷ୍ଟ କରିଛି। ୟୁଜିସିର ନିଷ୍ପତ୍ତି ସମ୍ପର୍କରେ ସୂଚନା ପାଇବା ପରେ ପରୀକ୍ଷା ନେଇ ଛାତ୍ରୀଛାତ୍ରଙ୍କୁ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ କରୋନା ମହାମାରୀର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ମାମଲା ବୃଦ୍ଧି ପାଇବା ପରେ ରାଜ୍ୟ ସରକାର ଚଳିତ ମାସ ପ୍ରଥମ ସପ୍ତାହରେ ସମସ୍ତ ଶିକ୍ଷାନୁଷ୍ଠାନକୁ ☞ପୃଷ୍ଠା-୪

## ପୁଣି ବଢ଼ିଲା ତେଲ ଦର

**■ ପେଟ୍ରୋଲ ୨୬, ଡିଜେଲ ୩୦ ପଇସା**



**ନୂଆଦିଲ୍ଲୀ/ଭୁବନେଶ୍ୱର,୨୯।୫**

ଦେଶରେ କ୍ରମାଗତ ତୈଳ ଦର ବୃଦ୍ଧି ପାଇ ଚାଲିଛି। ଦିନକର ବିରତି ପରେ ଶନିବାର ପୁଣି ଥରେ ପେଟ୍ରୋଲ ୨୬ ପଇସା ଏବଂ ଡିଜେଲ ୩୦ ପଇସା ବଢ଼ିଛି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୯୪.୬୬ ଟଙ୍କା ଏବଂ ଡିଜେଲ ୯୨.୪୯ ଟଙ୍କାରେ ପହଞ୍ଚିଛି।

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଶନିବାର ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୬ ପଇସା ଏବଂ ଡିଜେଲ ☞ପୃଷ୍ଠା-୪



ସାମୁଦ୍ରିକ ଝଡ଼ 'ୟାସ୍' ଯିବା ପରେ ପୁରୀ ବେଳାଭୂମିରେ ଜୀବିକା ପାଇଁ ପୁଣି ପ୍ରସ୍ତୁତି ଆରମ୍ଭ କରିଛନ୍ତି ମତ୍ସ୍ୟଜୀବୀ।

## ସମୁଦ୍ରକୂଳରେ ନିର୍ମାଣ ହେବ ଲୁଣାବନ୍ଧ

**ଭୁବନେଶ୍ୱର,୨୯।୫(ବ୍ୟୁରୋ)**

ବାତ୍ୟା ସମୟରେ ଅତି ଉଚ୍ଚ ଢେଉ ସମୁଦ୍ରକୂଳ ଲଂଘି ଜନବସତିକୁ ମାଡ଼ିଆସୁଛି। ଏଥିଯୋଗୁ ବହୁ ଧନଜୀବନ ନଷ୍ଟ ହେଉଛି। ଏହାକୁ ପ୍ରତିରୋଧ କରିବା ପାଇଁ ରାଜ୍ୟ ସରକାର ସମୁଦ୍ରକୂଳରେ ୧୬୫୦ କି.ମି. ବ୍ୟାପୀ ବାତ୍ୟା ନିରୋଧୀ ଲୁଣାବନ୍ଧ ନିର୍ମାଣ କରିବେ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୮୦ କି.ମି.ର ଲୁଣାବନ୍ଧ ନିର୍ମାଣ କରାଯିବ। ଏ ବାବଦରେ ୧୯୪୪ କୋଟି ଟଙ୍କା ଖର୍ଚ୍ଚ ହେବ। ପଥର ବନ୍ଧ ହେବା ସହ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବୃକ୍ଷରୋପଣ କରାଯିବ। ବାତ୍ୟା ସମୟରେ ଲହଡ଼ିକୁ ରୋକିବା ପାଇଁ ସରକାର ଏକ ଦୀର୍ଘମିଆଦୀ ଯୋଜନା ☞ପୃଷ୍ଠା-୪

- ୧୦ ଉପକୂଳ ଜିଲା ପାଇଁ ୧୬୫୦ କି.ମି.
- ପ୍ରଥମ ପର୍ଯ୍ୟାୟରେ ହେବ ୩୮୦ କି.ମି.
- ପ୍ରାୟ ୭ ହଜାର କୋଟିର ଡିପିଆର୍ ପ୍ରସ୍ତୁତ
- ଲୁଣାପାଣିରୁ ଜନବସତିକୁ ସୁରକ୍ଷା ଦେବ

## ୟୁଏଇ ଗଲା ଆଇପିଏଲ୍

**ନୂଆଦିଲ୍ଲୀ,୨୯।୫**

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୧୪ତମ ସଂସ୍କରଣର ବାକିଥିବା ୩୧ଟି ମ୍ୟାଚ୍ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବା ନିଶ୍ଚିତ ହୋଇଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘୋଷଣା କରିଛି। ଶନିବାର ଅନୁଷ୍ଠିତ ବିସିସିଆଇର ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍)ରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୧୦ ତାରିଖ ମଧ୍ୟରେ ଏହି ମ୍ୟାଚ୍‌ଗୁଡ଼ିକ ଆୟୋଜନ ହେବାର ସମ୍ଭାବନା ରହିଛି। ଫଳରେ କ୍ରମାଗତ ଦ୍ୱିତୀୟଥର ପାଇଁ ଆଇପିଏଲ୍ ୟୁଏଇରେ ଆୟୋଜନ ହେବାକୁ ଯାଉଛି।☞ପୃଷ୍ଠା-୪

## ଥାଇଲାଣ୍ଡକୁ କଳାକୃତି ଫେରାଇଲା ଆମେରିକା

**ଭିଏତ୍‌ନାମ ଯୁଦ୍ଧବେଳେ ଚୋରି ହୋଇଥିଲା**

**ୱାଶିଂଟନ୍, ୨୯।୫**

ସାନ୍‌ଫ୍ରାନ୍ସିସ୍‌କୋ ଏସିଆନ୍ ଆର୍ଟ ମ୍ୟୁଜିୟମ୍‌ରେ ଶୋଭା ପାଉଥିବା ଦୁଇଟି ଧାର୍ମିକ ପ୍ରସ୍ତର କଳାକୃତିକୁ ଥାଇଲାଣ୍ଡକୁ ଫେରାଇଛି ଆମେରିକା। ୧୯୬୦ ଦଶକରେ ଭିଏତନାମ ଯୁଦ୍ଧବେଳେ ବେଆଇନ ଭାବେ ଏହାକୁ ଥାଇଲାଣ୍ଡରୁ ଅଣାଯାଇଥିଲା। ଏହି ଷ୍ଟୋନ୍ ଲିଣ୍ଟେଲ୍‌ସକୁ ଆମେରିକା ମ୍ୟୁଜିୟମ୍‌ରେ ରଖାଯାଇଥିଲା। ମଙ୍ଗଳବାର ଲସ ଏଞ୍ଜେଲସ୍‌ରେ ଏକ ସମାରୋହରେ ଏହି କଳାକୃତିଗୁଡ଼ିକୁ ☞ପୃଷ୍ଠା-୪



## କବରରେ ୨୧୫ ପିଲାଙ୍କ ଦେହାବଶେଷ

**ଆଦିବାସୀଙ୍କ ଭାଷା, କଳା ସଂସ୍କୃତିକୁ ଧ୍ୱଂସ ଓ ସେମାନଙ୍କୁ ବିଲୁପ୍ତ କରିଦେବାକୁ ଚକ୍ରାନ୍ତ ହେଉଥିଲା। ଆଦିବାସୀ ପିଲାଙ୍କୁ ସେମାନଙ୍କ ଘରୁ ଜୋରଜବରଦସ୍ତ ନିଆଯାଇ ରେସିଡେନ୍ସିଆଲ ସ୍କୁଲରେ ଭର୍ତ୍ତି କରାଯାଉଥିଲା। ଛୋଟ ପିଲାମାନଙ୍କୁ ଶାରୀରିକ ନିର୍ଯାତନା ଏପରି କି ବଳାତ୍କାର ମଧ୍ୟ କରାଯାଉଥିଲା। କେତେକ ଚର୍ଚ୍ଚ ଦ୍ୱାରା ପରିଚାଳିତ ହେଉଥିବା ରେସିଡେନ୍ସିଆଲ ସ୍କୁଲରେ ଚାଲିଥିଲା 'କଲ୍‌ଚରାଲ ଜେନୋସାଇଡ୍' ବା 'ସାଂସ୍କୃତିକ ନରସଂହାର'। ଏକ ସ୍କୁଲ ପରିସରରେ ବିଶାଳ କବରରୁ ୨୧୫ ଆଦିବାସୀ ପିଲାଙ୍କ ଦେହାବଶେଷ ମିଳିବା ପରେ କାନାଡାର ସେହି କଳଙ୍କିତ ଇତିହାସ ପୁଣି ସାମ୍ନାକୁ ଆସିଛି।**

**ଅଟାୱା, ୨୯।୫**

କାନାଡାର ଏକ ରେସିଡେନ୍ସିଆଲ ବା ଆବାସିକ ସ୍କୁଲ ପରିସରରୁ ୨୧୫ ପିଲାଙ୍କ ଦେହାବଶେଷ ମିଳିଛି। ସେମାନଙ୍କ ମଧ୍ୟରୁ ମୃତ୍ୟୁବେଳେ କେତେଜଣଙ୍କ ବୟସ ମାତ୍ର ୩ ବର୍ଷ ହୋଇଥିଲା। ଟେମ୍‌ଲୁପ୍ସ ସି କ୍ୱେପେମସି ଫାଷ୍ଟ ନେଶନର ମୁଖ୍ୟ ଏହି କବର ଠାବ ହୋଇଥିବା ନେଇ ଗୁରୁବାର ଘୋଷଣା କରିଥିଲେ। ଭୂମି ଭେଦକ ବା ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡାର୍ ସ୍ପେଶିଆଲିଷ୍ଟ ଟିମ୍ କବରକୁ ଖୋଜି ପାଇଥିବା ଫାଷ୍ଟ ନେଶନ ପକ୍ଷରୁ କୁହାଯାଇଛି। ଏହି ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ବୋଲି ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଶୁକ୍ରବାର ଟୁଇଟ୍ କରିଛନ୍ତି। ଦେଶର କଳା ଇତିହାସ ଏବଂ ଏଭଳି ଲଜ୍ଜାଜନକ ଘଟଣା ମନେପଡ଼ିଲେ କଷ୍ଟ ହୁଏ ବୋଲି ଟ୍ରୁଡୋ କହିଛନ୍ତି। ଘଟଣାରେ ପ୍ରଭାବିତ ହୋଇଥିବା ଲୋକଙ୍କ ସହ ସରକାର ଅଛନ୍ତି ବୋଲି ସେ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ମୃତ ପିଲାମାନେ ବ୍ରିଟିଶ କଲମ୍ବିଆରେ ଥିବା କମ୍‌ଲୁପ୍ସ ଇଣ୍ଡିଆନ ରେସଡେନ୍ସିଆଲ ସ୍କୁଲରେ ରହୁଥିଲେ। ୧୯୭୮ ମସିହାରେ ବିଦ୍ୟାଳୟଟି ବନ୍ଦ ହୋଇଯାଇଥିଲା।

କାନାଡାରେ ୧୮୬୩ରୁ ୧୯୯୮ ପର୍ଯ୍ୟନ୍ତ ରେସିଡେନ୍ସିଆଲ ସ୍କୁଲ ବ୍ୟବସ୍ଥା ପ୍ରଚଳନ ଥିଲା। ଏହା କେତେକ ଚର୍ଚ୍ଚ ଦ୍ୱାରା ପରିଚାଳିତ ହେଉଥିଲା। ପ୍ରାୟ ଦେଢ଼ ଲକ୍ଷ ପିଲାଙ୍କୁ ସେମାନଙ୍କ ଘରୁ ନିଆଯାଇ ଏହି ସ୍କୁଲରେ ରଖାଯାଇଥିଲା। ସେହି ପିଲାମାନଙ୍କୁ ସେମାନଙ୍କ ନିଜ ଭାଷା, ☞ପୃଷ୍ଠା-୪



ବ୍ରିଟିଶ କଲମ୍ବିଆରେ ଥିବା କମ୍‌ଲୁପ୍ସ ଇଣ୍ଡିଆନ ରେସଡେନ୍ସିଆଲ ସ୍କୁଲ।

**କାନାଡାର କଳଙ୍କିତ ଇତିହାସ**

- ଆବାସିକ ସ୍କୁଲରେ ସାଂସ୍କୃତିକ ନରସଂହାର
- ଖୋଜିଲା ଭୂମି ଭେଦକ ରାଡାର

**ଆଜିର ସମ୍ପାଦକୀୟ**

**ଠିକ୍ ଉତ୍ତର ଦେଲେନି**

## ଏୟାର ଷ୍ଟ୍ରାଇକ୍‌ରେ ୩୧ ନିହତ

ୟେମେନର ତୈଳ ସମୃଦ୍ଧ ମାରିବ ପ୍ରଦେଶରେ ସାଉଦି ନେତୃତ୍ୱାଧୀନ ଏୟାରଷ୍ଟ୍ରାଇକ୍‌ରେ ଶୁକ୍ରବାର ୩୧ ଜଣ ହୁତି ବିଦ୍ରୋହୀଙ୍କ ମୃତ୍ୟୁ ଘଟିଛି। ହୁତିମାନେ ୩ଟି ଗ୍ରୁପ୍‌ରେ ସିରୱା ଜିଲାରେ ୟେମେନ ସୈନ୍ୟଙ୍କ ଆଡ଼କୁ ଆସୁଥିବାବେଳେ ବିମାନ ଯୋଗେ ସେମାନଙ୍କ ଉପରେ ଆକ୍ରମଣ ହୋଇଥିଲା।

## ସଂକ୍ଷେପରେ

### କାର୍‌ରେ ଡାକ୍ତର ଦମ୍ପତିଙ୍କୁ ଗୁଳିକରି ହତ୍ୟା

**ଭରତପୁର (ରାଜସ୍ଥାନ), ୨୯।୫ :** ରାଜସ୍ଥାନର ଭରତପୁରରେ ଡାକ୍ତର ଦମ୍ପତିଙ୍କୁ ସେମାନଙ୍କ କାର୍‌ରେ ଗୁଳି କରି ହତ୍ୟା କରାଯାଇଛି। ଏହି ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଶୁକ୍ରବାର ଅପରାହ୍ନ ୪ଟା ୪୫ରେ ଦୁଇଜଣ ଲୋକ ଏକ ବାଇକରେ ଆସି ସହରର ଜନଗହଳିପୂର୍ଣ୍ଣ ଏକ ଛକ ସ୍ଥାନରେ ଡାକ୍ତର ଦମ୍ପତିଙ୍କ କାର୍‌କୁ ଅଟକାଇବା ସହ ଗୁଳି ଚଳାଇଥିଲେ। ପ୍ରତିଶୋଧରୁ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ଦୁଇବର୍ଷ ତଳେ ଜଣେ ଯୁବତୀଙ୍କ ହତ୍ୟାକାଣ୍ଡ ସହ ଡାକ୍ତର ଦମ୍ପତି ସମ୍ପୃକ୍ତ ଥିଲେ। ଯୁବତୀ ଜଣଙ୍କର ଡାକ୍ତରଙ୍କ ସହ ସମ୍ପର୍କ ଥିବା ସନ୍ଦେହ କରାଯାଇଥିଲା। ଶୁକ୍ରବାର ଗୁଳି ଚଳାଇଥିବା ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ମୃତ ଯୁବତୀଙ୍କ ଭାଇ ବୋଲି ଜଣାପଡ଼ିଛି।

### ସିଆର୍‌ପିଏଫ୍ ଡିଜି କୁଲ୍‌ଦୀପଙ୍କୁ ଏନ୍‌ଆଇଏର ଅତିରିକ୍ତ ଦାୟିତ୍ୱ



**ନୂଆଦିଲ୍ଲୀ, ୨୯।୫ :** ସିଆର୍‌ପିଏଫ୍ ମୁଖ୍ୟ କୁଲ୍‌ଦୀପ ସିଂଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏନ୍‌ଆଇଏ ଡିଜି ଥିବା ୱାଇ.ସି. ମୋଦି ସୋମବାର ଅବସର ନେଉଥିବାରୁ ତାଙ୍କ ସ୍ଥାନରେ କୁଲ୍‌ଦୀପ ଦାୟିତ୍ୱ ଗ୍ରହଣ କରିବେ। ପରବର୍ତ୍ତୀ ଏନ୍‌ଆଇଏ ମୁଖ୍ୟ ନିଯୁକ୍ତ ହେବା କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କୁଲ୍‌ଦୀପ ଅତିରିକ୍ତ ଭାବେ ଉକ୍ତ ଦାୟିତ୍ୱ ତୁଲାଇବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

### ଆଜମ୍ ଖାନ୍ ଗୁରୁତର



**ଲକ୍ଷ୍ନୌ, ୨୯।୫ :** ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସେ ଅକ୍ସିଜେନ୍ ସପୋର୍ଟରେ ରହିଥିବା ଲକ୍ଷ୍ନୌସ୍ଥିତ ମେଦାନ୍ତ ହସ୍ପିଟାଲ ପକ୍ଷରୁ କୁହାଯାଇଛି। କରୋନାରେ ଆକ୍ରାନ୍ତ ଥିବା ଆଜମ୍‌ଙ୍କୁ ସୀତାପୁର ଜେଲ୍‌ରୁ ଗତ ୯ ତାରିଖରେ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ପୁଅ ଅବଦୁଲ୍ଲା ଖାନ୍ ମଧ୍ୟ ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏପ୍ରିଲ ୩୦ରେ ଉଭୟ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଆଜମ୍‌ଙ୍କ ବିରୋଧରେ ଶତାଧିକ ମାମଲା ରୁଜୁ ହୋଇଥିବାବେଳେ ଗତବର୍ଷ ଫେବୃୟାରୀରୁ ସେ ସୀତାପୁର ଜେଲ୍‌ରେ ରହିଥିଲେ।

### ସ୍ଲାବ୍ ଭୁଶୁଡ଼ି ୭ ମୃତ

**ଠାଣେ, ୨୯।୫ :** ମହାରାଷ୍ଟ୍ରର ଠାଣେସ୍ଥିତ ଉଲାସନଗରରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ୬ ମହଲା ଅଟ୍ଟାଳିକାର ଉପର ମହଲା ସ୍ଲାବ୍ ଭୁଶୁଡ଼ି ପଡ଼ିବାରୁ ୭ ଜଣଙ୍କର ମୃତ୍ୟୁ ଘଟିଛି। ସହରର ନେହେରୁ ଚୌକ୍‌ରେ ଥିବା ଏହି ୨୬ ବର୍ଷର ପୁରୁଣା ସାଇ ଶକ୍ତି ବିଲ୍ଡିଂରେ ୨୯ଟି ଫ୍ଲାଟ୍ ରହିଛି। ରାତିରେ ପ୍ରଚଣ୍ଡ ଶବ୍ଦ କରି ସ୍ଲାବ୍ ଖସିପଡ଼ିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅଗ୍ନିଶମ ଓ ବିପର୍ଯ୍ୟୟ ଉଦ୍ଧାରକାରୀ ବାହିନୀ ପହଞ୍ଚି ଭଗ୍ନାବଶେଷ ତଳୁ ମୃତଦେହ ବାହାର କରିଥିଲେ।

### କୋର୍ଟ ଆବାସିକ ବିଲ୍ଡିଂରେ ଅଗ୍ନିକାଣ୍ଡ: ଜଣେ ମୃତ

**ନୂଆଦିଲ୍ଲୀ, ୨୯।୫:** ଦିଲ୍ଲୀସ୍ଥିତ ସକେଟ କୋର୍ଟର ଆବାସିକ ବିଲ୍ଡିଂର ଚତୁର୍ଥ ମହଲାରେ ଶନିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଧୂଆଁରେ ଅଣନିଃଶ୍ୱାସୀ ହୋଇ ଜଣେ ୮୨ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ପରିବାରର ଅନ୍ୟ ୪ ଜଣଙ୍କୁ ଉଦ୍ଧାର କରାଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



## ମୁନ୍‌ମୁନ୍ ଦତ୍ତାଙ୍କ ନାଁରେ ମାମଲା

ହିନ୍ଦୀ କମେଡି ସିରିଏଲ 'ତାରକ୍ ମେହେଟା କା ଉଲ୍‌ଟା ଚଶ୍‌ମା'ରେ ବବିତା ଚରିତ୍ରରେ ଅଭିନୟ କରୁଥିବା ମୁନ୍‌ମୁନ୍ ଦତ୍ତାଙ୍କ ବିରୋଧରେ ମୁମ୍ବାଇ ପୋଲିସ ମାମଲା ରୁଜୁ କରିଛି। ମୁନ୍‌ମୁନ୍ ଏକ ସମ୍ପ୍ରଦାୟ ବିରୋଧରେ ଜାତିଆଣ ମନ୍ତବ୍ୟ ଦେବା ନେଇ ଅଭିଯୋଗ ହୋଇଥିଲା। ମେକ୍‌ଅପ୍ ସଂକ୍ରାନ୍ତରେ ମୁନ୍‌ମୁନ୍ କରିଥିବା ଏକ ଭିଡିଓକୁ ମେ' ୯ରେ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ। ଏଥିରେ ସେ ଜାତିଆଣ ମନ୍ତବ୍ୟ ଦେଇଥିବା ନେଇ ନରେଶ ବୋହିତ୍ ନାମକ ଜଣେ ଯୁବକ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ମୁନ୍‌ମୁନ୍ ମେ' ୧୦ରେ ଆଉ ଏକ ଭିଡିଓ କରିଥିଲେ। ଭାଷାଗତ ପ୍ରତିବନ୍ଧକ ଯୋଗୁ ଏପରି ହୋଇଥିବା କହି ସେ କ୍ଷମା ମଧ୍ୟ ମାଗିଥିଲେ।

## ସେନାରେ ପୁଲ୍‌ୱାମା ଶହୀଦଙ୍କ ସ୍ତ୍ରୀ



୨୦୧୯ ଫେବୃୟାରୀ ୧୪ ପୁଲ୍‌ୱାମା ଆକ୍ରମଣରେ ଶହୀଦ ହୋଇଥିବା ମେଜର ବିଭୂତି ଶଙ୍କର ଧୌଣ୍ଡିୟାଲଙ୍କ ସ୍ତ୍ରୀ ନିକିତା କୌଲ ଶନିବାର ଭାରତୀୟ ସେନାରେ ସାମିଲ ହୋଇଛନ୍ତି। ନିକିତା ୧୧ ମାସ ଧରି ଚେନ୍ନାଇରେ ଅଫିସର୍ସ ଟ୍ରେନିଂ ଏକାଡେମୀରେ ପ୍ରଶିକ୍ଷଣ ନେଇଥିଲେ। ତାଙ୍କ ସହ ୧୬୭ ପୁରୁଷ କ୍ୟାଡେଟ୍ ଏବଂ ୩୦ ମହିଳା କ୍ୟାଡେଟ୍ ମଧ୍ୟ ସେନାରେ ଯୋଗ ଦେଇଛନ୍ତି। ଗତ ୧୧ ମାସରେ ବହୁତ କିଛି ଶିଖିବାକୁ ମିଳିଛି ବୋଲି ନିକିତା କହିଛନ୍ତି। ପରିବାର ଲୋକଙ୍କ ସହଯୋଗ ଏହି ଯାତ୍ରାକୁ ସହଜ କରିଥିଲା ବୋଲି ସେ କହିବା ସହ ତାଙ୍କ ଉପରେ ବିଶ୍ୱାସ ରଖିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

# କୋଭିଡ୍ ସଙ୍କଟ କେନ୍ଦ୍ରର ବଡ଼ ବିଫଳତା

**ନୂଆଦିଲ୍ଲୀ, ୨୯।୫(ଆଇଏଏନ୍‌ଏସ୍)**



**ଏବିପି-ସି ଭୋଟର ସର୍ଭେ**
- ଅନୁଚ୍ଛେଦ ୩୭୦ ଉଚ୍ଛେଦ ବଡ଼ ସଫଳତା
- ନୂଆ କୃଷି ଆଇନକୁ ଦ୍ୱିତୀୟ ବିଫଳତା କହିଲେ ୨୩.୧%
- ୫୯.୭%ଙ୍କ ମତରେ ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରଚାର କରିବା ଠିକ୍ ନ ଥିଲା

କୋଭିଡ୍ ସଙ୍କଟ ନରେନ୍ଦ୍ର ମୋଦଙ୍କ ଦ୍ୱିତୀୟ ପାଳି ସରକାରର ସବୁଠୁ ବଡ଼ ବିଫଳତା ବୋଲି ଏକ ସର୍ଭେରେ କୁହାଯାଇଛି। ମୋଦିଙ୍କ ୭ ବର୍ଷର ଶାସନରେ ପ୍ରଥମ ଥର ପାଇଁ ଅନୁମୋଦନ ରେଟିଂରେ ନାଲି ଗାର ଅତିକ୍ରମ କରିଛି। ଏବିପି-ସି ଭୋଟର ପକ୍ଷରୁ କରାଯାଇଥିବା ସର୍ଭେ ଅନୁଯାୟୀ ମୋଦି-୨.୦ ରିପୋର୍ଟ କାର୍ଡରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସରକାରଙ୍କର ସବୁଠୁ ବଡ଼ ସଫଳତା ବୋଲି ଭୋଟରମାନେ ମତ ଦେଇଥିବାବେଳେ କରୋନା ସଙ୍କଟକୁ ଉପଯୁକ୍ତ ଭାବେ ପରିଚାଳନା କରି ନ ପାରିବା ସବୁଠୁ ବିଫଳତା ବୋଲି କହିଛନ୍ତି। ମୋଟ ୫୪୩ ଲୋକ ସଭା କ୍ଷେତ୍ରର ୧.୩୯ ଲକ୍ଷ ଲୋକଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ଜାନୁୟାରୀ ୧ରୁ ମେ' ୨୮ ମଧ୍ୟରେ ଏହି ସର୍ଭେ ହୋଇଥିବା କୁହାଯାଇଛି।

ସର୍ଭେ ଅନୁଯାୟୀ ବିଭିନ୍ନ ପ୍ରସଙ୍ଗରେ ଭୋଟରମାନେ ମୋଦି ସରକାରଙ୍କ ପ୍ରତି ଅସନ୍ତୁଷ୍ଟ ଅଛନ୍ତି। ଗତ ୭ ବର୍ଷରେ ସରକାର ଯେଉଁ ଉଚ୍ଚ ଲୋକପ୍ରିୟତା ରେଟିଂ ହାସଲ କରିଥିଲେ, ଏବେ ତାହା ନଷ୍ଟ ହୋଇଯାଇଛି। ସର୍ଭେରେ ୪୭.୪ ପ୍ରତିଶତ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ସରକାରଙ୍କ ବଡ଼ ସଫଳତା କହିଥିବାବେଳେ ୪୧.୧% କରୋନା ସଙ୍କଟ ପରିଚାଳନାକୁ ବଡ଼ ବିଫଳତା କହିଛନ୍ତି। ନୂଆ କୃଷି ଆଇନ ମୋଦି ସରକାରଙ୍କ ଦ୍ୱିତୀୟ ବଡ଼ ବିଫଳତା ବୋଲି ୨୩.୧ ପ୍ରତିଶତ କହିବା ସହ ଉକ୍ତ ଆଇନକୁ ନେଇ କୃଷକଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ରୋଧ ରହିଥିବା ମତ ଦେଇଛନ୍ତି। ଲକ୍‌ଡାଉନ ବେଳେ ସରକାରଙ୍କ ସହାୟତା ସେମାନଙ୍କ ପାଖରେ ପହଞ୍ଚି ନ ଥିବା ୫୨.୩ ପ୍ରତିଶତ କହିବା ସହ ଏଥିପାଇଁ ସେମାନେ କେନ୍ଦ୍ରକୁ କଡ଼ା ସମାଲୋଚନା କରିଛନ୍ତି।

ମହାମାରୀର ଦ୍ୱିତୀୟ ଲହର ବେଳେ ନିର୍ବାଚନ ପ୍ରଚାରକୁ ନେଇ ଭୋଟରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଭଳି ସଙ୍କଟ ସମୟରେ ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରଚାରରେ ଭାଗ ନେଇ ବିଭିନ୍ନ ରାଲିକୁ ସମ୍ବୋଧନ କରିବା ଭୁଲ୍ ଥିଲା ବୋଲି ୫୯.୭ ପ୍ରତିଶତ ମତ ଦେଇଛନ୍ତି। କେନ୍ଦ୍ର ଉପରେ ଭୋଟର କ୍ଷୁବ୍ଧ ଥାଇପାରନ୍ତି, ତଥାପି ସେମାନେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଚାହାନ୍ତି ନାହିଁ ବୋଲି ସର୍ଭେରେ କୁହାଯାଇଛି। ସେହିପରି ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଏବଂ ଉତ୍ତରପ୍ରଦେଶରେ ପଞ୍ଚାୟତ ନିର୍ବାଚନ ସ୍ଥଗିତ ରଖିବା ଉଚିତ ହୋଇଥାନ୍ତା ବୋଲି ୬୦.୮ ପ୍ରତିଶତ ଭୋଟର ଚିନ୍ତାବ୍ୟକ୍ତ କରିଛନ୍ତି। ମହାମାରୀକୁ ଦୃଷ୍ଟିରେ ରଖି କୁମ୍ଭମେଳାକୁ ପ୍ରତୀକାତ୍ମକ ଭାବେ କରାଯିବାର ଥିଲା ବୋଲି ୫୫.୩ ପ୍ରତିଶତ ମତ ଦେଇଛନ୍ତି।

ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପାଇଁ ୪୭ ପ୍ରତିଶତ ଭୋଟର କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ମୋଦି ସରକାରଙ୍କ କାର୍ଯ୍ୟରୁ ବୃହତ୍ କର୍ପୋରେଟ୍ ହାଉସ୍‌ଗୁଡ଼ିକ ସର୍ବାଧିକ ଆର୍ଥିକ ଫାଇଦା ଉଠାଉଥିବା ୬୪.୪ ପ୍ରତିଶତ ମତ ଦେଇଛନ୍ତି। ଲଦାଖ ଅଞ୍ଚଳରେ ଚାଇନାର ପ୍ରବେଶ ସରକାରଙ୍କ ବିଫଳତା ବୋଲି ୪୪.୮ ପ୍ରତିଶତ କହିଛନ୍ତି। ସରକାରଙ୍କ କଶ୍ମୀର ପରିଚାଳନାରେ ଭୋଟରମାନେ ଖୁସିବ୍ୟକ୍ତ କରିଥିବାବେଳେ ଚାଷୀମାନଙ୍କ ଦାବି ପୂରଣ ହେବା ଆବଶ୍ୟକ ବୋଲି ଅନୁଭବ କରିଛନ୍ତି।

## ସକ୍ରିୟ ମାମଲା ଲକ୍ଷେ କମିଲା

**ନୂଆଦିଲ୍ଲୀ, ୨୯।୫**

**୨୪ ଘଣ୍ଟାରେ ୧.୭୩ ଲକ୍ଷ ସଂକ୍ରମିତ**



ଭାରତରେ ଗତ ୨୪ ଘଣ୍ଟାରେ ୧.୭୩ ଲକ୍ଷ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତ ୬ ସପ୍ତାହ ମଧ୍ୟରେ ଏହା ସର୍ବନିମ୍ନ ଦୈନିକ ସଂକ୍ରମଣ। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨.୭୭ କୋଟିରେ ପହଞ୍ଚିଛି। ସେହିପରି ଶନିବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ କରୋନାରେ ୩,୬୧୭ ଜଣଙ୍କ ଜୀବନ ଯାଇଛି। ଏବେ କରୋନା ଜନିତ ମୃତ୍ୟୁସଂଖ୍ୟା ୩,୨୨,୫୧୨ରେ ପହଞ୍ଚିଛି।

ଗତ ୨୪ ଘଣ୍ଟାରେ ୨,୮୪,୬୦୧ ଜଣ କରୋନାରେ ଆରୋଗ୍ୟ ହୋଇଛନ୍ତି। ଫଳରେ ସକ୍ରିୟ ମାମଲା ଦିନକରେ ୧,୧୪,୪୨୮ ହ୍ରାସ ପାଇ ୨୨.୨୮ ଲକ୍ଷରେ ପହଞ୍ଚିଛି। ଦୈନିକ ସଂକ୍ରମଣରେ ତାମିଲନାଡୁ ସର୍ବାଗ୍ରେ ରହିଥିବାବେଳେ ଏହା ପଛକୁ କର୍ଣାଟକ, କେରଳ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ ଅଛନ୍ତି। ତାମିଲନାଡୁରେ ଦିନକରେ ୩୧,୦୭୯ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କର୍ଣାଟକରେ ୨୨,୮୨୩, କେରଳରେ ୨୨,୩୧୮, ମହାରାଷ୍ଟ୍ରରେ ୨୦,୭୪୦ ଏବଂ ଆନ୍ଧ୍ରରେ ୧୪,୪୨୯ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ୨୪ ଘଣ୍ଟାରେ ମୋଟ ସଂକ୍ରମଣର ୬୪.୦୮ ପ୍ରତିଶତ ଏହି ୫ ରାଜ୍ୟରେ ରହିଛନ୍ତି। କରୋନା ମୃତ୍ୟୁରେ ମହାରାଷ୍ଟ୍ର ଆଗରେ ଥିବାବେଳେ ଦ୍ୱିତୀୟ ସ୍ଥାନରେ ତାମିଲନାଡୁ ରହିଛି। ମହାରାଷ୍ଟ୍ରରେ ଦିନକରେ ୯୭୩ ଏବଂ ତାମିଲନାଡୁରେ ୪୮୬ ଜଣଙ୍କ ମୃତ୍ୟୁ ହୋଇଛି।

## ନଭନୀତ କାର୍ଲାଙ୍କୁ ଜାମିନ

**ନୂଆଦିଲ୍ଲୀ, ୨୯।୫**

**ଅକ୍ସିଜେନ୍ କନ୍‌ସେଣ୍ଟ୍ରେଟର ମହଜୁଦ ମାମଲା**



ନଭନୀତ କାର୍ଲା

ଅକ୍ସିଜେନ୍ କନ୍‌ସେଣ୍ଟ୍ରେଟର ବେଆଇନ ମହଜୁଦ୍ ରଖିବା ମାମଲାରେ ବ୍ୟବସାୟୀ ନଭନୀତ କାର୍ଲାଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ଲକ୍ଷେ ଟଙ୍କା ଲେଖାଏଁ ଦୁଇଟି ସିଓରିଟି ବ୍ୟକ୍ତିଗତ ବଣ୍ଡ ଦାଖଲ କରି ଜାମିନରେ ଯିବାକୁ କୁହାଯାଇଛି। ମହାମାରୀ ସମୟରେ କରୋନା ରୋଗୀ ଅକ୍ସିଜେନ୍ ନ ପାଇ ମରୁଥିବାବେଳେ ଦିଲ୍ଲୀର ବ୍ୟବସାୟୀ ନଭନୀତ ବିପୁଳ ପରିମାଣରେ ଅକ୍ସିଜେନ୍ କନ୍‌ସେଣ୍ଟ୍ରେଟର ବେଆଇନ ଭାବେ ମହଜୁଦ୍ ରଖି ଏହାର କଳାବଜାର କରୁଥିଲେ। ଗତ ରବିବାର ଦିଲ୍ଲୀ ପୋଲିସର କ୍ରାଇମ୍ ବ୍ରାଞ୍ଚ୍ ତାଙ୍କୁ ଗିରଫ କରିଥିଲା।

## ଲାଭା ଉଦ୍‌ଗିରଣ ଆଶଙ୍କା: ୪ ଲକ୍ଷଙ୍କୁ ସ୍ଥାନାନ୍ତର

**କିନ୍‌ଶାସା, ୨୯।୫**

ଆଗ୍ନେୟ ଉଦ୍‌ଗିରଣ ଆଶଙ୍କାରେ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ (ଡିଆର୍‌ସି)ର ଗୋମାରୁ ୪ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ନାଇରାଗୋଙ୍ଗୋ ଆଗ୍ନେୟଗିରି ଉଦ୍‌ଗିରଣ ହେବାର ସମ୍ଭାବନା ଥିବାରୁ ଉତ୍ତର କିଭୁ ପ୍ରଦେଶର ମିଲିଟାରୀ ଗଭର୍ନର ଜେନେରାଲ କନଷ୍ଟାଣ୍ଟ ନଦିମା ବୁଧବାର ଗୋମା ସମେତ ପଡ଼ୋଶୀ ର୍ୱାଣ୍ଡା ବାସିନ୍ଦାଙ୍କୁ ଉକ୍ତ ସ୍ଥାନ ଛାଡ଼ିବା ନିମନ୍ତେ ପରାମର୍ଶ ଦେଇଥିଲେ। ପୂର୍ବରୁ ମେ' ୨୨ରେ ଆଗ୍ନେୟ ଉଦ୍‌ଗିରଣ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏଥିରେ ୩୨ ଜଣଙ୍କ ମୃତ୍ୟୁ ଘଟିବା ସହ ପ୍ରାୟ ୨ ହଜାରରୁ ଅଧିକ ଘର ନଷ୍ଟ ହୋଇଛି।

## କିରାଣିଙ୍କ ଘରୁ ୮ କିଲୋ ସୁନା, ୨.୧୭ କୋଟି ଟଙ୍କା ଜବତ

**ଭୋପାଳ, ୨୯।୫**

ଏକ ଲାଞ୍ଚ ମାମଲାର ତଦନ୍ତ କରୁଥିବା ସିବିଆଇ ଶନିବାର ମଧ୍ୟପ୍ରଦେଶର ଭୋପାଳରେ ଜଣେ ସରକାରୀ କିରାଣିଙ୍କ ଘରେ ଚଢ଼ାଉ କରି ୨.୧୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା, ୮ କିଲୋଗ୍ରାମ ସୁନା ଅଳଙ୍କାର ଜବତ କରିଛି। ଏଥିସହିତ ସେଠାରୁ ଟଙ୍କା ଗଣା ମେଶିନ ମଧ୍ୟ ସିବିଆଇ ଅଧିକାରୀମାନେ ଜବତ କରିଛନ୍ତି। ଭାରତର ଖାଦ୍ୟ ନିଗମ (ଏଫସିଆଇ) ଲାଞ୍ଚ କାରବାର ମାମଲାରେ ପୂର୍ବରୁ ୪ ଜଣ ଅଧିକାରୀଙ୍କୁ ଗିରଫ କରାଯାଇଥିଲା। ଶନିବାର ଚଢ଼ାଉ ବେଳେ ଏଫ୍‌ସିଆଇ କିରାଣି କିଶୋର ମୀନାଙ୍କ ଘରୁ ଏହି ନଗଦ ଟଙ୍କା ଜବତ ହୋଇଛି।





ଲୋକଙ୍କ ମଧ୍ୟରେ କରୋନା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ହାଇଦ୍ରାବାଦ୍‌ର ଏକ ରାସ୍ତାରେ ଚିତ୍ର ଅଙ୍କାଯାଇଛି।

## ରାଜ୍ୟକୁ ରେମ୍‌ଡେସିଭିର ଦେବନି କେନ୍ଦ୍ର

**ନୂଆଦିଲ୍ଲୀ, ୨୯।୫**

କରୋନା ଚିକିତ୍ସାରେ ବ୍ୟବହୃତ ହେଉଥିବା ଆଣ୍ଟିଭାଇରାଲ ଔଷଧ ରେମ୍‌ଡେସିଭିର ଉତ୍ପାଦନ ଇତିମଧ୍ୟରେ ୧୦ ଗୁଣ ବଢ଼ିଛି। ଏପ୍ରିଲ୍ ୧୧ରେ ଦିନକୁ ୩୩,୦୦୦ ଭାଏଲ୍ ଉତ୍ପାଦନ ହେଉଥିବାବେଳେ ଏବେ ଏହା ୩.୫ ଲକ୍ଷକୁ ବୃଦ୍ଧି ପାଇଛି। ଏଣିକି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଆଉ ଏହି ଇଞ୍ଜେକ୍‌ଶନ ଯୋଗାଇବେ ନାହିଁ। ରାଜ୍ୟଗୁଡ଼ିକ ଖୋଲାବଜାରରୁ ରେମ୍‌ଡେସିଭିର କିଣିବେ ବୋଲି ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ମନସୁଖ୍ ମାଣ୍ଡଭୀୟ କହିଛନ୍ତି। ଗତ ମାସରେ ସରକାର ରେମ୍‌ଡେସିଭିର ରପ୍ତାନି ବନ୍ଦ କରିଥିଲେ।

## ଆଲିଗଡ଼ ମଦ ମୃତ୍ୟୁ ୨୨କୁ ବୃଦ୍ଧି



ସ୍ଥାନୀୟ ଲୋକେ ପ୍ରଶାସନିକ ଅଧିକାରୀଙ୍କୁ ବିଷାକ୍ତ ମଦ ବୋତଲ ଦେଖାଉଛନ୍ତି।

**ଆଲିଗଡ଼, ୨୯।୫**

ଉତ୍ତରପ୍ରଦେଶର ଆଲିଗଡ଼ ଜିଲାରେ ବିଷାକ୍ତ ମଦ୍ୟପାନ ଜନିତ ମୃତ୍ୟୁସଂଖ୍ୟା ଶନିବାର ୨୨କୁ ବୃଦ୍ଧି ପାଇଛି। ଏଥିସହିତ ଅନ୍ୟ ୨୮ ଜଣ ଗୁରୁତର ଅବସ୍ଥାରେ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଲୋଧା ଥାନା ଅନ୍ତର୍ଗତ କରସୁଆ ଓ ଆଣ୍ଡଲା ଏବଂ ଜୱାନ ଥାନା ଅନ୍ତର୍ଗତ ଛେରାତ ଗ୍ରାମରେ ସର୍ବାଧିକ ଲୋକ ମଦ ପିଇ ପ୍ରାଣ ହରାଇଛନ୍ତି। ମଦ ର୍‍ୟାକେଟ୍‌ର କିଙ୍ଗପିନ୍ ଅନିଲ ଚୌଧରୀଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୨ ମୁଖ୍ୟ ଅଭିଯୁକ୍ତ ରିଷି ଶର୍ମା ଏବଂ ବିପିନ ଯାଦବ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରାଇ ଦେଲେ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି।

# ରାଜ୍ୟ ପାଇଁ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁପାରିବି

**କୋଲକାତା, ୨୯।୫**

**ମୁଖ୍ୟ ସଚିବଙ୍କୁ ଫେରାଇନେବା ନିର୍ଦ୍ଦେଶ ପ୍ରତ୍ୟାହାର ଲାଗି ଅନୁରୋଧ**



ମମତା ବାନାର୍ଜୀ

ପଶ୍ଚିମବଙ୍ଗକୁ ସହାୟତା ପାଇଁ ପ୍ରଧାନମନ୍ତ୍ରୀ ଯଦି କୁହନ୍ତି, ତେବେ ତାଙ୍କ ପାଦ ଛୁଇଁବାକୁ ପ୍ରସ୍ତୁତ ଅଛି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। କଠିନ ପରିଶ୍ରମ କରୁଥିବା ମୁଖ୍ୟ ଶାସନ ସଚିବ ଅଲପନ ବନ୍ଦୋପାଧ୍ୟାୟଙ୍କୁ ଅପମାନିତ ନ କରିବା ପାଇଁ ମମତା କେନ୍ଦ୍ରକୁ ନିବେଦନ କରିଛନ୍ତି। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବାତ୍ୟା ୟାସ୍ ସମୀକ୍ଷା ବୈଠକ ପରେ ପିଏମ୍‌ଓ ତାଙ୍କୁ ଅପମାନିତ କରୁଥିବା ମମତା ଅଭିଯୋଗ କରିଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବଙ୍କୁ ଫେରାଇ ନେବା ପାଇଁ ଶୁକ୍ରବାର ରାତିରେ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିବାବେଳେ ଉକ୍ତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେବା ଲାଗି ଶନିବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନୁରୋଧ କରିଛନ୍ତି। ବନ୍ଦୋପାଧ୍ୟାୟଙ୍କୁ ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟରେ ଅବସ୍ଥାପିତ କରାଇବା ପାଇଁ କେନ୍ଦ୍ର ସରକାର ଶୁକ୍ରବାର ସନ୍ଧ୍ୟାରେ ନିର୍ଦ୍ଦେଶନାମା ଜାରି କରିଥିଲେ। ସାମୁଦ୍ରିକ ଝଡ଼ କ୍ଷୟକ୍ଷତି ଆକଳନ ପାଇଁ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ ଯାଇଥିବାବେଳେ ବନ୍ଦୋପାଧ୍ୟାୟଙ୍କ ସହ ମମତା ସମୀକ୍ଷା ବୈଠକକୁ ଅଧଘଣ୍ଟା ବିଳମ୍ବରେ ଆସିଥିଲେ। ଏହା ପରେ ମୁଖ୍ୟ ସଚିବଙ୍କୁ କେନ୍ଦ୍ରକୁ ନେଇଯିବା ପାଇଁ ନିର୍ଦ୍ଦେଶ ଆସିଥିଲା। ରାଜନୈତିକ ପ୍ରତିଶୋଧ ନେବା ପାଇଁ କେନ୍ଦ୍ର ଏଭଳି ଅସାଧୁ କୌଶଳ ନ ଆପଣାଇବା ଏବଂ ବାତ୍ୟା ଓ କରୋନା ପ୍ରଭାବିତ ପଶ୍ଚିମବଙ୍ଗରେ ଏକାଠି କାର୍ଯ୍ୟ କରିବା ଲାଗି ସୁଯୋଗ ଦେବାକୁ ମମତା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ମମତାଙ୍କ ଘନିଷ୍ଠ ଭାବେ ଜଣାଶୁଣା ୧୯୮୭ ବ୍ୟାଚ୍‌ର ଆଇଏଏସ୍ ଅଫିସର ବନ୍ଦୋପାଧ୍ୟାୟଙ୍କୁ ସୋମବାର ସକାଳ ୧୦ଟାରେ ରିପୋର୍ଟ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ କେନ୍ଦ୍ର ସରକାର ଗତ ୨୪ ତାରିଖରେ ତାଙ୍କ କାର୍ଯ୍ୟକାଳ ବଢ଼ାଇଥିଲେ। ଶୁକ୍ରବାର ପ୍ରକାଶିତ ଏକପାଖିଆ ଖବରକୁ ନେଇ କେନ୍ଦ୍ର ସରକାର ତାଙ୍କୁ ଟାର୍ଗେଟ କରିଥିବା ମମତା କହିଛନ୍ତି। ପ୍ରକୃତ ଘଟଣା ଲୋକଲୋଚନକୁ ଆଣିବା ପାଇଁ ସେ ଖବରଦାତା ସମ୍ମିଳନୀ ଡାକିଥିବା କହିଛନ୍ତି। ତାଙ୍କ କହିବା ଅନୁଯାୟୀ ବାତ୍ୟା କ୍ଷତିଗ୍ରସ୍ତ ସାଗର ଓ ଦୀଘା ଯିବା ପାଇଁ ସେ ପୂର୍ବରୁ ଯୋଜନା କରିଥିଲେ। ହଠାତ୍ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଖବର ଆସିବାରୁ ଯୋଜନା ପରିବର୍ତ୍ତନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର ଅବତରଣ ପାଇଁ ଆମକୁ ୨୦ ମିନିଟ ଅପେକ୍ଷା କରିବାକୁ ପଡିଲା। ବୈଠକ ସ୍ଥଳରେ ସେ ପହଞ୍ଚିବା ପୂର୍ବରୁ ପ୍ରଧାନମନ୍ତ୍ରୀ ପହଞ୍ଚି ସାରିଥିଲେ ବୋଲି ମମତା କହିଛନ୍ତି। ସେଥିପାଇଁ ତାଙ୍କୁ ବାହାରେ ଅପେକ୍ଷା କରିବାକୁ କୁହାଗଲା। ପରେ ବୈଠକ କନ୍‌ଫରେନ୍ସ ହଲ୍‌କୁ ସ୍ଥାନାନ୍ତର ହୋଇଥିବା ଜାଣି ସେଠାରେ ପହଞ୍ଚିଲା ବେଳକୁ ମୋଦି ରାଜ୍ୟପାଳ, କେନ୍ଦ୍ରୀୟ ନେତା ଓ କେତେଜଣ ବିରୋଧୀ ଦଳ ବିଧାୟକଙ୍କ ସହ ବୈଠକ କରୁଥିଲେ। ତେଣୁ ପ୍ରଧାନମନ୍ତ୍ରୀଙ୍କୁ ରିପୋର୍ଟ ଦେଇ ତାଙ୍କ ଅନୁମତି କ୍ରମେ ଦୀଘା ଯାଇଥିଲି ବୋଲି ମମତା କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୦୪,୪୩,୨୫୯ | ୩୫,୪୪,୦୨୨ | ୧୫,୨୩,୯୭,୩୭୭ |
| ଭାରତ | ୨,୭୮,୯୨,୬୬୯ | ୩,୨୫,୯୮୫ | ୨,୫୪,୪୫,୧୫୩ |
| ଓଡ଼ିଶା | ୭,୪୭,୧୪୩ | ୨୬୮୬(+୫୩) | ୬,୫୮,୬୪୬ |

ଶନିବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଲକ୍‌ଡାଉନ ବୃଦ୍ଧି ପାଇଁ ବିଶେଷଜ୍ଞଙ୍କ ପରାମର୍ଶ

ଭୁବନେଶ୍ୱର, ୨୯।୫(ବ୍ୟୁରୋ)




- ପିକ୍ ଅତିକ୍ରମ କରିସାରିଛି ସଂକ୍ରମଣ
- ଆଉ ୭,୧୮୮ ଆକ୍ରାନ୍ତ, ୩୫ ମୃତ
- ଗ୍ରୀନ୍ ଜୋନ୍‌କୁ ଆସିଲା ନୂଆପଡ଼ା
- ଖୋର୍ଦ୍ଧାରେ ସର୍ବାଧିକ ସକ୍ରିୟ ରୋଗୀ

ଏବେ ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଛି। ଲକ୍‌ଡାଉନ୍ ଯୋଗୁ ସଂକ୍ରମଣ ଅଧିକ ହେଲା ନାହିଁ। ତେଣୁ ଆଉ କିଛିଦିନ ଲକ୍‌ଡାଉନ୍ କରିବା ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ଏ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି, ରାଜ୍ୟରେ ସଂକ୍ରମଣ ପିକ୍ ଅତିକ୍ରମ କରିସାରିଲାଣି। ଲକ୍‌ଡାଉନ୍ ଠିକ୍ ସମୟରେ ହୋଇଥିବାରୁ ଟିପିକାଲ ପିକ୍ ହେଲାନାହିଁ। ବର୍ତ୍ତମାନ ସଂକ୍ରମଣ ହାର ହ୍ରାସ ପାଇଛି। ପିକ୍‌ବେଳେ ସଂକ୍ରମଣ ହାର ୨୬ ପ୍ରତିଶତ ଥିବାବେଳେ ଏବେ ୧୪ ପ୍ରତିଶତ ରହିଛି। ଆଗକୁ ଆହୁରି କମିବ। ତେବେ ବର୍ତ୍ତମାନ ଯେଉଁଭଳି ଭାବେ କଟକଣା ରହିଛି ତାହା ଜାରି ରଖିବାକୁ ପଡ଼ିବ ବୋଲି ସେ କହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ନିର୍ଦ୍ଦେଶାବଳୀ ଅନୁସାରେ, ସଂକ୍ରମଣ ହାର ୫ ପ୍ରତିଶତକୁ ନ ଆସିବା ପର୍ଯ୍ୟନ୍ତ କଟକଣା କୋହଳ କରିବା ଉଚିତ ନୁହେଁ। ଆଉ ଦୁଇ ସପ୍ତାହ ଅନ୍ତତଃ ଲକ୍‌ଡାଉନ କରାଯାଉ। ତା'ପରେ ସ୍ଥିତିକୁ ଦେଖି କଟକଣା ହଟେଇବାକୁ ପଡ଼ିବ। ସେହିଭଳି ଆସନ୍ତା ତିନି ଚାରି ମାସରେ ବୃହତ୍ ଭାବରେ ଟିକାକରଣ କରାଗଲେ ତୃତୀୟ ଲହର ଆସିବ ନାହିଁ। ଯଦି ଆସେ ତେବେ ଏହାର ପ୍ରଭାବ ପଡ଼ିବନି ବୋଲି ଡା. ମିଶ୍ର କହିଛନ୍ତି।

ବାତ୍ୟା ପରଠାରୁ ରାଜ୍ୟରେ ଆକ୍ରାନ୍ତ ସଂଖ୍ୟା କମ୍ ରହୁଛି। କମ୍ ଟେଷ୍ଟିଂ ଯୋଗୁ କମ୍ ସଂକ୍ରମିତ ଚିହ୍ନଟ ହେଉଥିବା କୁହାଯାଉଛି। ପୂର୍ବରୁ ୧୦ହଜାର ଉପରେ ଚିହ୍ନଟ ହେଉଥିବାବେଳେ ୩ଦିନ ହେବ ଏହା ତଳକୁ ରହୁଛି। କିନ୍ତୁ ମୃତ୍ୟୁ ସଂଖ୍ୟା କମିବାର ନାଁ ଧରୁନି। ଗତ ୨୪ଘଣ୍ଟାରେ ମଧ୍ୟ ୭,୧୮୮ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୩୫ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୧୩୪ଜଣ ରହିଥିବାବେଳେ କଟକରୁ ୬୯୦, ଅନୁଗୋଳ ୫୧୫, ପୁରୀ ୪୫୭, ଯାଜପୁର ୪୦୬, ମୟୂରଭଞ୍ଜ ୩୨୦, ବରଗଡ଼ ୨୭୧, ବୌଦ୍ଧ ୨୫୭, ଢେଙ୍କାନାଳ ୨୫୫, ନୟାଗଡ଼ ୨୪୨, ନବରଙ୍ଗପୁର ୨୧୬ ଓ କୋରାପୁଟରୁ ୨୦୨ଜଣ ରହିଛନ୍ତି। ରାଜ୍ୟର ବାକିସବୁ ଜିଲାରେ ଦୁଇଶହଠାରୁ କମ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭,୪୭,୧୪୩ରେ ପହଞ୍ଚିଛି। ସେହିଭଳି ୩୫ଜଣ ମୃତକଙ୍କ ମଧ୍ୟରେ ଅନୁଗୋଳରୁ ସର୍ବାଧିକ ୫ଜଣ ଥିବାବେଳେ ରାୟଗଡ଼ା ଓ କଳାହାଣ୍ଡିରୁ ୪ଜଣ ଲେଖାଏ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଖୋର୍ଦ୍ଧା ଓ ନବରଙ୍ଗପୁରରୁ ୩ଜଣ ଲେଖାଏ, ବୌଦ୍ଧ, ଜଗତ୍‌ସିଂହପୁର ଓ କୋରାପୁଟରୁ ୨ଜଣ ଲେଖାଏ, କଟକ, ମାଲକାନଗିରି, ସମ୍ବଲପୁର ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୬୮୬କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ଶନିବାର ଆଉ ୧୧,୫୧୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୬,୫୮,୬୪୬କୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ୮୫,୭୫୮ଜଣ ସକ୍ରିୟ ରୋଗୀ ରହିଛନ୍ତି। ସକ୍ରିୟ ରୋଗୀ କମିବା ପରେ ନୂଆପଡ଼ା ଜିଲା ୟେଲୋ ଜୋନ୍‌ରୁ ଗ୍ରୀନ୍ ଜୋନ୍‌କୁ ଚାଲିଯାଇଛି। ଏହି ଜିଲାରେ ଏବେ ସର୍ବନିମ୍ନ ୪୭୩ଜଣ ସକ୍ରିୟ ରୋଗୀ ରହିଛନ୍ତି। ଦ୍ୱିତୀୟ ଲହର ଆରମ୍ଭରୁ ନୂଆପଡ଼ା ସମେତ ଛତିଶଗଡ଼ର ସୀମାନ୍ତ ଜିଲାରେ ଦୈନିକ ସଂକ୍ରମଣ ସର୍ବାଧିକ ରହୁଥିଲା। ରାଜ୍ୟ ସରକାର ସୀମା ସିଲ୍ କରିବାକୁ ବାଧ୍ୟ ହୋଇଥିଲେ। ଏବେ କିନ୍ତୁ ଏସବୁ ସ୍ଥାନରେ କମ୍ ସଂକ୍ରମଣ ଚିହ୍ନଟ ହୋଉଛନ୍ତି। ତେବେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୨,୨୯୮ଜଣ ସକ୍ରିୟ ରୋଗୀ ରହିଛନ୍ତି।


ପୁରୁଣା ଭୁବନେଶ୍ୱର ମାଉସୀ ମା' ଛକରେ ଶନିବାର ବିଏମ୍‌ସି ପକ୍ଷରୁ ସାନିଟାଇଜ୍ କରାଯାଉଛି।

## ସଂକ୍ଷେପରେ

### ୧ରୁ ଉଚ୍ଚଶିକ୍ଷା ବିଭାଗ ଅଧୀନକୁ ଆସିବ ସମସ୍ତ ବିଏଡ୍ କଲେଜ

**ଗଠନ ହେଲା ଶିକ୍ଷକ ଶିକ୍ଷା ବିଭାଗ**

**ଭୁବନେଶ୍ୱର, ୨୯।୫(ବ୍ୟୁରୋ):** ରାଜ୍ୟରେ ବ୍ୟାଚେଲର ଅଫ୍ ଏଜୁକେଶନ(ବିଏଡ୍) ପାଠ୍ୟକ୍ରମ ପ୍ରଦାନ କରୁଥିବା ସମସ୍ତ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଜୁନ୍ ୧ରୁ ଉଚ୍ଚଶିକ୍ଷା ବିଭାଗ ଅଧୀନକୁ ଆସିବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତିରେ କୁହାଯାଇଛି ଯେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ କେତେକ ବିଏଡ୍ କଲେଜ ରହିଛି। ଉନ୍ନତ ପରିଚାଳନା ପାଇଁ ଏହି ସମସ୍ତ କଲେଜକୁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆଣିବା ପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏହି କଲେଜଗୁଡ଼ିକର କାର୍ଯ୍ୟକାରିତାକୁ ତଦାରଖ କରିବା ପାଇଁ ଲୋକ ସେବା ଭବନରେ ଉଚ୍ଚଶିକ୍ଷା ବିଭାଗର କ୍ୟାମ୍ପସ-୧ରେ ଏକ ନୂତନ ବିଭାଗ 'ଶିକ୍ଷକ ଶିକ୍ଷା ବିଭାଗ' ଗଠନ କରାଯାଇଛି। ବିଏଡ୍ କଲେଜଗୁଡ଼ିକର ସୁପରିଚାଳନା ପାଇଁ ଶିକ୍ଷକ ଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଭାବେ ଡ. ସ୍ନିଗ୍ଧା ମିଶ୍ର ଏବଂ ସହକାରୀ ନିର୍ଦ୍ଦେଶକ ଭାବେ ଡ. ସାରଦା ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି।

### ପୋଖରୀରେ ବୁଡ଼ି ୨ ଭାଇଙ୍କ ଜୀବନ ଗଲା

**ବଡ଼ବିଲ,୨୯।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ସେଡିଂ ବସ୍ତି ପୋଖରୀରେ ବୁଡ଼ି ୨ ନାବାଳକ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ବିଲ ପୌରପାଳିକା ୪ ନଂ. ୱାର୍ଡ ସାଧୁସିଂ ହଟିଂ ଅଞ୍ଚଳର ଦୟାନିଧି ପାତ୍ରଙ୍କ ପୁଅ କୁନାଲ (୧୧) ଏବଂ ଗୌତମ (୮)। ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ଦୟାନିଧି ଘର କାମରେ ବ୍ୟସ୍ତ ଥିଲାବେଳେ ତାଙ୍କର ୨ ପୁଅ ସ୍ଥାନୀୟ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଦୀର୍ଘ ସମୟ ଧରି ସେମାନେ ଘରକୁ ଫେରି ନ ଥିଲେ। ପରେ ଉଭୟଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ୨ ଭାଇଙ୍କୁ ପୋଖରୀରୁ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

### ଶିଶୁପୁତ୍ର ସହ ଟ୍ରେନ୍ ଆଗକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା

**ରୂପ୍‌ସା,୨୯।୫(ଡି.ଏନ.ଏ.):** ୨ବର୍ଷର ଶିଶୁପୁତ୍ରକୁ ଧରି ଟ୍ରେନ୍ ଆଗକୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ବାଲେଶ୍ୱର ଜିଲା ରୂପ୍‌ସା ଓ ବସ୍ତା ଷ୍ଟେଶନ ମଧ୍ୟସ୍ଥଳ ନୂଆଗାଁ ରେଳଷ୍ଟେଶନ ନିକଟରେ ଶନିବାର ଏହି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ହେଲେ ବସ୍ତା ଥାନା ଦୁଧହଂସା ଗ୍ରାମର ରୀତାରାଣୀ ସେନାପତି (୨୫)। କୌଣସି କାରଣରୁ ରୀତାରାଣୀ ମାନସିକ ଭାରସାମ୍ୟ ହରାଇ ତାଙ୍କର ୨ବର୍ଷର ପୁଅକୁ କାଖରେ ଧରି ଡାଉନଲାଇନ୍‌ରେ ଯାଉଥିବା ଇଷ୍ଟକୋଷ୍ଟ କୋଭିଡ୍ ସ୍ପେଶାଲ ଟ୍ରେନ୍ ଆଗକୁ ଡେଇଁ ପଡ଼ିଥିଲେ। ଖବରପାଇ ବାଲେଶ୍ୱର ଜିଆର୍‌ପି ଥାନା ଓ ରୂପ୍‌ସା ଆର୍‌ପିଏଫ୍ ଥାନା ପୋଲିସ ପହଞ୍ଚି ରେଳଧାରଣାରୁ ଶିଶୁପୁତ୍ର ଓ ମହିଳାଙ୍କ ମୃତଦେହ ଜବତ କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଜିଆର୍‌ପି ପୋଲିସ ଏକ ମାମଲା (ନଂ. ୨୬/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

### ଏମ୍‌କେସିଜିରେ ବ୍ଲାକ୍ ଫଙ୍ଗସ୍ ସନ୍ଦିଗ୍ଧ

**ବ୍ରହ୍ମପୁର ଅଫିସ,୨୯।୫:** ବ୍ରହ୍ମପୁର ବଡ ମେଡିକାଲ(ଏମ୍‌କେସିଜି)କୁ ଜଣେ ବ୍ଲାକ୍ ଫଙ୍ଗସ୍ ସନ୍ଦିଗ୍ଧ ରୋଗୀ ଆସିଛନ୍ତି। ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଶନିବାର ତାଙ୍କ ନାକରୁ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା କରାଯାଇଥାନ୍ତା ବୋଲି ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ହେଲେ ପରୀକ୍ଷା ପୂର୍ବରୁ ତାଙ୍କ ସମ୍ପର୍କୀୟ ଭୁବନେଶ୍ୱର ସ୍ଥାନାନ୍ତର କରିଛନ୍ତି। ଗଞ୍ଜାମ ଜିଲାର ଜଣେ ଯୁବକ କରୋନାରେ ଆକ୍ରାନ୍ତ ହୋଇ ଶୀତଳାପଲ୍ଲୀ ଟାଟା କୋଭିଡ୍ ହସ୍ପିଟାଲ୍‌ରେ କିଛିଦିନ ହେଲା ଚିକିତ୍ସାଧୀନ ଥିଲେ। ତାଙ୍କ ଅବସ୍ଥାରେ ସୁଧାର ଆସୁଥିଲା। କିନ୍ତୁ ତାଙ୍କ ଆଖି ଧୀରେ ଧୀରେ ଫୁଲୁଥିବା ଯୋଗୁ ବ୍ଲାକ୍ ଫଙ୍ଗସ୍ ହୋଇଥିବା ଡାକ୍ତର ସନ୍ଦେହ କରିଥିଲେ। ସମ୍ପୃକ୍ତ ରୋଗୀଙ୍କୁ ଶୁକ୍ରବାର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ବରିଷ୍ଠ ସାମ୍ବାଦିକ ବସନ୍ତ ଦାସଙ୍କ ପରଲୋକ

**ଶୋକ ପ୍ରକାଶ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୨୯।୫(ବ୍ୟୁରୋ)


ବସନ୍ତ ଦାସ

କରୋନା ଯୁଦ୍ଧରେ ହାରିଗଲେ ଆଉ ଜଣେ ସମ୍ମୁଖ ଯୋଦ୍ଧା। ବରିଷ୍ଠ ସାମ୍ବାଦିକ, ସାହିତ୍ୟିକ, ସ୍ତମ୍ଭକାର ତଥା ରାଜନୈତିକ ସମୀକ୍ଷକ ବସନ୍ତ ଦାସ(୮୨)ଙ୍କ କରୋନାରେ ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଗତ ୧୬ତାରିଖରେ ସେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଗୃହ ସଙ୍ଗରୋଧରେ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଗତ ବୁଧବାର ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତି ୧୧ଟାରେ ତାଙ୍କର ଦେହାନ୍ତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ବସନ୍ତ ଦାସଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କର ବିୟୋଗ ଓଡ଼ିଶା ଲୋକ କ୍ଷେତ୍ରର ଏକ ଅପୂରଣୀୟ କ୍ଷତି ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ସ୍ୱର୍ଗତ ଦାସ ଜଣେ ସ୍ତମ୍ଭକାର ତଥା ରାଜନୈତିକ ବିଶ୍ଳେଷକ ଭାବରେ ସୁନାମ ଅର୍ଜନ କରିଥିଲେ। ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଧରି ସେ ସାମ୍ବାଦିକତା ବୃତ୍ତିରେ ସକ୍ରିୟ ରହିଥିଲେ। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସେ ସ୍ମରଣୀୟ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ବସନ୍ତ ଦସଙ୍କ ମୃତ୍ୟୁରେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁ ନନ୍ଦନ ଦାସ, ଜଙ୍ଗଲ, ପରିବେଶ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଇସ୍ପାତ ଓ ଖଣି ତଥା ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଗଭୀର ଶୋକ ପ୍ରକାଶ କରିଛନ୍ତି।

ଉଭୟ ଓଡ଼ିଆ ଏବଂ ଇଂଲିଶ ସାମ୍ବାଦିକତା ସହ ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ତାଙ୍କ ଅବଦାନ ଅତୁଳନୀୟ। ୧୯୬୫ରେ ସେ ଇଂଲିଶ ପତ୍ରିକା ଇଷ୍ଟର୍ନ ଟାଇମ୍ସରୁ ସାମ୍ବାଦିକତା ବୃତ୍ତି ଆରମ୍ଭ କରିଥିଲେ। କଟକରେ ଆରମ୍ଭ ହୋଇଥିବା ତାଙ୍କର ସାମ୍ବାଦିକ ଜୀବନରେ ସେ ଅନେକ ସଂସ୍ଥା ଓ ଖବରକାଗଜ ସହ ଜଡ଼ିତ ହୋଇଥିଲେ। ୨୦୦୨ରେ ଅନୁସନ୍ଧାନର ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ଗଣମାଧ୍ୟମର ବୃତ୍ତିଗତ ଚାକିରି ଜୀବନରୁ ଅବ୍ୟାହତି ନେଇ ଜଣେ ଫ୍ରିଲାନ୍ସ ସାମ୍ବାଦିକ ଓ ସ୍ତମ୍ଭକାର ଭାବେ ସକ୍ରିୟ ରହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ 'ଯେ ଦେଶେ ଯାଇ ସେ ଫଳ ଖାଇ' ସମେତ ସେ ୧୬ଟି ପୁସ୍ତକ ରଚନା କରିଛନ୍ତି। ପଲିଟିକାଲ ହିଷ୍ଟ୍ରି ଅଫ୍ ମଡର୍ନ ଓଡ଼ିଶା ତାଙ୍କର ବହୁ ଆଦୃତ ପୁସ୍ତକ।

# ସିପିଆଇ(ଏମ୍‌ଏଲ୍) ରାଜ୍ୟ ସମ୍ପାଦକ ଶିବରାମଙ୍କ ପରଲୋକ

ଭୁବନେଶ୍ୱର, ୨୯।୫ (ବ୍ୟୁରୋ)



ସିପିଆଇ (ଏମ୍‌ଏଲ୍) ରେଡ୍ ଷ୍ଟାର ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ, ବସ୍ତି ସୁରକ୍ଷା ମଞ୍ଚ ସଭାପତି ତଥା ଶ୍ରମିକ-କୃଷକ ଆନ୍ଦୋଳନର ସଂଗ୍ରାମୀ ଶିବରାମ ସାହୁଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ତାଙ୍କୁ ୪୮ ବର୍ଷ ବୟସ ହୋଇଥିଲା। ସେ ଗତ ଏକମାସ ଧରି କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶନିବାର ସତ୍ୟନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ସିପିଆଇ ନେତା ରାମକୃଷ୍ଣ ପଣ୍ଡା, ଫରୱାର୍ଡ ବ୍ଲକର ଜ୍ୟୋତି ରଞ୍ଜନ ମହାପାତ୍ର, ସତୀଶ ମିଶ୍ରଙ୍କ ସମେତ ବସ୍ତି ବାସିନ୍ଦା ସେଠାରେ ଉପସ୍ଥିତ ଥିଲେ। ଶିବରାମଙ୍କ ବିୟୋଗରେ ସିପିଆଇ(ଏମ୍), ଓଡ଼ିଶା କୃଷକ ସଭା, ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ତାଙ୍କ ପରି ଜଣେ ସଂଗ୍ରାମୀ, ଜନ ଦରଦୀ ବ୍ୟକ୍ତିଙ୍କ ମୃତ୍ୟୁ ଓଡ଼ିଶାର ଗଣତାନ୍ତ୍ରିକ ଆନ୍ଦୋଳନ ପାଇଁ ଅପୂରଣୀୟ କ୍ଷତି। ବସ୍ତିବାସିନ୍ଦା ଓ ଶ୍ରମଜୀବୀ ଲୋକଙ୍କ ଅଧିକାର ପାଇଁ ସେ ଅହରହ ସଂଗ୍ରାମ କରୁଥିଲେ ବୋଲି ମତ ପ୍ରକାଶ ପାଇଛି।

# ବ୍ୟବସାୟୀଙ୍କୁ ଅପହରଣ, ଆନ୍ଧ୍ରରୁ ଉଦ୍ଧାର

ବ୍ରହ୍ମପୁର ଅଫିସ,୨୯।୫

**୩ ଅଭିଯୁକ୍ତ ଗିରଫ**


ଗିରଫ ଅପହରଣକାରୀ।

ବ୍ରହ୍ମପୁର ସହରରୁ ଜଣେ ବ୍ୟବସାୟୀଙ୍କୁ ଶୁକ୍ରବାର ଅପହରଣ କରାଯାଇଥିଲା। ତାଙ୍କୁ ଆନ୍ଧ୍ରରୁ ସୁରକ୍ଷିତ ଅବସ୍ଥାରେ ଶନିବାର ପୋଲିସ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା କାଶୀବୁଗା ଥାନା ରାଜୀବନଗରର ଟି. ମଣିକାନ୍ତ ଓରଫ୍ ବରୁଣ(୨୭), କାଶୀବୁଗା ଥାନା ଶିବାଜୀନଗରର ମଣିକାନ୍ତ ଭୋନା (୨୭) ଓ କାଶୀବୁଗା ହରିଜନ ବେଧିର ଟି. ସନ୍ତୋଷ ଓରଫ୍ ଲଣ୍ଡା (୨୭) ବୋଲି ଏଏସ୍‌ପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଗୋଷାଣୀନୂଆଗାଁ ଥାନାରେ କେସ୍ ନମ୍ବର ୬୪/୨୧ ରୁଜୁ ହୋଇଛି। ୩ ଅପହରଣକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅପହରଣର କାରଣ ଜଣାପଡିନାହିଁ। ଅପହରଣରେ ବ୍ୟବହୃତ କାର୍ ଜବତ ହୋଇପାରି ନ ଥିବା ରାଉତରାୟ ସୂଚନା ଦେଇଛନ୍ତି।

ପ୍ରକାଶଯେ, ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଠାକୁରାଣୀ ମନ୍ଦିର ନିକଟସ୍ଥ ପୋଡ଼ିପେଡ଼ିବାରୀ ସାହିର ବ୍ୟବସାୟୀ ଏମ୍. ରଞ୍ଜିତ କୁମାରଙ୍କୁ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଆମ୍ବ ମାର୍କେଟ ସମ୍ମୁଖରୁ ଶୁକ୍ରବାର ସକାଳ ପ୍ରାୟ ୯ଟାରେ କେତେଜଣ ଦୁର୍ବୃତ୍ତ ଅପହରଣ କରି ଏକ କାରରେ ପଲାସା ନେଇଯାଇଥିଲେ। ଏହାପରେ ଅପହରଣକାରୀ ତାଙ୍କୁ ଛାଡ଼ିବା ପାଇଁ ପରିବାରବର୍ଗଙ୍କୁ ୩ଲକ୍ଷ ଟଙ୍କା ଦାବି କରିଥିଲେ। ଘଟଣା ସମ୍ପର୍କରେ ରଞ୍ଜିତଙ୍କ ସ୍ତ୍ରୀ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୋବାଇଲ୍ ଫୋନ୍ ନମ୍ବର ଟ୍ରାକ୍ କରି ତଦନ୍ତ କରିଥିଲା। ଗୋଷାଣୀନୂଆଗାଁ ଥାନା ଅଧିକାରୀ ସୁମିତ କୁମାର ସୋରେନ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ପଲାସା ଯାଇ ଆନ୍ଧ୍ର ପୋଲିସ ସହାୟତାରେ ଶୁକ୍ରବାର ରାତି ପ୍ରାୟ ୯ଟା ବେଳେ ମଣିକାନ୍ତଙ୍କ ଘରୁ ରଞ୍ଜିତଙ୍କୁ ଉଦ୍ଧାର କରିଥିଲା। ତାଙ୍କୁ ବ୍ରହ୍ମପୁର ଅଣାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ଘରୋଇ ହିଂସାର ଶିକାର ମହିଳା, ଶିଶୁଙ୍କୁ ସହାୟତା ଦେବ ନଂ.୧୮୧

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

**ମିଳିବ ୨୪ ଘଣ୍ଟିଆ ସେବା**

**ପୂର୍ବରୁ ଜାରି ନମ୍ବରରେ ମଧ୍ୟ ଯୋଗାଯୋଗ କରିପାରିବେ**

ଏଣିକି ଘରୋଇ ହିଂସାର ଶିକାର ମହିଳା ଓ ଶିଶୁଙ୍କୁ ସହାୟତା ଦେବ ନଂ.୧୮୧। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଶନିବାର ଏହି ସ୍ୱତନ୍ତ୍ର ନମ୍ବର ଜାରି କରିଛି। ଏହା ୨୪ ଘଣ୍ଟା ସେବା ଯୋଗାଇବ। ବର୍ତ୍ତମାନ କୋଭିଡ୍-୧୯ ଦ୍ୱିତୀୟ ଲହରରେ ସାରା ଦେଶରେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଭଳି ସ୍ଥିତି ଲାଗି ରହିଥିବାରୁ ବହୁସଂଖ୍ୟାରେ ପ୍ରବାସୀ ଗାଁକୁ ଫେରି ଆସୁଛନ୍ତି। କଠିନ ପରିସ୍ଥିତି ଯୋଗୁ ଅନେକ ମହିଳା ଏବଂ ବାଳିକା ମଧ୍ୟ ଘରୋଇ ହିଂସାର ଶିକାର ହେବାର ସମ୍ଭାବନା ରହିଛି। କୋଭିଡ୍‌ରେ ମାତାପିତା ସଂକ୍ରମିତ ହୋଇ କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ସମୟରେ ସେମାନଙ୍କ ଶିଶୁମାନେ ମଧ୍ୟ ଅସହାୟ ଅନୁଭବ କରୁଛନ୍ତି ଏବଂ ନିର୍ଯାତନାର ଶିକାର ହେବାର ଆଶଙ୍କା ରହିଛି। ଏଭଳି ଭେଦଭାବ, ହିଂସା ବା ଅସୁବିଧାର ସମ୍ମୁଖୀନ ହେଉଥିବା ମହିଳା ଓ ଶିଶୁଙ୍କ ପାଇଁ ବିଭାଗ ପକ୍ଷରୁ ଏହି ସହାୟତା ନମ୍ବର ଜାରି କରାଯାଇଛି। ଏଥିସହିତ ସହାୟତା ନମ୍ବର ୧୦୦ ଓ ୧୦୯୮ରେ ମଧ୍ୟ ଯୋଗାଯୋଗ କରି ପୀଡ଼ିତା ମହିଳା ଓ ଶିଶୁମାନେ ସାହାଯ୍ୟ ପାଇପାରିବେ। ପ୍ରତି ଜିଲାର ମୁଖ୍ୟ ଚିକିତ୍ସାଳୟରେ ଥିବା 'ସଖୀ' (ୱାନ୍ ଷ୍ଟପ୍ ସେଣ୍ଟର)ରେ ମଧ୍ୟ ଯୋଗାଯୋଗ କଲେ ୨୪ ଘଣ୍ଟିଆ ନିଃଶୁଳ୍କ ସେବା ଯୋଗାଇ ଦିଆଯିବ। ଘରୋଇ ହିଂସା ବିଷୟରେ ଜଣାଇବା ପାଇଁ ହ୍ୱାଟସ୍‌ଆପ୍ ନଂ.୭୮୦୫୦୦୬୦୩୯ରେ ବାର୍ତ୍ତା ଦେଇପାରିବେ। ମହିଳା କମିଶନଙ୍କ ସହିତ ଯୋଗାଯୋଗ କରିବା ପାଇଁ ହ୍ୱାଟସ୍‌ଆପ୍ ନଂ.୮୭୬୩୫୪୩୦୧୩ ଜାରି କରାଯାଇଛି। ହିଂସାମୁକ୍ତ ସମାଜ ଗଠନ ଦିଗରେ ମହିଳାମାନେ ଏହି ବ୍ୟବସ୍ଥାର ଉପଯୋଗ କରିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।



**ଆଜିର ମନ୍ତବ୍ୟ**

"କେନ୍ଦ୍ର ପ୍ରତିଶୋଧର ରାଜନୀତି କରୁଛି। ପଶ୍ଚିମବଙ୍ଗର କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଦ ଛୁଇଁପାରିବି।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଅଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏତେ ଚାତର
ମାଛ ବିକି ବିକି ଦିନ ଯାଉଥିଲା
ଦେହେ ନଗଉଛି ଗନ୍ଧା ଅତର।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ , ସେତେବେଳେ ସେ ତା ଅତୀତର ଦୁଃଖଦ ମୁହୂର୍ତ୍ତ କୁ ଭୁଲିଯାଇ ବର୍ତ୍ତମାନର ଧନ ଗର୍ବରେ ମତୁଆଲା ହୋଇ ଅହଂକାର କରିବସେ। ଅଭାବୀ ଜୀବନ ବିତାଇଥିବା ବ୍ୟକ୍ତି ସମୟକ୍ରମେ ଧନଶାଳୀ ହୋଇଯିବା ପରେ ନିଜକୁ ଅନ୍ୟ ଆଗରେ ଦେଖେଇ ହେବାରେ ସଙ୍କୋଚ କରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏଡ଼ିକି ଯୋଗ
କୁଣ୍ଡା ଖାଇକି ନରସିଂହ ଭୋଗ'।**

ଯୋଗ ବା ଦଶା ଭଲ ପଡ଼ିଲେ ମଣିଷର ଭାଗ୍ୟ ଫିଟିଯାଏ। ଭଲ ବେଳା ପଡ଼ିଲେ ଦୁଃସ୍ଥ ଜୀବନ ବିତାଉଥିବା ବ୍ୟକ୍ତି ରାଜ ସୁଖ ଲାଭ କରିବା ସହ ବହୁ ସୌଭାଗ୍ୟର ଅଧିକାରୀ ହୋଇଯାଏ। ସେହିପରି ଅତି ନିମ୍ନ ସ୍ତରର ବ୍ୟକ୍ତି ମଧ୍ୟ ଉଚ୍ଚାସନ ଲାଭ କରିପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୫ ହଜାର ସାଚେଟ୍ ୨-ଡିଜି ଅର୍ଡର ଦେଲା ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର,୨୯।୫(ବ୍ୟୁରୋ)**




କୋଭିଡ-୧୯ ରୋଗୀଙ୍କ ଚିକିତ୍ସା ପାଇଁ ପ୍ରତିରକ୍ଷା ଗବେଷଣା ଓ ବିକାଶ ଅନୁଷ୍ଠାନ( ଡିଆରଡିଓ) ଦ୍ୱାରା ବିକଶିତ ଓରାଲ ଭାଇରାଲ ଡ୍ରଗ୍ସ ୨-ଡିଓକ୍ସି-ଡି-ଗ୍ଲୁକୋଜ(୨-ଡିଜି) କ୍ରୟ କରିବାକୁ ରାଜ୍ୟ ସରକାର ଶନିବାର ଅର୍ଡର ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାଇଦ୍ରାବାଦ ସ୍ଥିତ ଡକ୍ଟର ରେଡ୍ଡୀ ଲାବୋରେଟୋରୀ(ଡିଆରଏଲ)କୁ ୫ ହଜାର ସାଚେଟ୍ ୨-ଡିଜି ଔଷଧ କିଣିବାକୁ ଅର୍ଡର ଦିଆଯାଇଛି। ୨-ଡିଜି ସାଚେଟ୍‌କୁ ୯୯୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ଔଷଧ କରୋନା ସଂକ୍ରମିତଙ୍କ ପାଇଁ ବିଶେଷ ଫଳପ୍ରଦ ହେଉଛି। ଜୁନ ମଧ୍ୟଭାଗ ସୁଦ୍ଧା ଏହି ଔଷଧ ସମସ୍ତ ସରକାରୀ ଡାକ୍ତରଖାନାକୁ ଯୋଗାଇ ଦେବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏହି ଔଷଧ ସାମାନ୍ୟରୁ ଗୁରୁତର ରୋଗୀଙ୍କୁ ଦିଆଯିବ।

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଭାଜପା

**ରବି ଧାନ କିଣାରେ ଅବ୍ୟବସ୍ଥା**

ଭୁବନେଶ୍ୱର,୨୯।୫(ବ୍ୟୁରୋ): ମେ' ୫ ତାରିଖରୁ ରବି ଧାନ କ୍ରୟ ପାଇଁ ରାଜ୍ୟରେ ମଣ୍ଡି ବ୍ୟବସ୍ଥା ଚାଲୁ ହୋଇଥିବାବେଳେ ଏଥିରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଏହି କାରଣରୁ ଅନ୍ୟ କୌଣସି ଉପାୟ ନ ପାଇ ଚାଷୀମାନେ ଖୋଲା ବଜାରରେ ଧାନ କୁଇଣ୍ଟାଲ ପିଛା ମାତ୍ର ୧୦୦୦ ଟଙ୍କାରେ ବିକ୍ରି କରିବା ପାଇଁ ଚାଷୀ ବାଧ ହେଉଛି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଅଭିଯୋଗ ଆଣିଛନ୍ତି । ରାଜ୍ୟ ସରକାର ଯେତେ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ଯୋଗାଇ ଦେଇଥିଲେ, ସେଥିରୁ ପାଖାପାଖି ୧୦ରୁ ୨୦% ଭାଗଚାଷୀଙ୍କ ଟୋକନ ଅବଧି ପୂରଣ ହୋଇ ସାରିଲାଣି। ମିଲରଙ୍କ ଉପରେ ସରକାରଙ୍କ ନିୟନ୍ତ୍ରଣ ନ ଥିବାରୁ ସେମାନେ ନିଜ ଇଚ୍ଛା ମୁତାବକ ମଣ୍ଡିରୁ ଧାନ ଉଠାଉଛନ୍ତି। ପ୍ରତି କୁଇଣ୍ଟାଲରେ ୫ରୁ ୬ କେଜି ଧାନ କଟନି ଛଟନି କରାଯାଉଛି। ଚାଷୀକୁଳର ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଏହି ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ସ୍ପଷ୍ଟୀକରଣ ଦେବାକୁ ପୁରୋହିତ ଦାବି କରିଛନ୍ତି। ଟୋକନ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ବରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି, କେନ୍ଦୁଝର, ନୂଆପଡ଼ା ଆଦି ବହୁ ଜିଲାରେ ଚାଷୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବାତ୍ୟା ଟଳିଯିବା ପରେ ଚାଷୀମାନଙ୍କ ଧାନ ବିକ୍ରି ମୁଖ୍ୟ ସମସ୍ୟା ହୋଇଛି । ଚାଷୀଙ୍କ ପ୍ରତି ସରକାରଙ୍କ ଦରଦ ଥିଲେ ମୁଖ୍ୟମନ୍ତ୍ରୀ ଖାଦ୍ୟ ଯୋଗାଣ ବିଭାଗର ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରନ୍ତୁ। ଧାନ କିଣାର ଉପଯୁକ୍ତ ବ୍ୟବସ୍ଥା କରନ୍ତୁ ବୋଲି ପୁରୋହିତ ଦାବି କରିଛନ୍ତି।

# କୋଭିଡ୍ ମୃତକଙ୍କ ପରିବାରକୁ ପେନ୍‌ସନ

ନୂଆଦିଲ୍ଲୀ, ୨୯।୫: କୋଭିଡ୍-୧୯ରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ଫାମିଲି ପେନ୍‌ସନ୍ ଦିଆଯିବ ବୋଲି ଶନିବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏହା ବ୍ୟତୀତ କର୍ମଚାରୀଙ୍କ ଜମା ସଂଯୁକ୍ତ ବୀମା(ଇଡିଏଲ୍ଆଇ) ଯୋଜନାରେ ବୀମା ରାଶିକୁ ବୃଦ୍ଧି କରାଯାଇ ଏହାର ପ୍ରକ୍ରିୟାକୁ ସରଳୀକୃତ କରାଯାଇଛି। ସର୍ବନିମ୍ନ ବୀମା ସୁବିଧା ୨.୫ ଲକ୍ଷ ଟଙ୍କା ଅପରିବର୍ତ୍ତିତ ରହିଥିବାବେଳେ ସର୍ବାଧିକ ବୀମା ରାଶି ୬ ଲକ୍ଷରୁ ୭ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏ ସମ୍ପର୍କିତ ସବିଶେଷ ଗାଇଡ୍‌ଲାଇନ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଛି। ଯେଉଁ ମୃତକଙ୍କ ପରିବାର ଆର୍ଥିକ ଅସୁବିଧା ଦେଇ ଗତି କରୁଛନ୍ତି, ସେମାନଙ୍କ ପାଇଁ ଏହି ପଦକ୍ଷେପ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବର୍ତ୍ତମାନର ନିୟମ ଅନୁଯାୟୀ କର୍ମଚାରୀ ଉଠାଇଥିବା ହାରାହାରି ଦୈନିକ ମଜୁରିର ୯୦% ନିର୍ଭରଶୀଳ ପରିବାର ସଦସ୍ୟ ପେନ୍‌ସନ୍ ପାଇବାକୁ ହକ୍‌ଦାର ହେବେ। ଏହି ସୁବିଧା ପିଛିଲା ଭାବେ ୨୦୨୦ ମାର୍ଚ୍ଚ ୨୪ ରୁ ୨୦୨୨ ମାର୍ଚ୍ଚ ୨୪ ମଧ୍ୟରେ ଉପଲବ୍ଧ ହେବ।

# ୪୩ ଡିଗ୍ରୀରେ ଭବାନୀପାଟଣା

ଭୁବନେଶ୍ୱର, ୨୯।୫(ବ୍ୟୁରୋ): ପଶ୍ଚିମ ଓଡ଼ିଶାରେ ତାପମାତ୍ରା ବଢ଼ିଚାଲିଛି। ଭବାନୀପାଟଣାରେ ଶନିବାର ୪୩ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରହିଥିଲା। ଟିଟିଲାଗଡ଼ ୪୧.୨, ସୋନପୁର ୪୧ ଓ ବଲାଙ୍ଗୀରର ତାପମାତ୍ରା ୪୦.୩ ଡିଗ୍ରୀ ରହିଥିଲା। ସେହିପରି ଭୁବନେଶ୍ୱରରେ ତାପମାତ୍ରା ୩୫.୯ ଓ କଟକରେ ୩୫.୫ ଡିଗ୍ରୀ ରହିଥିଲା। ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ସହ କାଳବୈଶାଖୀ ଓ ବଜ୍ରପାତ ହେବ। ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ବର୍ଷା ହୋଇପାରେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହସ୍ଥିତି ପଞ୍ଚାନନ ଯୋଗ ସୃଷ୍ଟି କରୁଥିବାରୁ କର୍ମକ୍ଷେତ୍ରରେ ପ୍ରତିଷ୍ଠା ପାଇବେ। ଚନ୍ଦ୍ର ପାପଯୁକ୍ତ କାରଣରୁ ନେଇ ବନ୍ଧୁଙ୍କ ସହ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। କଥା କହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବାକୁ ପଡ଼ିବ। ଆଲୋଚନା କ୍ଷେତ୍ରରେ ଛୋଟ ଛୋଟ କଥାରେ ଚିହ୍ନା ପଡ଼ିଲେ ଅପଦସ୍ଥ ହେବେ।

**ବୃଷ** ରାହୁ ସହ ରବିଙ୍କ ସଂଯୋଗ ପାରିବାରିକ ଅଶାନ୍ତିର କାରଣ ହୋଇପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସହକର୍ମୀ ସୁଯୋଗ ଉଣ୍ଡି ଅସୁବିଧାର ସମ୍ମୁଖୀନ କରାଇ ପାରନ୍ତି। ଏଣେ କର୍ମକ୍ଷେତ୍ରରେ ଫାଇଲ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ବନ୍ଧୁବର୍ଗଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ।

**ମିଥୁନ** ଆଜି ସ୍ୱଗୃହୀ ବୁଧ ଅନ୍ୟଗ୍ରହ ଯୁକ୍ତ ହୋଇ ଏକାଧାରରେ ବନ୍ଧୁମିଳନ, ଦୂରଯାତ୍ରା, ସତ୍‌ସଙ୍ଗ, ପରିଭ୍ରମଣର ସୁଯୋଗ ପାଇବେ। ସାଧାରଣ କଥାରେ ବନ୍ଧୁ ବିରକ୍ତ ହୋଇପାରନ୍ତି। ଦୃଢ଼ ମନୋବଳ ଯୋଗୁ ବହୁ ବିପଦରୁ ରକ୍ଷାପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ମାନମନାନ୍ତର ଦେଖାଦେଇପାରେ।

**କର୍କଟ** ସେବା ଓ ସହଯୋଗ ମନୋଭାବରୁ ସମସ୍ତଙ୍କର ଆଦରଣୀୟ ହେବେ। ଗତକାଲିଠାରୁ ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି, ସେଥିରେ ନିଶ୍ଚିତ ସଫଳତା ପାଇବେ। ଶନିଙ୍କ ସପ୍ତମସ୍ଥିତିରୁ ବ୍ୟବସାୟ, ବାଣିଜ୍ୟ, କଳା, ସାହିତ୍ୟରେ ମଧ୍ୟ ସମ୍ମାନ ମିଳିବ। ଅଫିସ୍ କାମରେ ସହକର୍ମୀମାନେ ସହଯୋଗର ହାତ ବଢ଼ାଇପାରନ୍ତି।

**ସିଂହ** ସକାଳୁ କୌଣସି ଶୁଭାକାଂକ୍ଷୀଙ୍କ ସାନ୍ନିଧ୍ୟ ଲଭିବାରୁ ଆର୍ଥିକ ଦିଗଟି ଭଲ ରହିବ। କୌଣସି ପ୍ରମାଣ ନ ଥାଇ ପଡ଼ୋଶୀଙ୍କଠାରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବୃହସ୍ପତିଙ୍କ ଶନିକ୍ଷେତ୍ରସ୍ଥ ସ୍ଥିତି କାରଣରୁ ପରିବାରରେ ସନ୍ତାନ ହେତୁକ ପୀଡ଼ା ଅନୁଭବ କରିବେ।

**କନ୍ୟା** କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେ ଜଟିଳ ମଣୁଛନ୍ତି ବାସ୍ତବରେ ସେପରି ହେବନି। ପ୍ରତ୍ୟେକ କ୍ଷେତ୍ରରେ ଦେଖିଚାହିଁ ନ ଚଳିଲେ ସମସ୍ୟା ଆସିପାରେ। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ମଙ୍ଗଳ ନୀଚାଭିମୁଖୀ ହେତୁ ସୁସମ୍ପର୍କ କ୍ଷୁଣ୍ଣ ହୋଇପାରେ।

**ତୁଳା** ଆଜିର କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ସଭାସମିତିରେ ଯୋଗ ଦେଲେ ପ୍ରଶଂସା ଓ ପ୍ରତିଷ୍ଠା ପାଇପାରିବେ। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ । ଭାଗ୍ୟସ୍ଥ ଏକାଧିକ ଗ୍ରହ ଯୋଗୁ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ହେତୁ ମନ ଖୁସି ରହିବ।

**ବିଛା** ଅନ୍ୟମାନଙ୍କ କଥା ପ୍ରତି ଧ୍ୟାନ ନ ଦେଇ ନିଜେ କ'ଣ କରିବା ଉଚିତ ତାହା କଲେ ଭଲ। ଆଶା କରୁଥିବା ଦିଗରୁ ଅର୍ଥପ୍ରାପ୍ତି ପାଇଁ ଅନୁକୂଳତା ଅନୁଭବ କରିବେ। ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନ କ୍ଷେତ୍ରରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** ଯେଉଁ କାମ ପାଇଁ ମନସ୍ଥ କରିଛନ୍ତି, ତାହା ଆଜି ହିଁ ପୂର୍ଣ୍ଣତା ଲାଭ କରିବ। ପାରିବାରିକ କ୍ଷେତ୍ରରେ ପଛକଥା ପଛକୁ ପକାଇ କାମ କରି ଚାଲନ୍ତୁ ଭଲ ହେବ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହାକି ମାନସିକ ସ୍ଥିତିର ପରିପନ୍ଥୀ ହୋଇନପାରେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ମକର** ବିଭିନ୍ନ ସମସ୍ୟା ଓ ଦ୍ୱନ୍ଦ୍ୱ ଭିତରେ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଅନୁଭବ କରିବେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ପଡ଼ୋଶୀ କେହି ପ୍ରତିବାଦ କରିପାରନ୍ତି, ଯାହାକି ଆପଣଙ୍କ କାମ ପାଇଁ ତାହା ବାଧକ ସାଜିବ। ଆଜିର ପ୍ରାତଃ ଭ୍ରମଣ ଓ ମନୋରଞ୍ଜନ ପ୍ରୀତିପ୍ରଦ ହୋଇନପାରେ।

**କୁମ୍ଭ** ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ପାଇବେ, କିନ୍ତୁ ପାରିବାରିକ ସମସ୍ୟା ଦେଖାଦେବ। ଅବଶ୍ୟ କର୍ମକ୍ଷେତ୍ରରେ ଓ ନିଜ ପରିବେଶରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ ମାନ୍ଦା ହେବ ନାହିଁ।

**ମୀନ** ଅର୍ଥାଭାବ ନ ଥାଇ ସମ୍ମାନ ଓ ପ୍ରତିଷ୍ଠା ଅକ୍ଷୁଣ୍ଣ ଥିଲେ ମଧ୍ୟ ପାରିବାରିକ କନ୍ଦଳ ସବୁ ସୁଖକୁ ନଷ୍ଟ କରିଦେବ। କର୍ମକ୍ଷେତ୍ରରେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ, ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ୫ମୀ ରବିବାର, ମେ ୩୦ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ମେଷ ରାଶିର ଘାତବାର, ସିଂହ ରାଶିର ଘାତଚନ୍ଦ୍ର, ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୫ ଗତେ ଘ.୦୯।୩୩ ମଧ୍ୟେ, ଘ.୧୨।୧୦ ଗତେ ଘ.୦୨।୪୭ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୪।୩୨ ଗତେ ଘ.୦୫।୨୫ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪।୩୯ ଗତେ ଘ. ୦୬।୧୭ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### କବରରେ ୨୧୫ ପିଲାଙ୍କ ...

ସଂସ୍କୃତିଠାରୁ ଦୂରରେ ରହିବାକୁ ବାଧ କରାଯାଉଥିଲା। ଅନେକଙ୍କୁ ଶାରୀରିକ ନିର୍ଯାତନା ଏପରିକି ଛୋଟ ପିଲାଙ୍କୁ ବଳାତ୍କାର ମଧ୍ୟ କରାଯାଉଥିଲା। ଏହି ବ୍ୟବସ୍ଥାର ପ୍ରଭାବ ଯାଞ୍ଚ ପାଇଁ ୨୦୦୮ରେ ଦି ଟ୍ରୁଥ୍ ଆଣ୍ଡ ରିକନ୍‌ସିଲିଏସନ୍ କମିଶନ (ଟିଆର୍‌ସି) କାନାଡାରେ ଗଠନ ହୋଇଥିଲା।

୨୦୧୫ରେ ଟିଆର୍‌ସି ଏହାର ରିପୋର୍ଟ ପ୍ରଦାନ କରିଥିଲା। ଏହି ରିପୋର୍ଟରେ ପ୍ରାୟ ଦେଢ଼ ଲକ୍ଷ ଆଦିବାସୀଙ୍କ ଯନ୍ତ୍ରଣାମୟ ଜୀବନ ବଖାଣିଥିଲା। ଖ୍ରୀଷ୍ଟିଆନ ଚର୍ଚ୍ଚ ଦ୍ୱାରା ପରିଚାଳିତ ରେସିଡେନ୍ସିଆଲ ସ୍କୁଲଗୁଡ଼ିକରେ ଥିବା ପିଲାଙ୍କ ମଧ୍ୟରୁ ଅନେକ ସେମାନଙ୍କ ଘରକୁ ଫେରି ନ ଥିବା ଟିଆର୍‌ସି କହିଥିଲା। ଅନେକ ପିଲାଙ୍କୁ ବଳାତ୍କାର କରାଯାଇଥିବା, ଭୋକରେ ରଖାଯିବା ସହ ସେମାନଙ୍କ ଉପରେ ଅତ୍ୟାଚାର ସହ ଅନେକଙ୍କୁ ହତ୍ୟା କରାଯାଇଥିଲା। ସ୍କୁଲରେ ଥିବାବେଳେ ହିଁ ପ୍ରାୟ ୪,୧୦୦ ପିଲାଙ୍କ ମୃତ୍ୟୁ ଘଟିଥିଲା ବୋଲି ଟିଆର୍‌ସି କହିଥିଲା। ମୃତ୍ୟୁ ପରେ ପିଲାଙ୍କୁ ସେଠାରେ ପୋତି ଦିଆଯାଉଥିଲା। ଆବାସିକ ସ୍କୁଲ ବ୍ୟବସ୍ଥାକୁ 'କଲଚରାଲ ଜେନୋସାଇଡ୍' ବା 'ସାଂସ୍କୃତିକ ନରସଂହାର' ବୋଲି ଏହି କମିଶନ ନାମିତ କରିଥିଲା। ଗୋଟିଏ ଗୋଷ୍ଠୀକୁ ଏକ କରି ରଖୁଥିବା କାର୍ଯ୍ୟକଳାପ ତଥା ଭାଷା, ସଂସ୍କୃତିକୁ ଏହି ବ୍ୟବସ୍ଥାରେ ନଷ୍ଟ କରାଯିବାକୁ ଉଦ୍ୟମ ହେଉଥିଲା। ଏପରି ସ୍କୁଲ ବ୍ୟବସ୍ଥାକୁ ନେଇ ୨୦୦୮ରେ କାନାଡା ସରକାର ସାଧାରଣରେ କ୍ଷମା ମଧ୍ୟ ମାଗିଥିଲେ।

### ସମୁଦ୍ରକୂଳରେ ନିର୍ମାଣ ...

ପ୍ରସ୍ତୁତ କରିଛନ୍ତି। ୧୦ ଉପକୂଳ ଜିଲାରେ ୧୬୫୦ କିଲୋମିଟର ଲୁଣାବନ୍ଧ ପାଇଁ ପ୍ରାୟ ୭ ହଜାର କୋଟି ଟଙ୍କାର ଏକ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ(ଡିପିଆର) ପ୍ରସ୍ତୁତ କରାଯାଇଛି ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ କହିଛନ୍ତି। ସାମୁଦ୍ରିକ ଝଡ଼ 'ୟାସ୍' ଯୋଗୁ ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର ଜିଲାର କେତେକ ଅଞ୍ଚଳରେ ସମୁଦ୍ର ପାଣି ମାଡି ଯାଇ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାଜ୍ୟ ସରକାର ଉପକୂଳବର୍ତ୍ତୀ ଜିଲାଗୁଡିକୁ ସୁରକ୍ଷା ଦେବା ଲାଗି ଦୀର୍ଘମିଆଦୀ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଉଛନ୍ତି। ସଡ଼କ, ଘର, ବିଦ୍ୟୁତ୍, ପାନୀୟ ଜଳ ଆଦି ଭିତ୍ତିଭୂମିକୁ ଦୀର୍ଘସ୍ଥାୟୀ କରିବା ନେଇ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି।

### ପାଠ୍ୟକ୍ରମରେ ବିପର୍ଯ୍ୟୟ, ...

ପାଇଁ ଓଡ଼ିଶା ପ୍ରସ୍ତୁତ ରହିପାରିବ। ଏଥିପାଇଁ ଓଡ଼ିଶାର ଘରେ ଘରେ ଯୋଦ୍ଧା ସୃଷ୍ଟି କରାଯିବ। ଏହି ମିଶନକୁ ଆଗେଇ ନେବାପାଇଁ ଏକ ଟାସ୍କଫୋର୍ସ ଗଠନ କରାଯିବ। ଭବିଷ୍ୟତରେ ଯେକୌଣସି ଜରୁରୀ ପରିସ୍ଥିତି ପାଇଁ ଏହା ସର୍ବବୃହତ୍ ପ୍ରସ୍ତୁତି ହେବ ବୋଲି ବୈଠକରେ ଆଲୋଚନା କରାଯାଇଛି।

ଗତ ଦୁଇ ଦଶନ୍ଧି ମଧ୍ୟରେ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶାର ଦକ୍ଷତା ସମ୍ପର୍କରେ ସାରା ବିଶ୍ୱର ଦୃଷ୍ଟିଭଙ୍ଗୀ ବଦଳିଯାଇଛି। ଦିନ ଥିଲା ଓଡ଼ିଶା ଦୟାର ପାତ୍ର ଥିଲା। ଆଜି ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ ଏକ ମଡେଲ ହୋଇଛି ଏବଂ ସାରା ବିଶ୍ୱରୁ ପ୍ରଶଂସା ସାଉଁଟିଛି। 'ପ୍ରତ୍ୟେକ ଜୀବନ ମୂଲ୍ୟବାନ'। ଏହା ହେଉଛି ଏହି ପରିବର୍ତ୍ତନର ମୁଖ୍ୟ ଆଧାର। ବିପର୍ଯ୍ୟୟ ପରିଚାଳନାରେ ଗୋଷ୍ଠୀସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛି। କୋଭିଡ୍-୧୯ ସମସ୍ତଙ୍କ ପାଇଁ ଏକ ନୂଆ ବାସ୍ତବତା। ବାତ୍ୟା ଆସେ ଏବଂ ଯାଏ, କିନ୍ତୁ ଏହି ମହାମାରୀ ମାନବ ଜାତି ପାଇଁ ସଙ୍କଟର ଦୁଇଟି ନୂଆ ଦିଗ ଆଣିଛି । ଗୋଟିଏ ହେଉଛି, ଏହି ସଙ୍କଟ କେତେବେଳେ ଆସିବ, କେତେବେଳେ ଯିବ ତାହା କେହି କହିପାରିବେ ନାହିଁ । ଦ୍ୱିତୀୟଟି ହେଉଛି, ଏହି ସଙ୍କଟଟି କେତେବେଳେ କିପ୍ରକାର ରୂପ ନେବ, ତାହା ମଧ୍ୟ ଆକଳନ କରିବା ଅସମ୍ଭବ। ବର୍ତ୍ତମାନ ସମୟ ଆସିଛି, ରାଜ୍ୟରେ ଜ୍ଞାନର ଏକ ବିସ୍ତୃତ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ହେବ, ଯଦ୍ଦ୍ୱାରା କି ସମସ୍ତେ ନିଜକୁ ଜଣେ ଜଣେ ଯୋଦ୍ଧା ଭାବରେ ଗଢ଼ିବା ପାଇଁ ମନ୍ତ୍ରୀ ପରିଷଦ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

### କୋଭିଡ୍ ଅନାଥଙ୍କ ...

ଭବିଷ୍ୟତ। ସେମାନଙ୍କୁ ବଳିଷ୍ଠ ନାଗରିକରେ ପରିଣତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ଶିଶୁମାନଙ୍କ ସହାୟତା ଓ ସୁରକ୍ଷା ପାଇଁ ଯାହା କିଛି ସମ୍ଭବ କରିବା ପାଇଁ ସରକାର ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ମହାମାରୀରେ ମାତାପିତା କିମ୍ବା ଆଇନଗତ ଅଭିଭାବକ ବା ପୋଷ୍ୟ ଭାବେ ଗ୍ରହଣ କରିଥିବା ମାତାପିତାଙ୍କୁ ହରାଇଥିବା ସମସ୍ତ ପିଲାଙ୍କୁ ପିଏମ୍-କେୟାର୍ସ ଫର୍ ଚିଲ୍‌ଡ୍ରେନ୍ ସ୍କିମ୍‌ରେ ସହାୟତା ମିଳିବ।

୧୦ ବର୍ଷରୁ କମ୍ ପିଲାଙ୍କୁ ନିକଟବର୍ତ୍ତୀ କେନ୍ଦ୍ରୀୟ ବିଦ୍ୟାଳୟ କିମ୍ବା ଘରୋଇ ସ୍କୁଲ୍‌ରେ ଡେ ସ୍କଲାର ଭାବେ ନାମ ଲେଖାଯିବ। ଯଦି ପିଲାଟି ଘରୋଇ ସ୍କୁଲ୍‌ରେ ନାମଲେଖାଏ ଶିକ୍ଷା ଅଧିକାର ଆଇନର ନିୟମ ଅନୁଯାୟୀ ପିଏମ୍ କେୟାର୍ସରୁ ଦେୟ ପୈଠ କରାଯିବ। ଏହା ବ୍ୟତୀତ ପିଲାର ପୋଷାକ, ବହିଖାତା ପାଇଁ ମଧ୍ୟ ପିଏମ୍-କେୟାର୍ସ ଅର୍ଥ ଯୋଗାଇବ। ୧୧ରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୌଣସି କେନ୍ଦ୍ରୀୟ ସରକାରୀ ଆବାସିକ ବିଦ୍ୟାଳୟ ଯଥା ସୈନିକ ସ୍କୁଲ, ନବୋଦୟ ବିଦ୍ୟାଳୟ ଆଦିରେ ନାମ ଲେଖାଯିବ। ଯଦି ପିଲା ନିଜ ଅଭିଭାବକ କିମ୍ବା ଅଜାଆଈ ବା ବଡ଼ ପରିବାର ତତ୍ତ୍ୱାବଧାନରେ ରହେ ତେବେ ନିକଟସ୍ଥ କେନ୍ଦ୍ରୀୟ ବିଦ୍ୟାଳୟ କିମ୍ବା ଘରୋଇ ସ୍କୁଲ୍‌ରେ ଡେ ସ୍କଲାର ଭାବେ ନାମ ଲେଖାଯିବ ବୋଲି ପିଏମ୍‌ଓ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

### ୧ରୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ...

ତତ୍କାଳ ବନ୍ଦ କରିଦେଇଥିଲେ। ମେ' ୩୧ ପର୍ଯ୍ୟନ୍ତ ଗ୍ରୀଷ୍ମ ଛୁଟି ଘୋଷଣା କରାଯାଇଥିଲା। ତେବେ ଛୁଟି ସରିବା ପରେ ଉଚ୍ଚଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ପ୍ରସ୍ତୁତ ହେବାକୁ ଶୁକ୍ରବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି, ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଥିଲେ।

### ପୁଣି ବଢ଼ିଲା ତେଲ ...

୨୮ ପଇସା ବଢ଼ିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୩.୯୪ ଟଙ୍କା ଏବଂ ଓ ଡିଜେଲ ଦର ୮୪.୮୯ ଟଙ୍କାରେ ପହଞ୍ଚିଛି। ସେହିଭଳି ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଓ ମୁମ୍ବାଇରେ ପେଟ୍ରୋଲ ଦର ଯଥାକ୍ରମେ ୯୫.୫୧ ଟଙ୍କା, ୯୩.୯୭ ଟଙ୍କା ଏବଂ ୧୦୦.୧୯ ଟଙ୍କାରେ ପହଞ୍ଚିଛି। ସେହିପରି ଏହିସବୁ ମେଟ୍ରୋ ସହରରେ ଡିଜେଲ ଲିଟର ପିଛା ୮୯.୬୫ ଟଙ୍କା, ୮୭.୭୪ ଟଙ୍କା ଏବଂ ୯୨.୧୭ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି।

ପ୍ରଥମଥର ପାଇଁ ଦେଶର ପ୍ରଥମ ମେଟ୍ରୋ ସହର ଭାବେ ମୁମ୍ବାଇରେ ପେଟ୍ରୋଲ ୧୦୦ ଟଙ୍କା ଟପିଥିବା ସୂଚନା ମିଳିଛି। ସେହିଭଳି ମଧ୍ୟପ୍ରଦେଶ, ରାଜସ୍ଥାନ ଓ ମହାରାଷ୍ଟ୍ରର କେତେକ ସ୍ଥାନରେ ପେଟ୍ରୋଲ ୧୦୦ ଟଙ୍କା ଉପରେ ଥିବାବେଳେ ଡିଜେଲ ପ୍ରାୟ ୧୦୦ ଟଙ୍କାରେ ବିକ୍ରି ହେଉଥିବା ତୈଳ କମ୍ପାନୀଗୁଡିକ ପକ୍ଷରୁ ସୂଚନା ମିଳିଛି।

ଚଳିତ ମାସରେ ରାଜ୍ୟରେ ଡିଜେଲ ଲିଟର ପିଛା ୪.୫୧ ଟଙ୍କା ଏବଂ ପେଟ୍ରୋଲ ଲିଟର ପିଛା ୩.୫୪ ଟଙ୍କା ବଢ଼ିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଏହି ସମୟ ମଧ୍ୟରେ ଦିଲ୍ଲୀ ବଜାରରେ ପେଟ୍ରୋଲ ଲିଟର ପିଛା ୩.୫୪ ଟଙ୍କା ଏବଂ ଡିଜେଲ ୪.୧୬ ଟଙ୍କା ବୃଦ୍ଧି ପାଇଥିବା ଆଇଓସିଏଲ୍ ପକ୍ଷରୁ ସୂଚନା ମିଳିଛି।

ତେଲ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଟିକସ ପରିମାଣ ଅନେକାଂଶରେ ଖାଉଟିଙ୍କ ପକେଟକୁ ଭାରି ପଡୁଛି। ତୈଳ ଦର କ୍ରମାଗତ ଭାବେ ବଢ଼ି ଚାଲିଥିବାରୁ ଏହାର ବ୍ୟବହାର ଉପରେ ମଧ୍ୟ ପ୍ରଭାବ ପକାଇଛି ବୋଲି ଓଡ଼ିଶାର ପେଟ୍ରୋଲିୟମ ଡିଲରମାନେ ମତବ୍ୟକ୍ତ କରିଛନ୍ତି।

### ୟୁଏଇ ଗଲା...

ଆଇପିଏଲ୍ ୨୦୨୦ ସଂସ୍କରଣକୁ କୋଭିଡ୍-୧୯ ସଂକ୍ରମଣ କାରଣରୁ ସସ୍‌ପେଣ୍ଡ କରାଯାଇଥିଲା। ଆଇପିଏଲ୍ ବାୟୋ-ବବଲରେ କେତେଜଣ ଖେଳାଳି, ସପୋର୍ଟ ଷ୍ଟାଫ୍‌ଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ବିଶ୍ୱର ଏହି ସର୍ବବୃହତ୍ ଲିଗ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। ୬ଜଣ ଖେଳାଳି ଓ ୨ଜଣ ସପୋର୍ଟ ଷ୍ଟାଫ୍ ସଂକ୍ରମିତ ହୋଇଥିଲେ। ସେତେବେଳକୁ ଲିଗ୍‌ର କେବଳ ୨୯ଟି ମ୍ୟାଚ୍ ଖେଳାଯାଇଥିଲା। ମୌସୁମୀକୁ ଦୃଷ୍ଟିରେ ରଖି ଆଇପିଏଲ୍ ସ୍ଥାନାନ୍ତର କରାଯାଇଛି ବୋଲି ବିସିସିଆଇ ତରଫରୁ କୁହାଯାଇଛି। ଗତବର୍ଷ ମଧ୍ୟ ଏହି ମହାମାରୀ କାରଣରୁ ଆଇପିଏଲ୍‌କୁ ୟୁଏଇରେ ଆୟୋଜନ କରାଯାଇଥିଲା। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଫାଇନାଲରେ ଦିଲ୍ଲୀ ଡେୟାର ଡେଭିଲ୍‌ସକୁ ହରାଇ ରେକର୍ଡ ପଞ୍ଚମଥର ପାଇଁ ଟାଇଟଲ ହାସଲ କରିଥିଲା।

### ଥାଇଲାଣ୍ଡକୁ କଳାକୃତି ...

ଥାଇଲାଣ୍ଡ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକଠାରେ ଥିବା ଜାତୀୟ ମ୍ୟୁଜିୟମରେ ଏହି କଳାକୃତିକୁ ରଖାଯିବ।

ପ୍ରତି ପ୍ରସ୍ତର କଳାକୃତିର ଓଜନ ୬୮୦ ଗ୍ରାମ ହେବ ବୋଲି ଏସିଆନ୍ ଆର୍ଟ ମ୍ୟୁଜିୟମ ପକ୍ଷରୁ କୁହାଯାଇଛି। ବାଲୁଆ ପଥରରେ ନିର୍ମିତ ଏହି ବସ୍ତୁ ଦଶମ ଶତାବ୍ଦୀର। ଏଥିରେ ହିନ୍ଦୁ ଦେବତା ଇନ୍ଦ୍ର ଓ ଯମଙ୍କ ପ୍ରତିମୂର୍ତ୍ତି ରହିଛି। ଥାଇଲାଣ୍ଡର ପ୍ରାଚୀନ ମନ୍ଦିରଗୁଡ଼ିକରେ ଏଭଳି କଳାକୃତି ଦେଖିବାକୁ ମିଳେ। ଆମେରିକା ଫେରାଇଥିବା କଳାକୃତି ଭିଏତନାମ ଯୁଦ୍ଧବେଳେ ଥାଇଲାଣ୍ଡରୁ ଚୋରି ହୋଇଥିବା କୁହାଯାଏ। ଏହା ବାସ୍ତବରେ କେଉଁଠୁ ଆସିଛି ସେ ନେଇ ଆମେରିକା ପକ୍ଷରୁ ୩ ବର୍ଷ ଧରି ଅନୁସନ୍ଧାନ ଚାଲିଥିଲା। ଏହି ଧାର୍ମିକ ସ୍ମୃତିର ପ୍ରତ୍ୟାବର୍ତ୍ତନ ଥାଇଲାଣ୍ଡ ସରକାର ଓ ସେଠାକାର ଲୋକଙ୍କ ପାଇଁ ଇତିହାସ, ସଂସ୍କୃତି, ପ୍ରତ୍ନତତ୍ତ୍ୱ ଆଦି ଦୃଷ୍ଟିରୁ ଅନେକ ମହତ୍ତ୍ୱ ରଖେ ବୋଲି ଥାଇଲାଣ୍ଡ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏସିଆନ ଆର୍ଟ ମ୍ୟୁଜିୟମର ନିର୍ଦ୍ଦେଶକ ରବର୍ଟ ମିଣ୍ଟଜ୍ କଳାକୃତି ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ କରିଛନ୍ତି।


## classifieds Everyday

0674-2580101, 2549302




**GROOM WANTED**

Bride 37+ wanted for Brahmin boy 41, 5'4", Business Consultant (Mumbai), B.Com., MBA, Contact: 8763301611. D-70454

Manager ପଦବୀରେ କାର୍ଯ୍ୟରତ ଗୋଟିଏ କନ୍ୟା ଥିବା 45 ବୟସ୍କା କରଣ ବିଧବା ଚାକିରିଆ ଝିଅଙ୍କୁ ବରପାତ୍ର ଦରକାର। 7681044808. D-67595




**SALE**

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891. D-20685

Residential Plots at Nakhara (Anantapur) Dadhichi, Madanpur (Opp.) GEC, Sundarpada (Balabhadrapur), Rangabazar, Pahala. 7978209813. D-70848

1/2/3BHK ready to move apartment for sale at DHPL Enclave-2, Kalarahanga. Contact: 9937059891. D-20803




Contact for House Construction and InteriorDesign(Modular Kitchen/TV Unit/ Wardrobe) from the experts -7008550473. D-20795

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




1BHK family accommodation Satabdi Nagar (Unit-8), Bhubaneswar. 9238306267, 9980400668, Rent: 7800/-. D-20800




Monalisa massage club : All types body massage with hiprofile smart lady rooms service available 9708545108. D-20791

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରୋ ରଙ୍ଗୀନ
ଟ୪୨୦/-ରୋ (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା, ୩ ଗିରଫ

ବାଣପୁର,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ସରଳସିଂ ଗ୍ରାମରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ବିଷ ପିଆଇ ହତ୍ୟା କରାଯାଇଛି। ମୃତା ହେଲେ ଏହି ଥାନା ଅଧୀନ ଗମ୍ଭାରୀମୁଣ୍ଡା ନିକଟ ଭଗବତୀପୁର ଗ୍ରାମର କିଶୋର ପରିଡ଼ାଙ୍କ ଝିଅ ଝରଣା। ଏନେଇ ଝରଣାଙ୍କ ମା’ ମଣି ପରିଡ଼ାଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୪୯୮ଏ, ୩୦୨, ୩୦୪ବି, ୩୪ଆଇପିସିରେ ଏକ ହତ୍ୟା ମାମଲା (ନଂ.୧୮୮/୨୧) ରୁଜୁକରି ଶନିବାର ସ୍ୱାମୀ ରାଜୀବ ନାୟକ, ଦେଢ଼ଶୁର ଓ ଶାଶୁଙ୍କୁ ଗିରଫ କରିଛି। ଅନ୍ୟପଟେ କରୋନା ସଂକ୍ରମଣ ଭୟରେ ସମ୍ପର୍କୀୟଙ୍କ ଅସହଯୋଗ ଯୋଗୁ ପୋଲିସ ସହାୟତାରେ ମୃତଦେହ ସଂସ୍କାର କରାଯାଇଛି।

## ସଂକ୍ଷେପରେ

### ଓଜନ ହେଲେ ୩ ବାଘଛୁଆ

ବାରଙ୍ଗ,୨୯।୫(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ସେଫ୍ ଓ ବିଜୟା ଔରସରୁ ଜନ୍ମଗ୍ରହଣ କରିଥିବା ୩ଟି ବାଘଛୁଆଙ୍କର ଓଜନ କରାଯିବା ସହ ପ୍ରଥମକରି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ମା’ ବିଜୟା ସହ ରହୁଥିବା ଏହି ୩ ଛୁଆଙ୍କର ସ୍ୱାସ୍ଥ୍ୟପରୀକ୍ଷା ନନ୍ଦନକାନନ ଡାକ୍ତରମାନଙ୍କ ଦ୍ୱାରା କରାଯାଇଛି। ୬୦ଦିନ ପରେ ସେମାନଙ୍କର ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିବାବେଳେ ଲିଙ୍ଗନିରୂପଣ କରାଯାଇଥିବାରୁ ଅଣ୍ଡିରା ବୋଲି ଜଣାପଡିଛି। ଏହି ୩ ଶାବକଙ୍କୁ ପ୍ରତିଷେଧକ ଫେଲିଜେନ୍ ଟିକା ଦିଆଯାଇଛି। ଗତ ମାର୍ଚ୍ଚ ୨୮ ତାରିଖରେ ବିଜୟା ଏହି ୩ଟି ଛୁଆକୁ ଜନ୍ମ ଦେଇଥିଲା। ଏବେ ନନ୍ଦନକାନନରେ ବାଘ ସଂଖ୍ୟା ୨୭ରେ ପହଞ୍ଚିଥିବା ଜଣାପଡିଛି।

### ସଚେତନ କଲେ, ମାସ୍କ ବାଣ୍ଟିଲେ ପୋଲିସ କମିଶନର

ବାରଙ୍ଗ,୨୯।୫(ଡି.ଏନ୍.ଏ.): ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଶନିବାର ସନ୍ଧ୍ୟାରେ ଅଚାନକ ନନ୍ଦନକାନନ ଥାନାରେ ପହଞ୍ଚିଥିଲେ। କମିଶନର ଥାନା ସାମ୍ନାରେ ହୋଇଥିବା ଚେକ୍ ପୋଷ୍ଟକୁ ଯାଇ ସେଠାରେ କାର୍ଯ୍ୟରତ ପୋଲିସ କର୍ମଚାରୀମାନଙ୍କୁ ସଚେତନ କରିବା ସହ ଖାଦ୍ୟ, ମାସ୍କ ଓ ସାନିଟାଇଜର ପ୍ରଦାନ କରିଥିଲେ। ହଠାତ କମିଶନରଙ୍କୁ ଦେଖି ଚେକ୍ ପୋଷ୍ଟରେ ଥିବା କର୍ମଚାରୀମାନେ ଖୁସି ହୋଇଥିଲେ। କମିଶନର କିଛି ସମୟ ସେମାନଙ୍କ ସହ କଥାବାର୍ତ୍ତା କରି ଫେରିଥିଲେ।

### ସୁନାଦେଇ ମନ୍ଦିରରୁ ଚୋରି

ବାରଙ୍ଗ,୨୯।୫(ଡି.ଏନ୍.ଏ.): ବାରଙ୍ଗ ଥାନା ଅନ୍ତର୍ଗତ ବଛିପୁର ଗ୍ରାମର ଗ୍ରାମଦେବତୀ ମା’ ସୁନାଦେଇ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଶନିବାର ଅଭିଯୋଗ ହୋଇଛି। ଚୋରମାନେ ମନ୍ଦିରର ତାଲାଭାଙ୍ଗି ସୁନା ଅଳଙ୍କାର ସମେତ ସମସ୍ତ ପୂଜା ସାମଗ୍ରୀ ନେଇଯାଇଛନ୍ତି। ମନ୍ଦିରଟି ଗାଁଠାରୁ ଟିକେ ଦୂର ଗହୀର ମଝିରେ ହୋଇଥିବାରୁ ଚୋରମାନେ ମା’ଙ୍କର ୨ଟି ସୁନା ଓ ୨ଟି ରୁପା ଆଖି, ନୋଥ, ଘଣ୍ଟିଘଣ୍ଟା ସମେତ ଦାନବାକ୍ସ ଆଦି ନେଇଯାଇଥିବା ମନ୍ଦିର କମିଟି ପକ୍ଷରୁ ଥାନାକୁ ସୂଚାଇ ଦିଆଯାଇଛି।

### ଶଟ୍‌ଡାଉନରେ ଚୋରି ବଢୁଛି

ଭୁବନେଶ୍ୱର,୨୯।୫(ବ୍ୟୁରୋ): ଲକ୍‌ଡାଉନର ସୁଯୋଗ ନେଇ ସହରରେ ଏବେ ଚୋରମାନେ ଉତ୍ପାତ କରୁଛନ୍ତି। ବିଶେଷକରି ସେମାନେ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନକୁ ଟାର୍ଗେଟ କରୁଛନ୍ତି। ଦିନରେ ନଜର କରିବା ସହ ରାତିରେ ଚୋରି କରୁଛନ୍ତି। ଖାରବେଳନଗର ଥାନା ଅଞ୍ଚଳରେ ଥିବା ଏକ ଦୋକାନରୁ ଦାମୀ ଚକୋଲେଟ ସହ ଟଙ୍କା ଚୋରି ହୋଇଥିବା ନେଇ ଦୋକାନ ମାଲିକ ସଂଗ୍ରାମ ସିଂ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୧୬୭/୨୧) ରୁଜୁ କରି ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ସତ୍ୟନଗର ପିଏଚ୍‌ଡି କଲୋନୀରେ ରହୁଥିବା ରହୁଥିବା ସଂଗ୍ରାମ ଉତ୍କଳ ଦୃଷ୍ଟିହୀନ ସଂଘ କାର୍ଯ୍ୟାଳୟ ନିକଟରେ ଏକ ଦୋକାନ କରିଛନ୍ତି। ଗୁରୁବାର ରାତିରେ କେତେଜଣ ଚୋର ଦୋକାନର ତାଡ଼ି ଭିତରକୁ ପଶିବା ସହ ୩୦ ହଜାର ଟଙ୍କାର ସାମଗ୍ରୀ ଓ ନଗଦ ୨ ହଜାର ଟଙ୍କା ଚୋରି କରିନେଇଥିଲେ।

### ଡ୍ୟାମ୍‌ରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ବାଣପୁର,୨୯।୫(ଡି.ଏନ୍.ଏ.): ଡ୍ୟାମରେ ବୁଡ଼ି ଶନିବାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଖଣ୍ଡିଆନାଳ ଗ୍ରାମର ସହଦେବ ଶବରଙ୍କ ପୁଅ ପ୍ରଦୀପ ଶବର(୧୫)। ସୂଚନା ମୁତାବକ, ବାଣପୁର ଥାନା ଅଧୀନ ନୀଳାଦ୍ରିପ୍ରସାଦ ପଞ୍ଚାୟତର ଖାରିଆପଲ୍ଲୀ ଗ୍ରାମ ମାଉସୀ ଘରକୁ କିଛି ଦିନ ହେବ ପ୍ରଦୀପ ଆସିଥିଲେ। ଶନିବାର ଅପରାହ୍ନ ପ୍ରାୟ ୨ଟାରେ ଗାଁର ଦୁଇ ଜଣ ନାବାଳକଙ୍କ ସହ ପ୍ରଦୀପ ଗ୍ରାମ ନିକଟ ଏକ ଡ୍ୟାମକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ପ୍ରଦୀପଙ୍କ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଏହା ଦେଖି ଅନ୍ୟ ଦୁଇ ଜଣ ତାଙ୍କ ମାଉସୀଙ୍କ ଘରେ ଜଣାଇଥିଲେ। ଖବରପାଇ ଅଗ୍ନିଶମ କେନ୍ଦ୍ର ଅଧିକାରୀ ବିବେକାନନ୍ଦ ଦାସ ସଦଳବଳ ପହଞ୍ଚି ପ୍ରଦୀପଙ୍କୁ ପାଣିରୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିନା କାର୍ଯ୍ୟାନୁଷ୍ଠାନରେ ‘ଅପରେଶନ କ୍ଲିନ୍ ଅପ୍’

## ଭେଳିକି କରୁଛି ଜେଲ ବିଭାଗ

ଭୁବନେଶ୍ୱର, ୨୯।୫(ବ୍ୟୁରୋ)




ରାଜ୍ୟର ବିଭିନ୍ନ ଜେଲରେ ଚାଲିଛି ଅପରାଧୀଙ୍କ ରାଜ୍। ଜେଲ୍‌ର ସେଲ୍ ଭିତରୁ ହେଉଛି ଅପରାଧର ବ୍ଲୁ ପ୍ରିଣ୍ଟ୍। ବାହାରେ ଫୁଟୁଛି ଗୁଳି, ଗଡୁଛି ମୁଣ୍ଡ। ମୋବାଇଲ୍ ଫୋନ୍ ମାଧ୍ୟମରେ ଅପରାଧୀମାନେ ଅପରାଧ ନିୟନ୍ତ୍ରଣ କରୁଥିବାବେଳେ ନିଶା ସେବନ କରି ମଉଜ କରିବା ଘଟଣାର ଅନେକ ନଜିର ରହିଛି। ସ୍ଥିତି ବିଗିଡ଼ିଯିବା ପରେ ଏବେ ଶୋଇଯାଇଥିବା ଜେଲ ବିଭାଗ ଏବେ ଆରମ୍ଭ କରିଛି ‘ଅପରେଶନ କ୍ଲିନ୍ ଅପ୍’। ଚଢ଼ାଉ ଚାଲିଥିବାବେଳେ ଜେଲରୁ ଫୁଲାଫୁଲା ମୋବାଇଲ୍ ଫୋନ୍, ନିଶାଦ୍ରବ୍ୟ ସାଙ୍ଗକୁ ବିଭିନ୍ନ ବେଆଇନ ସାମଗ୍ରୀ ବିଭାଗର ନିଦ ହଜାଇ ଦେଇଛି। ତେବେ ମାସାଧିକ କାଳ କେବଳ ଚଢ଼ାଉ ଚାଲିଥିଲେ ମଧ୍ୟ କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ଉପରେ ଏଯାଏ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଜେଲ ବିଭାଗର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜେଲ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଚାଲିଛି ‘ଅପରେଶନ କ୍ଲିନ୍ ଅପ୍’। ଜେଲକୁ ନିଶା କାରବାର ଓ ମୋବାଇଲ ଫୋନ୍ ମୁକ୍ତ କରିବା ପର୍ଯ୍ୟନ୍ତ ଏପରି ଅଭିଯାନ ଚାଲୁ ରହିବ ବୋଲି ମୁଖ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ହେଲେ ଝାରପଡ଼ା ସ୍ପେଶାଲ ଜେଲରୁ କେବଳ ମାସକ ଭିତରେ ୨୧ ମୋବାଇଲ୍ ଫୋନ୍, ନିଶାଦ୍ରବ୍ୟ ମିଳିଥିଲେ ମଧ୍ୟ ଏସବୁ ଭିତରକୁ କିପରି ଗଲା ତାହାର ଉତ୍ତର ବିଭାଗୀୟ ଅଧିକାରୀଙ୍କ ପାଖରେ ନାହିଁ। ଜବତ ମୋବାଇଲ୍ ଫୋନ୍‌ରେ ବାରମ୍ବାର ଭଏସ୍ କଲ୍, ମେସେଜ୍, ଭିଡିଓ କଲିଂ ହୋଇଛି। ଟେକ୍ନୋଲୋଜି କ୍ଷେତ୍ରରେ ଓଡ଼ିଶା ପୋଲିସ ଦକ୍ଷତା ହାସଲ କରିଥିବାବେଳେ କିପରି କାହାକୁ ଧରାଯାଇପାରୁନି ତାହା ରହସ୍ୟମୟ ହୋଇଯାଉଛି। ଏସବୁ ଘଟଣାରେ ଦାୟିତ୍ୱରେ ରହୁଥିବା ବରିଷ୍ଠ ଅଧିକାରୀଙ୍କର ପ୍ରମୁଖ ଭୂମିକା ରହୁଥିବାରୁ ପଦକ୍ଷେପ ନିଆଯାଉ ନ ଥିବା ଚର୍ଚ୍ଚା ଚାଲିଛି। କାରଣ ଏଠାରେ ରହୁଥିବା ଦୁର୍ଦ୍ଦାନ୍ତ ଅପରାଧୀ ଓ ହାଇପ୍ରୋଫାଇଲ୍ କଏଦୀଙ୍କ ସେଲ୍ ନିକଟରୁ ହିଁ ଅଧିକାଂଶ ମୋବାଇଲ୍ ଫୋନ୍ ମିଳିଛି। ତଦନ୍ତ ଚାଲୁଥିବା କହି ବିଭାଗୀୟ ଅଧିକାରୀ ସଫେଇ ଦେଉଥିବାବେଳେ ଭିତରେ ଦୋଷ ଠେଲାଠେଲି ଚାଲିଥିବା ସୂଚନା ମିଳିଛି। ଜେଲ ନିୟମ ଅନୁସାରେ, କୌଣସି ଅଭିଯୁକ୍ତ ବା କଏଦୀ ଜେଲ ଭିତରକୁ ଯିବାବେଳେ କ୍ୟାମେରା ସମ୍ମୁଖରେ ତନ୍ନତନ୍ନ କରି ଯାଞ୍ଚ କରାଯାଇଥାଏ। ଏଥିସହ କର୍ମଚାରୀମାନେ ନିୟମିତ ଜେଲ୍ ଭିତରେ ନିରୀକ୍ଷଣ ଓ ଯାଞ୍ଚ କରନ୍ତି। କଏଦୀଙ୍କ ପରିବାର ଲୋକେ ଖାଦ୍ୟ ପଠାଇଲେ ତାହା ବି ଯାଞ୍ଚ କରାଯାଇ ଭିତରକୁ ଯାଇଥାଏ। ସନ୍ଦେହ ହେଲେ ରଖିଦିଆଯାଇଥାଏ। ପ୍ରବେଶ ପଥରେ କଡ଼ା ଯାଞ୍ଚ ସହ ଚାରିପଟେ ସୁଉଚ୍ଚ ପ୍ରାଚୀର ଘେରି ରହିଥିବାବେଳେ ଭିତରକୁ ମୋବାଇଲ ଫୋନ୍ ଓ ନିଶାଦ୍ରବ୍ୟ ଭଳି ବେଆଇନ ସାମଗ୍ରୀ କିପରି ଯାଉଛି ତାହାର ବଡ଼ ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

> “ ଝାରପଡା ସ୍ୱତନ୍ତ୍ର କାରାଗାରରେ ବାରମ୍ବାର ଚଢ଼ାଉ କରାଯାଇ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏନେଇ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ସିସିଟିଭି ଯାଞ୍ଚ କରାଯାଇ ତଦନ୍ତ କରାଯାଉଛି। ତେବେ ଏଗୁଡିକ କେବଳ ଜେଲ ଫାଟକ ଦେଇ ନୁହେଁ, ପାଚେରିପଟେ ବି କେହି ଫିଙ୍ଗି ଦେଇଥାଇପାରେ। ଏନେଇ ‘ଅପରେଶନ କ୍ଲିନ ଅପ୍’ ଜରିଆରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଚାଲୁଛି। ଆମେ ପେସାଗତଭାବେ କାର୍ଯ୍ୟ କରୁଛୁ।
>
> **–ହିମାଂଶୁ ଲାଲ, ଆଇଜି, ଜେଲ ବିଭାଗ**

## ଝାରପଡ଼ା ଜେଲରୁ ପୁଣି ବାହାରିଲା ମୋବାଇଲ, ଗଞ୍ଜେଇ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ଝାରପଡା ସ୍ପେଶାଲ ଜେଲରୁ ପୁଣି ବିପୁଳ ବେଆଇନ ସାମଗ୍ରୀ ମିଳିଛି। ‘ଅପରେଶନ କ୍ଲିନ୍ ଅପ୍’ରେ ଚଢ଼ାଉବେଳେ ଜେଲ ପରିସରରୁ ବିଭିନ୍ନ ସ୍ଥାନକୁ ଯାଞ୍ଚ କରାଯାଇଥିଲା। ୧ ନମ୍ବର ଓ ୧୫ ନମ୍ବର ୱାର୍ଡ, ଡାଇନିଂ ହଲ ପଛପଟୁ ୬ ମୋବାଇଲ ଫୋନ, ୪ ସିମ୍ କାର୍ଡ, ୫ ଚାର୍ଜର, ଗୋଟିଏ ପେନ୍‌ଡ୍ରାଇଭ, ୫ ମୋବାଇଲ ବ୍ୟାଟେରି ଓ ୨୫୦ ଗ୍ରାମର ଗଞ୍ଜେଇ ମିଳିଛି। ଏସବୁକୁ ଜବତ କରିବା ପରେ ଜେଲ କର୍ତ୍ତୃପକ୍ଷ ଲକ୍ଷ୍ମୀସାଗର ଥାନାକୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପଟେ ଜବତ ଗଞ୍ଜେଇକୁ ଓଡ଼ିଶା ମଡେଲ ଜେଲ ମାନୁଆଲ-୨୦୨୦ ଅନୁସାରେ ନଷ୍ଟ କରାଯାଇଛି ବୋଲି ଜେଲ ବିଭାଗ ମୁଖ୍ୟାଳୟ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି।

**୬ ଫୋନ୍, ୪ ସିମ୍ କାର୍ଡ, ୫ ଚାର୍ଜର, ଗୋଟିଏ ପେନ୍ ଡ୍ରାଇଭ୍, ୫ ବ୍ୟାଟେରି ଓ ୨୫୦ ଗ୍ରାମ୍‌ର ଗଞ୍ଜେଇ ଜବତ**

## ସନ୍ଦେହରେ ପୁରୁଣା କର୍ମଚାରୀ

ଗୋଟିଏ ଜେଲରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଉପରେ ଏବେ ସନ୍ଦେହ ବଢ଼ିଛି। ସେମାନେ କଏଦୀଙ୍କଠାରୁ ମୋଟା ଟଙ୍କା ନେଇ ବେଆଇନ ସାମଗ୍ରୀ ଭିତରକୁ ନେବାକୁ ସୁଯୋଗ ଦେଉଥିବା ଶୁଣାଯାଉଛି। ନିକଟରେ ଝାରପଡ଼ା ଜେଲ ଭିତରେ ଜଣେ କର୍ମଚାରୀ କଏଦୀଙ୍କଠାରୁ ଟଙ୍କା ନେଉଥିବାର ଭିଡିଓ ଭାଇରାଲ ହୋଇଥିଲା। ଏହାସତ୍ତ୍ୱେ ଏହା ଉପରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ନିୟମ ମୁତାବକ, ୩ରୁ ୪ ବର୍ଷ ବ୍ୟବଧାନରେ ଜେଲ୍‌ର କର୍ମଚାରୀଙ୍କ ବଦଳି ହେବା କଥା। କିନ୍ତୁ ଝାରପଡା ଜେଲରେ କେତେଜଣ କର୍ମଚାରୀ ୧୦ବର୍ଷରୁ ଅଧିକ ହେବ ଗାଦି ଛାଡୁ ନ ଥିବା ଜଣାପଡିଛି। ଏପରି କି ଜଣେ ଜେଲର ପଦୋନ୍ନତି ପରେ ଅନ୍ୟ କେଉଁଠାକୁ ନ ଯାଇ ସୁପରିଣ୍ଟେଣ୍ଡେଣ୍ଟ ଚୌକିରେ ବସି ରହିଥିଲେ। ତାଙ୍କର ବଦଳି ପରେ ଚଢ଼ାଉ ହେବାରୁ ଜେଲ ଭିତରର ଅସଲ ଚିତ୍ର ଏବେ ପଦାକୁ ଆସୁଛି।



ଶନିବାର ଶଟ୍‌ଡାଉନ୍‌ରେ ପୁରୀ ବାଇପାସ୍ ରୋଡ୍ ଜନଶୂନ୍ୟ।

## ଘର ଘର ବୁଲି ଆରମ୍ଭ ହେଲା ସର୍ବେକ୍ଷଣ

ବାରଙ୍ଗ,୨୯।୫(ଡି.ଏନ୍.ଏ.)

କରୋନା ମୁକାବିଲା ପାଇଁ ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତତ୍ତ୍ୱାବଧାନରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ଓ କରୋନା ସର୍ବେକ୍ଷଣ ଅଭିଯାନ ଶନିବାର ଆରମ୍ଭ ହୋଇଛି। ଗ୍ରାମାଞ୍ଚଳରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ୍‌ଙ୍କ ଦ୍ୱାରା ଘରକୁ ଘର ଯାଇ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଶନିବାର ସକାଳେ ରଘୁନାଥପୁର, କଳାରାହଙ୍ଗ, ବରିମୁଣ୍ଡ, କଲ୍ୟାଣପୁର ଓ ଦାଢା ଆଦି ୫ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ସର୍ବେକ୍ଷଣ କରୁଥିବାର ଦେଖିବାକୁ ମିଳିଛି। ଦାଢା ପଞ୍ଚାୟତର ଭଗବତୀ ନଗରର ୫ନଂ ଓ୍ୱାର୍ଡକୁ ଅଙ୍ଗନୱାଡି କର୍ମୀ ଜ୍ୟୋସ୍ନାରାଣୀ ପରିଡା, ସାଗରିକା ଭଞ୍ଜ, ଆଶାକର୍ମୀ ବାସନ୍ତୀ ଦାସ ପ୍ରମୁଖ ଲୋକମାନଙ୍କର ଥଣ୍ଡା, ଜ୍ୱର, କାଶ ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଥିଲେ।

## ପ୍ରଧାନମନ୍ତ୍ରୀ, ପ୍ରଧାନ ବିଚାରପତିଙ୍କୁ ଇପିଏଫ୍ ପେନ୍‌ସନର୍ସ ସଂଘର ଚିଠି

କଟକ,୨୯।୫

ଓଡିଶା ସମେତ ସାରା ଦେଶରେ ପ୍ରାୟ ୬୭ ଲକ୍ଷ ଇପିଏଫ୍ ପେନ୍‌ସନଭୋଗୀ ଅଛନ୍ତି। ଏହି ବରିଷ୍ଠ ପେନ୍‌ସନଭୋଗୀଙ୍କୁ ସାମାଜିକ ସୁରକ୍ଷା ଓ ନ୍ୟାୟ ପ୍ରଦାନ ପାଇଁ ଅଲଓଡିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ପ୍ରଧାନ ବିଚାରପତିଙ୍କୁ ସଂଘ ଏକ ଚିଠି ଲେଖିଛି। ଏହି ପେନ୍‌ସନଭୋଗୀମାନେ ମାସିକ ମାତ୍ର ୩୦୦ରୁ ୩୦୦୦ଟଙ୍କାର ପେନ୍‌ସନ ପାଉଛନ୍ତି। ତେଣୁ ଏତେ କମ ଟଙ୍କାରେ ସେମାନେ କିପରି ଚଳିବେ ବୋଲି ସେ ନେଇ ଚିଠିରେ ଉଲ୍ଲେଖ କରାଯାଇଛି। ସେହିଭଳି ୨୦୧୩ରେ ଖୋସିୟାରୀ କମିଟିର ସୁପାରିଶ ଅନୁସାରେ ସର୍ବନିମ୍ନ ମାସିକ ୯ହଜାର ଟଙ୍କା ପେନସନ ଦିଆଯାଉ ବୋଲି ସଂଘ ପ୍ରଧାନମନ୍ତ୍ରୀଙ୍କୁ ଚିଠିରେ ଅନୁରୋଧ କରିଛି। ସଂଘ ପୂର୍ବରୁ ଏ ସମ୍ପର୍କରେ ବିଭିନ୍ନ ମାଧ୍ୟମରେ ଦାବି ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେସବୁ ଉପରେ କିଛି ପଦକ୍ଷେପ ନିଆଯାଇନାହିଁ। ସେହିପରି କର୍ମଚାରୀ ଭବିଷ୍ୟନିଧି ସଂଗଠନର ୨୦୧୯-୨୦ ଆର୍ଥିକ ବର୍ଷର ବାର୍ଷିକ ରିପୋର୍ଟ ଅନୁସାରେ ଇପିଏଫ ପେନସନଭୋଗୀଙ୍କ ୫୫୦ କୋଟିର ଗଚ୍ଛିତ ଅର୍ଥରାଶିରୁ ସେହିବର୍ଷ ପ୍ରାୟ ୩୯ହଜାର କୋଟି ସୁଧ ଆକାରରେ ମିଳିଛି। ସେହି ଅର୍ଥରୁ ପେନସନ ବାବଦରେ ମାତ୍ର ୧୧ହଜାର କୋଟି ଖର୍ଚ୍ଚ ହୋଇଛି। ଏହା ଉକ୍ତ ରାଶିର ମାତ୍ର ୨୯% ବୋଲି ସଂଘ ସୂଚନା ଦେଇଛି। ଅନ୍ୟ ପକ୍ଷରେ ୨୦୧୬ ଅକ୍ଟୋବର ୪ରେ ଆର.ସି ଗୁପ୍ତା ବନାମ କେନ୍ଦ୍ର ସରକାରଙ୍କ କେସକୁ ବିଚାରକୁ ନେଇ ସୁପ୍ରିମକୋର୍ଟ ଇପିଏଫ ପେନସନଭୋଗୀଙ୍କୁ ସେମାନଙ୍କର ପ୍ରକୃତ ଦରମାକୁ ହିସାବକୁ ନେଇ ବର୍ଦ୍ଧିତ ପେନସନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କେନ୍ଦ୍ର ସରକାର ଓ ଇପିଏଫ କର୍ତ୍ତୃପକ୍ଷ ଏହାକୁ ନ୍ୟାୟଳୟକୁ ନେଇ ଦିନ ଗଡାଉଛନ୍ତି ବୋଲି ସଂଘ କହିଛି।

## ଏନ୍‌ଏଚ୍‌ଆର୍‌ସିଙ୍କ ତାଗିଦ ପରେ ମିଳିଲା ସହାୟତା ରାଶି

### ପୋଲସରା ନାବାଳିକା ଗଣବଳାତ୍କାର ଘଟଣା

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ୮ବର୍ଷର ନାବାଳିକାଙ୍କୁ ଗଣବଳାତ୍କାର ଘଟଣାର ତିନିବର୍ଷ ପରେ ପୀଡ଼ିତାଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) କ୍ଷୋଭ ପ୍ରକାଶ କରିବା ସହ ଗଞ୍ଜାମ ଏସ୍‌ପିଙ୍କୁ ତାଗିଦ୍ କରିଥିଲେ। ଏହାପରେ ଘଟଣାରେ ସମ୍ପୃକ୍ତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ପୀଡିତାଙ୍କୁ ୩.୫ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିବା କମିଶନଙ୍କ ନିକଟରେ ଏସ୍‌ପି ଦାଖଲ କରିଥିବା ରିପୋର୍ଟରୁ ଜଣାପଡ଼ିଛି।
ସୂଚନା ଯୋଗ୍ୟ, ୨୦୧୮ ଅକ୍ଟୋବର ୩୧ରେ ପୀଡ଼ିତା ନାବାଳିକା ଶୋଇଥିବାବେଳେ ତିନିରୁ ଊର୍ଦ୍ଧ୍ୱ ବ୍ୟକ୍ତି ଘରେ ପଶି ଜିନିଷପତ୍ର ଲୁଟିନେବା ସହ ତାଙ୍କୁ ଉଠାଇ ନେଇ ନିକଟ ପଡ଼ିଆରେ ଗଣବଳାତ୍କାର କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ମୁଖପାତ୍ର ତଥା ଆଇନଜୀବୀ ନିଶିକାନ୍ତ ମିଶ୍ର ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ ଦାଖଲ କରିଥିଲେ। ଘଟଣାର ତିନିବର୍ଷ ପରେ ବି କମ୍ପେନ୍‌ସେଶନ ଆକ୍ଟ ଅନୁଯାୟୀ କ୍ଷତିପୂରଣ ବାବଦରେ କୌଣସି ତଥ୍ୟ ଦାଖଲ କରାଯାଇ ନ ଥିବାରୁ କମିଶନ ଏସ୍‌ପିଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଆଇପିସି ଦଫା ୧୭୫ ଓ ୧୭୬ ଅନୁଯାୟୀ ଏସ୍‌ପିଙ୍କ ବିରୋଧରେ କ୍ରିମିନାଲ ପ୍ରୋସିଡିଂ କରିବାକୁ କମିଶନ ବାଧ୍ୟହେବେ ବୋଲି କହିଥିଲେ। ଏଥିସହିତ ଏନ୍‌ଏଚ୍‌ଆର୍‌ସି ସେକ୍ସନ ୧୩ ଆଧାରରେ ବ୍ୟକ୍ତିଗତ ହାଜର ପାଇଁ ଏପ୍ରିଲ୍ ୨୯ରେ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଖବରଦାତାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବାଲିପାଟଣା,୨୯।୫(ଡି.ଏନ୍.ଏ.)

ବାଲିପାଟଣା ବ୍ଲକରେ କାର୍ଯ୍ୟରତ ଜଣେ ଖବରଦାତାଙ୍କୁ ଅଗ୍ନିଶମ ବିଭାଗ ଅଧିକାରୀ ଦୁର୍ବ୍ୟବହାର କରିଥିବା ନେଇ ଶନିବାର ଅଭିଯୋଗ ହୋଇଛି। ଖବରଦାତା ଜଣକ ଏକ ଘଟଣା ସମ୍ପର୍କରେ ତଥ୍ୟ ଜାଣିବାକୁ ବାଲିପାଟଣା ଅଗ୍ନିଶମ ବିଭାଗ ଅଧିକାରୀଙ୍କୁ ଫୋନ କରିଥିଲେ। ହେଲେ ଦୁଇ ବର୍ଷ ପରେ କାହିଁକି ପଚାରୁଛ, କେବଳ ସ୍ୱାର୍ଥ ପାଇଁ ଖବରଦାତାମାନେ କାର୍ଯ୍ୟ କରନ୍ତି କହିବା ସହ ଘଟଣାର ତଥ୍ୟ ନ ଦେଇ ଫୋନ ରଖିଦେଇଥିଲେ। ଏନେଇ ବାଲିପାଟଣା ପ୍ରେସ କ୍ଲବ ପକ୍ଷରୁ ଅଗ୍ନିଶମ ଅଧିକାରୀଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଛି। ଘଟଣାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଖବରଦାତାଙ୍କୁ ସରକାରୀ କର୍ମଚାରୀମାନେ ମାଡ଼ ମାରିବା ସହ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏହାର ଦୃଢ଼ ପ୍ରତିବାଦ କରାଯିବ ବୋଲି ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା କହିଛନ୍ତି।

## ଆଜି ଜୁଆଙ୍ଗ ଜନଜାତିଙ୍କ ଜୀବନଶୈଳୀକୁ ଭର୍ଚୁଆଲରେ ଦେଖିବେ ଦର୍ଶକ

ଭୁବନେଶ୍ୱର,୨୯।୫(ବ୍ୟୁରୋ)



ଓଡ଼ିଶାର ଆଦିମ ଜନଜାତିଙ୍କ ମଧ୍ୟରେ ଜୁଆଙ୍ଗ ହେଉଛନ୍ତି ଅନ୍ୟତମ। ପାର୍ବତ୍ୟାଞ୍ଚଳରେ ରହୁଥିବା ଜୁଆଙ୍ଗମାନେ ଏବେ ମଧ୍ୟ ପୋଡୁ ଚାଷ କରୁଥିବାବେଳେ ସମତଳ ଅଞ୍ଚଳରେ ବାସ କରୁଥିବା ଜୁଆଙ୍ଗମାନେ ବିଶେଷତଃ କୃଷି ଉପରେ ନିର୍ଭରଶୀଳ। କେନ୍ଦୁଝରର ଗୋନାସିକା ପର୍ବତମାଳାର ଜୁଆଙ୍ଗ ‘ପିଢ଼’କୁ ଏହି ଜନଜାତି ସେମାନଙ୍କର ଜନ୍ମଭୂମି ଭାବେ ଗ୍ରହଣ କରିଥାନ୍ତି। ଏହି ଅଞ୍ଚଳର ଜୁଆଙ୍ଗ ଥାନିଆ (ମୂଳ ଅଧିବାସୀ) ନାମରେ ନାମିତ। ସେହିଭଳି କେନ୍ଦୁଝର ଓ ଢେଙ୍କାନାଳ ଜିଲାରେ ବାସ କରୁଥିବା ଜୁଆଙ୍ଗକୁ ‘ଭାଗୁଡ଼ିଆ’ ନାମରେ ନାମିତ କରାଯାଇଛି। ଏହି ସମାଜର ମୁଖ୍ୟ ହେଉଛି ସେମାନଙ୍କ ପାରମ୍ପରିକ ଡରମିଟୋରି, ମଜାଙ୍ଗ କିମ୍ବା ମନ୍ଦାଘର। ଜୁଆଙ୍ଗ ସମ୍ପ୍ରଦାୟଙ୍କ ଜୀବନଶୈଳୀ, ସଂସ୍କୃତି ସହ ଏହିପରି ଅନେକ ତଥ୍ୟ ସମ୍ପର୍କରେ ଜାଣିବା ପାଇଁ ଦର୍ଶକମାନେ ରବିବାର ଫେସବୁକ୍ ଓ ଟୁଇଟର ପେଜ୍ @stscdev, @sc-strti ଖୋଲି ଦେଖିପାରିବେ ବୋଲି ଏସ୍‌ସି-ଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ସୂଚନା ଦେଇଛନ୍ତି। ମହାମାରୀ କରୋନା କାରଣରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍‌ସିଏସ୍‌ଟିଆର୍‌ଟିଆଇ ପରିସରରେ ଥିବା ଜନଜାତି ସଂଗ୍ରହାଳୟ ପର୍ଯ୍ୟଟକମାନଙ୍କ ନିମନ୍ତେ ବନ୍ଦ ରହିଛି। ତେବେ ବିଭାଗ ପକ୍ଷରୁ ଭର୍ଚୁଆଲ ମୋଡ୍‌ରେ ପ୍ରତି ରବିବାର ସଂଗ୍ରହାଳୟକୁ ବୁଲିବାର ବ୍ୟବସ୍ଥା କରାଯାଇଛି।

## ପାଣ୍ଡରା ଛକକୁ ଯିବ ରସୁଲଗଡ଼ ଫାଣ୍ଡି

### ଖୁବଶୀଘ୍ର ଉଦ୍‌ଘାଟନ

ଭୁବନେଶ୍ୱର,୨୯।୫(ବ୍ୟୁରୋ)



ମଞ୍ଚେଶ୍ୱର ଥାନା ଅଧୀନରେ କାର୍ଯ୍ୟ କରୁଥିବା ରସୁଲଗଡ଼ ଫାଣ୍ଡି ପାଣ୍ଡରା ଛକକୁ ସ୍ଥାନାନ୍ତର ହେବ। ଏଥିପାଇଁ ପାଣ୍ଡରା ଛକରେ ୨ ମହଲା ବିଶିଷ୍ଟ କୋଠାର ନିର୍ମାଣ ସରିଛି। ଜୁନ୍ ମାସରେ ଉକ୍ତ କୋଠା ଉଦ୍‌ଘାଟନ ହେବା ସହ ସେହିଠାରେ ହିଁ ଫାଣ୍ଡି କାର୍ଯ୍ୟ କରିବ। ବର୍ତ୍ତମାନ ରସୁଲଗଡ଼ ଛକସ୍ଥିତ ଏକ ଆଜ୍‌ବେଷ୍ଟସ ଘରେ ଫାଣ୍ଡି ଚାଲିଛି। ଥାନାଞ୍ଚଳରେ ଜନବସତି ବଢ଼ୁଥିବାରୁ ଭୌଗୋଳିକ ଦୃଷ୍ଟିକୋଣରୁ ଆଇନଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଫାଣ୍ଡିର କ୍ଷମତାକୁ ଆହୁରି ବଢ଼ାଇବାକୁ ଏପରି ପଦକ୍ଷେପ ନିଆଯାଇଛି। ସ୍ଥାନାନ୍ତର ପରେ ଫାଣ୍ଡି ଅଧୀନରେ ରସୁଲଗଡ଼ ଗାଁ ସମେତ ଜଗନ୍ନାଥ ନଗର, ବାଲିଆପଟା ବସ୍ତି, ପାଣ୍ଡରା, ହାଇଟେକ କଲେଜ ଅଞ୍ଚଳ, ଅରବିନ୍ଦ ନଗର, ଜିଜିପି କଲୋନୀ ଆଦି ଅଞ୍ଚଳ ରହିବ। ପୂର୍ବପରି ଏଠାରେ ଜଣେ ସବ୍‌ଇନ୍ସପେକ୍ଟରଙ୍କ ସମେତ କନଷ୍ଟେବଳ କାର୍ଯ୍ୟ କରିବେ। ପରବର୍ତ୍ତୀ ସମୟରେ ଏହି ଫାଣ୍ଡିଟି ଥାନାଭାବେ କାର୍ଯ୍ୟ କରିପାରେ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ପାଣ୍ଡରା ଛକରେ ରସୁଲଗଡ ଫାଣ୍ଡିର ନୂତନ କୋଠା ନିର୍ମାଣ ୨ବର୍ଷ ହେଲା ଚାଲିଥିଲା। ନିର୍ମାଣ ସରିଥିବାରୁ ଖୁବଶୀଘ୍ର ଉଦ୍‌ଘାଟନ ହେବ। ମଞ୍ଚେଶ୍ୱର ଥାନା ଅଧୀନରେ ରହି ସରକାରୀ ନିୟମ ଅନୁସାରେ କର୍ମଚାରୀ ରହିବା ସହ ଫାଣ୍ଡି କାର୍ଯ୍ୟ କରିବ।

## ଘରୋଇ କୋଭିଡ୍ ହସ୍ପିଟାଲ୍‌ରେ ମୃତ୍ୟୁକୁ ନେଇ ଉତ୍ତେଜନା

### ଶ୍ରମିକ ନେତାଙ୍କ ଚିକିତ୍ସାରେ ଅବହେଳା ଅଭିଯୋଗ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ଭୁବନେଶ୍ୱର ପଟିଆ ଅଞ୍ଚଳର ଏକ ଘରୋଇ କୋଭିଡ୍ ହସ୍ପିଟାଲରେ ଶୁକ୍ରବାର ଶ୍ରମିକନେତା ଶିବରାମଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ଚିକିତ୍ସାରେ ଅବହେଳା ଅଭିଯୋଗ ଆଣି ଶିବରାମଙ୍କ ୧୦୦ଜଣ ସମର୍ଥକ ସକାଳ ସାଢେ ୭ଟାରୁ ୩ଘଣ୍ଟା ଧରି ହସ୍ପିଟାଲର କଣ୍ଟ୍ରୋଲ ରୁମ୍ ସମ୍ମୁଖରେ ପାଟିତୁଣ୍ଡ କରିବା ସହ ହସ୍ପିଟାଲକୁ ପଶିବାକୁ ଉଦ୍ୟମ କରିଥିଲେ। ପରେ ଇନ୍ଫୋସିଟି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।
ସମର୍ଥକଙ୍କ ଅଭିଯୋଗ ମୁତାବକ, ରୋଗୀଙ୍କ ଅବସ୍ଥା କେମିତି ରହୁଛି , କିପରି ଚିକିତ୍ସା କରାଯାଉଛି ସେ ବିଷୟରେ ହସ୍ପିଟାଲ ତରଫରୁ କୌଣସି ତଥ୍ୟ ଦିଆଯାଉନାହିଁ। ଏମିତି କି କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କଲେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ। ଏହାକୁ ନେଇ ସମର୍ଥକମାନେ ଆସି କୋଭିଡ୍ ହସ୍ପିଟାଲ ଆଗରେ ଧାରଣାରେ ବସିଥିଲେ। ଶିବରାମ ଗତ କିଛିଦିନ ଧରି କରୋନାରେ ସଂକ୍ରମିତ ହୋଇ ଏକ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିବା ନେଇ ଏକ ମେସେଜ୍ ଦିଆଯାଇଥିଲା। ପରେ ମେସେଜ ଆସିଥିବା ନମ୍ବରରେ ଫୋନ୍ କରିବାରୁ କୌଣସି ଉତ୍ତର ମିଳିଲା ନାହିଁ। ତାଙ୍କର ଶତାଧିକ ସମର୍ଥକ ଓ ଘର ଲୋକ ଆସି ଯେତେବେଳେ ଶିବରାମଙ୍କ ସମ୍ପର୍କରେ ଜାଣିବାକୁ ଚାହିଁଲେ, ହସ୍ପିଟାଲ ପକ୍ଷରୁ କିଛି ଉତ୍ତର ଦିଆଗଲା ନାହିଁ। ଏମିତି ଅନେକ କୋଭିଡ୍ ରୋଗୀଙ୍କ ସହ କ’ଣ ଘଟୁଛି ତାହା ଜାଣି ହେଉ ନାହିଁ। ତଥ୍ୟ ଦିଆଯାଉ ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟଙ୍କୁ ଅନ୍ଧାରରେ ରଖାଯାଉଛି। ତେଣୁ କୋଭିଡ୍ ରୋଗୀଙ୍କ ସମ୍ପର୍କୀୟଙ୍କୁ ହସ୍ପିଟାଲରେ ଆଟେଣ୍ଡାଣ୍ଟ ଭାବେ ରହିବାକୁ ବ୍ୟବସ୍ଥା କରାଯାଉ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଏସିପି ପ୍ରକାଶ ଚନ୍ଦ୍ର ପାଲ, ଇନ୍ଫୋସିଟି ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି ଉପସ୍ଥିତ ରହି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

## ଶର୍ଟ ସର୍କିଟରୁ ଘର ଜଳିଗଲା

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ଖାରବେଳ ଥାନା ଅନ୍ତର୍ଗତ ୟୁନିଟ୍-୪ ଏମ୍‌ଏଲଏ କଲୋନୀ ନିକଟରେ ଶନିବାର ନିଆଁ ଲାଗି ସ୍ୱନ୍ଦନ ମହାପାତ୍ରଙ୍କ ଘର ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଛି। ଅପରାହ୍ନ ୪ଟାରେ ଏହି ଘଟଣା ଘଟିଥିବାବେଳେ ଏଥିରେ ଘରେ ଥିବା ସମସ୍ତ ଆସବାବପତ୍ର, ଟଙ୍କା ଓ ଗହଣା ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ପ୍ରାଥମିକ ତଦନ୍ତରୁ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ଘଟଣା ସମୟରେ ସ୍ୱନ୍ଦନ ଓ ତାଙ୍କ ପରିବର ଲୋକେ ଘରେ ନ ଥିବାଥିଲେ। ପଡୋଶୀମାନେ ନିଆଁ ଲାଗିଥିବା ଦେଖି ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।

> ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ- ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମାଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ- ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା। – ଶ୍ରୀଅରବିନ୍ଦ

# ଠିକ୍ ଉତ୍ତର ଦେଲେନି



**ଆକାର ପଟେଲ**

ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ଆମେରିକା ଗସ୍ତର ପ୍ରଥମାର୍ଦ୍ଧ ସ୍ପଷ୍ଟତଃ ଅଧିକ ଫଳପ୍ରଦ ନ ଥିଲା। କାରଣ ଆମେରିକାନ ସେକ୍ରେଟାରୀ ଅଫ୍ ଷ୍ଟେଟ୍‌ଙ୍କୁ ଆମ ବୈଦେଶିକ ମନ୍ତ୍ରୀ ସାକ୍ଷାତ କରିବାକୁ ଯାଇଥିଲେ ମଧ ତାଙ୍କୁ ସେହି ସମୟରେ ଜରୁରୀ ଗସ୍ତରେ ମଧ୍ୟପ୍ରାଚ୍ୟ ଯିବାକୁ ପଡ଼ିଲା। ତେବେ ସେହି ସମୟରେ ଜୟଶଙ୍କର ଆମେରିକାରେ ଭାରତୀୟ ଟିମ୍‌କୁ ସାକ୍ଷାତ କଲେ ଏବଂ ଆଉ କିଛି ବୈଠକ କରିଥିଲେ। ଟ୍ରମ୍ପଙ୍କ ସମୟରେ ଥିବା ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା ଜେନେରାଲ ଏଚ୍.ଆର୍. ମ୍ୟାକ୍‌ମାଷ୍ଟରଙ୍କ ସହ ମଧ ତାଙ୍କର ସାକ୍ଷାତଆଲୋଚନା ହୋଇଥିଲା। ଭାରତରେ ରାଜନୈତିକ ବିକାଶକୁ କେଉଁ ଦୃଷ୍ଟିରେ ବିଚାର କର ବୋଲି ସେ ଜୟଶଙ୍କରଠାରୁ ଜାଣିବାକୁ ଚାହିଁଥିଲେ। ଜୟଶଙ୍କରଙ୍କୁ କହିଥିଲେ-ତୁମେ ଜଣେ ପକ୍ଷପାତୀ ବ୍ୟକ୍ତି ନୁହଁ। ତୁମେ ଅନେକ ସରକାରରେ ପ୍ରଶାସନିକ ଦାୟିତ୍ୱର ଉତ୍କୃଷ୍ଟତା ପ୍ରତିପାଦନ କରିଛ। ମହାମାରୀ ସମୟରେ କିଛି ହିନ୍ଦୁତ୍ୱ ନୀତିଗୁଡ଼ିକ ଚିନ୍ତା ବଢ଼ାଇଦେଇଛି ଓ ତାହା ଭାରତର ଧର୍ମନିରପେକ୍ଷତା ଛବିକୁ କ୍ଷୁଣ୍ଣ କରିପାରେ ବୋଲି ସେ କହିଥିଲେ। ମ୍ୟାକ୍‌ମାଷ୍ଟରଙ୍କ ଚିନ୍ତାଧାରା ସୁଧାରିବା ଲାଗି ଜୟଶଙ୍କର ପ୍ରଥମେ କହିଥିଲେ ଯେ, ସେ ବାସ୍ତବରେ ଜଣେ ପକ୍ଷପାତୀ ବ୍ୟକ୍ତି ଥିଲେ ଓ ସିଭିଲ ସର୍ଭାଣ୍ଟ ଥିଲାବେଳେ ଅନେକ ଶାସନରେ ପ୍ରଶାସନିକ ଦାୟିତ୍ୱ ତୁଲାଇଥିଲେ। କିନ୍ତୁ ଏବେ ସେ ସଂସଦର ଜଣେ ନିର୍ବାଚିତ ସଦସ୍ୟ। ତାଙ୍କର ରାଜନୈତିକ ଦୃଷ୍ଟିକୋଣ ଏବଂ ରାଜନୈତିକ ସ୍ୱାର୍ଥ ରହିଛି। ସେ ରାଜନୈତିକ ସ୍ୱାର୍ଥ ସପକ୍ଷରେ କହିବେ ଏବଂ ସେଥିପାଇଁ ସେ ପ୍ରତିନିଧିତ୍ୱ କରୁଛନ୍ତି। ଜୟଶଙ୍କ ତାଙ୍କର ସିଧାସଳଖ ରାଜନୈତିକ ଉତ୍ତରରେ ଅତୀତରେ ଭାରତର ଭୋଟବ୍ୟାଙ୍କ ରାଜନୀତି ଥିଲା ଓ ଏହା ଏବେ ଆଉ ନାହିଁ ବୋଲି ଦର୍ଶାଇଥିଲେ। କିନ୍ତୁ ଭାରତୀୟ ଜନତା ପାର୍ଟି (ଭାଜପା) ଅଧୀନରେ ଭାରତର ଲୋକତନ୍ତ୍ର ଅଧିକ ମଜଭୁତ ହେବା ସହ ରାଜନୀତି, ନେତୃତ୍ୱ ଏବଂ ସିଭିଲ ସୋସାଇଟିରେ ଲୋକମାନଙ୍କର ପ୍ରତିନିଧିତ୍ୱ ବ୍ୟାପକ ହେବା ଏବଂ ସଂସ୍କୃତି, ଭାଷା ଓ ସେମାନଙ୍କ ବିଶ୍ୱାସ ଉପରେ ସେମାନେ ନିଶ୍ଚିତ ଥିବା ଯୋଗୁ ଏହା ଘଟିଥିବା କହିଥିଲେ। ଲୋକମାନଙ୍କର ବୈଶ୍ୱିକ କେନ୍ଦ୍ରଗୁଡ଼ିକ ସହ ଯୋଗାଯୋଗ କମ୍ ରହିଛି ଓ ରାଜନୈତିକ ଦୃଷ୍ଟିକୋଣରୁ ସେମାନଙ୍କୁ ଖରାପ ଦୃଷ୍ଟିରେ ଦେଖାଯାଇ ବହୁ ସମୟରେ କାହାଣୀ ସୃଷ୍ଟି କରାଯାଉଛି। ସାମାଜିକ ସ୍ତରରେ ରହିଥିବା ସୂକ୍ଷ୍ମ ଅନ୍ତର ସମ୍ପର୍କରେ ଜୟଶଙ୍କର ଉତ୍ତର ଦେଇଥିଲେ ଯେ ଭାଜପା ସରକାର ଭେଦଭାବର ସରକାର ନୁହେଁ। କାରଣ ମହାମାରୀ ସମୟରେ ସରକାର କୌଣସି ଧାର୍ମିକ ବିଭେଦ ବିନା ଲୋକମାନଙ୍କୁ ସେ ଅଧିକ ରାଶନ ଦେଇଥିଲେ ଓ ଲୋକଙ୍କ ଜନଧନ ଆକାଉଣ୍ଟରେ ସିଧାସଳଖ ଟଙ୍କା ପଠାଇଥିଲେ।

ଯାହାହେଉ ଜୟଶଙ୍କରଙ୍କ ଉତ୍ତରରୁ ଜଣାପଡୁଛି ଯେ, ଭାରତ ଏଯାବତ ଗରିବ ଲୋକମାନଙ୍କୁ ଧାର୍ମିକ ଭିତ୍ତିରେ ସେମାନଙ୍କ ଅଧିକାର ଦେବା ଲାଗି ନିଷ୍ପତ୍ତି ନେଇ ନାହିଁ। ଏଥିପାଇଁ ଜୟଶଙ୍କର ପ୍ରତି ଆମେ କୃତଜ୍ଞ ରହିବା ଉଚିତ। ତାଙ୍କ ପ୍ରତି କୃତଜ୍ଞ ହେବାବେଳେ ଆମେ ମଧ ଜାଣିବା ଉଚିତ ଯେ,ଜୟଶଙ୍କରଙ୍କୁ ଯାହା ପ୍ରଶ୍ନ କରାଯାଇଥିଲା ବାସ୍ତବରେ ସେ ତାହାର ଠିକ୍ ଉତ୍ତର ଦେଲେନାହିଁ। ମ୍ୟାକ୍‌ମାଷ୍ଟରଙ୍କ ପ୍ରଶ୍ନ ଥିଲା ବିଶ୍ୱ ହିନ୍ଦୁତ୍ୱ ଏବଂ ଏହାର ନୀତିଗୁଡ଼ିକ ସମ୍ପର୍କରେ। ସେହି ନୀତିଗୁଡ଼ିକ ହେଲା ନାଗରିକତ୍ୱରେ ଧର୍ମ ବା ସମ୍ପ୍ରଦାୟର ପ୍ରବେଶ। ଆମେରିକା ଏବଂ ୟୁରୋପିଆନ ୟୁନିୟନ ଓ ଆମେରିକା କଂଗ୍ରେସର ସଦସ୍ୟମାନେ ଏହା ଉପରେ କ୍ଷୋଭ ପ୍ରକାଶ କରିବା ସହ ଭାରତର ନାଗରିକତ୍ୱ ସଂଶୋଧନ ଆଇନକୁ ନେଇ ଚେତାବନୀ ଦେଇଛନ୍ତି। ୟୁନାଇଟେଡ୍ ଷ୍ଟେଟସ୍ ଇଣ୍ଟରନ୍ୟାଶନାଲ କମିଶନ ଅନ୍ ରିଲିଜିୟସ ଫ୍ରିଡମ୍(ୟୁଏସ୍‌ସିଆଇଆର୍‌ଏଫ୍)ର ରିପୋର୍ଟ(୨୦୨୧) ଧର୍ମ ପରିବର୍ତ୍ତନକୁ (ମୁଖ୍ୟତଃ ମହିଳାମାନେ ଇସଲାମ ଧର୍ମକୁ)ଅପରାଧ ଭାବେ ବିବେଚନା କରୁଥିବା ଆଇନଗୁଡ଼ିକୁ ଚିହ୍ନଟ କରିଛି। ଏହି ଆଇନଗୁଡ଼ିକ ମଧ୍ୟରେ ରହିଛି ଭାଜପାର ଉତ୍ତରାଖଣ୍ଡ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ, ୨୦୧୮ ; ହିମାଚଳ ପ୍ରଦେଶ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ,୨୦୧୯ ; ମଧ୍ୟପ୍ରଦେଶ ଧର୍ମ ସ୍ୱାତନ୍ତ୍ର୍ୟ ଅଧ୍ୟାଦେଶ,୨୦୨୦ ; ଉତ୍ତରପ୍ରଦେଶ ବିଧି ବିରୁଦ୍ଧ ଧର୍ମସମ୍ପରିବର୍ତ୍ତନ ପ୍ରତିଷେଧ ଅଧ୍ୟାଦେଶ,୨୦୨୦ ଏବଂ ଗୁଜରାଟ ଫ୍ରିଡମ୍ ଅଫ୍ ରିଲିଜିଅନ(ଆମେଣ୍ଡମେଣ୍ଟ) ଆକ୍ଟ, ୨୦୨୧। ୟୁଏସ୍‌ସିଆଇଆର୍‌ଏଫ୍ ରିପୋର୍ଟ ପ୍ରକାଶ କରିଛି ଯେ, ଏହି ଆଇନଗୁଡ଼ିକ ଆନ୍ତଃଧର୍ମ ବିବାହକୁ ଟାର୍ଗେଟ କରିଥିବାବେଳେ ଅନ୍ୟ କେତେକ ରାଜ୍ୟ ବଳପ୍ରୟୋଗ,ପ୍ରଲୋଭନ, ଲାଞ୍ଚ, ଜବରଦସ୍ତି, ପ୍ରବଞ୍ଚନା ଆଦି ଅସ୍ୱଷ୍ଟ ମାନଦଣ୍ଡ ଆଧାରରେ ଧର୍ମାନ୍ତରୀକରଣକୁ ନିଷେଧ କରିଛନ୍ତି। ଏହି ଧର୍ମନ୍ତରୀକରଣ ବିରୋଧୀ ଆଇନଗୁଡ଼ିକ ବହୁ ସମୟରେ ଅଣ ହିନ୍ଦୁଙ୍କ ବିରୋଧରେ ମିଥ୍ୟା ଅଭିଯୋଗ,ନିର୍ଯାତନା ଏବଂ ହିଂସାର କାରଣ ମଧ ହେଉଛି।

ଗୁଜରାଟ ଆନିମଲ ପ୍ରିଜରଭେଶନ (ଆମେଣ୍ଡମେଣ୍ଟ) ବିଲ୍, ୨୦୧୭ ଗୋ ହତ୍ୟାକରୀଙ୍କୁ ଦଣ୍ଡ ଦିଏ, ଯାହା ସ୍ୱଷ୍ଟ ଭାବେ ଏକ ଇକୋନୋମିକ କ୍ରାଇମ୍ ବା ଆର୍ଥିକ ଅପରାଧ, ଯେଉଁଥିରେ ଆଜୀବନ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। କୌଣସି ଆର୍ଥିକ ଅପରାଧରେ ଏଭଳି ଆଜୀବନ କରାଦଣ୍ଡର ବ୍ୟବସ୍ଥା ନାହିଁ। ୨୦୨୦ରେ ଉତ୍ତରପ୍ରଦେଶରେ ନ୍ୟାଶନାଲ ସିକ୍ୟୁରିଟି ଆକ୍ଟରେ ଗିରଫ ହୋଇଥିବା ଲୋକଙ୍କ ମଧ୍ୟରୁ ଅଧାରୁ ଅଧିକ ଥିଲେ ଗୋ ହତ୍ୟା ଅଭିଯୁକ୍ତ। ଏହି ଆଇନରେ କୌଣସି ଅପରାଧ ନ କରିଥିଲେ ବି ଲୋକଙ୍କୁ ଗିରଫ କରାଯାଇ ଜେଲରେ ରଖାଯାଇପାରିବ। କଶ୍ମୀରରେ ପ୍ରତିବାଦକାରୀଙ୍କ ଉପରେ ପିଲେଟ ଗନ୍ ବ୍ୟବହାର କରାଯାଉଛି। ଏହାଦ୍ୱାରା ଶିଶୁଙ୍କ ସମେତ ହଜାର ହଜାର ଲୋକ ଆହତ ହୋଇଛନ୍ତି, ଏପରି କି ଦୃଷ୍ଟିଶକ୍ତି ହରାଇଛନ୍ତି। ଏହି ଘଟଣାଗୁଡ଼ିକୁ ନେଇ ଭାରତର ବନ୍ଧୁରାଷ୍ଟ୍ରଗୁଡ଼ିକ ଚିନ୍ତା ପ୍ରକଟ କରିଛନ୍ତି। ଏହିସବୁ ନୂଆ ଆଇନ ହିନ୍ଦୁତ୍ୱର ଆମ ପାଇଁ ଉପହାର, ଯେଉଁଥିପାଇଁ ମ୍ୟାକମାଷ୍ଟର ନିର୍ଦ୍ଦିଷ୍ଟ ଭାବେ ଶବ୍ଦକୁ ବ୍ୟବହାର କରିଥିଲେ। କିନ୍ତୁ ହିନ୍ଦୁତ୍ୱ ଶବ୍ଦ ଏବଂ ଯେଉଁ ଆଇନଗୁଡ଼ିକ ଲାଗି ଭାରତ ବିଶ୍ୱରେ ପଛକୁ ଟାଣି ହୋଇଯାଉଛି ତା'ର ନାଁ ନ ଧରି ଜୟଶଙ୍କର ମ୍ୟାକମାଷ୍ଟରଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ସମସ୍ୟାଠାରୁ ଦୂରେଇ ଯାଇ ମ୍ୟାକମାଷ୍ଟରଙ୍କ ଅଭିଯୋଗର ଉତ୍ତର ଦେବାର ଏହା ଏକ ମାତ୍ର ଉପାୟ ଥିଲା। ଏହାକୁ ଭାରତ ଠିକ୍‌ଭାବୁଛି, ଯାହା ଦ୍ୱାରା ହିନ୍ଦୁତ୍ୱ ମାଧ୍ୟମରେ ନିଜର ତଥା ଲୋକମାନଙ୍କର କ୍ଷତିକରୁଛି।

Email:aakar.patel@gmail.com

## ଭାରତୀୟ ଗଣତନ୍ତ୍ରର ଡିଜିଟାଲ ରୂପାନ୍ତର



**ଅମର ପଟ୍ଟନାୟକ**

ମହାମାରୀ ଦ୍ୱିତୀୟ ଲହରରେ ମଧ ବିଭିନ୍ନ ରାଜ୍ୟରେ ବିଧାନସଭା ନିର୍ବାଚନ ସମୟରେ କୋଭିଡ୍-ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ହୋଇଥିଲା। ଏ ନେଇ ନିକଟରେ ମାଡ୍ରାସ ଏବଂ କଲିକତା ହାଇକୋର୍ଟ ନିର୍ବାଚନ କମିଶନର (ଇସି)ଙ୍କୁ କଡ଼ା ସମାଲୋଚନା କରିଥିଲେ। ଗତବର୍ଷ ପ୍ରଥମ ଲହର ବେଳେ ଜାତୀୟ ତଥା ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ସହ ପରାମର୍ଶ ପରେ ନିର୍ବାଚନ କମିଶନର କୋଭିଡ୍-୧୯ ସମୟରେ ନିର୍ବାଚନ ପରିଚାଳନା ପାଇଁ ବ୍ୟାପକ ଗାଇଡ୍‌ଲାଇନ ଜାରି କରିଥିଲେ। ତଥାପି, ଇସିଙ୍କ ଗାଇଡ୍‌ଲାଇନ କେବଳ ସାମୂହିକ ସମାରୋହର ସଂଖ୍ୟା କମାଉଛି, ଯେତେବେଳେ ଏବେ ଏକ ପ୍ରତ୍ୟକ୍ଷ ନିର୍ବାଚନ ପ୍ରଚାରର ମୌଳିକ ସଂରଚନାକୁ ବଜାୟ ରଖିଛି। ଆମ ମଧ୍ୟରୁ ଅନେକେ ଜାଣିଥିବେ ଯେ, ଏହି କଟକଣା ଠିକ୍ ଭାବେ ପାଳନ କରିବା କିମ୍ବା ପ୍ରଭାବଶାଳୀ ଭାବେ ନିରୀକ୍ଷଣ କରିବା ଅସମ୍ଭବ।

ଭବିଷ୍ୟତରେ ଉତ୍ତମ ଗଣତାନ୍ତ୍ରିକ ପ୍ରକ୍ରିୟା ପାଇଁ ସାମ୍ପ୍ରତିକ ସ୍ଥିତିକୁ ପ୍ରଭାବିତ କରିବା ସକାଶେ ଅନେକ ଉପାୟ ଅଛି। ପ୍ରଥମତଃ ଅନ୍‌ଲାଇନ୍ ଏବଂ ସୋସିଆଲ ମିଡିଆ, ୱେବ୍ ଆଧାରିତ ପ୍ରସାରଣ, ୱେବ୍‌କାଷ୍ଟ ଏବଂ ୱେବିନାର୍ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଲକ୍‌ଡାଉନ୍ ଅନେକ ସମ୍ଭାବନା ଆଣିଦେଇଥିଲା। ୨୦୧୪ରେ ୧୦%ରୁ କମ୍ ଭୋଟର ଏବଂ ୨୦୧୯ରେ ୩୦%ରୁ ଅଧିକ ଭୋଟର ସୋସିଆଲ ମିଡିଆ ଦ୍ୱାରା ପ୍ରଭାବିତ ହୋଇଥିବା ଜଣାଯାଏ। କିନ୍ତୁ ଅଗଷ୍ଟ ୨୦୨୦ରେ ଦୁଇଟି ଘଟଣା ପରିବର୍ତ୍ତନଶୀଳ ଭାବରେ ଉଭା ହୋଇଥିଲା। କଂଗ୍ରେସର ସ୍ପିକ୍‌ଅପ୍ ଅଭିଯାନରେ ଦଳର କର୍ମୀ ଏବଂ ନେତାମାନେ ସେମାନଙ୍କ ଫେସ୍‌ବୁକ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ ଏବଂ ୟୁଟ୍ୟୁବ୍ ଆକାଉଣ୍ଟ ମାଧ୍ୟମରେ ବାର୍ତ୍ତା ପଠାଇଥିଲେ। ଏପରି କି ଭାଜପା ପ୍ରତ୍ୟେକ ରାଜ୍ୟରେ ନିଜର ଜନ ସମ୍ବାଦ ଭର୍ଚୁଆଲ ରାଲି ଆରମ୍ଭ କରିଥିଲା, ଯେଉଁଥିରେ ଦଳର ପ୍ରାୟ ୫ ଲକ୍ଷ କର୍ମୀ ୟୁଟ୍ୟୁବ୍, ଫେସ୍‌ବୁକ୍ ଲାଇଭ୍ ଏବଂ ନମୋ ଆପ୍‌ରେ ସେମାନଙ୍କ ନେତାଙ୍କ ଭାଷଣ ଶୁଣିବେ। ଏହି ଅନ୍‌ଲାଇନ୍ ରାଲିଗୁଡ଼ିକ କେନ୍ଦ୍ରୀୟ ସ୍ଥାନରୁ ବୁଥ୍‌ସ୍ତରକୁ ଖୁବ୍‌ଶୀଘ୍ର ପହଞ୍ଚିବାରେ ସକ୍ଷମ ହୋଇଥିବା ବେଳେ ପ୍ରତ୍ୟକ୍ଷ ରୂପେ ଏହା ସମ୍ଭବ ହୋଇ ନ ଥାନ୍ତା। ଆମେ ଭଲ ଭାବରେ ଚିନ୍ତା କରିପାରିବା ଯେ, ଏହିଭଳି ଅନ୍‌ଲାଇନ୍ ଆୟୋଜନ ଦ୍ୱାରା ପ୍ରାର୍ଥୀମାନଙ୍କ ପ୍ରଚାର ଖର୍ଚ୍ଚକୁ ବହୁ ପରିମାଣରେ ହ୍ରାସ କରାଯାଇପାରିବ।

ଦ୍ୱିତୀୟତଃ ଇ-ଭୋଟିଂ ପାଇଁ ଟେକ୍ନୋଲୋଜିର ବ୍ୟବହାର ସହିତ ମତଦାନ ପ୍ରକ୍ରିୟାରେ ପରିବର୍ତ୍ତନ ପାଇଁ ଏବେ ପ୍ରକୃଷ୍ଟ ସମୟ। ଏହି ମହାମାରୀ ସମୟରେ ବୁଥ୍‌କୁ ଯାଇ ଗୋଟିଏ ଇଲେକ୍‌ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍)ର ସମାନ ବଟନ ଦବାଇବା ବିଶେଷଜ୍ଞଙ୍କ ମତରେ ଉଚିତ ନୁହେଁ। ଏହାବ୍ୟତୀତ ଜନସାଧାରଣଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷାକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଜନ କରିବା ବି ବହୁତ ବ୍ୟୟବହୁଳ। ଏଥିପାଇଁ ନିର୍ବାଚନ କମିଶନ କିମ୍ବା ସରକାରଙ୍କ ପକ୍ଷରୁ ପ୍ରାୟ ୩୦-୪୦ ଲକ୍ଷ ମେଡିକାଲ କର୍ମଚାରୀ ନିଯୁକ୍ତି, କୀଟାଣୁନାଶକ ସାମଗ୍ରୀ କ୍ରୟ କରିବା ଏବଂ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ବୁଥ୍‌ରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଚିକିତ୍ସା ସାମଗ୍ରୀ ଆବଶ୍ୟକ ହେବ। ଏପରି କି ମତଦାନ ସୁରକ୍ଷାବାହିନୀର ସମ୍ପୃକ୍ତିକୁ ଆମନ୍ତ୍ରଣ କରିଥାଏ, ଯାହାର ରହଣି, ଗତିବିଧି ଓ ନିୟୋଜନ ଖର୍ଚ୍ଚ ମଧ ବହୁତ ଅଧିକ। ଅନ୍ୟପକ୍ଷରେ ଇ-ଭୋଟିଂ ପଦ୍ଧତିର ସୁରକ୍ଷା ବିଷୟରେ ପ୍ରଶ୍ନ ଉଠେ। କିନ୍ତୁ ଯେତେବେଳେ କୋଟି କୋଟି ଭାରତୀୟଙ୍କ ଆର୍ଥିକ ତଥ୍ୟ ଦୃଢ଼ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସୁରକ୍ଷିତ ଭାବରେ ରଖାଯାଇପାରୁଛି, ଆଧାର-ଲିଙ୍କ୍ ହୋଇଥିବା, ବ୍ୟକ୍ତିଗତ-ଭୋଟର-ନିର୍ଦ୍ଦିଷ୍ଟ, ଅଣ-ସ୍ଥାନାନ୍ତରଯୋଗ୍ୟ ଲିଙ୍କ୍ ବ୍ୟବହାର କରି ଏବଂ ଘରେ କିମ୍ବା ଜନସେବା କେନ୍ଦ୍ରରୁ (ମୁଖ୍ୟତଃ ଗ୍ରାମୀଣ ଭୋଟର ପାଇଁ) ଇ-ଭୋଟ୍ ପାଇଁ ସମାନ ସମ୍ଭାବନା ରହିପାରେ। କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଏବଂ ବ୍ଲକ୍ ଚେନ୍ ଆଧାରିତ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଦ୍ୱାରା ଏହା ସମ୍ଭବ। ଯଦି ଏଭଳି ହୁଏ ସିଷ୍ଟମରେ ହେବାକୁ ଥିବା ସଞ୍ଚୟକୁ କଳ୍ପନା କରାଯାଇପାରେ। ଇଷ୍ଟୋନିଆ ଗତ ବର୍ଷର ସଂସଦୀୟ ନିର୍ବାଚନରେ ଦେଶର ପ୍ରାୟ ୪୭% ଭୋଟରଙ୍କୁ ମତଦାନ କରାଇ ଇ-ମତଦାନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କରିଛି। ଡିଜିଟାଲ ଭୋଟିଂ ସହିତ ସମାନ୍ତରାଳ ଭାବେ ପେପର ବ୍ୟାଲେଟ୍ ଯୋଗେ ଭୋଟ ଦେବା ଅଧିକାର ସୁନିଶ୍ଚିତ କଲାବେଳେ ଏହା ଭୋଟରଙ୍କ ଗୋପନୀୟତାକୁ ମଧ ରକ୍ଷାକରେ। ତେଣୁ ଏହା ଅନୁକରଣଯୋଗ୍ୟ।

ତୃତୀୟତଃ, ସଂସଦ କିମ୍ବା ବିଧାନସଭା ଭଳି ଏକ ବୃହତ୍ ସ୍ଥାନରେ ସାଂସଦ ଏବଂ ବିଧାୟକଙ୍କ ଉପସ୍ଥିତି ବୈଠକର ଆଧାରକୁ ପରିବର୍ତ୍ତନ କରିବା ଉଚିତ। ନିର୍ବାଚିତ ପ୍ରତିନିଧିମାନେ ପ୍ରାୟତଃ ଅନ୍‌ଲାଇନ ମାଧ୍ୟମରେ ସାକ୍ଷାତ କରିପାରିବେ। ଏହାଦ୍ୱାରା ଅନେକ ଖର୍ଚ୍ଚକାଟ କରାଯାଇପାରିବ। ସେହିଭଳି, କମିଟି ବୈଠକ ମଧ ପ୍ରାୟତଃ ଗୋପନୀୟତା ବିଷୟରେ ଚିନ୍ତା ନ କରି ଅନୁଷ୍ଠିତ ହୋଇପାରେ, ଯାହା ଉପଯୁକ୍ତ ସୂଚନା ପ୍ରଯୁକ୍ତି ସୁରକ୍ଷା (IT Security) ଏବଂ ଫାୟାରୱାଲ (fire walls) ଗ୍ରହଣ ଦ୍ୱାରା ନିଶ୍ଚିତ ହୋଇପାରିବ।

ଏହାଦ୍ୱାରା ଦେଶ ଯେ କେବଳ ଗଣତନ୍ତ୍ରର ପର୍ବକୁ ଯାଉଥିବା ଅନେକ ଅଣ-ଉତ୍ପାଦକ ଖର୍ଚ୍ଚକୁ ସଞ୍ଚୟ କରିପାରିବ ତା' ନୁହେଁ, ବରଂ ସାମ୍ପ୍ରତିକ ମହାମାରୀ ପରି ବିପର୍ଯ୍ୟୟ ସମୟରେ ଲୋକମାନଙ୍କର ପ୍ରକୃତ ତ୍ରାଣକର୍ତ୍ତା ଭାବରେ କାର୍ଯ୍ୟ କରିବ। କାରଣ ଅନ୍‌ଲାଇନ ପଦ୍ଧତି ମାଧ୍ୟମରେ ସବୁ ପରିସ୍ଥିତିରେ ଲୋକଙ୍କ ସହିତ ସମ୍ପର୍କ ରଖି ହେବ। ପ୍ରତ୍ୟକ୍ଷ ଭାବେ ସମ୍ପର୍କ ରଖିବା ବ୍ୟତୀତ ଅନ୍‌ଲାଇନ ପଦ୍ଧତି ମାଧ୍ୟମରେ ସାହାଯ୍ୟ ଓ ସହାୟତା ଯୋଗାଇ ଦିଆଯାଇପାରିବ। ବର୍ତ୍ତମାନ ସଂସଦରେ ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଆଲୋଚନା କରିବାକୁ ମଧ ଆମେ ସକ୍ଷମ ନୁହଁ।

ନିର୍ବାଚନ ପାଇଁ ଆବଣ୍ଟିତ ଜାତୀୟ ବଜେଟକୁ ସ୍ୱାସ୍ଥ୍ୟ ସୁବିଧାରେ ସୁଧାର ଆଣିବା ଏବଂ ଭୋଟରଙ୍କ ପକେଟ ଚାପ କମାଇବାରେ ବିନିଯୋଗ କରାଯାଇପାରିବ। ଏକ ଅଧ୍ୟୟନ ଅନୁଯାୟୀ, ଗୋଟିଏ ଭୋଟ ପାଇଁ ଭାରତୀୟ ନିର୍ବାଚନ ଖର୍ଚ୍ଚ ୮ ଡଲାର, ଯାହାକି କୌଣସି ଦିନରେ ୬୦% ଭାରତୀୟଙ୍କ ବଞ୍ଚିବା ପାଇଁ ଖର୍ଚ୍ଚ କରୁଥିବା ଟଙ୍କାର ତିନି ଗୁଣ। ତେଣୁ ଆମକୁ ଉଭୟ ଭୋଟ ମୂଲ୍ୟ ଏବଂ ଜୀବନ ମୂଲ୍ୟକୁ ବୁଝିବା ଆବଶ୍ୟକ।

**– ଲେଖକ ବିଜେଡି ସାଂସଦ (ରାଜ୍ୟ ସଭା)**

## ସିମ୍ପାଜି ଗବେଷିକା

ଖେଳରେ ମାତି ରହିବା ସକାଶେ ମାତାପିତା ସାଧାରଣତଃ ପିଲାଙ୍କୁ ଟେଡି ବିୟର ବା ଭାଲୁ କଣ୍ଢେଇ ଦେଇଥାଆନ୍ତି। କିନ୍ତୁ ଛୁଆଟିଏ ଥିବା ବେଳେ ବାପା ତାଙ୍କୁ ସିମ୍ପାଜି କଣ୍ଢେଇ ବା ବଣମଣିଷର ଚିତ୍ରସଂଲଗ୍ନ ଖେଳଣା 'ଜୁବ୍‌ଲି' ଉପହାର ଦେଇଥିଲେ। ସେତିକିରେ ସନ୍ତୁଷ୍ଟ ହୋଇ ଜୁବ୍‌ଲି ସହ ଖେଳିବା ଆରମ୍ଭ କରିଥିବା ଶିଶୁକନ୍ୟା ଜେନ୍ ଗୁଡ୍‌ଅଲ୍ ବିଶ୍ୱର ଅନ୍ୟତମ ପ୍ରକୃତି ବିଜ୍ଞାନୀ ପାଲଟି ଯାଇଛନ୍ତି। ସିମ୍ପାଜିଙ୍କ ଉପରେ ଦୀର୍ଘବର୍ଷର ଗବେଷଣା ଓ ଅନୁଧ୍ୟାନ କରି ସେ ଯେଉଁ ତଥ୍ୟ ବିଶ୍ୱବାସୀଙ୍କ ଆଗରେ ଉପସ୍ଥାପିତ କରିଛନ୍ତି, ତାହା ଆଗାମୀ ପିଢ଼ି ପାଇଁ ବୃହତ୍ ଦସ୍ତାବିଜ୍‌ରେ ପରିଣତ ହୋଇଛି। ସେହି ଦିଗରେ ଜୀବନବ୍ୟାପୀ କାର୍ଯ୍ୟ ଲାଗି ସେ ୨୦୨୧ ଟେମ୍ପଲଟନ୍ ପୁରସ୍କାର ପାଇବାକୁ ଯୋଗ୍ୟ ହୋଇଛନ୍ତି। ପ୍ରକୃତି ସହ ମାନବଜାତି ଓ ତାହାର ଉଦ୍ଦେଶ୍ୟ ସଂକ୍ରାନ୍ତ ରହସ୍ୟକୁ ଉନ୍ମୋଚନ କରି ଜନହିତକର କାର୍ଯ୍ୟରେ ମନୋନିବେଶ କରୁଥିବା ବ୍ୟକ୍ତିଙ୍କୁ ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରାଯାଇ ଆସୁଛି। ଉଲ୍ଲେଖଯୋଗ୍ୟ ଯେ, ଆମେରିକା ଜନ୍ମିତ ବ୍ରିଟିଶ ନିବେଶକାରୀ, ଟେମ୍ପଲଟନ୍ ଗ୍ରୋଥ୍ ଫଣ୍ଡର ପ୍ରବର୍ତ୍ତକ ତଥା ଜନହିତକାରୀ ଜନ୍ ଟେମ୍ପଲ୍‌ଟନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରସ୍କାର ୧୯୭୩ ମସିହାରେ ପ୍ରଥମେ ସେବାର ମୂର୍ତ୍ତିମନ୍ତ ପ୍ରତୀକ ମଦର ଟେରେସାଙ୍କୁ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ପରିସର ବୃଦ୍ଧି ପାଇ ଗବେଷଣା କିମ୍ବା ଆଧ୍ୟାତ୍ମିକ ବାସ୍ତବତା ଆଡ଼କୁ ଯାଇ ନୂଆ ଚିନ୍ତା ସୃଷ୍ଟି କରିପାରୁଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଆସୁଛି। ଏହି ପୁରସ୍କାର ଲାଗି ଅର୍ଥରାଶି ୧.୧ ମିଲିୟନ ପାଉଣ୍ଡ୍ ଷ୍ଟର୍ଲିଂ ରଖାଯାଇଛି। ପଶୁଙ୍କ ବୁଦ୍ଧି ଓ ମାନବଜାତି ସହ ସମ୍ପର୍କ ଉପରେ ଜେନ୍ ଅଧ୍ୟୟନ କରି ଆସିଛନ୍ତି। ୧୯୬୦ ଦଶକରେ ତାଞ୍ଜାନିଆର ସିମ୍ପାଜିଙ୍କଠାରୁ ତାଙ୍କ ଗବେଷଣା ଜୀବନ ଆରମ୍ଭ ହୋଇଥିଲା।

**ବ୍ୟକ୍ତିତ୍ୱ**



ଜେନ୍ ଗୁଡ୍‌ଅଲ୍

ଲଣ୍ଡନର ହାମ୍ପଷ୍ଟିଡ୍‌ଠାରେ ୧୯୩୪ରେ ଭାଲେରି ଜେନ୍ ମୋରିସ୍ ଗୁଡ୍‌ଅଲ୍ ଜନ୍ମଗ୍ରହଣ କରିଥିଲେ। ପିତା ଥିଲେ ବ୍ୟବସାୟୀ ମୋର୍ଟିମେର୍ ହର୍ବର୍ଟ ମୋରିସ୍-ଗୁଡ୍‌ଅଲ୍ ଓ ମାତା ଔପନ୍ୟାସିକା ମାର୍ଗାରେଟ୍ ମାଇଁଫାନ୍‌ୱି ଯୋଶେଫ୍। ପରିବାର ବୋର୍ଣ୍ଣେମାଉଥ୍‌କୁ ଯିବା ପରେ ସେଠାକାର ଏକ ସ୍କୁଲରେ ଜେନ୍ ଗୁଡ୍‌ଅଲ୍‌ଙ୍କ ପଢ଼ା ଆରମ୍ଭ ହୋଇଥିଲା। ପିଲାଟି ବେଳେ ପିତା ଉପହାର ଦେଇଥିବା ଜୁବ୍‌ଲିକୁ ନେଇ ତାଙ୍କ ମନରେ ସର୍ବଦା ଅନେକ ପ୍ରଶ୍ନ ଉଙ୍କିମାରୁଥାଏ। ୧୯୫୭ରେ କେନିୟା ହାଇଲାଣ୍ଡରେ ଥିବା ତାଙ୍କ ବନ୍ଧୁଙ୍କ ଫାର୍ମକୁ ସେ ବୁଲିଯାଇଥିଲେ। ସେହିଠାରେ ସେ ପ୍ରାଣୀମାନଙ୍କ ପ୍ରେମରେ ପଡ଼ିଯାଇଥିଲେ ଓ ସେକ୍ରେଟାରି ଭାବେ କାର୍ଯ୍ୟ କରିଥିଲେ। ତେବେ ସିମ୍ପାଜି ଉପରେ ଗବେଷଣା କରିବା ତାଙ୍କ ମୂଳଲକ୍ଷ୍ୟ ଥିବାରୁ ସେହି ସୁଯୋଗ ଅପେକ୍ଷାରେ ଥିଲେ। ଶେଷରେ ତାଙ୍କୁ ତାଞ୍ଜାନିଆର ଓଲ୍‌ଡୁଭାଏ ଜର୍ଜ ଅଞ୍ଚଳରେ ଥିବା ସିମ୍ପାଜି ଉପରେ କାମ କରିବାର ସ୍ୱାଧୀନ ଦାୟିତ୍ୱ ମିଳିଥିଲା। ଜେନ୍ ଏଭଳି ଏକ କ୍ଷେତ୍ରରେ ଗବେଷଣା କ୍ୟାରିୟର ବାଛିବା ଦିଗରେ ତାଙ୍କ ମାତା ତାଙ୍କୁ ପୂର୍ଣ୍ଣ ସହାୟତା କରିଥିଲେ। ୧୯୫୮ରେ ତାଙ୍କୁ ପୁଣି ଲଣ୍ଡନ ଫେରିଆସି ପଢ଼ା ଜାରି ରଖିବାକୁ କୁହାଯାଇଥିଲା। ପରେ ସେ ତାଞ୍ଜାନିଆ ଯାଇ ସିମ୍ପାଜିଙ୍କ ବୁଦ୍ଧି ଓ ମଣିଷ ସହ ସମ୍ପର୍କକୁ ତନ୍ନତନ୍ନ କରି ଅଧ୍ୟୟନ କରିଥିଲେ। ସେତେବେଳେ ଏହି ଦିଗ ଉପରେ କେବଳ ପୁରୁଷମାନେ ଗବେଷଣା କରୁଥିଲେ। ଜେନ୍ ସେହି ଚିନ୍ତାଧାରା ଭାଙ୍ଗି ଯେତେବେଳେ ଆଗକୁ ବଢ଼ିଚାଲିଲେ ପରିବର୍ତ୍ତୀ ସମୟରେ ଝିଅମାନେ ତାଙ୍କ ପଦାଙ୍କ ଅନୁସରଣ କରିଥିଲେ। ସୂଚନା ଦିଆଯାଇପାରେ ଯେ, ୧୯୬୨ ବେଳକୁ ସିମ୍ପାଜି ଉପରେ ପୂର୍ଣ୍ଣ ଗବେଷଣା କରିବା ଲାଗି ପାଠ ଯଥେଷ୍ଟ ନ ଥିବାରୁ ସେ କେମ୍ବ୍ରିଜ୍‌ର ନ୍ୟୁନ୍‌ହାମ୍ କଲେଜକୁ ଗଲେ ଓ ସେଠାରୁ ବିଏ ଡିଗ୍ରୀ ଅର୍ଜନ କରିଥିଲେ। ପରବର୍ତ୍ତୀ ସମୟରେ କେମ୍ବ୍ରିଜ୍‌ର ଡାରୱିନ୍ କଲେଜରୁ ଇଥୋଲେଜି (ଲୋକନୀତି ଶାସ୍ତ୍ର)ରେ ପିଏଚ୍‌ଡି କରିଥିଲେ।

ଦୀର୍ଘ ୬୦ ବର୍ଷ ସିମ୍ପାଜିଙ୍କ ଉପରେ ଅଧ୍ୟୟନ କରିଥିବା ଜେନ୍‌ଙ୍କର ଅନ୍ୟତମ ପ୍ରିୟ ପ୍ରାଣୀ କୁକୁର। ପଶୁ ଓ ମଣିଷର ସମ୍ବନ୍ଧ ଉପରେ ଗବେଷଣା କରିଥିବା ଜେନ୍‌ଙ୍କ ଦୁର୍ବଳତା ଆଧ୍ୟାତ୍ମିକତା ଆଡ଼କୁ ଅନେକ ଢଳିଛି। ଖ୍ରୀଷ୍ଟିଆନ୍ ପରିବାରରେ ଜନ୍ମିତ ଜେନ୍ ରାତିରେ ଥିଓସୋଫି ବା ବ୍ରହ୍ମବିଦ୍ୟା ଉପରେ ଅନର୍ଗଳ ବକ୍ତୃତା ଦେଇ ଅସଂଖ୍ୟ ପ୍ରଶଂସକ ମଧ ସାଉଁଟିଛନ୍ତି। ତାଙ୍କ ସାମଗ୍ରିକ ଜୀବନକୁ ଅନୁଧ୍ୟାନ କରି ଟେମ୍ପଲ୍‌ଟନ୍ ପୁରସ୍କାର ଲାଗି ତାଙ୍କ ନାମ ମନୋନୀତ କରିଯାଇଥିବା ବିଚାରକମଣ୍ଡଳୀ କହିଛନ୍ତି।

**–ଜିତେନ୍ଦ୍ର କୁମାର ନାୟକ**

## ନିରାପଦ ମାତୃତ୍ୱ: ଆଜିର ଆହ୍ୱାନ



**ଡା. କାନ୍ତୀ ନାୟକ**

ନିରାପଦ ମାତୃତ୍ୱ କହିଲେ ଉଭୟ ମାଆ ଓ ଶିଶୁର ସୁରକ୍ଷାକୁ ବୁଝାଏ। ଗର୍ଭଧାରଣ ଓ ପ୍ରସବ ବାବଦରେ ଉପଯୁକ୍ତ ଜ୍ଞାନ ହାସଲ ଏବଂ ଠିକ୍ ପଦକ୍ଷେପ ଦ୍ୱାରା ନିରାପଦ ମାତୃତ୍ୱ ଲାଭ ସମ୍ଭବ। ଏହାଦ୍ୱାରା ମାଆ ଓ ଶିଶୁ ମୃତ୍ୟୁହାର କମିବ। ସୁଷମ ଓ ପୁଷ୍ଟିକର ଆହାର ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ପ୍ରତିଷେଧକ ଟିକା ଗ୍ରହଣ, ପ୍ରସବ ସମୟରେ ତାଲିମପ୍ରାପ୍ତ ଧାତ୍ରୀଙ୍କ ସାହାଯ୍ୟ ନେବା ଉଚିତ। ଏହାଯୋଗୁ ମାଆ-ଶିଶୁଙ୍କ ଜୀବନ ସୁରକ୍ଷିତ ରହିବ। ଏବେ ମହିଳାମାନେ ନିଜ କର୍ମ ସଂସ୍ଥାନର ଦାୟିତ୍ୱ କୁହନ୍ତୁ ବା ଘର ସଂସାରର ବୋଝ, ସବୁଠି ନିଜକୁ ନିଜେ ହିଁ ଅବହେଳିତ କରୁଛନ୍ତି। ଯାହାପାଇଁ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ମହିଳାଙ୍କର ଶାରୀରିକ ଅସୁସ୍ଥତା ଦେଖାଯାଉଛି। ନିରାପଦ ମାତୃତ୍ୱ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହେଉଛି ଅସଚେତନତା, ଦାରିଦ୍ର୍ୟ, କୁପୋଷଣ ଓ ଅଶିକ୍ଷା। ଅଳ୍ପ ବୟସରୁ ବିବାହ କରି ସଂସାରକୁ ନ ବୁଝିଥିବା ଝିଅଟି ଖୁବ୍‌ଶୀଘ୍ର ଗର୍ଭଧାରଣ କରିବା ଦ୍ୱାରା ଏହା ଉଭୟ ମାଆ ଓ ଶିଶୁ ଉପରେ ଭୟଙ୍କର ପ୍ରଭାବ ପକାଇଥାଏ। ଅନେକ କ୍ଷେତ୍ରରେ ମାତୃ ମୃତ୍ୟୁହାରର ଏହା ବଡ଼ କାରଣ ପାଲଟିଥାଏ। କେବଳ ମାତୃ ମୃତ୍ୟୁହାର ନୁହେଁ, କେତେକ କ୍ଷେତ୍ରରେ ପିଲାଟି ଜନ୍ମ ହେବା ପୂର୍ବରୁ ବା ଜନ୍ମ ହେବାର କିଛି ଦିନ ପରେ ମୃତ୍ୟୁବରଣ କରିଥାଏ। ଅନେକ କ୍ଷେତ୍ରରେ ଦୁର୍ବଳିଆ ଶିଶୁ ଜନ୍ମ ନେଇ ସାରା ଜୀବନ ବିଭିନ୍ନ ରୁଗ୍ଣ ସମସ୍ୟାକୁ ସାମ୍ନା କରିଥାଏ। ସେହିପରି ନିରାପଦ ମାତୃତ୍ୱ କ୍ଷେତ୍ରରେ କୁପୋଷଣ ଅନ୍ୟ ଏକ ସମସ୍ୟା। ସନ୍ତାନଟି ଗର୍ଭସ୍ଥ ହେବାପରେ ଠିକ୍ ଭାବେ ଖାଦ୍ୟ, ବିଶ୍ରାମ, ଡାକ୍ତରୀ ପରାମର୍ଶ ଓ ନିର୍ଦ୍ଦିଷ୍ଟ ଔଷଧ ଓ ଟିକା ଗ୍ରହଣ ଜରୁରୀ। ଗର୍ଭବତୀ ମାଆଟି ପାଇଁ ତା' ଶରୀର ଏବଂ କାର୍ଯ୍ୟ ତୁଳନାରେ ପୌଷ୍ଟିକ ଓ ସୁଷମ ଖାଦ୍ୟ ତା' ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁ କଲ୍ୟାଣ ବିଭାଗ ଏ ଦିଗକୁ ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କରି ସରକାରୀ ଭାବେ ଗର୍ଭବତୀ ମାଆଙ୍କୁ ପ୍ରାଥମିକ ଅବସ୍ଥାରୁ ଡାକ୍ତରୀ ପରାମର୍ଶ, ଉତ୍ତମ ସୁଷମ ଖାଦ୍ୟ ଓ ଆନୁଷଙ୍ଗିକ ସହାୟତା ଯୋଗାଇ ଦିଆଯାଉଛି। ସରକାରୀ ବ୍ୟବସ୍ଥାରେ ରାଜ୍ୟରେ ଅଗମ୍ୟ ଅଞ୍ଚଳରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ କରାଯାଉଛି। ତେବେ ଏତେ ସବୁ ଭିତରେ ମଧ କେତେକ ସ୍ଥାନରେ ନିରାପଦ ମାତୃତ୍ୱ ଅପହଞ୍ଚ ହୋଇଯାଉଛି ତ କେଉଁଠି ଗର୍ଭବତୀଙ୍କ ନିକଟ ସମ୍ପର୍କୀୟମାନଙ୍କ ଠିକ୍ ତଥ୍ୟ ଅଭାବରୁ ପରିସ୍ଥିତି ଜଟିଳ ହୋଇଯାଉଛି। କେନ୍ଦ୍ର ସରକାର ମଧ କେତେକ କ୍ଷେତ୍ରରେ ନିରାପଦ ମାତୃତ୍ୱକୁ ସୁନିଶ୍ଚିତ ସୁରକ୍ଷିତ କ୍ଷେତ୍ର ଭାବେ ଅଗ୍ରାଧିକାର ଦେଇ ବିଭିନ୍ନ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ମାଧ୍ୟମରେ ଅନେକ ସହାୟତା ପ୍ରଦାନ କରୁଛନ୍ତି। ଜଣେ ନିଜର କେହି ନ ହେଲେ ବି ପଡ଼ୋଶୀଟିଏ ହେଉ ବା ଅପରିଚିତ, ସେମାନଙ୍କୁ ସରକାରୀ ବ୍ୟବସ୍ଥାର ସମସ୍ତ ସୁବିଧା ସୁଯୋଗ ଓ ସ୍ୱାସ୍ଥ୍ୟଜନିତ ସଚେତନତା ସେମାନଙ୍କ ପାଖରେ ପହଞ୍ଚିବାର ଗୁରୁଦାୟିତ୍ୱ ନିର୍ବାହ କଲେ ନିଜକୁ ଜଣେ ସମାଜର ଯଥାର୍ଥ ଜାଗ୍ରତ ପ୍ରହରୀ ଓ ଉପଯୁକ୍ତ ନାଗରିକ ଭାବେ ଦାୟିତ୍ୱ ନିର୍ବାହ କରିପାରିବା।

ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ
ଅର୍ବାନ ସିଏଚ୍‌ସି, ସିଡିଏ, କଟକ

## ଏଇ ଭାରତରେ

ରାଜନୀତିରେ ମହିଳାମାନଙ୍କର ଭାଗୀଦାରି ବଢ଼ାଇବା ଏବଂ ହିଂସା ବିରୋଧରେ ଲଢ଼େଇ କରିବାକୁ ୧୬୦୦ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିପାରିଛନ୍ତି ପଶ୍ଚିମବଙ୍ଗର ୪୫ ବର୍ଷୀୟା ଅନିନ୍ଦିତା ମଜୁମଦାର। ୨୦୧୬ରେ ଅନିନ୍ଦିତା ଇକ୍ୱିଡାଇଭର୍‌ସିଟି ଫାଉଣ୍ଡେଶନ ଗଠନ କରି ତା' ମାଧ୍ୟମରେ ପୁରୁଲିଆ, ବୀରଭୂମ ଏବଂ ସୁନ୍ଦରବନ ଅଞ୍ଚଳରେ ଏହି ଅଭିଯାନ ଚଳାଇଛନ୍ତି। ତାଙ୍କ ଉଦ୍ୟମରେ ବୀରଭୂମରେ ୯ ଜଣ ଓ ୨୪ ପ୍ରଗଣାରେ ୩ ଜଣ ମହିଳା ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି। ଅନିନ୍ଦିତାଙ୍କ ଜନ୍ମ କୋଲକାତାରେ। ସେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ୨୦ ବର୍ଷ ହେବ କାର୍ଯ୍ୟ କରୁଛନ୍ତି। ଘରୋଇ ଓ ସାମାଜିକ ହିଂସାକୁ କିଭଳି ରୋକାଯାଇପାରିବ ସେ ସମ୍ପର୍କରେ ମହିଳାମାନଙ୍କୁ ବି ପ୍ରଶିକ୍ଷଣ ଦେଉଛନ୍ତି। ଲିଙ୍ଗଗତ ପ୍ରଭେଦ ହ୍ରାସ କରିବା ଦିଗରେ ବି ଲୋକମାନଙ୍କୁ ସଚେତନ କରୁଛନ୍ତି ଅନିନ୍ଦିତା। ବାଲ୍ୟ ବିବାହ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ପଶ୍ଚିମବଙ୍ଗରେ ଏହାକୁ ହ୍ରାସ କରିବାକୁ ପ୍ରୟାସ କରୁଛନ୍ତି। ମହିଳାମାନଙ୍କ ଦ୍ୱାରା ସେ ନ୍ୟୁଟ୍ରିଶନ ଗାର୍ଡେନ ପ୍ରତିଷ୍ଠା କରି ପିଲାମାନଙ୍କ ପାଇଁ ଜୈବିକ ପରିବା ଉତ୍ପାଦନ କରୁଛନ୍ତି। ଏହା ବ୍ୟତୀତ ୩୦ ଜଣ ଭିନ୍ନକ୍ଷମ ପିଲାଙ୍କୁ ନୂଆ ଜୀବନ ଦେବାଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବୃକ୍ଷରୋପଣ ଆରମ୍ଭ କରାଯାଉ

ମହାଶୟ,

ଗ୍ରାମାଞ୍ଚଳରେ ଜାଳକାଠ ମିଳୁଥିବାରୁ ଲୋକେ ଚୁଲି ଓ ରନ୍ଧନ ଗ୍ୟାସ ଉଭୟ ବ୍ୟବହାର କରୁଛନ୍ତି। ସହରାଞ୍ଚଳ କାଠ ଗୋଦାମଗୁଡ଼ିକ ଖାଁ ଖାଁ ଓ ଅନେକ ବନ୍ଦ ହୋଇଗଲାଣି। କମାରଶାଳରେ କୁରାଢ଼ି ଧାର ହେଉଛି କିନ୍ତୁ ସଂଖ୍ୟା ପୂର୍ବଭଳି ନାହିଁ। ଗଛକଟା ମେଶିନ୍ ବାହାରି ବା ପରେ ପରେ ଗଛ କଟାଳିଙ୍କ ଜୀବନ ଜୀବିକା ଦୁର୍ବିଷହ ହୋଇପଡ଼ିଛି। ଯେଉଁ କାମ ଦଶଜଣ ଦଶ ଦିନରେ ସାରୁଥିଲେ, ଏବେ ମେଶିନ୍ ସାହାଯ୍ୟରେ ତିନିଜଣ ଦଶଘଣ୍ଟା ମଧ୍ୟରେ ସେହି କାମ ସାରି ଦେଉଛନ୍ତି। ଫାଇଦାରେ ରହୁଛନ୍ତି ଘରମାଲିକ। ଯେଉଁ ରକମ ଯେଉଁ ସାଇଜ୍‌ରେ ମୋଟା ପତଳା କାଠ ଦରକାର ଅଳ୍ପ ସମୟ ମଧ୍ୟରେ ମେଶିନ୍ କାଟି ଦେଉଛି। ରାଜ୍ୟର ଠାଏ ଠାଏ ବନ ବିଭାଗ କରତକଳ ସିଲ୍ କରୁଛି ତ ପୁଣି କିଛିଦିନ ବିତିଯିବା ପରେ ପରେ ଚାଲୁ ହୋଇଯାଉଛି। କରତକଳ ମାଲିକଙ୍କୁ ନିଜ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କରିବାକୁ ଆଦେଶ ମିଳିବା ଦରକାର। ସୁଦୀର୍ଘ ସମୁଦ୍ରତଟ ଓ ବ୍ୟାପକ ଜଙ୍ଗଲ ପାଇଁ ଆମକୁ ପ୍ରଚୁର ଅମ୍ଳଜାନ ମିଳୁଛି ; ଯାହା କି କରୋନା କାଳରେ ଲାଭ ମିଳୁଛି । ବାହାଘର ସଂଖ୍ୟା କମିଥିବାରୁ ଫର୍ନିଚର ବେପାରୀ ଓ ବଢ଼େଇର କାମ ବଢୁନାହିଁ। ଅମାନିଆଙ୍କ ଠାରୁ ଆଦାୟ ହେଉଥିବା ଜରିମାନା ବୃକ୍ଷରୋପଣ ଓ କରୋନାରେ ଆଖି ବୁଜୁଥିବା ବିପିଏଲ୍ ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ କିଛି ଆର୍ଥିକ ସହାୟତା ଦିଆଯାଇପାରିଲେ ଭଲ ହୁଅନ୍ତା। ରାଜ୍ୟରେ ମୌସୁମୀ ଆଗମନ ପୂର୍ବ ବର୍ଷା ଓ କରୋନା କଟକଣା ପାଇଁ ଅଂଶୁଘାତଜନିତ ଦୁର୍ଘଟଣା ନାହିଁ, କିନ୍ତୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ପୂର୍ବବର୍ଷ ଅପେକ୍ଷା ଆହୁରି ଅଧିକ କରିବା ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ ହେବା ଦରକାର।

– ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୋଳଇ କେତେ କୀରତି ନର
ଖୋଳଇ କେତେ ମାଟି
ଲେଖଇ ନାମ, ଲେଖଇ ନିଜ ଯଶ
ରହିଚି ଆଜି ଅତୀତ କଥା
ପଥର ଦେହ କାଟି
ନିଗାଡ଼ି କେତେ ସରଗ ସୁଧାରସ !
(ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳେ ଧରିତ୍ରୀ

**୩୦ ମେ ୧୯୯୬**

- ମୋରଦାବାଦ-ରାମପୁର ଜାତୀୟ ରାଜପଥରେ ମୁଣ୍ଡାପାଣ୍ଡେ ନିକଟରେ ଯାତ୍ରୀବାହୀ ବସ୍ ଗୋଟିଏ ଗଛ ସହ ଧକ୍କା ଲାଗିବା ଫଳରେ ୧୪ଜଣଙ୍କ ମୃତ୍ୟୁ।
- ମୁମ୍ବାଇସ୍ଥିତ ନାନ୍‌ଦେଡ୍ ଜିଲାର କନ୍‌ୱାଟ୍ ତହସିଲ ଅନ୍ତର୍ଗତ ଛିକାଲି ନିକଟରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବାଫଳରେ ୧୬ ମୃତ।
- ଭାରତୀୟ ହକି ତାରକା ଜୁଡୋ ଫେଲିକ୍ସଙ୍କ ଆନ୍ତର୍ଜାତିକ ହକିରୁ ଅବସର ଘୋଷଣା।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | | |
| | | 3 | | | | 2 | | |
| 6 | | | | 3 | | 5 | | 8 |
| 5 | | | | | | | | 6 |
| | | | 9 | 6 | | 1 | 7 | |
| | | | 8 | | | | | 5 |
| 1 | | 7 | | 9 | | | | 3 |
| 8 | | | 7 | | | | 4 | |
| 9 | | 5 | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 7 | 6 | 3 | 2 | 8 | 1 | 4 |
| 8 | 3 | 1 | 7 | 9 | 4 | 2 | 5 | 6 |
| 2 | 6 | 4 | 1 | 5 | 8 | 3 | 9 | 7 |
| 9 | 2 | 6 | 8 | 7 | 1 | 4 | 3 | 5 |
| 4 | 1 | 8 | 3 | 6 | 5 | 9 | 7 | 2 |
| 3 | 7 | 5 | 2 | 4 | 9 | 6 | 8 | 1 |
| 1 | 5 | 3 | 4 | 8 | 6 | 7 | 2 | 9 |
| 7 | 4 | 2 | 9 | 1 | 3 | 5 | 6 | 8 |
| 6 | 8 | 9 | 5 | 2 | 7 | 1 | 4 | 3 |

ଗତକାଲିର ଉତ୍ତର

# ସଙ୍କଟରେ ବି ପ୍ରତିଶ୍ରୁତି ଭୁଲିନୁ: ନବୀନ

## ବିଜେଡି ସରକାର ୫ମ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ସଙ୍କଟର ମୁକାବିଲା କରି ଚାଲିଛନ୍ତି। ଏହାସତ୍ତ୍ୱେ ଲୋକଙ୍କୁ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ଆମେ ଭୁଲିନାହୁଁ। ବିଜେଡି ଶାସନର ପଞ୍ଚମ ପାଳିରେ ୫-ଟି ମୁଖ୍ୟ ଫୋକସ୍ ହୋଇଛି। ପ୍ରତ୍ୟେକ ବିଭାଗ ସେମାନଙ୍କ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ପଦକ୍ଷେପ ନେଇଛନ୍ତି। ଏହି ଲକ୍ଷ୍ୟ ପୂରଣ ଦିଗରେ ନିରନ୍ତର କାମ କରିଚାଲିଛନ୍ତି। ଲୋକଙ୍କ ସହିତ ସିଧାସଳଖ ସମ୍ପର୍କ ରଖିବା ପାଇଁ ମୋ ସରକାର ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ସମୟକ୍ରମେ ପ୍ରତ୍ୟେକସ୍ତରରେ ଲୋକଙ୍କ ପ୍ରତି ସରକାରୀ କର୍ମଚାରୀଙ୍କ ମନୋଭାବ ଏବଂ ବ୍ୟବହାରରେ ପରିବର୍ତ୍ତନ ଆଣିବାରେ ଏହା ସଫଳ ହୋଇଛି। ପ୍ରଶାସନ ଏବଂ ସରକାରୀ ସେବା ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରି ସରକାରୀ ବ୍ୟବସ୍ଥାରେ ଢାଞ୍ଚାଗତ ଓ ପ୍ରକ୍ରିୟାଗତ ପରିବର୍ତ୍ତନ ଆଣିବା ପାଇଁ ପଦକ୍ଷେପ ନିଆଯାଇଛି। ଶନିବାର ବିଜେଡି ସରକାରର ୫ମ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ମନ୍ତ୍ରୀ ପରିଷଦ ବୈଠକକୁ ଉଦ୍‌ବୋଧନ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାବାସୀଙ୍କୁ ଆମେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ତଥା ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବାରେ ପଞ୍ଚମ ପାଳିର ଏହି ଦୁଇ ବର୍ଷ ଅତ୍ୟନ୍ତ ଆହ୍ୱାନମୂଳକ ଥିଲା। ଏପରିକି ପଞ୍ଚମ ପାଳିର ସରକାର ଆରମ୍ଭ ହେବା ପୂର୍ବରୁ ୨୦୧୯ ମେ' ୩ରେ ଫନି ବାତ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେହିଦିନଠାରୁ ଗତ ଦୁଇ ବର୍ଷ ହେଲା ବାତ୍ୟା ଏବଂ କୋଭିଡ୍ ମହାମାରୀର ବିପର୍ଯ୍ୟୟକାରୀ ପ୍ରଭାବକୁ ଆମେ ସାମ୍ନା କରିଆସୁଛୁ। ଲୋକମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଆମେ ସର୍ବୋତ୍ତମ ଚେଷ୍ଟା ଜାରି ରଖିଛୁ। ୨୦୨୦ ମାର୍ଚ୍ଚ ପରଠାରୁ କୋଭିଡ୍ ମହାମାରୀ ଆମର ବିପର୍ଯ୍ୟୟ ପରିଚାଳନା ଅଭିଜ୍ଞତାରେ ଏକ ନୂଆ ସମସ୍ୟା ଭାବରେ ଦେଖାଦେଇଛି। ସ୍ୱାଭାବିକ ଅବସ୍ଥାକୁ ଫେରିବା ଆଜି ଏକ ଆହ୍ୱାନରେ ପରିଣତ ହୋଇଛି। କରୋନା ଭାଇରସ୍ ସଂକ୍ରମଣର ସଫଳ ନିୟନ୍ତ୍ରଣ ପୂର୍ବରୁ ମାନବ ସମାଜକୁ ଏହି ମହାମାରୀର କେତେ ଲହର ଓ ଏହି ଭୂତାଣୁର କେତେ ଅଧିକ ଭାରିଆଣ୍ଟର ସମ୍ମୁଖୀନ ହେବାକୁ ପଡ଼ିବ, ତାହା ବର୍ତ୍ତମାନ ଠିକ୍ ଭାବରେ କହିବା ସମ୍ଭବ ନୁହେଁ। ସେଥିପାଇଁ ପ୍ରସ୍ତୁତ ରହିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏ ପର୍ଯ୍ୟନ୍ତ ରାଜ୍ୟ କରୋନା ସଂକ୍ରମଣର ୨ ଲହର ଦ୍ୱାରା ପ୍ରଭାବିତ ହୋଇସାରିଲାଣି। ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଠିକ୍ ଭାବରେ ପରିଚାଳନା କରିବାରେ ଆମେ ସକ୍ଷମ ହୋଇପାରିଛୁ। ଯେତେବେଳେ ଅନ୍ୟ ରାଜ୍ୟଗୁଡ଼ିକ ଦୁର୍ଭାଗ୍ୟବଶତଃ ଅକ୍ସିଜେନ ସମସ୍ୟା ଭିତରେ ଛନ୍ଦିହୋଇ ଯାଇଥିଲେ, ସେତେବେଳେ ଆମ ଡାକ୍ତରଖାନାଗୁଡ଼ିକରେ ଅକ୍ସିଜେନ ଯୋଗାଣକୁ ସୁବ୍ୟବସ୍ଥିତ କରିବା ସହ ଅନ୍ୟ ରାଜ୍ୟକୁ ମଧ୍ୟ ଯୋଗାଇବାରେ ସଫଳ ହୋଇପାରିଛୁ। ଏବେ ଆମେ ଟିକାକରଣ ଉପରେ ଫୋକସ୍ କରିଛୁ। ଟିକାକରଣ ନିମନ୍ତେ ସମ୍ବଳର ଉପଯୋଗ କରି ଲୋକଙ୍କୁ ଯେତେଶୀଘ୍ର ସମ୍ଭବ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେଇଛୁ।

ବିପର୍ଯ୍ୟୟର ମୁକାବିଲା କିପରି କରିବାକୁ ହେବ, ସେ ବିଷୟରେ ନିରନ୍ତର ଶିକ୍ଷାଲାଭ କରିବାକୁ ହେବ। ତେଣୁ ସ୍କୁଲ, କଲେଜ ପାଠ୍ୟକ୍ରମରେ ବିପର୍ଯ୍ୟୟ ଓ ମହାମାରୀର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତିକୁ ଏକ ବିଷୟ ଭାବରେ ଗ୍ରହଣ କରିବାକୁ ରାଜ୍ୟ ମନ୍ତ୍ରୀ ପରିଷଦ ସଂକଳ୍ପ ପାରିତ କରିଛି। ରାଜ୍ୟର ପ୍ରତ୍ୟେକ ଛାତ୍ରୀଛାତ୍ର, ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧି, ସରକାରୀ ଅଫିସର, ମିଶନ ଶକ୍ତି ସଦସ୍ୟବୃନ୍ଦଙ୍କୁ ପ୍ରାକୃତିକ ଦୁର୍ବିପାକ ଓ ମହାମାରୀର ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ତାଲିମ ଦିଆଯିବ। ବିପର୍ଯ୍ୟୟ ପରିଚାଳନାରେ ଗୋଷ୍ଠୀ ସଚେତନତା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ଉପରେ ରାଜ୍ୟ ସରକାର ସବୁବେଳେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ଆସିଛନ୍ତି। ସାରା ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ୮,୫୦୦ କୋଟି ଟଙ୍କାର ବିପୁଳ ପୁଞ୍ଜି ବିନିଯୋଗ କରାଯାଇଛି। ୩,୫୦୦ କୋଟି ଟଙ୍କା ବ୍ୟୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବରେ ବିକଶିତ କରାଯିବ। ଗତ ବର୍ଷକ ମଧ୍ୟରେ ୭୮୬ ଜଣ ଡାକ୍ତର ଓ ୫,୧୩୭ ଜଣ ପାରାମେଡିକ୍ସଙ୍କୁ ନିଯୁକ୍ତି ଦିଆଯାଇଛି। ଯୁବ ସମାଜକୁ ବିଶ୍ୱର ନିଯୁକ୍ତି ବଜାରର ଚାହିଦା ମୁତାବକ ପ୍ରସ୍ତୁତ କରିବା ପାଇଁ ସ୍କିଲ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମର ଅଂଶସ୍ୱରୂପ ବିଶ୍ୱ ଦକ୍ଷତା କେନ୍ଦ୍ର ଆରମ୍ଭ କରାଯାଇଛି। କୋଭିଡ୍ ମହାମାରୀ ପରିସ୍ଥିତି ସତ୍ତ୍ୱେ ଦେଶର କେତେକ ବଡ଼ ବଡ଼ ପୁଞ୍ଜିନିବେଶକୁ ଆକର୍ଷିତ କରିବାରେ ଓଡ଼ିଶା ସଫଳ ହୋଇପାରିଛି। କୃଷି ଓ କୃଷକର ଉନ୍ନତି ହେଉଛି ରାଜ୍ୟର ବିକାଶର ଆଧାରଶୀଳା। ଗତ ଏକ ବର୍ଷ ମଧ୍ୟରେ କାଳିଆ ଯୋଜନାରେ ରାଜ୍ୟର ଚାଷୀମାନଙ୍କ ବ୍ୟାଙ୍କ ଖାତାରେ ୬୧୧୮ କୋଟିରୁ ଅଧିକ ଟଙ୍କା ଜମା କରି ଆମେ ଆମର ପ୍ରତିଶ୍ରୁତି ରକ୍ଷା କରିପାରିଛୁ। ମହିଳା ସଶକ୍ତୀକରଣକୁ ଦୃଷ୍ଟିରେ ରଖି ମିଶନ ଶକ୍ତି କାର୍ଯ୍ୟକ୍ରମକୁ ମଜଭୁତ କରାଯାଇଛି। ମିଶନ ଶକ୍ତିର ଆର୍ଥିକ ସଶକ୍ତୀକରଣ ପାଇଁ ଆଗାମୀ ୫ ବର୍ଷରେ ୫,୦୦୦ କୋଟି ଟଙ୍କାର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସମ୍ପୃକ୍ତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ପଞ୍ଚାୟତିରାଜ ଅନୁଷ୍ଠାନ ତଥା ପୌରସଂସ୍ଥାଗୁଡ଼ିକୁ ମଜଭୁତ କରିବା ପାଇଁ ଅର୍ଥ କମିଶନଙ୍କ ଅନୁଦାନ ଜରିଆରେ ଗତ ୨ବର୍ଷ ମଧ୍ୟରେ ୧୧,୨୮୭ କୋଟି ଟଙ୍କାର ଆର୍ଥିକ ଅନୁଦାନ ଦିଆଯାଇଛି। ଓଡ଼ିଶାର ଜନସାଧାରଣ ପଞ୍ଚମ ଥର ପାଇଁ ଆମକୁ ଆଶୀର୍ବାଦ କରି ସେବାର ସୁଯୋଗ ଦେଇଛନ୍ତି। ଲୋକଙ୍କୁ ଆମେ ଦେଇଥିବା ପ୍ରତିଶ୍ରୁତି ଏବଂ ସେମାନଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମେ କଠିନ ପରିଶ୍ରମ କରୁଛୁ। ଓଡ଼ିଶାର ବିକାଶ ନିମନ୍ତେ ଆମର ଭଲ କାମକୁ ଜାରି ରଖିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ନବୀନ ପଟ୍ଟନାୟକ

# ଏଣିକି 'ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ' ବିଭାଗ

## ବଦଳିଲା ବିଭାଗ ନାମ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ରାଜ୍ୟ 'ଜଙ୍ଗଲ ଓ ପରିବେଶ' ବିଭାଗ ନାମ ପରିବର୍ତ୍ତନ କରାଯାଇଛି। ଏହାକୁ 'ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ' ନାମରେ ନାମିତ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି ବିଭାଗ ଜଙ୍ଗଲ ଓ ପରିବେଶ ସୁରକ୍ଷା ଏବଂ ସଂରକ୍ଷଣ ସହିତ ଜଳବାୟୁ ପରିବର୍ତ୍ତନ ଉପରେ ଧ୍ୟାନ ଦେବ। ଜଳବାୟୁ ପରିବର୍ତ୍ତନ କାର୍ଯ୍ୟାବଳୀ ନିମିତ୍ତ ଏହା ରାଜ୍ୟରେ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଜଳବାୟୁ ପରିବର୍ତ୍ତନ ଉପରେ ଜାତୀୟ କାର୍ଯ୍ୟ ଯୋଜନା (ଏସ୍‌ଏପିସିସି)ର ବିକାଶ ସହିତ ଅନ୍ୟାନ୍ୟ ଯୋଜନା, ନୀତି, କାର୍ଯ୍ୟକ୍ରମ, ଜଳବାୟୁ କାର୍ଯ୍ୟାବଳୀ ଉପରେ ପ୍ରକଳ୍ପ ପ୍ରସ୍ତୁତ କରିବ। ଏହା ଇଞ୍ଜିନିୟରିଂ ବିଭାଗଗୁଡ଼ିକ ସହିତ ଘନିଷ୍ଠ ସମନ୍ୱୟ ରଖି କାର୍ଯ୍ୟ କରିବ। ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ପରିଲକ୍ଷିତ ରାଜ୍ୟର ପ୍ରମୁଖ ଦୁର୍ବଳତାଗୁଡ଼ିକୁ ଚିହ୍ନଟ କରିବା, ଭବିଷ୍ୟତର ଜଳବାୟୁ ପରିବର୍ତ୍ତନ ସହିତ ଖାପ ଖୁଆଇବାର ଆବଶ୍ୟକତାକୁ ଆକଳନ କରିବା ପ୍ରସଙ୍ଗକୁ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବ।

# ଅନ୍ଧବିଶ୍ୱାସ: ମୃତ ଶିଶୁ ପାଇଁ ଗୁଣିଗାରେଡ଼ି

- ୩୬ ଘଣ୍ଟା ପଡ଼ିରହିଲା ମୃତଦେହ
- ପ୍ରଶାସନ ହସ୍ତକ୍ଷେପ ପରେ ହେଲା ସତ୍କାର

ସୋନପୁର,୨୯।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ନାରାୟଣପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୧୦ମାସର ଶିଶୁପୁତ୍ରର ମୃତଦେହ ସତ୍କାର ନ ହୋଇ ୩୬ଘଣ୍ଟା ହେଲା ଘରେ ପଡିରହିଛି। ଅନ୍ଧବିଶ୍ୱାସ ଯୋଗୁ ଏପରି ହୋଇଛି। ନବଘନ କର୍ମୀ(୩୪) ନିଜ ଶିଶୁପୁତ୍ରକୁ ଝାଡାବାନ୍ତି ହେବାରୁ ଗୁରୁବାର ରାତିରେ ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ଶୁକ୍ରବାର ସକାଳେ ଶିଶୁର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଘରକୁ ଫେରିବା ପରେ ନବଘନ ଜଣେ ଗୁଣିଆ(ତାନ୍ତ୍ରିକ)କୁ ଡାକି ଆଣିଥିଲେ। ଗୁଣିଆ କହିଥିଲେ ପୁଅ ଉପରେ ଡାହାଣୀର ଦୃଷ୍ଟି ପଡିଛି। ସେ ଶିଶୁ ଦେହରେ ହଳଦୀ, ଚନ୍ଦନ ଓ ଅଳତା ବୋଳି ଦେଇଥିଲେ। ଶନିବାର ସକାଳ ୭ଟା ସୁଦ୍ଧା ଶିଶୁଟି ବଞ୍ଚିଯିବ ବୋଲି ବିଶ୍ୱାସ ଜନ୍ମାଇଥିଲେ। ଗୁଣିଆ କଥାରେ ପଡି ପୁଅର ମୃତ୍ୟୁକୁ ସହଜରେ ଗ୍ରହଣ କରିପାରି ନ ଥିଲେ ମା', ବାପା। ପୁଅ ବଞ୍ଚିବା ଆଶାରେ ଖଟରେ ଶୁଆଇ ଦେଇ ଚାହିଁ ବସିଥିଲେ ଜନ୍ମକଲା ମା'। ସମୟ ଅତିକ୍ରାନ୍ତ ହେବାରୁ ପରିବାର ଲୋକେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗଡଭେଲିପଦର ଗାଁର ଆଉ ଜଣେ ଗୁଣିଆଙ୍କ ନିକଟକୁ ଯାଇଥିଲେ। ସେ ମଧ୍ୟ ପୁଅ ବଞ୍ଚିଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଏଥିପାଇଁ ପରିବାର ଲୋକେ ଘର ଭିତରକୁ ବାହାର ଲୋକଙ୍କୁ ଯିବାକୁ ଦେଉ ନ ଥିଲେ। ସବିଶେଷ ତଥ୍ୟ ଅନୁସାରେ ପ୍ରଶାସନର ହସ୍ତକ୍ଷେପ ପରେ ମୃତକଙ୍କ ପରିବାର ରାତି ୮ଟାରେ ଶିଶୁର ମୃତଦେହ ଗାଁ ଶ୍ମଶାନକୁ ନେଇ ସତ୍କାର କରିଛନ୍ତି।


ମୃତ ଶିଶୁପୁତ୍ର।

# ରତ୍ନବେଦି ଫଟୋ ଭାଇରାଲ୍

- ସିଂହଦ୍ୱାର ଥାନାରେ ଶ୍ରୀମନ୍ଦିର ପ୍ରଶାସନର ଏତଲା
- ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ଉଠିଲା ପ୍ରଶ୍ନ

ପୁରୀ ଅଫିସ,୨୯।୫

ପୁରୀରେ କିଛିଦିନର ବ୍ୟବଧାନ ପରେ ଶ୍ରୀମନ୍ଦିରର ଭିତର ଫଟୋ ପୁଣି ଭାଇରାଲ ହୋଇଛି। ଏଥର ଶ୍ରୀମନ୍ଦିରର ଗର୍ଭ ଗୃହ ରତ୍ନସିଂହାସନ ଫଟୋ ଭାଇରାଲ ହେବା ନେଇ ଅଭିଯୋଗ ହୋଇଛି। ଖବର ପ୍ରଚାରିତ ହେବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ପ୍ରଶାସକ ଏ ନେଇ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁସାରେ, ପଶ୍ଚିମବଙ୍ଗ କୋଲକାତାର ପର୍ଯ୍ୟଟକ ଅରିଜିତ୍ ଚନ୍ଦ୍ରା ନିଜ ଫେସ୍‌ବୁକ୍ ପେଜରେ ଏହି ଫଟୋ ପୋଷ୍ଟ କରିଛନ୍ତି। ପୋଷ୍ଟଟିରେ ୮ଜଣଙ୍କୁ ଟ୍ୟାଗ୍ ମଧ୍ୟ କରାଯାଇଛି। ସେଥିରେ ଜଣେ ବରିଷ୍ଠ ସେବାୟତଙ୍କୁ ମଧ୍ୟ ଟ୍ୟାଗ୍ କରାଯାଇଛି। ଏ ନେଇ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଗତ ୨୭ ତାରିଖରେ ସମ୍ପୃକ୍ତ ଫଟୋଟି ଫେସବୁକ୍‌ରେ ପୋଷ୍ଟ ହୋଇଥିଲା। ଏହା ଜଣାପଡ଼ିବା ପରେ ପ୍ରଶାସନର ଆଇଟି ବିଭାଗର ସହଯୋଗରେ ପ୍ରାଥମିକ ତଦନ୍ତ କରାଯାଇଥିଲା। ତଦନ୍ତ ପରେ ଫଟୋଟି ଗର୍ଭ ଗୃହର ହୋଇଥିବା ନେଇ ସନ୍ଦେହ ହେଉଛି। ତେଣୁ ସିଂହଦ୍ୱାର ଥାନାରେ ଅଭିଯୋଗ କରାଯାଇଛି। ଶ୍ରୀମନ୍ଦିର ମଧ୍ୟକୁ ମୋବାଇଲ ନିଷେଧ ଥିବାବେଳେ ପର୍ଯ୍ୟଟକ କିଭଳି ମୋବାଇଲ ଫୋନ୍ ନେଇ ଭିତରକୁ ଗଲେ ତାହା ମଧ୍ୟ ତଦନ୍ତ ସାପେକ୍ଷ। ତେବେ ଘଟଣାର ତଦନ୍ତ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ। ଅନ୍ୟପକ୍ଷେ ସୋସିଆଲ୍ ମିଡିଆରେ ଗୋଟିଏ ଗୋଷ୍ଠୀ ଫଟୋଟି ଶ୍ରୀମନ୍ଦିର ଭିତରର ବୋଲି କହି ଶ୍ରୀମନ୍ଦିର ପ୍ରଶାସନର ସୁରକ୍ଷା ବ୍ୟବସ୍ଥାକୁ ସମାଲୋଚନା କରୁଥିବା ବେଳେ ଅନ୍ୟ କେତେଜଣ ଏହାକୁ ଏଡିଟେଡ୍ ଫଟୋ ବୋଲି କହୁଛନ୍ତି। ତେବେ ଫଟୋଟିରେ ଗର୍ଭଗୃହରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଅଧିଷ୍ଠିତ ହୋଇଥିବା ଦେଖିବାକୁ ମିଳୁଛି। ଶ୍ରୀମନ୍ଦିର ଭିତରକୁ କ୍ୟାମେରା କିମ୍ବା ମୋବାଇଲ ନେବାକୁ ଅନୁମତି ନ ଥିବାବେଳେ ଗର୍ଭଗୃହର ଫଟୋ କେବେ ଉଠିଲା ଓ କିଏ, କିପରି ଉଠାଇଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଏ ସମ୍ପର୍କରେ ସିଂହଦ୍ୱାର ଥାନା ଆଇଆଇସି ଗେଲି ସାହୁ କହିଛନ୍ତି, ସମ୍ପୃକ୍ତ ପ୍ରସଙ୍ଗ ଅତ୍ୟନ୍ତ ସମ୍ବେଦନଶୀଳ। ମାମଲା ରୁଜୁ କରି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ ହୋଇଛି। ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି, ଶ୍ରୀମନ୍ଦିର ଭିତର ଫଟୋ ବାରମ୍ବାର ଭାଇରାଲ ହେଉଛି। ସରକାର ଏ ନେଇ କେବେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଶ୍ରୀମନ୍ଦିର ପ୍ରଶାସନ କୋହଳ ମନୋଭାବ ପୋଷଣ କରୁଛି। ପ୍ରଶାସନ ଆଇନ ଉଲ୍ଲଂଘନ କରୁଥିବା ଲୋକଙ୍କ ବିରୋଧରେ କଡ଼ା ପଦକ୍ଷେପ ନେଉ ନାହିଁ। ଫଳରେ ଫଟୋ ଉଠାଇବା ଏବେ ଏକ ସାଧାରଣ ଘଟଣା ହେବା ଆରମ୍ଭ କଲାଣି।




# ଅକ୍ସିଜେନ ପରିବହନ ପାଇଁ ସାଉଦି ଆରବରୁ ଆସିବ ୧୦୦ରୁ ଊର୍ଦ୍ଧ୍ୱ କଣ୍ଟେନର

## ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

ସାଉଦିଆରବରୁ ଭାରତକୁ ଆସିବ ଆଉ ୧୦୦ଟି ଆଇଏସ୍‌ଓ କଣ୍ଟେନର। ଏଥିରେ ଲିକ୍ୱିଡ଼ି ମେଡିକାଲ ଅକ୍ସିଜେନ (ଏଲ୍‌ଏମ୍‌ଓ) ପରିବହନ ହେବ। ଇତିମଧ୍ୟରେ ସାଉଦି ୬୦ଟନ୍ ଏଲ୍‌ଏମ୍‌ଓ ସହ ୩ଟି ଆଇଏସ୍‌ଓ କଣ୍ଟେନର ଭାରତ ପଠାଇଛି। ଆସନ୍ତା ଜୁନ୍ ୬ରେ ଏହା ମୁମ୍ବାଇରେ ପହଞ୍ଚିବ। ଏବେ ଅତିରିକ୍ତ ୧୦୦ କଣ୍ଟେନର ଆଇଏସ୍‌ଓ କଣ୍ଟେନର ପଠାଇବାର ବ୍ୟବସ୍ଥା କରିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାଉଦିଆରବର ଉର୍ଜା ମନ୍ତ୍ରୀ ପ୍ରିନ୍ସ ଅବଦୁଲାଜିଜ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, କରୋନା ମୁକାବିଲାରେ ଭାରତକୁ ସହଯୋଗ କରିବା ପାଇଁ ସାଉଦିଆରବ ଆଗେଇ ଆସିଛି। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସାଉଦିଆରବ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କର ପ୍ରତିଫଳନ। ଆସୁଥିବା ୩ କଣ୍ଟେନର ଓ ଆଗାମୀ ଦିନରେ ଆସିବାକୁ ଥିବା କଣ୍ଟେନରଗୁଡ଼ିକ ୬ମାସ ପର୍ଯ୍ୟନ୍ତ ଇଣ୍ଡିଆନ ଅଏଲ ପାଖରେ ରହିବ। ସାଉଦି ଆରବର କମ୍ପାନୀ ଲିଣ୍ଡେ ଦାମନମ୍‌ଠାରୁ ଇଣ୍ଡିଆନ ଅଏଲ ଅକ୍ସିଜେନ ଦେଶ ପାଇଁ ଆମଦାନୀ କରିବ। ସୂଚନାଯୋଗ୍ୟ, କୋଭିଡ୍ ଲଢ଼େଇରେ ଭାରତକୁ ସହଯୋଗ କରିବା ପାଇଁ ଚଳିତ ମାସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ସାଉଦିଆରବ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

## ସଂକ୍ଷେପରେ

# ନୂଆଗାଁ ପୂର୍ବତନ ତହସିଲଦାର ନିଲମ୍ବିତ

## ଜମିର କିସମ ପରିବର୍ତ୍ତନ କରି ଅଡୁଆରେ ପଡ଼ିଲେ

**ନୟାଗଡ଼ ଅଫିସ,୨୯।୫:** ଏକ ଜମିର କିସମ ପରିବର୍ତ୍ତନ ନେଇ ନୟାଗଡ଼ ଜିଲା ନୂଆଗାଁର ପୂର୍ବତନ ତହସିଲଦାର ଶରତ କୁମାର ମଲ୍ଲିକଙ୍କୁ ନିଲମ୍ବନ କରାଯାଇଛି। ଏନେଇ ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏକ ନିର୍ଦ୍ଦେଶନାମା ଜାରି କରି ଦର୍ଶାଇଛନ୍ତି ନିଲମ୍ବିତ ତହସିଲଦାର ନୟାଗଡ଼ ଜିଲା ଛାଡି ଅନ୍ୟତ୍ର ଯାଇ ପାରିବେ ନାହିଁ। ସେ ରାଜସ୍ୱ କ୍ଷତି କରିଛନ୍ତି। ସୂଚନା ଅନୁଯାୟୀ, ସେ ନୂଆଗାଁ ତହସିଲ ଅଞ୍ଚଳରେ ମେସର୍ସ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକଚରକୁ ଅନୁକମ୍ପା ଦେଖାଇ ୯୪ ଏକର ଚାଷଜମିକୁ ଘରବାଡି କିସମରେ ପରିବର୍ତ୍ତନ କରାଇଥିଲେ। ଗୋଟିଏ ମକଦ୍ଦମାରେ ସବୁ ଜମିର କିସମ ପରିବର୍ତ୍ତନ ହୋଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଏହି ଦୁର୍ନୀତିର ତଦନ୍ତ କରାଯାଇଥିଲା। ନୟାଗଡ଼ ଜିଲାପାଳଙ୍କ ରିପୋର୍ଟ ଅନୁସାରେ ନୂଆଗାଁର ଉକ୍ତ ଜମିଗୁଡ଼ିକ ରେଳ ପ୍ରକଳ୍ପ ପାଇଁ ରହିଥିବା ସରକାରୀ ଭାବେ ଘୋଷଣା ହୋଇସାରିଛି। ହେଲେ ତହସିଲଦାର ମଲ୍ଲିକ ଏହାକୁ ଅବମାନନା କରି ବେଆଇନ ଭାବେ କିସମ ପରିବର୍ତ୍ତନ କରାଇଛନ୍ତି। ଅନ୍ୟପକ୍ଷେ ସରକାରୀ ନିୟମ ୨୦୧୩ ଅନୁସାରେ ସମୂହ ଅଥବା ରାଷ୍ଟ୍ର ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟ ପାଇଁ ଜମିର ଆବଶ୍ୟକତା ଥିଲେ ସେ ସମୟରେ ଜମିର କିସମ ପରିବର୍ତ୍ତନ କରାଯାଇ ପାରିବ ନାହିଁ। ସରକାରଙ୍କ ରାଜସ୍ୱ କ୍ଷତି ପରି ପଦକ୍ଷେପ ନିଆଯାଇ ପାରିବ ନାହିଁ। ତହସିଲଦାର ଏହି ନିୟମକୁ ଅଣଦେଖା କରିଥିବା ଅଭିଯୋଗ ପ୍ରମାଣିତ ହୋଇଥିଲା।

# ସୁଧୁରୁଛି ବନ୍ୟା ସ୍ଥିତି

**ଭୁବନେଶ୍ୱର,୨୯।୫(ବ୍ୟୁରୋ):** ରାଜ୍ୟରେ ବିଭିନ୍ନ ନଦୀରେ ଜଳସ୍ତର କମିଛି ଓ ବନ୍ୟା ସ୍ଥିତି ଧିରେ ଧିରେ ସୁଧୁରୁଛି। ଶୁକ୍ରବାର ଉପର ମୁଣ୍ଡରେ ଆଉ ବର୍ଷା ନ ଥିବାରୁ ବନ୍ୟାସ୍ଥିତି ରବିବାର ସୁଦ୍ଧା କମିବ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ କହିଛନ୍ତି। 'ଯ୍ୟାସ'' ବାତ୍ୟା ଯୋଗୁଁ ଲଗାଣ ବର୍ଷା ଫଳରେ ମଧମ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୂର୍ବ ପ୍ରସ୍ତୁତି ଓ ସମ୍ଭାବ୍ୟ ଅଧିକ ପ୍ରଭାବିତ ଜିଲ୍ଲାରେ ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ପରିସ୍ଥିତି ଉପରେ ନଜର ରଖି କାର୍ଯ୍ୟ କରିଥିଲେ। ବନ୍ୟା ସ୍ଥିତିକୁ ନଜରରେ ରଖି ବୈତରଣୀ, ବୁଢାବଳଙ୍ଗ ଓ ସୁବର୍ଣ୍ଣରେଖାନ୍ତ ଅବବାହିକାରେ ଥିବା ବୃହତ୍ ଓ ମଧମ ଜଳ ଭଣ୍ଡାରଗୁଡିକର ସୁପରିଚାଳନା କରାଯାଇଥିଲା। ଯେଉଁ ସବୁ ନଦୀବନ୍ଧର କ୍ଷୟକ୍ଷତି ଘଟିଛି, ବିଭାଗ ପକ୍ଷରୁ ସେସବୁର ରିପୋର୍ଟ ସଂଗ୍ରହ ଚାଲିଛି। ଯାଜପୁର ଜିଲ୍ଲା ଦଶରଥ ପୁର ବ୍ଲକ ଅନ୍ତର୍ଗତ ମଲ୍ଲିକାପୁର ପଞ୍ଚାୟତ ବୈତରଣୀ ଶାଖାନଦୀ ''କାଣି'' ବାମପାର୍ଶ୍ୱ ନଦୀବନ୍ଧରେ ଗୋଟିଏ ଘାଇ ସୃଷ୍ଟି ହୋଇଛି। ଘାଇର ମରାମତି କାର୍ଯ୍ୟ ଶନିବାର ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ। ସେଠାରେ ଯାଜପୁର ଜଳସମ୍ପଦ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରହି ବନ୍ଧ ମରାମତି କାର୍ଯ୍ୟ ତଦାରଖ କରୁଛନ୍ତି ବୋଲି ରଥ ସୂଚନା ଦେଇଛନ୍ତି। ବାତ୍ୟା ଯ୍ୟାସ ପର କ୍ଷୟକ୍ଷତିକୁ ଦୃଷ୍ଟିରେ ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ୍ ଅନୁ ଗର୍ଗଙ୍କ ଅଧକ୍ଷତାରେ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରେଷ୍ଠ ଅଭିଜ୍ଞତାକୁ ପାଥେୟ କରି ପୂର୍ବରୁ ଯୋଜନାରେ ରହିଥିବା କାର୍ଯ୍ୟ ଓ ଚଳିତ ବାତ୍ୟାଜନିତ କ୍ଷୟକ୍ଷତି ଆଧାରରେ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟ କରିବା ଉପରେ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଅଧିକାରୀ ଓ ଯନ୍ତ୍ରୀମାନେ ନିଷ୍ଠାର ସହ ଏପରି କାର୍ଯ୍ୟ କରନ୍ତୁ, ଯାହାକି ଆଗାମୀ ଦିନରେ ସମ୍ଭାବ୍ୟ ବାତ୍ୟା ବା ବନ୍ୟା ପ୍ରତିରୋଧ କ୍ଷେତ୍ରରେ ସହାୟକ ହୋଇପାରିବ। ଜରୁରୀ ମରାମତି ଆବଶ୍ୟକତା ଥିବା ନଦୀବନ୍ଧଗୁଡିକର ମରାମତି କରିବାକୁ ସେ ପରାମର୍ଶ ଦେବା ସହ ଏ ଦିଗରେ ଅର୍ଥ ପ୍ରତିବନ୍ଧକ ହେବ ନାହିଁ ବୋଲି କହିଛନ୍ତି। ମରାମତି କାମଗୁଡିକୁ ତ୍ୱରାନ୍ୱିତ କରିବାକୁ ସଚିବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

**ନିଆଳି,୨୯।୫(ଡି.ଏନ.ଏ.):** କଟକ ଜିଲା ନିଆଳି ଥାନା ଅଧୀନ ନୂଆଗାଁ ପଞ୍ଚାୟତ ଅର୍କତୀର୍ଥ ମଠ କାଜୁ ଜଙ୍ଗଲରୁ ଶନିବାର ସକାଳେ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ବ୍ୟବଚ୍ଛେଦ ପାଇଁ କଟକ ଏସ୍‌ସିବି ମେଡିକାଲ ପଠାଇ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ପଞ୍ଚାୟତ ଅଧୀନ ନୂଆପାଟଣା ଗ୍ରାମର ଯୁବତୀ ଓ ଯୁବକ ପରସ୍ପରକୁ ଭଲ ପାଉଥିଲେ। ହେଲେ ଏଥିରେ ଉଭୟଙ୍କ ପରିବାରର ସହମତି ନ ଥିଲା। ପରବର୍ତ୍ତୀ ସମୟରେ ଯୁବତୀଙ୍କ ବିବାହ ଅନ୍ୟତ୍ର ଠିକ୍ ହୋଇଥିଲା। ଏହି ବାହାଘରରେ ଯୁବତୀ ଓ ଯୁବକ ରାଜି ନ ଥିଲେ। ଶୁକ୍ରବାର ରାତିରେ ଉଭୟେ କେଉଁଆଡେ ପଳାଇ ଯାଇଥିଲେ। ଶନିବାର ସକାଳେ କାଜୁ ଜଙ୍ଗଲର ଏକ ଗଛରେ ଉଭୟଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା।

# କରୋନାରେ ବାପ, ପୁଅ, ବୋହୂ ଚାଲିଗଲେ

ବାଲିକୁଦା,୨୯।୫(ସ୍ୱ.ପ୍ର.)

ଗୋଟିଏ ପରିବାରର ୩ ଜଣଙ୍କ ଜୀବନ ନେଇଛି କରୋନା। ୨ ଦିନ ମଧ୍ୟରେ ବାପ, ପୁଅ ଓ ବୋହୂଙ୍କ ମୃତ୍ୟୁ ଘଟିଛି। ବାଲିକୁଦା ବ୍ଲକ ଅନ୍ତର୍ଗତ ବଡଗାଁ ପଞ୍ଚାୟତରେ ଏହି ଘଟଣା ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକମାନେ ହେଲେ ବଡ଼ଗାଁ ପଞ୍ଚାୟତ ବିଜେଡି ସଭାପତି ତଥା ପୂର୍ବତନ ସରପଞ୍ଚ ଉପେନ୍ଦ୍ର ବିଶ୍ୱାଳ(୬୦), ପୁଅ ଅଭିଷେକ(୩୫)ଓ ବୋହୂ ରଶ୍ମିରେଖା(୩୦)। ୨୬ ତାରିଖରେ ବୋହୂଙ୍କ ମୃତ୍ୟୁ ଘଟିଥିବା ବେଳେ ୨୮ ତାରିଖ ସକାଳେ ପୁଅ ଓ ଏହାର ୧୨ ଘଣ୍ଟା ପରେ ବାପା ଉପେନ୍ଦ୍ରଙ୍କ ମୃତ୍ୟୁ ଘଟିଛି।

ଗତ ୨୩ ତାରିଖରେ ସେମାନେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଟେଷ୍ଟ କରିଥିଲେ। ପ୍ରଥମେ ବୋହୂ ପଜିଟିଭ୍ ଚିହ୍ନଟ ହୋଇଥିଲେ। ମାତ୍ର ବାପ ଓ ପୁଅଙ୍କ ରିପୋର୍ଟ ସ୍ପଷ୍ଟ ହୋଇ ନ ଥିଲା। ସ୍ତ୍ରୀ ରଶ୍ମିରେଖାଙ୍କୁ ଆମ୍ବୁଲାନ୍ସରେ ଅଭିଷେକ କଟକସ୍ଥିତ କୋଭିଡ୍ ହସ୍ପିଟାଲକୁ ନେଇଥିଲେ। ସେଠାରେ ୨ ଦିନ ରହଣି ପରେ ଅଭିଷେକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କୁ କଟକସ୍ଥିତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ସମୟରେ ଉପେନ୍ଦ୍ରଙ୍କଠାରେ କରୋନା ଲକ୍ଷଣ ପ୍ରକାଶ ପାଇଥିଲା। ଟେଷ୍ଟ ପରେ ପଜିଟିଭ ଆସିବାରୁ ତାଙ୍କୁ ପାରାଦୀପସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୨୬ ତାରିଖରେ ରଶ୍ମିରେଖାଙ୍କ ଅବସ୍ଥା ଗୁରୁତର ହୋଇ ରାତି ୧୦ଟାରେ ମୃତ୍ୟୁ ଘଟିଛି। ଏହାପରେ ୨୮ ତାରିଖ ଦିନ ସାଢେ ୯ ଟାରେ ଅଭିଷେକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଅପରପକ୍ଷେ ଉପେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଥିଲା। ଉକ୍ତ ଦିନ ରାତି ୯ଟାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଗଲା ବେଳେ ବାଟରେ ମୃତ୍ୟୁ ଘଟିଛି। ଉପେନ୍ଦ୍ର ହେଉଛନ୍ତି ପୂର୍ବତନ ସରପଞ୍ଚ ସ୍ୱର୍ଗତ ଉଦୟନାଥ ବିଶ୍ୱାଳଙ୍କ ପୁଅ। ୨୦୦୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ସମେତ ପରିବାରର ୩ ଜଣଙ୍କ ମୃତ୍ୟୁ ପରେ ସ୍ଥାନୀୟ ବିଧାୟକ ତଥା ଜଳ ସମ୍ପଦ ମନ୍ତ୍ରୀ ରଘୁ ନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଧରାପଡ଼ିଲା ଆନ୍ତଃରାଜ୍ୟ କଫ୍ ସିରପ୍ ର୍ୟାକେଟ୍

- କର୍ଣ୍ଣାଟକରୁ ପଶ୍ଚିମ ଓଡ଼ିଶାକୁ ଲମ୍ବିଛି ନିଶା ବେପାର
- ୧୪ ହଜାର ୪ ଶହ ବୋତଲ କଫ୍ ସିରପ୍ ଜବତ
- ୨ ଗିରଫ,୧୩ ହଜାର ୫ ଶହ ଟଙ୍କା ଜବତ


ପୋଲିସ ଜବତ କରିଥିବା କଫ୍ ସିରପ୍।


ଗିରଫ ଦୁଇ ଅଭିଯୁକ୍ତ।

ବଲାଙ୍ଗୀର ଅଫିସ,୨୯।୫

କର୍ଣ୍ଣାଟକରୁ ପଶ୍ଚିମ ଓଡ଼ିଶାକୁ ଲମ୍ବିଛି ନିଶା ବେପାର। ଏହି ର୍ୟାକେଟ୍‌ର ଏକ ଗୋଷ୍ଠୀକୁ ବଲାଙ୍ଗୀର ଜିଲା ତୁରେକେଲାଠାରେ ଶୁକ୍ରବାର ରାତିରେ ପୋଲିସ କାବୁ କରିବା ପରେ ଏହି ଆନ୍ତଃରାଜ୍ୟ ନିଶା କାରବାର ର୍ୟାକେଟ୍ ସମ୍ପର୍କରେ ଜଣାପଡିଛି। ଏକ ଟ୍ରକ୍‌ରୁ ପୋଲିସ ବିପୁଳ ପରିମାଣର କଫ୍ ସିରପ୍ ଓ ନିଶା ବଟିକା ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୂଆପଡ଼ା ଜିଲା ଉଦ୍ୟାନବନ୍ଧର ନରେଶ କୁମାର ଆହିର (୨୬) ଓ କର୍ଣ୍ଣାଟକ ପ୍ରଦେଶର ମାଣ୍ଡ୍ୟା ଜିଲା ଅନ୍ତର୍ଗତ ଚୁଞ୍ଚାନାହାଲି ଗ୍ରାମର ଗୁରୁରାଜ ଏନ୍‌ବି (୨୫) । ତୁରେକେଲା ଥାନା ପୋଲିସ କୋଭିଡ୍-୧୯ ପାଟ୍ରୋଲିଂ ବେଳେ ଏକ କଫ୍ ସିରପ୍ ବୋଝେଇ ଟ୍ରକ୍ ଯାଉଥିବା ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ନାକାବନ୍ଦୀ କରିଥିଲା। ତୁରେକେଲା କଲେଜ ନିକଟରେ ଏକ ଟ୍ରକ୍ (କେଏ୫୨-ବି-୧୧୫୫)କୁ ଅଟକାଇଥିଲା । ତଲାସୀ ବେଳେ ସେଥିରୁ ଏସ୍‌କଫ୍ ବ୍ରାଣ୍ଡର ୧୪ ହଜାର ୪୦୦ କଫ୍ ସିରପ୍ ବୋତଲ ଓ ୬ ଷ୍ଟ୍ରିପ୍ ନିଶାବଟିକା ଜବତ ହୋଇଥିଲା। ଉକ୍ତ ଗାଡିରୁ ଅଭିଯୁକ୍ତ ଆହିର ଓ ଗୁରୁରାଜଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ପୋଲିସ ୧୩ ହଜାର ୫ ଶହ ଟଙ୍କା, ୩ଟି ମୋବାଇଲ, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଜବତ କରିଛି। ଏ ସଂକ୍ରାନ୍ତରେ ତୁରେକେଲା ଥାନାରେ ଏକ ମାମଲା (ନଂ.୮୩/୨୧) ରୁଜୁ କରାଯାଇଛି। ଏସ୍‌ପି ନୀତିନ୍ କୁଶଲକର ଶନିବାର ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

**କଟକ ଜିଲାରେ କରୋନା ସଂକ୍ରମଣ ହାର କମିଛି**

**କଟକ ଅଫିସ:** କଟକ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଶନିବାର କମ୍ ଥିବା ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟରୁ ଜଣାପଡିଛି। ଶୁକ୍ରବାର ୩୭୧୪ ଜଣଙ୍କ କରୋନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ଶନିବାର ୬୯୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ହାର ୧୮.୫୭ ପ୍ରତିଶତ ରହିଛି। ଗତ ଗୁରୁବାର ୨୮୯୩ ଜଣଙ୍କ କରୋନା ପରୀକ୍ଷା କରାଯାଇଥିବାବେଳେ ସେଥିମଧ୍ୟରୁ ୧୦୯୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସଂକ୍ରମିତଙ୍କ ହାର ୩୭.୭୧ପ୍ରତିଶତ ରହିଥିଲା। ଗୁରୁବାର ଅନୁଯାୟୀ ଶୁକ୍ରବାର ଜିଲାରେ ସଂକ୍ରମିତଙ୍କ ହାର କମିଥିବା ଜଣାପଡିଛି।

## ସଂକ୍ଷେପରେ

### ୪ ଗ୍ରାମକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

**ସାଲେପୁର,୨୯।୫(ଡି.ଏନ୍.ଏ.):** ସାଲେପୁର ବ୍ଲକରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ବ୍ଲକର ୨ ପଞ୍ଚାୟତରେ ୨ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଭୟ ପଞ୍ଚାୟତର ୪ଟି ଗ୍ରାମକୁ ଶନିବାର କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ନଈଗୁଆଁ ପଞ୍ଚାୟତ ଅନ୍ତର୍ଗତ ବଲ୍ଲଭପୁର ଗ୍ରାମର ୮ନଂ. ୱାର୍ଡରୁ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଗୋଟିଏ ପରିବାରର ୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏନେଇ ସାଲେପୁର ବିଡିଓ ଦେବରାଜ ସେଠୀ ୮ନଂ. ୱାର୍ଡକୁ ଶନିବାର ସନ୍ଧ୍ୟାରୁ ୩ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ସେହିପରି ବହୁଗ୍ରାମ ପଞ୍ଚାୟତର ୩ଟି ୱାର୍ଡରୁ ୧୪ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ସେଠୀ ଏହି ପଞ୍ଚାୟତର ୧୩ ନଂ. ୱାର୍ଡରେ ଥିବା ବିଶ୍ୱନାଥପୁର ଗ୍ରାମ, ୧୬ ଓ ୧୭ ନଂ. ୱାର୍ଡରେ ଥିବା ସିଂହମାପୁର ଗ୍ରାମ ଏବଂ ୧୯ନଂ. ୱାର୍ଡରେ ଥିବା ଜମାଲପୁର ଗ୍ରାମକୁ ମଙ୍ଗଳବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି।

### ମଦ, କାର୍ ଜବତ: ଯୁବକ ଗିରଫ

**ଫୁଲନଖରା,୨୯।୫(ଡି.ଏନ.ଏ.):** ଭୁବନେଶ୍ୱର-କଟକ ରାସ୍ତାର ଫୁଲନଖରା ଛକଠାରେ କଟକ ସଦର ପୋଲିସ ଏକ କାର୍ ସହ ୮୭ ଲିଟର ଚୋରା ମଦ ଜବତ କରିଛି। ଏହି ଘଟଣାରେ କଟକ ସଦର ଥାନା ଅନ୍ତର୍ଗତ ଅଢାଳିଆ ଗ୍ରାମର ମଦ ବ୍ୟବସାୟୀ ଗଜେନ୍ଦ୍ର ସେଠୀ (୨୭)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗଜେନ୍ଦ୍ର ଉକ୍ତ କାର(ନଂ. ଓଆର୍୨୪ବି-୫୫୨୭)ରେ ମଦ ନେଇ ଶୁକ୍ରବାର ଅପରାହ୍ନରେ ଯାଉଥିବାବେଳେ ଖବରପାଇ କଟକ ସଦର ଥାନା ଏସ୍ଆଇ ବବିତା ସାହୁ ଫୁଲନଖରା ଛକରେ ଅଟକାଇଥିଲେ। ଯାଞ୍ଚବେଳେ ସେଥିରେ ଥିବା ମଦକୁ ଜବତ କରିଥିଲେ। ଏ ନେଇ ଥାନାରେ ମାମଲା(ନଂ.୩୧୩/୨୧) ରୁଜୁ ହୋଇଛି।

### ବସ୍ତିବାସିନ୍ଦାଙ୍କୁ ଖାଦ୍ୟ ବଣ୍ଟନ

**ଫୁଲନଖରା,୨୯।୫(ଡି.ଏନ.ଏ.):** କଟକ ମହାନଗର ନିଗମ ଅଧୀନ ୫୯ ନମ୍ବର ୱାର୍ଡ ଇନ୍ଦିରା କଲୋନୀରେ ଗରିବ ବସ୍ତିବାସିନ୍ଦାଙ୍କୁ ସିଏମ୍ସି ପକ୍ଷରୁ ଶନିବାର ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ବିଜେଡି ନେତା ଜବିର ଶାହା, ସୁଜାତା ପ୍ରଧାନ, ସ୍ୱାଗତିକା ମହାନ୍ତି ଓ ଖବରଦାତା ଅମୂଲ୍ୟ ବାରିକ ପ୍ରମୁଖ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।

### ଅଚିହ୍ନା ମୃତଦେହ ଜବତ

**ଖୁଣ୍ଟୁଣୀ,୨୯।୫(ଡି.ଏନ.ଏ.):** ଖୁଣ୍ଟୁଣୀ ଥାନା ନିକଟ ଏକ ଢାବା ପାର୍ଶ୍ୱରୁ ଶନିବାର ଅପରାହ୍ନରେ ପୋଲିସ ଜଣେ ବୃଦ୍ଧଙ୍କର ମୃତଦେହ ଜବତ କରିଛି। ତାଙ୍କ ପରିଚୟ ଜଣାପଡି ନ ଥିବାବେଳେ ବୟସ ପ୍ରାୟ ୬୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସେ ଖୁଣ୍ଟୁଣୀ ଅଞ୍ଚଳରୁ ପ୍ରାୟ ବର୍ଷେ ହେବ ପ୍ଲାଷ୍ଟିକ ବୋତଲ, ଜରି ଓ ଟିଣଲୁହା ଗୋଟାଇ କବାଡ଼ିଆ ଦୋକାନରେ ଦେଉଥିଲେ। ସେଠାରୁ ଆଣୁଥିବା ଅର୍ଥରେ ଚଳୁଥିଲେ ବୋଲି ସ୍ଥାନୀୟ ଲୋକେ ପୋଲିସକୁ କହିଛନ୍ତି। ଆଇଆଇସି ବାମଦେବ ସ୍ୱାଇଁ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇବା ସହ ଏକ ମାମଲା (ନଂ.୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

### ଏସ୍ସିବି କୋଭିଡ୍ ହସ୍ପିଟାଲରୁ କରୋନା ଆକ୍ରାନ୍ତ ନିଖୋଜ

**କଟକ ଅଫିସ,୨୯।୫:** ଏସ୍ସିବି କୋଭିଡ୍ ହସ୍ପିଟାଲରୁ ଜଣେ କରୋନା ଆକ୍ରାନ୍ତ ନିଖୋଜ ହୋଇଯାଇଥିବା ସ୍ଥାନୀୟ ମେଡିକାଲ ଫାଣ୍ଡିରେ ଅଭିଯୋଗ ହୋଇଛି। ସେ ହେଲେ ଜଗତ୍ସିଂହପୁର ଜିଲା ଛପଡା ଗ୍ରାମର ଅନନ୍ତ ଚରଣ ସାହୁ(୭୧)। ଗତ ୨୫ ତାରିଖରେ ଏସ୍ସିବି ମେଡିକାଲରେ ଅନନ୍ତ ଆଡ୍ମିଶନ ହୋଇଥିଲେ। ଅନନ୍ତ ୱାର୍ଡକୁ ଯିବାପରେ ସାଙ୍ଗରେ ଆସିଥିବା ସାନପୁଅ ବାହାରେ ରହିଥିଲେ। ଶୁକ୍ରବାର ଅନନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ତାଙ୍କ ପୁଅ ମେଡିକାଲ କର୍ତ୍ତୃପକ୍ଷଙ୍କୁ ପଚାରିଥିଲେ। ଅନନ୍ତ ବେଡ୍ରେ ନ ଥିବା ମେଡିକାଲ କର୍ତ୍ତୃପକ୍ଷ ତାଙ୍କ ପୁଅଙ୍କୁ ଜଣାଇଥିଲେ। ପରେ ଅନନ୍ତଙ୍କ ନିଖୋଜ ସମ୍ପର୍କରେ ତାଙ୍କ ପୁଅ ଫାଣ୍ଡିରେ ଅଭିଯୋଗ କରିଥିଲେ। ସେହିପରି ଅନନ୍ତଙ୍କ ନିଖୋଜ ସମ୍ପର୍କରେ ଶୁକ୍ରବାର ଫାଣ୍ଡି ପୋଲିସକୁ ଜଣାଇ ଦିଆଯାଇଥିବା ଏସ୍ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି। ଫାଣ୍ଡି ପୋଲିସର ସୂଚନା ଆଧାରରେ ମଙ୍ଗଳାବାଗ ଥାନାରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଆଇଆଇସି ଅମିତାଭ ମହାପାତ୍ର କହିଛନ୍ତି।

# ଅବକାରୀ ଟିମ୍କୁ ପେଟ୍ରୋଲ ବୋମା ମାଡ଼

- ଦେଶୀ ମଦଭାଟିରେ ଚଢ଼ାଉବେଳେ ମାଫିଆଙ୍କ ଆକ୍ରମଣ
- ୨୪ ହଜାର ଲିଟର ପୋଚ ନଷ୍ଟ, ୧୩୫୦ ଲିଟର ମଦ ଓ ବନ୍ଧୁକ ଜବତ


ଅବକାରୀ ଟିମ୍ ଓ ପୋଲିସ ପକ୍ଷରୁ ବେଆଇନ୍ ଦେଶୀ ମଦଭାଟି ଉପରେ ଚଢ଼ାଉ କରାଯାଉଛି।

**ଟିଗିରିଆ, ୨୯।୫ (ଡି.ଏନ୍.ଏ.)**

କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ ଗାଁ ଶେଷମୁଣ୍ଡ ବାରମାଣ ଜଙ୍ଗଲ ପାର୍ଶ୍ୱରେ ଥିବା ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ାଉବେଳେ ଶନିବାର ଅବକାରୀ ଟିମ୍ ଉପରକୁ ପେଟ୍ରୋଲ ବୋମା ମାଡ଼ କରାଯାଇଛି। ଏଥିସହ ସେମାନଙ୍କୁ ଢେଲା ପଥର, କାଚ ବୋତଲ ଆଦି ମଦ ମାଫିଆମାନେ ମାଡ଼ କରିଛନ୍ତି। ଆକ୍ରମଣରେ ଅବକାରୀ ଟିମ୍ର କେହି ଆହତ ହୋଇ ନ ଥିବା ବେଳେ ୨୪ ହଜାର ଲିଟର ପୋଚ, ୧୩୫୦ ଲିଟର ଦେଶୀ ମଦ ଏବଂ ଗୋଟିଏ ବନ୍ଧୁକ ଜବତ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ଟିଗିରିଆ ଥାନାରେ ଏତଲା ଦିଆଯିବା ପରେ ପୋଲିସ ମାମଲା (ନଂ. ୬୯/୨୧) ରୁଜୁ କରିଛି। ଖୁବ୍ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଠଗଡ଼ ଏସ୍ଡିପିଓ ଆଲୋକ ରଞ୍ଜନ ରାୟ କହିଛନ୍ତି।

ଅବକାରୀ କମିଶନର ଆଶିଷ କୁମାର ସିଂହସାମନ୍ତ, କଟକ ଗ୍ରାମାଞ୍ଚଳ ଏସପି ବି. ଯୁଗଳ କିଶୋର ଏବଂ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନିର୍ଦ୍ଦେଶକ୍ରମେ ଶନିବାର ସକାଳୁ ଅବକାରୀ ବିଭାଗ ପକ୍ଷରୁ ଏହି ବେଆଇନ ମଦଭାଟି ଉପରେ ଚଢ଼ାଉ କରାଯାଇଥିଲା। ଏ ସମ୍ପର୍କରେ ସୂଚନାପାଇ ମାଫିଆମାନେ ଲୁଚିଯାଇଥିଲେ। ଅବକାରୀ ଟିମ୍ ଉକ୍ତ ସ୍ଥାନରେ ପହଞ୍ଚିବା ପରେ ମାଫିଆମାନେ ସେମାନଙ୍କ ଉପରକୁ ଲୁଚିଛପି ଆକ୍ରମଣ କରିଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ଟିଗିରିଆ ଥାନାରେ ସୂଚନା ଦିଆଯାଇଥିଲା। ଆଇଆଇସି ବନବିହାରୀ ପ୍ରଧାନ, ଆଠଗଡ଼ ଏସ୍ଡିପିଓ ରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିବା ପରେ ମାଫିଆମାନେ ସେଠାରୁ ଚାଲିଯାଇଥିଲେ। ଏହାପରେ ଅବକାରୀ ଟିମ୍ ଦେଶୀ ଭାଟି ଭାଙ୍ଗିବା ସହ ପୋଚ ନଷ୍ଟ କରିଛି। ଦେଶୀ ମଦ ପ୍ରସ୍ତୁତ ସାମଗ୍ରୀ ଏବଂ ସରଞ୍ଜାମକୁ ଜବତ କରିଛି। ଏହାପରେ ପୋଲିସ ଓ ଅବକାରୀ ଟିମ୍ ଘଟଣାସ୍ଥଳରୁ ଫେରିଥିଲା। କିନ୍ତୁ ବାଟରେ ଅବକାରୀ ଗାଡ଼ି ଉପରକୁ ମାଫିଆମାନେ ପୁନର୍ବାର ପେଟ୍ରୋଲ ବୋମା ଫୋପାଡ଼ିଥିଲେ। ବୋମାଟି ନ ଫୁଟିବାରୁ ସେମାନେ ବର୍ତ୍ତିଯାଇଥିଲେ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। କଟକ ଜିଲା ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ ଏହି ଚଢ଼ାଉର ନେତୃତ୍ୱ ନେଇଥିଲେ। ଆଠଗଡ଼ ଅବକାରୀ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ, ଅବକାରୀ ଓଆଇସି ବିଜୟ କୁମାର ଭଞ୍ଜ, ମୋବାଇଲ ଇନ୍ସପେକ୍ଟର ସଞ୍ଜିତ ବାର୍ଲା, ସଦର ଇନ୍ସପେକ୍ଟର ପ୍ରବୀର କୁମାର ସାମଲ, ଟିଗିରିଆ ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କ ସହ ଜିଲା ଅବକାରୀ ଟିମ୍, ଫ୍ଲାଇଂ ସ୍କ୍ୱାଡ୍, ଏକ ପ୍ଲାଟୁନ ଏପିଆର ଫୋର୍ସ ଓ ଥାନା ପୋଲିସ ଏଥିରେ ସାମିଲ ହୋଇଥିଲେ।

# ବାଲି ଉଠାଣକୁ କେନ୍ଦ୍ରକରି ୨ ଗୋଷ୍ଠୀ ମୁହାଁମୁହିଁ

**ନିଶ୍ଚିନ୍ତକୋଇଲି, ୨୯।୫(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ପ୍ରବାହିତ ଚିତ୍ରୋତ୍ପଳା ନଦୀର ବାମ ପାର୍ଶ୍ୱରୁ ଅବାଧ ବାଲି ଉଠାଣକୁ କେନ୍ଦ୍ରକରି ଶନିବାର ନଗସପୁର ପଞ୍ଚାୟତର ବରହମପୁରଠାରେ ସ୍ଥାନୀୟ ଲୋକେ ଓ ନିଲାମଧାରୀ ମୁହାଁମୁହିଁ ହୋଇଛନ୍ତି। ଏନେଇ ୨ ଗୋଷ୍ଠୀ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ତହସିଲ ଓ ପୋଲିସ ପ୍ରଶାସନର ହସ୍ତକ୍ଷେପ ପରେ ପରିସ୍ଥିତି ସାମାନ୍ୟ ପ୍ରଶମିତ ହୋଇଛି। ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ନଗସପୁର ପଞ୍ଚାୟତ ଅଧୀନ ଚିତ୍ରୋତ୍ପଳା ନଦୀର ବାମପାର୍ଶ୍ୱସ୍ଥିତ ବରହମପୁର ବାଲିଘାଟକୁ ନିଲାମ ଦିଆଯାଇଥିଲା। ରାଜସ୍ୱ ବିଭାଗର ନିୟମକୁ ଉଲ୍ଲଂଘନ କରି ନିଲାମଧାରୀ ଘାଟରୁ ମନମୁଖି ଭାବେ ଜେସିବି ଲଗାଇ ବାଲି ଉଠାଣ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଫଳରେ ନଦୀରେ ପାଣି ଆସିଲେ ବନ୍ଧରେ ଘାଇ ସୃଷ୍ଟି ହେବା ଆଶଙ୍କା ରହିଛି ବୋଲି କହି ସେମାନେ ବାଲି ଉଠାଣକୁ ବିରୋଧ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଖବରପାଇ ନିଶ୍ଚିନ୍ତକୋଇଲି ତହସିଲଦାର ମାନସ ରଞ୍ଜନ ତରାସିଆ ଓ ନେମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ରବିବାର ବିବାଦର ସମାଧାନ କରିବା ପାଇଁ ସ୍ଥିର ହେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।


ଉତ୍ତେଜନା ସ୍ଥଳରେ ସ୍ଥାନୀୟ ଲୋକ ଓ ନିଲାମଧାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

# ଓଟିଏମ୍ ହାଇସ୍କୁଲ ହେବ ସ୍ମାର୍ଟ ସ୍କୁଲ

## ଭିତ୍ତିଭୂମି ଅନୁଧ୍ୟାନ କଲେ ଜିଲାପାଳ

**ଚୌଦ୍ୱାର,୨୯।୫(ଡି.ଏନ.ଏ.)**

ଛାତ୍ରୀଛାତ୍ରଙ୍କୁ ଆଧୁନିକ ପଦ୍ଧତିରେ ଉନ୍ନତ ଶିକ୍ଷାଦାନ ଓ ଅନୁକୂଳ ପରିବେଶ ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟରେ କେତେକ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ କରିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ଚୌଦ୍ୱାରସ୍ଥିତ ଓଟିଏମ୍ ହାଇସ୍କୁଲକୁ ସ୍ମାର୍ଟ ସ୍କୁଲରେ ପରିଣତ କରାଯିବ। ଏଥିପାଇଁ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏକ ଟିମ୍ ସହିତ ଶନିବାର ଓଟିଏମ୍ ହାଇସ୍କୁଲ ପରିଦର୍ଶନ କରି ଏହାର ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ସହ ସ୍ମାର୍ଟ କ୍ଲାସ୍ରୁମ୍, ସ୍ମାର୍ଟ ଲାଇବ୍ରେରୀ, ଲାବୋରେଟୋରୀ, ଇକୋ କ୍ଲବ୍, ଇକୋ ଗାର୍ଡେନ୍ ନିର୍ମାଣ ସହ ଓ ଡିଜିଟାଲ ପଦ୍ଧତିରେ ଶିକ୍ଷାଦାନ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏଥିସହ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ପକ୍କା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଜିଲାପାଳଙ୍କ ସହ ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଟାଙ୍ଗୀ-ଚୌଦ୍ୱାର ବିଡିଓ ବିନୋଦ ବିହାରୀ ସେନାପତି, ଚୌଦ୍ୱାର ପୌରନିର୍ବାହୀ ଅଧିକାରୀ ପବିତ୍ର ବେହେରା, ଟାଙ୍ଗୀ-ଚୌଦ୍ୱାର ବିଇଓ ନରେନ୍ଦ୍ର ବେହେରା ପ୍ରମୁଖ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମମତା ସାହୁ ସେମାନଙ୍କୁ ବିଦ୍ୟାଳୟର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ।

# ଜବାବ ଦାଖଲ ପାଇଁ ବ୍ଲକ ପ୍ରଶାସନକୁ ନୋଟିସ

## ଉରାଳି ପଞ୍ଚାୟତରେ ଆର୍ଥିକ ଅନିୟମିତତା

**କଟକ ସଦର,୨୯।୫(ଡି.ଏନ.ଏ.)**

କଟକ ସଦର ବ୍ଲକ ଅଧୀନ ଉରାଳି ପଞ୍ଚାୟତରେ ୨୦୨୦-୨୧ ଆର୍ଥିକ ବର୍ଷରେ ୫୪ ହଜାର ଟଙ୍କା ଟିକସ ବାବଦ ଅର୍ଥ ଅନିୟମିତତା ହୋଇଥିଲା। ଇତିମଧ୍ୟରେ ପ୍ରାଥମିକ ତଦନ୍ତ ସରିବା ପରେ କଟକ ସଦର ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଗୀତା ଆଚାର୍ଯ୍ୟ ଆସନ୍ତା ୭ ଦିନ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ବ୍ଲକ ପ୍ରଶାସନକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। କାରଣ ୬୦ ହଜାର ଟଙ୍କା ଟିକସ ଆଦାୟ କରାଯାଇ ପରେ ମାତ୍ର ୬ ହଜାର ଟଙ୍କା ପଞ୍ଚାୟତ ଆକାଉଣ୍ଟରେ ଜମା କରାଯାଇଥିଲା। ଏଥିରେ ବ୍ଲକ ଓ ପଞ୍ଚାୟତସ୍ତରୀୟ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ଥିବା କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ନିକଟରେ ଅଭିଯୋଗ ହେବା ପରେ ଆର୍ଥିକ ଅନିୟମିତତାର ତଦନ୍ତ ହୋଇଛି। ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରତିବର୍ଷ ଭଳି ଏକ ନିର୍ଦ୍ଦିଷ୍ଟ ବ୍ୟବସାୟିକ ସଂସ୍ଥା ନିର୍ଦ୍ଧାରିତ ହାରରେ ଟିକସ ପଞ୍ଚାୟତରେ ଦାଖଲ କରୁଥିଲା। ହେଲେ ସମୁଦାୟ ଆଦାୟ ଅର୍ଥରୁ ମାତ୍ର ୬ ହଜାର ଟଙ୍କା ପଞ୍ଚାୟତ ଆକାଉଣ୍ଟରେ ଜମା କରାଯାଇଥିଲା। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡା କୁହନ୍ତି, ବାତ୍ୟା ପାଇଁ କାର୍ଯ୍ୟ ବ୍ୟସ୍ତ ଥିଲି। ସୋମବାର ଅଫିସ ଖୋଲିଲେ କାରଣ ଦର୍ଶାଅ ନୋଟିସ ସମ୍ପର୍କରେ ବୁଝିବି।

# ଅସହାୟଙ୍କୁ ହାତ ବଢ଼ାଉଛି ଯୁବାମଞ୍ଚ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ରାଜ୍ୟରେ ଲକ୍ଡାଉନ୍ ଓ ସପ୍ତାହାନ୍ତ ଶଟ୍ଡାଉନ୍ କାଳରେ ଗରିବ ଲୋକମାନେ କାମଧନ୍ଦା ନ ପାଇ ବଡ଼ କଷ୍ଟରେ କାଳାତିପାତ କରୁଛନ୍ତି। ଏପରି କି ଦିନକୁ ୨ଓଳି ଖାଦ୍ୟ ପାଇବା ମଧ୍ୟ ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ରାଜଧାନୀରେ ବାସ କରୁଥିବା ଏଭଳି ଅନେକ ଲୋକଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ମାରୱାଡ଼ି ଯୁବାମଞ୍ଚର ସଦସ୍ୟମାନେ। ଗତ ୧୩ ହେଲା ଦିନ ଓ ରାତିରେ ୨ଓଳି ରାଜଧାନୀର ବିଭିନ୍ନ ଅଞ୍ଚଳରେ ଖାଦ୍ୟ ଅପେକ୍ଷାରେ ଥିବା ଶତାଧିକ ଲୋକଙ୍କୁ ଖାଦ୍ୟ ବାଣ୍ଟୁଛନ୍ତି। ପ୍ରତ୍ୟହ ଦିନରେ ନୟାପଲ୍ଲୀରେ ୧୫୦ ଏବଂ ରାତିରେ ମାଷ୍ଟର କ୍ୟାଣ୍ଟିନ ଛକରେ ୧୫୦ ଲୋକଙ୍କ ପାଇଁ ଭାତ, ଡାଲ୍ମା, ଖଟା ଓ ପାଣି ବୋତଲ ଦିଆଯାଉଛି। ଭୁବନେଶ୍ୱର ରେଳ ଷ୍ଟେଶନରେ ମଧ୍ୟ ଯାତ୍ରୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ଏଥିସହିତ ଏକ ଅନାଥାଶ୍ରମକୁ ପ୍ରତିଦିନ ୩୦ପିଲାଙ୍କ ପାଇଁ ଦିନକୁ ୨ଥର (ଦିନରେ ଓ ରାତିରେ) ଭୋଜନ ବ୍ୟବସ୍ଥା କରାଯାଇଛି। ଏପରି କି ଆଉ କିଛି ବୃଦ୍ଧାଶ୍ରମ ଏବଂ ଅନାଥାଶ୍ରମକୁ ମଧ୍ୟ ଶୁଖିଲା ଖାଦ୍ୟ ଯଥା ଚୁଡ଼ା, ଚିନି, ଚାଉଳ, ଡାଲି, ରାଶନ ସାମଗ୍ରୀ ଓ ପନିପରିବା ମଧ୍ୟ ଯୋଗାଇ ଦିଆଯାଉଛି। ଏଥିସହିତ ଗତ ୨ମାସ ହେଲା କରୋନାରେ ସଂକ୍ରମିତ ଯେଉଁ ରୋଗୀ ଅକ୍ସିଜେନର ଆବଶ୍ୟକ କରୁଛନ୍ତି ସେମାନଙ୍କୁ ମଞ୍ଚ ପକ୍ଷରୁ ଯୋଗାଇ ଦିଆଯାଉଛି। ମାରୱାଡ଼ି ଯୁବାମଞ୍ଚ ସବୁବେଳେ ଲୋକମାନଙ୍କ ସେବା କରୁଛି ଓ ଆଗାମୀ ଦିନରେ ଏହା ଜାରି ରଖିବ ବୋଲି ଏହାର ଅଧ୍ୟକ୍ଷ ମିନଶେ ଖଣ୍ଡେଲ୍ୱାଲ୍ କହିଛନ୍ତି।

ଏହି କାର୍ଯ୍ୟକ୍ରମ ବ୍ୟତୀତ ମାରୱାଡ଼ି ଯୁବାମଞ୍ଚ ତରଫରୁ ଭୁବନେଶ୍ୱରର ୧୪ଟି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କରାଯାଇଛି। ସତ୍ୟନଗର ଶ୍ମଶାନରେ ଦାବିଦାର ନ ଥିବା ମୃତଦେହ ଓ ଗରିବ ଲୋକଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ମାଗଣାରେ କାଠ ଦିଆଯାଉଛି। ରକ୍ତଦାନ ଶିବିର ଓ ଡାକ୍ତରଖାନାଗୁଡ଼ିକରେ ରୋଗୀଙ୍କୁ ରକ୍ତ ଯୋଗାଇବା, ସ୍ୱଳ୍ପ ମୂଲ୍ୟରେ ସ୍ୱର୍ଗରଥ ସେବା, ରାମ ମନ୍ଦିରଠାରେ ନିଃଶୁଳ୍କ ହୋମିଓପାଥିକ ଚିକିତ୍ସା ଯୋଗାଇ ଦିଆଯାଉଛି ବୋଲି ମଞ୍ଚର ସମ୍ପାଦକ ଅରୁଣ ଅଗ୍ରୱାଲ କହିଛନ୍ତି।


ମାଷ୍ଟରକ୍ୟାଣ୍ଟିନ୍ଠାରେ ଯୁବାମଞ୍ଚ ପକ୍ଷରୁ ଖାଦ୍ୟ ବଣ୍ଟନ କରାଯାଉଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

**metroselfie@gmail.com**


@ଆଲୋକ


@ ରଞ୍ଜିତ


@ କୃଷ୍ଣଚନ୍ଦ୍ର


@ ଲିପ୍ସା


@ ଶୁଭେନ୍ଦୁ


@ ଦୀପକ

# ନିର୍ମାଣାଧୀନ ତାଜା ଭୁଶୁଡ଼ି ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**ସାଲେପୁର, ୨୯।୫(ଡି.ଏନ୍.ଏ.)**

ମୋବାଇଲ୍ରେ କଥା ହେବା ବେଳେ ନିର୍ମାଣାଧୀନ ତାଜା ଭୁଶୁଡ଼ି ପଡିବାରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ୍ ଅନ୍ତର୍ଗତ ହୀରାପୁର ଗ୍ରାମର ପ୍ରଫୁଲ୍ଲ କୁମାର ଜେନାଙ୍କ ଝିଅ ପୂଜା ଜେନା(୨୨)। ସେ ଗ୍ରାମରେ ଥିବା ମା'ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ପୂଜା ଘରେ ତିଆରି ଚାଲିଥିବା ଏକ ନିର୍ମାଣାଧୀନ ତାଜା ତଳେ ସନ୍ଧ୍ୟାରେ ଠିଆ ହୋଇ କଥା ହେଉଥିଲେ। ଏହି ସମୟରେ ଅସାବଧାନତାବଶତଃ ତାଜାରେ ଲାଗିଥିବା ବାଉଁଶ ଖୁଣ୍ଟକୁ ଆଉଜି ପଡ଼ିଥିଲେ। ଫଳରେ ବାଉଁଶ ଖସିଯିବାରୁ ନିର୍ମାଣାଧୀନ ତାଜା ଭୁଶୁଡ଼ି ତାଙ୍କ ଉପରେ ପଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ପୂଜାଙ୍କ ମୃତ୍ୟୁ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ସରପଞ୍ଚ ନିଲମ୍ବିତ**
କେନ୍ଦ୍ରୀୟ ଅର୍ଥ ହେରଫେର ଅଭିଯୋଗ

**ବରଗଡ଼ ଅଫିସ୍:** କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ହେରଫେର ଅଭିଯୋଗରେ ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅଧୀନ ଗୁଡେରପାଲି ପଞ୍ଚାୟତର ସରପଞ୍ଚ ଉଦିଆ ଲୁହାଙ୍କୁ ନିଲମ୍ବିତ କରାଯାଇଛି। ଅନ୍ୟପଟେ ନାଏବ ସରପଞ୍ଚ ଗୌର ପାତ୍ରଙ୍କୁ ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର କରିବାକୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୧୯ରେ ଗୁଡେରପାଲି ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆଳରେ କେନ୍ଦ୍ରୀୟ ଅର୍ଥ କମିଶନରୁ ଆସିଥିବା ଅନୁଦାନ ରାଶିରୁ ୩ଲକ୍ଷ ୯୧ହଜାର ୯୧୭ଟଙ୍କା ହେରଫେର ଅଭିଯୋଗ ହୋଇଥିଲା।

**ସଂକ୍ଷେପରେ**

## ଟ୍ରାକ୍ଟର ଡ୍ରାଇଭରଙ୍କୁ ଠେଙ୍ଗାରେ ପିଟି ହତ୍ୟା

### ଡାକ୍ତରଖାନାରେ ମୃତଦେହ ପକାଇ ଖସିଗଲେ ଦୁର୍ବୃତ୍ତ

**ବରଗଡ଼ ଅଫିସ୍,୨୯।୫:** ବରଗଡ଼ ସଦର ଥାନା ଅଧୀନ ପଥର୍ଲା ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। କିଛି ଦୁର୍ବୃତ୍ତ ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କୁ ଠେଙ୍ଗାରେ ଅତର୍କିତ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ହତ୍ୟାକାଣ୍ଡ ପରେ ଦୁର୍ବୃତ୍ତମାନେ ମୃତଦେହକୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ ଏବଂ ବାରଣ୍ଡାରେ ପକାଇ ଖସି ପଳାଇଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବରଗଡ଼ ଜିଲା ଅତାବିରା ଆରଏମ୍‌ସି ପଡ଼ାର ଅଜୟ ଛତ୍ରିଆ(୩୩)। ମୃତକଙ୍କ କାକା ରାଜେନ୍ଦ୍ର ଛତ୍ରିଆ ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତି କରି ସଦର ଥାନା ପୋଲିସ ଦଫା ୩୦୨, ୩୪ ଆଇପିସିରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି । ଅଜୟଙ୍କୁ କିଏ ଏବଂ କାହିଁକି ହତ୍ୟା କଲେ ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି ।

ପୋଲିସ ସୂଚନା ଅନୁସାରେ, ଅଜୟ ଶୁକ୍ରବାର ଅତାବିରାର ଜଣେ ଚାଷୀଙ୍କ ଧାନକୁ ଏକ ଟ୍ରାକ୍ଟର (ନଂ.ଓଡ଼ି୧୭ଜି/୫୩୬୩)ରେ ବୋଝେଇ କରି ପଥର୍ଲାର ଏକ ରାଇସ୍ ମିଲ୍‌କୁ ଆଣିଥିଲେ। ଉକ୍ତ ରାଇସ୍ ମିଲ୍‌ରେ ଧାନ ଅନ୍‌ଲୋଡ଼ ହୋଇ ନ ପାରିବାରୁ ସେ ସେଠାରେ ଟ୍ରାକ୍ଟର ରଖି ବବଲୁ ସାହୁ ନାମକ ତାଙ୍କର ଜଣେ ପରିଚିତ ଲୋକଙ୍କ ସହିତ ପଥର୍ଲା ଛକକୁ ଯାଇଥିଲେ। ଏହି ସମୟରେ ଏକ ନାଲି ରଙ୍ଗର କାର୍ ଯୋଗେ ୫ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ ଏବଂ ଅଜୟଙ୍କୁ ଠେଙ୍ଗାରେ ଅତର୍କିତ ଆକ୍ରମଣ କରିଥିଲେ। ଏହାଦେଖି ଭୟରେ ବବଲୁ ସେଠାରୁ ଦୌଡ଼ି ପଳାଇଥିଲେ। ଠେଙ୍ଗାମାଡ଼ରେ ଘଟଣାସ୍ଥଳରେ ଅଜୟଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ଅଜୟଙ୍କ ମୃତଦେହକୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣି ବାରଣ୍ଡାରେ ପକାଇ ଖସି ପଳାଇଯାଇଛନ୍ତି ବୋଲି ମୃତକଙ୍କ କାକା ରାଜେନ୍ଦ୍ର ଅଭିଯୋଗ କରିଛନ୍ତି ।

# ‘ନବୀନ ଆମ ଭରସା’ ଅଭିଯାନ ଆରମ୍ଭ

### ପ୍ରଚାର ହେବ କରୋନା ଆରୋଗ୍ୟଙ୍କ ଅନୁଭୂତି

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ‘ଆମ ଭରସା ନବୀନ’ ଅଭିଯାନ ଆରମ୍ଭ କରିଛି। ସାମ୍ମୁଖ୍ୟର ତୃଣମୂଳସ୍ତରୀୟ ସଙ୍ଗଠନକୁ ଉପଯୋଗ କରି କରୋନା ମହାମାରୀରୁ ଆରୋଗ୍ୟ ଲାଭ କରିଥିବା ଲୋକଙ୍କ ଅନୁଭୂତିକୁ ଲୋକଲୋଚନକୁ ଆଣିବା ପାଇଁ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। ଆରୋଗ୍ୟ ଲାଭ କରିଥିବା ଲୋକଙ୍କ ଅନୁଭୂତିର ଭିଡିଓ କ୍ଲିପ୍ ପ୍ରସ୍ତୁତ କରାଯାଇ ରାଜ୍ୟରେ ସାମାଜିକ ଗଣମାଧ୍ୟମ ଜରିଆରେ ଏକ ସକାରାତ୍ମକ ବାତାବରଣ ସୃଷ୍ଟି କରାଯିବ। ଫଳରେ ସମାଜରେ ନୂତନ ଆଶାର ସଞ୍ଚାର ହେବା ସହିତ କୋଭିଡ୍ ସଂକ୍ରମିତ ତଥା ଜନସାଧାରଣଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ବୃଦ୍ଧିପାଇବ। କରୋନାରେ ନିୟୋଜିତ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀଙ୍କର ମନୋବଳ ବୃଦ୍ଧିରେ ଏହା ସହାୟକ ହେବ। ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଜିଲାର ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ସଂଯୋଜକମାନେ ସଂଯୋଜନା କରିବେ। ବ୍ଲକ, ଗ୍ରାମପଞ୍ଚାୟତସ୍ତରୀୟ ସାମ୍ମୁଖ୍ୟ ସଂଯୋଜକ ଓ ଗ୍ରାମ ସ୍ତରରେ ସଂସ୍କୃତି ସୈନିକମାନେ ପରିଚାଳନା କରିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଛି ।

ଶନିବାର ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ମଣ୍ଡଳ ବୈଠକ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ‘ୟାସ୍’ ବାତ୍ୟା ଓ ମହାମାରୀ ‘କୋଭିଡ-୧୯’ର ସଫଳ ମୁକାବିଲା ଓ ସୁପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିରେ ସାଂସଦ ଅମର ପଟ୍ଟନାୟକ ନିଜ ମତାମତ ଉପସ୍ଥାପନ କରିଥିବାବେଳେ ସଭାର ଉଦ୍ଦେଶ୍ୟ ବିଷୟରେ ସାମ୍ମୁଖ୍ୟର ଆବାହକ ରବିନାରାୟଣ ନନ୍ଦ ବିବରଣୀ ଦେଇଥିଲେ। ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସ୍ୱାଗତ ଭାଷଣ ମାଧ୍ୟମରେ ଏହି ଅଭିଯାନରେ ଅଦ୍ୟାବଧି ସାଥିମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଉକ୍ତ ସଭାରେ ଅନୁଗୋଳ, ମୟୂରଭଞ୍ଜ, ଭଦ୍ରକ, କଟକ, ଯାଜପୁର, ପୁରୀ, କେନ୍ଦୁଝର,ଢେଙ୍କାନାଳ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, କୋରାପୁଟ, ନୟାଗଡ଼, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ନବରଙ୍ଗପୁର, ମାଲକାନଗିରି, ଗଞ୍ଜାମ, ଗଜପତି, ବାଲେଶ୍ୱର, କନ୍ଧମାଳର ଜିଲା ସଂଯୋଜକମାନେ ଉପସ୍ଥିତ ରହିଥିଲେ । ରାଜ୍ୟ କମିଟିର ସଦସ୍ୟ ଜୀବନ ଦୀକ୍ଷିତ ଓ ଦେବରାଜ ସେନାପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବିଲରେ ଅବତରଣ କଲା ହେଲିକପ୍ଟର



ବର୍ଷା ପବନ ଯୋଗୁ ବିଲରେ ଜରୁରୀ ଅବତରଣ କରିଥିବା ହେଲିକପ୍ଟର।

ସୋରଡା, ୨୯।୫(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରିରୁ ଫେରୁଥିବା ଏକ ହେଲିକପ୍ଟର ବର୍ଷା ଓ ପବନ ଯୋଗୁ ଉଡ଼ି ନ ପାରି ଗଞ୍ଜାମ ଜିଲା ସୋରଡା ବ୍ଲକ ବଡଗଡ ଥାନା ଲୋକାମାରି ଗ୍ରାମ ନିକଟ ଏକ ବିଲରେ ଶନିବାର ଅପରାହ୍ନରେ ଜରୁରୀ ଅବତରଣ କରିଥିଲା। ଏହାକୁ ଦେଖିବା ପାଇଁ ନିକଟସ୍ଥ ଗ୍ରାମର ବହୁ ଲୋକ ରୁଣ୍ଡ ହୋଇଯାଇଥିଲେ। ଫଳରେ ପାଇଲଟ ଜଣକ ଘଟଣା ସମ୍ପର୍କରେ ସଙ୍ଗେସଙ୍ଗେ ବଡଗଡ ଥାନାକୁ ଖବର ଦେଇଥିଲେ। ଏଏସ୍‌ଆଇ ପ୍ରସନ୍ନ ପରିଡା ଓ ଅନ୍ୟ ପୋଲିସ କର୍ମଚାରୀ ସେଠାରେ ପହଞ୍ଚି ଲୋକମାନଙ୍କୁ ଘଉଡାଇଥିଲେ। ପ୍ରାୟ ୨ ଘଣ୍ଟା ହେଲିକପ୍ଟରଟି ସେଠାରେ ରହିଥିଲା।

## ତଳମୁହାଁ ସଂକ୍ରମଣ, ବଢୁଛି ସୁସ୍ଥଙ୍କ ସଂଖ୍ୟା

ଭୁବନେଶ୍ୱର,୨୯।୫ (ବ୍ୟୁରୋ)

କିଛିଦିନ ହେବ ରାଜଧାନୀ ଭୁବନେଶ୍ୱରରେ ଦୈନିକ ସଂକ୍ରମଣରେ ସାମାନ୍ୟ ବ୍ରେକ୍ ଲାଗିଛି। ତଳମୁହାଁ ହେଉଛି କରୋନା ମିଟର। ଗତ ୨୬ ତାରିଖରୁ କ୍ରମାଗତ ଭାବେ ମହାନଗରରୁ ୧ହଜାରରୁ କମ୍ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏଥିସହ ସଂକ୍ରମଣ ଅନୁପାତରେ ସୁସ୍ଥଙ୍କ ହାର ମଧ୍ୟ ବୃଦ୍ଧି ପାଉଛି। ଫଳରେ ଭୟ ଭିତରେ ଆଶାର କିରଣ ସଞ୍ଚାର ହୋଇଛି। ଗତ ୨୪ ଘଣ୍ଟାରେ ସହରରୁ ୮୭୧ ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧ହଜାର ୭୩ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରୁ ୧୮୨ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଓ ୬୮୯ଜଣ ଲୋକାଲ୍ କେସ୍ ରହିଛନ୍ତି। ପଟିଆରୁ ସର୍ବାଧିକ ୩୭ଜଣ, ଖଣ୍ଡଗିରିରୁ ୩୬, ପୁରୁଣା ଭୁବନେଶ୍ୱରରୁ ୩୫, ନୟାପଲ୍ଲୀରୁ ୩୨, ୟୁନିଟ-୯ରୁ ୨୧, ଶୈଳଶ୍ରୀ ବିହାରରୁ ୨୪, ରସୁଲଗଡ଼ରୁ ୧୮, ନୀଳାଦ୍ରି ବିହାରରୁ ୧୩, ୟୁନିଟ-୮ରୁ ୧୭, ପୋଖରୀପୁଟରୁ ୧୨, ୟୁନିଟ-୬ରୁ ୧୧, ଟଙ୍କପାଣିରୋଡ୍‌ରୁ ୧୩, ୟୁନିଟ-୪ରୁ ୧୨, ଶହୀଦନଗରରୁ ୧୪ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ପାତ୍ରପଡ଼ାରୁ ୧୨, ଜୟଦେବ ବିହାରରୁ ୨୦, ଲକ୍ଷ୍ମୀସାଗରରୁ ୨୪, ଝାରପଡ଼ାରୁ ୨୫, ଡୁମୁଡୁମାରୁ ୨୦, ବିଜେବି ନଗରରୁ ୧୭ଜଣ, ବଡଗଡରୁ ୧୯, ଚନ୍ଦ୍ରଶେଖରପୁରରୁ ୧୭, କଳ୍ପନାରୁ ୯, ବରମୁଣ୍ଡାରୁ ୧୩, ଜାଗମରାରରୁ ୧୪, ଘାଟିକିଆରୁ ୭, ଆଚାର୍ଯ୍ୟ ବିହାରରୁ ୬, ଏମ୍ସ ନଗରରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ରାଜଧାନୀରୁ ୭୩ହଜାର ୯୭୨ଜଣ ସଂକ୍ରମିତ ବାହାରିଥିବାବେଳେ ସେମାନଙ୍କ ମଧ୍ୟରୁ ୬୧ହଜାର ୯୭୬ଜଣ ସୁସ୍ଥ ହୋଇଛନ୍ତି। ମୃତ୍ୟୁ ସଂଖ୍ୟା ୩୩୪କୁ ବୃଦ୍ଧି ପାଇଥିବାବେଳେ ଏଯାବତ୍ ୧୧ହଜାର ୬୪୧ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

### ରାଜଧାନୀରେ କରୋନା ସ୍ଥିତି



### କରୋନା ଆକ୍ରାନ୍ତ ନର୍ସଙ୍କ ମୃତ୍ୟୁ

ଜଟଣୀ,୨୯।୫(ଡି.ଏନ୍.ଏ.)

କରୋନାରେ ଆକ୍ରାନ୍ତ ଜଣେ ନର୍ସଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ବାଛରାପାଟଣା ଅଞ୍ଚଳର ଜ୍ୟୋତିସ୍ମିତା ଘଡ଼େଇ(୨୨)। ଗତ ମାସରେ ସେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନର୍ସଭାବେ କୋଭିଡ୍ ବିଭାଗରେ ଯୋଗଦେଇଥିଲେ। ଏହା ପରେ ସେ କରୋନାରେ ଆକ୍ରାନ୍ତ ହୋଇ ଗତ ୨୨ତାରିଖରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି ବୋଲି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ଭୁବନେଶ୍ୱର ସବ୍‌ଡିଭିଜନର ଜଟଣୀ ସହରାଞ୍ଚଳରେ କରୋନା ସ୍ଥିତି ପୂର୍ବାପେକ୍ଷା ନିୟନ୍ତ୍ରଣାଧୀନ ରହିଛି। ସହରାଞ୍ଚଳରେ ୩ଜଣ ସଂକ୍ରମିତ ହୋଇଥିବା ବେଳେ ଶୁକ୍ରବାର ସୁଦ୍ଧା ୧୩ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି।

## କୋଭିଡ୍ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

### ବ୍ୟାପକ ଗୋଷ୍ଠୀ ସଚେତନତା, ଟିଏମ୍‌ସି ପାଇଁ ପାଣ୍ଠି ଯୋଗାଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୯।୫ (ବ୍ୟୁରୋ)

ରାଜ୍ୟର ବୁଦ୍ଧିଜୀବୀମାନଙ୍କୁ ନେଇ ଗଠିତ ଓଡିଶା ଡାଇଲଗ୍‌ସ ଫୋରମ୍ କୋଭିଡ୍ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ନୀତି ସୁପାରିସ ପତ୍ର ପ୍ରଦାନ କରିଛି। ଗ୍ରାମାଞ୍ଚଳରେ କରୋନା ମହାମାରୀ ଉଗ୍ର ରୂପ ଧାରଣ କରିଥିବାରୁ ଏହାକୁ ପ୍ରତିହତ କରିବା ପାଇଁ କେତେକ ପ୍ରସ୍ତାବ ଦେଇଛି। ସରକାର ଓ ସ୍ଥାନୀୟ ବେସରକାରୀ ସଙ୍ଗଠନଗୁଡ଼ିକର ସହଭାଗିତାରେ ଗୋଷ୍ଠୀ ସଚେତନତା ପ୍ରକ୍ରିୟାକୁ ଠିକ୍ ବାର୍ତ୍ତା ଜରିଆରେ ବ୍ୟାପକ କରାଯିବା ଆବଶ୍ୟକ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ସେହିଭଳି ସ୍ୱାସ୍ଥ୍ୟ ବିଶେଷଜ୍ଞ, ଜନସ୍ୱାସ୍ଥ୍ୟ ଅଧିକାରୀ, କୋଭିଡ୍ ରୋଗୀ ତଥା ସୁସ୍ଥ ହୋଇଥିବା ଜନସାଧାରଣ, ସାମାଜିକ ଅନୁଷ୍ଠାନ ଏବଂ ତୃଣମୂଳ ସ୍ତରରେ କୋଭିଡ୍ ପରିଚାଳନା କରୁଥିବା କର୍ମୀଙ୍କ ସହ ଆଲୋଚନା କରାଯାଇ ଉପୁଜୁଥିବା ସମସ୍ୟାର ସମାଧାନ କରାଯିବାକୁ ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି।

ଫୋରମ୍‌ର ପ୍ରତିଷ୍ଠାତା ସଦସ୍ୟ ତଥା ଉପଦେଷ୍ଟା ଡ. ବିଭୁକଲ୍ୟାଣ ମହାନ୍ତି କହିଛନ୍ତି, ଲକ୍ଷଣ ଦେଖାଯାଉଥିଲେ ମଧ୍ୟ ଲୋକେ ଲୁଚାଇବା ସହ ଚିକିତ୍ସା ପାଇଁ ହସ୍ପିଟାଲ ଯିବାକୁ ଭୟ କରୁଥିବା ବିଭିନ୍ନ ରିପୋର୍ଟରୁ ଜଣାଯାଇଛି। ସେହିପରି ଗ୍ରାମାଞ୍ଚଳରେ କରୋନାର ଧିମା ପରୀକ୍ଷଣ ଗୋଷ୍ଠୀ ସଚେତନତା ପ୍ରକ୍ରିୟାର ଅନ୍ୟଏକ ପ୍ରମୁଖ ବାଧକ ଭାବେ ଉଭା ହୋଇଛି। ତେଣୁ ଲକ୍ଷଣ, ଚିକିତ୍ସା ପଦ୍ଧତି, ସ୍ୱାସ୍ଥ୍ୟାବସ୍ଥାର ତଦାରଖ ପ୍ରକ୍ରିୟା ଆଦି ସମ୍ପର୍କରେ ଠିକ୍ ସୂଚନା ପ୍ରତ୍ୟେକ ପରିବାରରେ ପହଞ୍ଚାଇବା ନିହାତି ଆବଶ୍ୟକ। ସ୍ୱାସ୍ଥ୍ୟ ବିଶେଷଜ୍ଞ ଉପସ୍ଥିତିରେ ସ୍ଥାନୀୟ ଏସ୍‌ଏଚ୍‌ଜି ସଦସ୍ୟ/ ସଦସ୍ୟା ଓ ଜନ ପ୍ରତିନିଧିଙ୍କୁ ସୂଚନା ବିତରଣ ସମ୍ବନ୍ଧରେ ସ୍ୱତନ୍ତ୍ର ତାଲିମ୍ ଦିଆଯିବା ଉଚିତ। ଘରକୁ ଘର ସର୍ଭେ ସମୟରେ ତୃଣମୂଳ ସ୍ତରର ସ୍ୱାସ୍ଥ୍ୟକର୍ମୀଙ୍କୁ ଅକ୍ସିମିଟର ଓ ଗ୍ଲୁକୋମିଟର ଭଳି ସର୍ବନିମ୍ନ ଉପକରଣ ଯୋଗାଇ ଦିଆଗଲେ କୋଭିଡ୍ ରୋଗୀଙ୍କୁ ଠିକ୍ ସୂଚନା ପ୍ରଦାନ କରାଯାଇପାରିବ। ଏଥିସହ ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର କକ୍ଷ ପରିଚାଳନା (ଟିଏମ୍‌ସି) ପାଇଁ ପାଣ୍ଠି ଯୋଗାଣ, ଜଟିଳ ରୋଗୀଙ୍କୁ ପ୍ରାଥମିକତା ଭିତ୍ତିରେ ଚିକିତ୍ସା ସୁବିଧା ଯୋଗାଇବା, ଦୂରଭାଷ ପରାମର୍ଶ ସେବା ଓ ପ୍ରାଥମିକ ସୂଚନା ପ୍ରକ୍ରିୟା ଆଦି ସମ୍ପର୍କରେ ସ୍ୱତନ୍ତ୍ର ତାଲିମ୍ ଦେବା ସଂକ୍ରାନ୍ତରେ ଉକ୍ତ ପତ୍ରରେ ଗୁରୁତ୍ୱ ଦିଆଯାଇଛି। ଏସବୁ ସୁପାରିସ ପତ୍ରକୁ ପବ୍ଲିକ୍ ହେଲ୍‌ଥ ରିସୋର୍ସ ନେଟ୍‌ୱର୍କ, ଜନ ସ୍ୱାସ୍ଥ୍ୟ ଅଭିଯାନ, ଭାରତ ଜ୍ଞାନ ବିଜ୍ଞାନ ସମିତି, ହର୍ଷା ଟ୍ରଷ୍ଟ, ନ୍ୟାଶନାଲ ଆସୋସିଏଶନ ଫର୍ ୱିମେନ୍ ଅର୍ଗାନାଇଜେଶନ୍, ସେଣ୍ଟର ଫର୍ ପବ୍ଲିକ୍ ପଲିସି ଅଲଟର୍‌ନେଟିଭ୍‌ସ୍, ସିଟିଜେନ୍ସ ଫୋରମ୍, ସେୱକ, ବିଏପିଟିଏ, ୟୁଥ୍ ଫର୍ ସୋସିଆଲ୍ ଡେଭେଲପ୍‌ମେଣ୍ଟ ଏବଂ ଜାଗୃତି ପକ୍ଷରୁ ମିଳିତଭାବେ ପ୍ରସ୍ତୁତ କରାଯାଇଛି।

**ଖେଳ ଖବର**

# ଆଜିଠାରୁ ଫ୍ରେଞ୍ଚ ଓପନ: ନାଡାଲ ଫେଭରାଇଟ୍

ପ୍ୟାରିସ,୨୯।୫(ଏପି)

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଟେନିସ ରବିବାରଠାରୁ ଆରମ୍ଭ ହେବ। ବିଶ୍ୱରେ କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ଟେନିସର ଏହି ମେଗା ଇଭେଣ୍ଟ ଆରମ୍ଭ ହେବା ବିଶ୍ୱ କ୍ରୀଡ଼ା ପାଇଁ ଏକ ଖୁସି ଖବର ବୋଲି ବିବେଚିତ ହେଉଛି। ଫ୍ରେଞ୍ଚ୍ ଓପନର ଏହି ୧୨୫ତମ ସଂସ୍କରଣ ଉପରେ କ୍ରୀଡ଼ାପ୍ରେମୀଙ୍କ ନଜର ରହିଛି। କ୍ଲେ କୋର୍ଟ ଉପରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟର ଗତ ସଂସ୍କରଣରେ ସ୍ପେନର ରାଫାଲ ନାଡାଲ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସେହିପରି ମହିଳା ସିଙ୍ଗଲ୍ସରେ ପୋଲାଣ୍ଡର ଇଗା ସ୍ୱିଟେକ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ପ୍ରାୟ ସବୁ ଇଭେଣ୍ଟରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଅଂଶଗ୍ରହଣ କରିବେ। ପୁରୁଷ ସିଙ୍ଗଲ୍ସରେ ସାମିଲ ଥିବା ଟପ୍-୧୦ ସିଡେଡ୍ ଖେଳାଳିମାନେ ହେଲେ ସର୍ବିୟାର ନୋଭାକ ଜୋକୋଭିଚ୍, ରୁଷିଆର ଡାନିଲି ମେଡଭେଡେଭ, ସ୍ପେନ୍‌ର ନାଡାଲ, ଅଷ୍ଟ୍ରିଆର ଡୋମିନିକ ଥିମ୍, ଗ୍ରୀସ୍‌ର ଷ୍ଟିଫାନୋସ ସିଟିସପାସ, ଜର୍ମାନୀର ଆଲେକଜାଣ୍ଡର ଜେଭେରେଭ, ରୁଷିଆର ଆନ୍ଦ୍ରେ ରୁବ୍ଲେଭ, ସୁଇଜରଲାଣ୍ଡର ଅଭିଜ୍ଞ ଖେଳାଳି ରୋଜର ଫେଡେରର, ଇଟାଲୀର ମାଟେଓ ବେରେଟିନୀ ଓ ଆର୍ଜେଣ୍ଟିନାର ଡିଏଗୋ ସ୍ୱାର୍ଜମ୍ୟାନ। ଅନ୍ୟପଟେ ମହିଳା ସିଙ୍ଗଲ୍ସରେ ଟପ୍-୧୦ ଖେଳାଳିମାନେ ହେଲେ ଅଷ୍ଟ୍ରେଲିଆର ଆଶଲେ ବାର୍ଟି, ଜାବାନ ନାଓମି କ୍ୟାମ୍ପବେଲ, ବେଲାରୁଷର ଅରିନା ସାବାଲେଙ୍କା, ଆମେରିକାର ସୋଫିଆ କେନିନ, ୟୁକ୍ରେନର ଏଲିନା ଭିଟୋଲିନା, କାନାଡାର ବାୟାଙ୍କା ଆଣ୍ଡ୍ରେସ୍କୁ, ଆମେରିକାର ସେରେନା ୱିଲିୟମ୍ସ, ସ୍ୱିଟେକ, ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭା ଓ ସୁଇଜରଲାଣ୍ଡର ବେଲିଣ୍ଡା ବେନ୍‌କିକ୍। ସାରା ଟୁର୍ନାମେଣ୍ଟରେ ସେରେନା, ଫେଡେରର, ନାଡାଲ ଓ ଜୋକୋଭିଚ୍‌ଙ୍କ ଉପରେ ସମସ୍ତଙ୍କ ନଜର ରହିବ। ତେବେ କେତେଜଣ ସ୍ୱଳ୍ପ ବୟସ୍କା ଖେଳାଳିମାନେ ମଧ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବେ। ସେମାନଙ୍କ ମଧ୍ୟରେ ରହିଛନ୍ତି ୧୭ ବର୍ଷୀୟା ଆମେରିକାର କୋକୋ ଗୌଫ, ସ୍ପେନ୍‌ର ୧୮ ବର୍ଷୀୟା ଖେଳାଳି କାର୍ଲୋସ ଅଲକାରାଜ, ୧୮ ବର୍ଷୀୟା ଡେନ୍‌ମାର୍କ ଖେଳାଳି କ୍ଲାରା ଟୌସନ ଓ ୧୯ ବର୍ଷୀୟ ଇଟାଲୀ ଖେଳାଳି ଜାନିକ ସିନର। ଏଥର ଫ୍ରେଞ୍ଚ୍ ଓପନ ନାଡାଲଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। କ୍ଲେ କୋର୍ଟର ରାଜା କୁହାଯାଉଥିବା ନାଡାଲ ୧୩ଥର ଫ୍ରେଞ୍ଚ୍ ଓପନ ଟାଇଟଲ ଜିତି ରେକର୍ଡ କରିଛନ୍ତି। ଯେକୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ସର୍ବାଧିକ ଟାଇଟଲ ଜିତିବାର ସେ ନୂଆ ରେକର୍ଡ କରିଛନ୍ତି। ଏଥର ସଫଳ ହେଲେ ସେ ୧୪ତମ ଟାଇଟଲ ହାସଲ କରିବେ। ଫ୍ରେଞ୍ଚ୍ ଓପନ ତାଙ୍କର ଫେଭରାଇଟ ଟୁର୍ନାମେଣ୍ଟ ବିବେଚିତ ହୋଇଆସିଛି। ମୋଟ ଉପରେ ନାଡାଲଙ୍କ ଉପରେ ସମସ୍ତଙ୍କ ନଜର ଅଧିକ ରହିବ। ତେବେ ନାଡାଲଙ୍କ ସମେତ ଜୋକୋଭିଚ୍, ଥିମ୍, ମେଡେଭେଡେଭ ଏବଂ ଅନ୍ୟ ଯୁବ ଓ ଅଭିଜ୍ଞମାନଙ୍କ ଉପରେ ସମସ୍ତଙ୍କ ନଜର ରହିବ। ନାଡାଲ ୪ଥର ଡିଫେଣ୍ଡିଂ ଚାମ୍ପିୟନ ରହିଆସିଛନ୍ତି।


ରଫାଲ ନାଡାଲ

## କ୍ରୀଡ଼ା ସଂଗଠକ ଅଶୋକ ପଟ୍ଟନାୟକଙ୍କ ଦେହାନ୍ତ

ଭୁବନେଶ୍ୱର,୨୯।୫
(ସ୍ପୋର୍ଟ୍ସ ବ୍ୟୁରୋ)



ରାୟମା କ୍ଲବର ସମ୍ପାଦକ ତଥା ସୁନ୍ଦରଗଡ଼ ଜିଲାର ଶକ୍ତି ଉତ୍ତୋଳନ ସଂଘର ସଭାପତି ଅଶୋକ ପଟ୍ଟନାୟକଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ହୃଦ୍‌ରୋଗରେ ଆକ୍ରାନ୍ତ ଥିଲେ। ଶନିବାର ବୁର୍ଲା ମେଡିକାଲରେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ସୁନ୍ଦରଗଡ଼ ଜିଲାରେ ଅଶୋକ ଜଣେ ସଫଳ କ୍ରୀଡ଼ା ସଂଗଠକ ଭାବେ ବେଶ୍ ପରିଚିତ ଥିଲେ। ୧୯୮୯ ଓ ୧୯୯୪ରେ ସେ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ମିଷ୍ଟର ଓଡ଼ିଶା ଟାଇଟଲ ହାସଲ କରିଥିଲେ। ଜଣେ ସଂଗଠକ ହିସାବରେ ସେ ରାଉରକେଲାରେ ଅନେକ ଫୁଟବଲ, ଭଲିବଲ, ବଡି ବିଲ୍ଡିଂ ଓ ବକ୍ସିଂ ଆଦି ପ୍ରତିଯୋଗିତା ଆୟୋଜନ କରି ଚର୍ଚ୍ଚାରେ ରହୁଥିଲେ। ତାଙ୍କର ଏଭଳି ଆକସ୍ମିକ ବିୟୋଗରେ ରାଉରକେଲାର କ୍ରୀଡ଼ାବିତ୍, କ୍ରୀଡ଼ା ସଂଗଠନ ଓ କ୍ରୀଡ଼ାପ୍ରେମୀଙ୍କୁ ଶକ୍ତ ଧକ୍କା ଲାଗିଛି। ତାଙ୍କ ବିୟୋଗରେ ପାନପୋଷ କ୍ରୀଡ଼ା ସଂଗଠନ ତରଫରୁ ଶୋକ ପ୍ରକାଶ କରାଯାଇଛି।

## ଜେମିମା ଖେଳିବେ ଦି ହଣ୍ଡ୍ରେଡ୍ ଟୁର୍ନାମେଣ୍ଟ


ଜେମିମା ରୋଡ୍ରିଗୁଏଜ୍

ମୁମ୍ବାଇ, ୨୯।୫ (ପି.ଟି.)

ୟୁନାଇଟେଡ କିଙ୍ଗଡମ୍ (ୟୁକେ) ରେ ଜୁଲାଇ ୨୧ରୁ ଆରମ୍ଭ ହେଉଥିବା ଦି ହଣ୍ଡ୍ରେଡ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଭାରତର ସ୍ୱଳ୍ପ ବୟସ୍କା ମହିଳା ବ୍ୟାଟ୍ସୱମ୍ୟାନ ଜେମିମା ରୋଡ୍ରିଗୁଏଜ୍ ନର୍ଦ୍ଦର୍ନ ସୁପର ଚାର୍ଜର୍ସ ତରଫରୁ ଖେଳିବେ। ଏହି ୧୦୦-ବଲ୍ ଇଭେଣ୍ଟ ୮ଟି ପୁରୁଷ ଓ ମହିଳା ଦଳକୁ ନେଇ ଖେଳାଯିବ। ଏଥିରେ ଅଂଶଗ୍ରହଣ କରୁଥିବା ଅନ୍ୟ ଭାରତୀୟ ମହିଳା କ୍ରିକେଟରମାନେ ହେଲେ ଜେମିମାଙ୍କ ଟି୨୦ ଅଧିନାୟିକା ହରମନପ୍ରୀତ କୌର, ଉପଅଧିନାୟିକା ସ୍ମୃତି ମାନ୍ଧନା ଓ ଅଲରାଉଣ୍ଡର ଦୀପ୍ତି ଶର୍ମା। ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ଦ୍ୱାରା ଆୟୋଜିତ ‘ଦି ହଣ୍ଡ୍ରେଡ୍’ ଏକ ଭିନ୍ନ ଧରଣର ଟୁର୍ନାମେଣ୍ଟ ହୋଇଥିବାରୁ ଏଥିରେ ଖେଳିବା ଲାଗି ତାଙ୍କର ଉତ୍କଣ୍ଠା ରହିଥିବା ଜେମିମା ପ୍ରକାଶ କରିଛନ୍ତି। ଜେମିମା ପୂର୍ବରୁ ୟର୍କଶାୟାର ଡାଇମଣ୍ଡ୍ସ ଏବଂ ତାଙ୍କ ଟିମ୍ ନର୍ଦ୍ଦର୍ନ ସୁପରଚାର୍ଜର୍ସ ତରଫରୁ ଖେଳିଛନ୍ତି। ଲରେନ ୱିନଫିଲ୍ଡ ତାଙ୍କର ଅଧିନାୟିକା ରହିଛନ୍ତି। ଇଂଲଣ୍ଡ ଟୁର୍ ପାଇଁ ଘୋଷଣା କରାଯାଇଥିବା ଭାରତୀୟ ମହିଳା କ୍ରିକେଟ ଦଳରେ ଜେମିମାଙ୍କୁ ସ୍ଥାନ ମିଳିଛି। ଜୁନ୍ ୧୬ରୁ ବ୍ରିଷ୍ଟଲଠାରେ ଇଂଲଣ୍ଡ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳାଯିବ। ପରେ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ଖେଳାଯିବ। ଇଂଲଣ୍ଡ ଟୁର୍ ପୂର୍ବରୁ ଭାରତର ଉଭୟ ମହିଳା ଓ ପୁରୁଷ କ୍ରିକେଟ ଦଳ ଏଠାରେ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଇଂଲଣ୍ଡର ବିଶ୍ୱକପ୍ ବିଜୟିନୀ ଲରେନ୍ ୱିନ୍‌ଫିଲ୍ଡ ହିଲ୍‌ଙ୍କ ନେତୃତ୍ୱାଧୀନ ନର୍ଦ୍ଦର୍ନ ସୁପର ଚାର୍ଜର୍ସ ଦଳରେ ଅଷ୍ଟ୍ରେଲିଆର ଷ୍ଟାର କ୍ରିକେଟର ଆଲିସା ହିଲି ରହିଛନ୍ତି। ଜେମିମା, କୌର, ମାନ୍ଧନା ଓ ଶର୍ମା ମଧ୍ୟ ଏହି ଦଳର ସଦସ୍ୟା ରହିଛନ୍ତି। କୋଭିଡ୍ ଯୋଗୁ ଗତବର୍ଷ ଦି ହଣ୍ଡ୍ରେଡ୍ ଟୁର୍ନାମେଣ୍ଟକୁ ସ୍ଥଗିତ ରଖାଯାଇଥିଲା।

## ଜାଭେଲିନ୍ ଥ୍ରୋୟରଙ୍କ ଲାଗି ଶକ୍ତି ବୃଦ୍ଧିକାରୀ ମେଶିନ

ନୂଆଦିଲ୍ଲୀ, ୨୯।୫ (ପି.ଟି.)

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ତରଫରୁ ପଟିଆଲାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ୍)ଠାରେ ଜାଭେଲିନ୍ ଥ୍ରୋୟରଙ୍କ ଶକ୍ତି ବୃଦ୍ଧିକାରୀ ମେଶିନ ସ୍ଥାପନ କରାଯାଇଛି। ଜର୍ମାନୀ ନିର୍ମିତ ଏହି ମେଶିନ୍‌ରେ ଅଲିମ୍ପିକ ଯୋଗ୍ୟତା ହାସଲ କରିଥିବା ନୀରଜ ଚୋପ୍ରା ଓ ଶିବପାଲ୍ ସିଂଙ୍କ ଭଳି ଜାଭେଲିନ୍ ଥ୍ରୋୟର ବ୍ୟବହାର କରିପାରିବେ। ଏହା ସେମାନଙ୍କ ଶକ୍ତି ଓ ବେଗ ବୃଦ୍ଧି କ୍ଷେତ୍ରରେ ସହାୟକ ହେବ। ମେଶିନ୍‌ଟିର ନାମ ହେଉଛି କ୍ରାଫ୍ଟ ଟ୍ରେନିଂ ଜେରାଟ୍ (କେଟିଜି)। ଏନ୍‌ଆଇଏସ୍ ପଟିଆଲାରେ ପୂର୍ବରୁ ଏହିଭଳି ଚାଇନା ନିର୍ମିତ ଦୁଇଟି ମେଶିନ ରହିଛି। ହେଲେ ଜର୍ମାନ ନିର୍ମିତ ମେଶିନ ଶୁକ୍ରବାର ଖଞ୍ଜାଯାଇଛି।

# ସୁଶୀଲଙ୍କ ପୋଲିସ ରିମାଣ୍ଡ ମିଆଦ ୪ଦିନ ବୃଦ୍ଧି

### ଛତ୍ରସାଲ ଷ୍ଟାଡିୟମ ହତ୍ୟାକାଣ୍ଡ

ନୂଆଦିଲ୍ଲୀ, ୨୯।୫ (ପି.ଟି.)

ଦିଲ୍ଲୀର ଏକ କୋର୍ଟ ଅଲିମ୍ପିକ ପଦକ ବିଜେତା ରେସ୍‌ଲର ସୁଶୀଲ କୁମାର ଏବଂ ଅଜୟ କୁମାର ସେରାୱତଙ୍କ ପୋଲିସ ରିମାଣ୍ଡ ମିଆଦକୁ ଆହୁରି ୪ ଦିନ ବୃଦ୍ଧି କରିଛନ୍ତି। ଛତ୍ରସାଲ ଷ୍ଟାଡିୟମରେ ଜଣେ ୨୩ ବର୍ଷୀୟ ରେସ୍‌ଲରଙ୍କୁ ହତ୍ୟା ମାମଲାରେ ଏହି ଦୁଇଜଣଙ୍କୁ ପୋଲିସ ଗିରଫ କରିଛି। କୋର୍ଟ କହିଛନ୍ତି ଆଇନଠାରୁ କେହି ଊର୍ଦ୍ଧ୍ୱରେ ନୁହନ୍ତି। ଦିଲ୍ଲୀସ୍ଥିତ ଛତ୍ରସାଲ ଷ୍ଟାଡିୟମରେ ସୁଶୀଲ ଓ ତାଙ୍କ ସହଯୋଗୀମାନେ ସାଗର ଧନକର ନାମକ ରେସ୍‌ଲର ଏବଂ ତାଙ୍କର ଦୁଇ ସହଯୋଗୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସାଗରଙ୍କର ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଫେରାର ଥିବା ସୁଶୀଲ ଓ ଅଜୟ କୁମାରଙ୍କୁ ପୋଲିସ ଗିରଫ କରିବା ପରେ କୋର୍ଟ ମେ’ ୨୩ରେ ସେମାନଙ୍କୁ ୬ଦିନ ପୋଲିସ ରିମାଣ୍ଡ ପାଇଁ ଅନୁମତି ଦେଇଥିଲେ। ରିମାଣ୍ଡର ମିଆଦ ଶନିବାର ଶେଷ ହେବା ପରେ ପୋଲିସ ଏହି ଦୁଇ ଅଭିଯୁକ୍ତଙ୍କୁ ଆଉ କିଛିଦିନ ରିମାଣ୍ଡରେ ନେବାଲାଗି ଆବେଦନ କରିଥିଲା। ସୁଶୀଲ ଘଟଣାର ମାଷ୍ଟରମାଇଣ୍ଡ ହୋଇଥିବାବେଳେ ଗଣ୍ଡଗୋଳରେ ବ୍ୟବହୃତ ବହୁ ଜିନିଷ ଏ ପର୍ଯ୍ୟନ୍ତ ଉଦ୍ଧାର କରାଯାଇ ନ ଥିବା ପୋଲିସ ଆବେଦନପତ୍ରରେ ଦର୍ଶାଇଥିଲା।



ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ମୟଙ୍କ ଗୋୟଲ୍ ଏହାର ବିଚାର କରି ସୁଶୀଲଙ୍କୁ ଆହୁରି ୪ ଦିନ ପୋଲିସ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି।

**ପେଟାକୁ ଜବାବ ଦେଲା ଅମୂଲ**

ଦେଶର ଅଗ୍ରଣୀ ଡେରୀ ବ୍ରାଣ୍ଡ ଅମୂଲ ଏଇ ନିକଟରେ ପ୍ରାଣୀ ଅଧିକାର ଉପରେ କାର୍ଯ୍ୟ କରୁଥିବା ପେଟାକୁ ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ କଡ଼ା ଜବାବ ଦେଇଛି। ଅମୂଲକୁ ପ୍ରାଣିଜ ଦୁଗ୍ଧ ପରିବର୍ତ୍ତେ ଉଦ୍ଭିଦଜାତ ଦୁଗ୍ଧ ଉତ୍ପାଦନ କରିବା ନିମନ୍ତେ ପ୍ରସ୍ତାବ ଦେଇଥିବା ପିପୁଲ ଫର୍ ଏଥିକାଲ୍ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍ସ (ପେଟା)କୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଆର୍.ଏସ୍. ସୋଢ଼ି କଡ଼ା ଜବାବ ଦେଇଛନ୍ତି।

## ସଂକ୍ଷେପରେ

### ସନ୍‌ସାଇନ୍ ହସ୍ପିଟାଲରେ କୋଭିଡ୍ ସଫଳ ଚିକିତ୍ସା ବ୍ୟବସ୍ଥା

**ଭୁବନେଶ୍ୱର,୨୯।୫:** ସାରା ଦେଶ ଓ ରାଜ୍ୟରେ କୋଭିଡ୍ ସଂକ୍ରମଣ ଦ୍ରୁତଗତିରେ ବ୍ୟାପୁଛି। ଏହି ସମୟରେ ସ୍ଥାନୀୟ ଲକ୍ଷ୍ମୀ ସାଗରସ୍ଥିତ ସନ୍‌ସାଇନ ହସ୍ପିଟାଲ ପକ୍ଷରୁ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ କୋଭିଡ୍ ରୋଗୀଙ୍କୁ ସଫଳ ଚିକିତ୍ସା ସାଙ୍ଗକୁ ସୁସ୍ଥ ଅବସ୍ଥାରେ ଡିସ୍‌ଚାର୍ଜ କରାଯାଇଛି। ମେଡିକାଲ ପକ୍ଷରୁ କୋଭିଡ୍ ରୋଗୀଙ୍କୁ ସ୍ୱତନ୍ତ୍ର ଓ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଓ ବ୍ୟବସ୍ଥା ପ୍ରଦାନ କରାଯାଉଛି। ଫଳରେ ଅତି ସଂକ୍ରମଣ ରୋଗୀ ମଧ୍ୟ ସଫଳତାର ସହ ଚିକିତ୍ସା ସାଙ୍ଗକୁ ଆରୋଗ୍ୟ ଲାଭ କରିପାରୁଛନ୍ତି। ହସ୍ପିଟାଲ ପକ୍ଷରୁ ସ୍ୱତନ୍ତ୍ର ସୁବିଧା ଓ ବରିଷ୍ଠ ଏବଂ ବିଶେଷଜ୍ଞ ଡାକ୍ତର ଡ. ପି.ଏନ୍. ସାହୁ, ଡ. ପୟୋଦ ଜେନା , ଡ. ପି.କେ. ସାହୁ ଏବଂ ଡ. ବିଶ୍ୱଜିତ ନନ୍ଦଙ୍କ ଭଳି ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଏହି ରୋଗୀମାନଙ୍କର ଆବଶ୍ୟକ ମେଡିକାଲ ସେବା ଓ ସୁବିଧା ପ୍ରଦାନ କରାଯାଉଛି। ସେହିଭଳି ମେଡିକାଲର ନର୍ସିଂ ବିଭାଗ ଓ ଫାର୍ମାସୀ ଟିମ୍‌ର ବ୍ୟାପକ ସହଯୋଗ ଏବଂ ସଫେଇ ଦଳର ଦିନରାତି କାର୍ଯ୍ୟ ଯୋଗୁ ଏହି ସଫଳତା ମେଡିକାଲକୁ ମିଳିପାରିଛି ବୋଲି ସନ୍‌ସାଇନ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି। ସେହିଭଳି ଏହି ସମୟ ମଧ୍ୟରେ ପ୍ରାୟ ୧୫୦୦ ଅନ୍ୟ ରୋଗୀ ମଧ୍ୟ ସଫଳ ଭାବେ ଚିକିତ୍ସିତ ହୋଇ ଘରକୁ ଯାଇଥିବା ଜଣାପଡ଼ିଛି।

### କୋଭିଡ୍ ପାଇଁ ପାୱାର ଗ୍ରୀଡ୍‌ର ପଦକ୍ଷେପ

**ଭୁବନେଶ୍ୱର,୨୯।୫:** ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନ ମହାରତ୍ନ କମ୍ପାନୀ ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ପାନ୍-ଇଣ୍ଡିଆ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଶ୍ରମିକମାନଙ୍କ ନିମନ୍ତେ ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରିଛି ବୋଲି ଜଣାପଡ଼ିଛି। ରାଉରକେଲା ସବ୍‌ଷ୍ଟେଶନ, ଓଡ଼ିଶା ପ୍ରୋଜେକ୍ଟ କ୍ୟାମ୍ପସ ପରିସରରେ କୋଭିଡ୍-୧୯ର ବୃଦ୍ଧିକୁ ରୋକିବା ଓ କ୍ୟାମ୍ପସକୁ ଶତ ପ୍ରତିଶତ କରୋନା ମୁକ୍ତ କରିବା ପାଇଁ ସକ୍ରିୟ ପଦକ୍ଷେପ ନିଆଯାଇଛି।

# ଚିନ୍ତା ବଢ଼ାଇଛି ବେରୋଜଗାରୀ

## ଗତ ୩ ଦଶନ୍ଧିରେ ସର୍ବାଧିକ ବେକାରି




**ନୂଆଦିଲ୍ଲୀ,୨୯।୫**

କରୋନା ମହାମାରୀ ସମୟରେ ବିଭିନ୍ନ ସମସ୍ୟା ସାମ୍ନାକୁ ଆସିଛି। ଏହି ମହାମାରୀ ଯୋଗୁ କେବଳ ଲୋକଙ୍କ ଜୀବନ ଯାଇନାହିଁ, ଜୀବିକା ମଧ୍ୟ ଛଡ଼ାଇ ନେଇଛି। ସରକାରଙ୍କ କୋଭିଡ୍ କଟକଣା ଯୋଗୁ ବିଭିନ୍ନ ସଂସ୍ଥା ବନ୍ଦ ହୋଇ ରହିଛି। ଫଳରେ ଅନେକ ବ୍ୟକ୍ତି ରୋଜଗାର ହରାଇଛନ୍ତି। ମହାମାରୀରୁ ରକ୍ଷା ପାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଭଳି କଡ଼ା ପଦକ୍ଷେପ ଗ୍ରହଣ କରାଗଲା। ଫଳରେ ଅନେକ ଲୋକ ନିଜ ଜୀବନଜୀବିକା ସହ ବୃତ୍ତି ମଧ୍ୟ ଛାଡ଼ିଛନ୍ତି। କଟକଣା ଯୋଗୁ କିଛି ସଂସ୍ଥାନ ପକ୍ଷରୁ କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରାଯାଇଛି। ଆଉ କିଛି ଲୋକ ଲକ୍‌ଡାଉନ୍ ପାଇଁ କର୍ମସଂସ୍ଥାନକୁ ଯାଇ ନ ପାରି ମଧ୍ୟ ରୋଜଗାର ହରାଇଛନ୍ତି। ନିକଟରେ ପ୍ରକାଶିତ ଆଇଏଲ୍‌ଓର ଡାଟାବେସ୍‌ରେ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ୨୦୨୦-୨୧ ମଧ୍ୟରେ ଦେଶରେ ବେକାରି ହାର ୩ ଦଶକ ପଛକୁ ଚାଲିଯାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସଂସ୍ଥାର ରିପୋର୍ଟ ଅନୁସାରେ, ଶ୍ରମଜୀବୀ ହୋଇ କାର୍ଯ୍ୟ କରୁ ନ ଥିବା ବ୍ୟକ୍ତିଙ୍କ ସଂଖ୍ୟା ୨୦୨୦ରେ ୭.୧୧%କୁ ଖସି ଆସିଛି। ଫଳରେ ଦେଶରେ ବେକାରି ହାର ବ୍ୟାପକ ଭାବେ ବୃଦ୍ଧି ପାଇଛି। ସେହିଭଳି ୨୦୨୧ ଜାନୁୟାରୀରେ ବେକାରି ହାର ୬.୬୨% ଥିବା ବେଳେ ଏପ୍ରିଲରେ ଏହା ୭.୯୭% କୁ ବୃଦ୍ଧି ପାଇଛି।

ତେବେ ଲକ୍‌ଡାଉନ୍ ଓ ଅନ୍ୟାନ୍ୟ କଟକଣା ଯୋଗୁ ଏହି ସଂଖ୍ୟା ମେ ୧୬ ସୁଦ୍ଧା ୧୪.୫% କୁ ବୃଦ୍ଧି ପାଇଥିବା ବେଳେ ମେ ୨୩ ବେଳକୁ ୧୪.୭% ରେ ପହଞ୍ଚିଯାଇଛି। କେନ୍ଦ୍ର ସରକାରଙ୍କ ଲେବର ଫୋର୍ସ ସର୍ଭେର ଡାଟା ଅନୁସାରେ, ଦେଶର ବେକାରି ହାର ୨୦୧୭-୧୮ରେ ୬.୧% ଥିଲା ; ଯାହା ଗତ ୪୫ ବର୍ଷରେ ସର୍ବାଧିକ ବୋଲି କୁହାଯାଉଛି। ୨୦୧୮-୧୯ରେ ଏହି ସ୍ଥିତିରେ ସାମାନ୍ୟ ସୁଧାର ଆସି ୫.୮% ରେ ରହିଥିଲା। ସେହିଭଳି ୨୦୨୦-୨୧ରେ ଉକ୍ତ ସ୍ଥିତି ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ଉଭା ହୋଇଛି। ସେହିପରି ୨୦୦୮ରେ ବେକାରି ହାର ୫.୩୬ %, ୨୦୧୦ରେ ୫.୬୫%, ୨୦୧୩ରେ ୫.୬୭%, ୨୦୧୯ରେ ୫.୨୭ % ରହିଛି ; ଯାହା ୨୦୨୦ରେ ୭.୧୧% କୁ ବୃଦ୍ଧି ପାଇବା ସହ ଦେଶର ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି ବୋଲି କୁହାଯାଇଛି। ସାରା ବିଶ୍ୱରେ ବେକାରି ହାର ୨୦୨୦ରେ ୬.୪୭ %କୁ ବୃଦ୍ଧି ପାଇଥିଲା। ୨୦୧୯ରେ ଏହା ୫.୩୭ % ରହିଥିଲା । ତେବେ ୧୯୯୧ରେ ସାରା ବିଶ୍ୱର ବେକାରି ହାର ପ୍ରାୟ ୪.୮% ରହିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ୨୦୦୯ରେ ଶ୍ରୀଲଙ୍କାରେ ଭାରତଠୁ ବେକାରି ହାର ଭଲ ଥିଲା। ଭାରତରେ ଏହା ୫.୬୧% ଥିବା ବେଳେ ଶ୍ରୀଲଙ୍କାରେ ୫.୮୫ %ରହିଥିଲା। ୨୦୨୦ରେ ବାଂଲାଦେଶରେ ବେକାରି ହାର ୫.୩% ଏବଂ ଶ୍ରୀଲଙ୍କାରେ ୪.୪୮ %, ପାକିସ୍ତାନରେ ୪.୬୫%, ନେପାଳରେ ୪.୪୪% ଓ ଭୁଟାନରେ ୩.୭୪ % ରହିଥିଲା। ୨୦୧୫ ରୁ ୨୦୧୯ ମଧ୍ୟରେ ଆମେରିକାର ସ୍ଥିତି ଭାରତଠୁ ଭଲ ଥିବା ବେଳେ ୨୦୨୦ରେ କିନ୍ତୁ ବେକାରି ହାର ଭାରତ ତୁଳନାରେ ଅଧିକ ରହିଛି।



ଧ-୨୦୨୯୭

### ୟୁବିଆଇ ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ



**ଭୁବନେଶ୍ୱର,୨୯।୫**

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ତପନ କୁମାର ସାହୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଭୁବନେଶ୍ୱର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ। ୧୯୯୮ ମସିହାରେ ସେ ବ୍ୟାଙ୍କ ପିଓ (ପ୍ରୋବେସନାରି ଅଫିସର) ଭାବେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ସେ ମଧ୍ୟ ଫରେଷ୍ଟ୍ରିରେ ସ୍ନାତକୋତ୍ତର କରିବା ସହ ଏମ୍‌ବିଏ ଏବଂ ସିଏଆଇଆଇବି ଆଦି ଡିଗ୍ରୀ ହାସଲ କରିଛନ୍ତି। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ଦୀର୍ଘ ୨୨ ବର୍ଷର ଅଭିଜ୍ଞତା ସହ ସବୁ ସ୍ଥାନ ଓ ପରିସ୍ଥିତିରେ କାର୍ଯ୍ୟ କରିବାରେ ସେ ଦକ୍ଷତା ରଖିଛନ୍ତି। ସେ ଗାଁ ଠାରୁ ସହରାଞ୍ଚଳ ଏପରିକି ମେଟ୍ରୋ ଭଳି ଅଞ୍ଚଳର ଶାଖାର ନେତୃତ୍ୱ ନେଇ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି।

# ପହିଲାରୁ ବଢ଼ିବ ବିମାନ ଭଡ଼ା




**ନୂଆଦିଲ୍ଲୀ,୨୯।୫**

ମହାମାରୀ ସମୟରେ ପୁଣି ଥରେ ବିମାନ ଭଡ଼ା ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଶୁକ୍ରବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଘରୋଇ ବିମାନ ଚଳାଚଳର କମ୍ ସମୟ ସୀମା ଦରକୁ ୧୩ ରୁ ୧୬ %କୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏହି ବର୍ଦ୍ଧିତ ଦର ଜୁନ୍ ପହିଲାରୁ ଲାଗୁ ହେବ ବୋଲି ସୂଚନା ମିଳିଛି। ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, ୪୦ ମିନିଟ୍‌ରୁ କମ୍ ଘରୋଇ ଯାତ୍ରା ପାଇଁ ଭଡ଼ା ପ୍ରାୟ ୨,୩୦୦ ରୁ ୨,୬୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବ, ଯାହା ବର୍ତ୍ତମାନର ଭଡ଼ାର ୧୩ % ଅଧିକ ବୋଲି କୁହାଯାଉଛି। ସେହିଭଳି ୪୦ ମିନିଟରୁ ଏକଘଣ୍ଟା ମଧ୍ୟରେ ଅବଧି ଥିବା ବିମାନଗୁଡ଼ିକର ସର୍ବନିମ୍ନ ୩,୩୦୦ ଟଙ୍କା ରହିବ। ସେହିପରି ୬୦-୯୦ମିନିଟ୍ ମଧ୍ୟରେ ବିମାନ ଉଡ଼ାଣ ପାଇଁ ୪,୦୦୦ ଟଙ୍କା ଏବଂ ୯୦-୧୨୦ ମିନିଟ୍ ପାଇଁ ୪,୭୦୦ ଟଙ୍କା ଓ ୧୫୦-୧୮୦ ମିନିଟ୍ ପାଇଁ ୬,୧୦୦ ଟଙ୍କା, ୧୮୦-୨୧୦ ମିନିଟରେ, ୭,୪୦୦ ଟଙ୍କା ଭଡ଼ା ବାବଦକୁ ଦେବାକୁ ପଡ଼ିବ।

ଉପରୋକ୍ତ ସମୟସୀମାରେ ବିମାନ ଭଡ଼ା ପ୍ରାୟ ୩୦୦ ରୁ ୧୦୦୦ ଟଙ୍କା କମ୍ ଦେବାକୁ ପଡୁଥିଲା। ଯାତ୍ରୀମାନଙ୍କର ବିମାନ ଯାତ୍ରାରେ ଚଳାଚଳର ବୃଦ୍ଧି ଘଟିଛି। କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ହଠାତ୍ କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ଦୀର୍ଘଦିନ ହେବ ଘରୋଇ ବିମାନଯାତ୍ରା ଓ ଯାତ୍ରୀ ବ୍ୟାପକ ଭାବେ ହ୍ରାସ ପାଇଛି। ଘରୋଇ ବିମାନ ଭଡ଼ା ମୂଲ୍ୟରେ ଟିକସ ଏବଂ ବିମାନବନ୍ଦର ବିକାଶ ଶୁଳ୍କ (ଏଡିଏଫ୍) ଅନ୍ତର୍ଭୁକ୍ତ ହେବ ନାହିଁ। ଏହାପୂର୍ବରୁ ଫେବୃଆରୀ ୨୦୨୧ରେ ମନ୍ତ୍ରଣାଳୟ ଘରୋଇ ବିମାନର ନିମ୍ନ ଏବଂ ଉପର ସୀମାକୁ ୧୦ରୁ ୧୩ % କୁ ବୃଦ୍ଧି କରିଥିଲା।

# ଏସ୍‌ବିଆଇ ପକ୍ଷରୁ ସହାୟତା ପ୍ରଦାନ

**ଭୁବନେଶ୍ୱର,୨୯।୫**

ରାଜ୍ୟରେ ଦ୍ରୁତଗତିରେ କୋଭିଡ୍ ସଂକ୍ରମଣ ବ୍ୟାପିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ବିଏମ୍‌ସି ଦ୍ୱାରା ପରିଚାଳିତ କୋଭିଡ୍ ହସ୍ପିଟାଲଗୁଡ଼ିକରେ ମେ ୨୫ରୁ ୨୭ ପର୍ଯ୍ୟନ୍ତ ସୁସ୍ୱାଦୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ବିଗତ ୩ ଦିନ ମଧ୍ୟରେ ପ୍ରାୟ ୮୦୦ ଜଣ କୋଭିଡ୍ କାର୍ଯ୍ୟରେ ନିୟୋଜିତ ଥିବା ଡାକ୍ତର, ନର୍ସ ଓ ଅନ୍ୟ ଆଗଧାଡ଼ିର କର୍ମକର୍ତ୍ତାଙ୍କୁ ବ୍ୟାଙ୍କ ପକ୍ଷରୁ ଖାଦ୍ୟପୁଡ଼ିଆ ପ୍ରଦାନ କରାଯାଇଥିଲା। ଏହି ମହତ କାର୍ଯ୍ୟ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ରୁମା ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ବହୁ ଅଧିକାରୀ ଓ କର୍ମଚାରୀ ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ପରିଚାଳନା କରିଥିଲେ।




ଏସ୍‌ବିଆଇ ପକ୍ଷରୁ କୋଭିଡ୍ ସେଣ୍ଟରଗୁଡ଼ିକରେ ଖାଦ୍ୟ ବଣ୍ଟନ କରାଯାଉଛି।

## ଫୁରସତ୍



କିଶ୍ୱେର ମର୍ଚାଣ୍ଟ

### କିଶ୍ୱେରଙ୍କ କାଷ୍ଟିଂ କାଉଚ୍ ଅନୁଭୂତି

ଫିଲ୍ମ ଇଣ୍ଡଷ୍ଟ୍ରିରେ କାଷ୍ଟିଂ କାଉଚ କିଛି ନୂଆ କଥା ନୁହେଁ। ବିଗତ ଦିନରେ ଅନେକ ଚଳଚ୍ଚିତ୍ର ନିର୍ମାତାଙ୍କ ନାଁରେ ଅଭିନେତ୍ରୀମାନେ କାଷ୍ଟିଂକାଉଚ ବା ଶୋଷଣ ଅଭିଯୋଗ ଆଣିଛନ୍ତି। ବର୍ତ୍ତମାନ ଅଭିନେତ୍ରୀମାନେ ଖୋଲାଖୋଲି ଭାବେ କାଷ୍ଟିଂକାଉଚ ବିଷୟରେ କହି ସେମାନଙ୍କର ଅନୁଭୂତି ବଖାଣୁଛନ୍ତି। ନିକଟରେ ଅଭିନେତ୍ରୀ କିଶ୍ୱେର ମର୍ଚାଣ୍ଟ ମଧ୍ୟ ବଲିଉଡ୍‌ରେ କିପରି କାଷ୍ଟିଂକାଉଚର ସମ୍ମୁଖୀନ ହୋଇଥିଲେ ସେ ନେଇ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ତାଙ୍କୁ ମୁଖ୍ୟ ଅଭିନେତାଙ୍କ ସହ ଶୋଇବାକୁ କୁହାଯାଇଥିଲା ବୋଲି ସେ କହିଛନ୍ତି। ଉଭୟ ହିରୋ ଓ ଫିଲ୍ମ ନିର୍ମାତା ବେଶ ଜଣାଶୁଣା। ଯେତେବେଳେ ସେ ଏକ ମିଟିଂ ପାଇଁ ଯାଇଥିଲେ ସେତେବେଳେ ତାଙ୍କୁ ଅଭିନେତାଙ୍କ ସହ ଶୋଇବାକୁ ପଡ଼ିବ ବୋଲି କୁହାଯାଇଥିଲା। ଏଭଳି ଘଟଣା ତାଙ୍କ ସହ କେବଳ ଥରେ ଘଟିଥିଲା ବୋଲି ସେ କହିଛନ୍ତି। ସେତେବେଳେ ତାଙ୍କ ମା'ତାଙ୍କ ସହିତ ଥିଲେ। ହେଲେ ତାହାକୁ ସେ ଗ୍ରହଣ କରିପାରି ନ ଥିଲେ ଏବଂ ଭଦ୍ର ଭାବରେ ଅଫରକୁ ପ୍ରତ୍ୟାଖ୍ୟାନ କରି ଚାଲିଯାଇଥିଲେ ବୋଲି କିଶ୍ୱେର କହିଛନ୍ତି।

# ପର୍ଶୁରାମଙ୍କ ସବୁଠୁ ବଡ଼ ମୂର୍ତ୍ତି

**ଜୟପୁର:** ପର୍ଶୁରାମଙ୍କ ସବୁଠୁ ବଡ଼ ମୂର୍ତ୍ତି ଏବେ ଦେଖିବାକୁ ମିଳିବ ରାଜସ୍ଥାନର ଜୟପୁରରେ। ଏଭଳି ଏକ ମୂର୍ତ୍ତି ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବାକୁ ଯାଉଛି ଏବଂ ଏହା ବିଶ୍ୱର ସବୁଠୁ ବଡ଼ ମୂର୍ତ୍ତି ବୋଲି କୁହାଯାଉଛି। ଜୟପୁରର ସର୍ବବ୍ରାହ୍ମଣ ମହାସଭା ଏହି ବିରାଟ ମୂର୍ତ୍ତି ନିର୍ମାଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି।

ବିଶ୍ୱର ସବୁଠୁ ବଡ଼ ଏହି ପର୍ଶୁରାମଙ୍କ ମୂର୍ତ୍ତିର ଉଚ୍ଚତା ହେଉଛି ୧୧୧ ଫୁଟ। ଏହି ମୂର୍ତ୍ତି ନିର୍ମାଣ କରିଥିବା ବ୍ରାହ୍ମଣ ମହାସଭା କହିଛି ଯେ, ରାଜସ୍ଥାନର ସମସ୍ତ ଜିଲାପାଳଙ୍କ ସହ ଅନ୍‌ଲାଇନ୍ ମାଧ୍ୟମରେ ହୋଇଥିବା ବୈଠକ ପରେ ଏହି ନିଷ୍ପତ୍ତି ହୋଇଛି। ତେଣୁ ସମସ୍ତଙ୍କ ସମ୍ମତି ଅନୁସାରେ ମୂର୍ତ୍ତିକୁ ଜୟପୁରରେ ଲଗାଇବାକୁ ସ୍ଥିର କରାଯାଇଛି। ମହାସଭାର କହିବା ଅନୁସାରେ ମୂର୍ତ୍ତି ସ୍ଥାପନ ହେବାକୁ ଥିବା ସ୍ଥାନଟି ଭବିଷ୍ୟତରେ ଉତ୍ତର ଭାରତର ଏକ ପ୍ରମୁଖ ଆଧ୍ୟାତ୍ମିକ ସ୍ଥଳ ହୋଇପାରିବ।



ସନାତନ ଧର୍ମ, ଆଧ୍ୟାତ୍ମିକ ଚିନ୍ତନ, ବେଦ ବିଜ୍ଞାନ ନେଇ ଚର୍ଚ୍ଚା ତଥା ଅନୁସନ୍ଧାନ କ୍ଷେତ୍ରରେ ଏହି ସ୍ଥାନ ପ୍ରମୁଖ ଭୂମିକା ନେବ। ତେବେ ଏହି ମୂର୍ତ୍ତି ସ୍ଥାପନ କରିବା ନିମନ୍ତେ ଏପର୍ଯ୍ୟନ୍ତ ଉପଯୁକ୍ତ ସ୍ଥାନ ନିରୂପଣ କରାଯାଇ ନାହିଁ। ଏଥିପାଇଁ ଆବଶ୍ୟକ ଜମି ସଂଗ୍ରହ ନିମନ୍ତେ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ। କମିଟି ଏଥିନିମନ୍ତେ ପ୍ରଥମେ ଏକ ଉପଯୁକ୍ତ ସ୍ଥାନ ଅନୁସନ୍ଧାନ କରିବ। ଏହା ପରେ ସେହି ସ୍ଥାନ ନେଇ ରାଜ୍ୟ ସରକାରଙ୍କ ସହିତ ବିଚାରବିମର୍ଷ କରାଯିବ। ବ୍ରାହ୍ମଣ ମହାସଭା ଏବଂ କମିଟି ସହିତ ସରକାରଙ୍କ କଥାବାର୍ତ୍ତାର ପ୍ରକ୍ରିୟା ଶେଷ ହେବା ପରେ ମୂର୍ତ୍ତି ସ୍ଥାପନ କରାଯିବ। ତେବେ ଭଗବାନ୍ ପର୍ଶୁରାମଙ୍କର ଏହି ବିଶାଳ ମୂର୍ତ୍ତି ସ୍ଥାପନ କରି ସେହି ସ୍ଥାନକୁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ କରିବା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଯୋଜନା କରାଯାଇ ସାରିଛି ବୋଲି ବ୍ରାହ୍ମଣ ମହାସଭା କହିଛି।

# ଘରକୁ ଯିବାକୁ କଏଦୀ ଅରାଜି

**ଗାଜିଆବାଦ୍:** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟଙ୍କ ପକ୍ଷରୁ ଜେଲରେ ଭିଡ଼ କମ୍ କରିବାକୁ କଏଦୀଙ୍କୁ ପାରୋଲରେ ପଠାଇବା ଲାଗି ନିର୍ଦ୍ଦେଶ ଜାରି ହୋଇଛି। କିନ୍ତୁ ସଂକ୍ରମଣ ଡରରେ କଏଦୀମାନେ ଘରକୁ ଯିବାକୁ ଅରାଜି ହେଉଛନ୍ତି। ଉତ୍ତରପ୍ରଦେଶର ଗାଜିଆବାଦସ୍ଥିତ ଏକ ଜେଲରେ ଏପରି ଦେଖିବାକୁ ମିଳିଛି। ଜେଲ୍‌ର ୪ ଜଣ କଏଦୀ ଘରକୁ ପାରୋଲରେ ନ ଯିବାକୁ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ସେମାନେ ୭ ବର୍ଷ ଜେଲଦଣ୍ଡ ଭୋଗୁଛନ୍ତି। ଜେଲ୍ ଭିତରେ ଆବଶ୍ୟକ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଉଛି। ଯୋଗ ଶିକ୍ଷା ସହିତ ଗରମ ପାଣି ବାଷ୍ପ, ଆବଶ୍ୟକ ଚିକିତ୍ସା ମଧ୍ୟ କରାଯାଉଛି। ମାତ୍ର ବାହାରେ ଏସବୁ ମିଳିବନି ବୋଲି ସେମାନେ କହିଛନ୍ତି। ଜେଲରେ ନୁହେଁ ବରଂ ବାହାରେ ବିପଦ ଥିବା ସେମାନେ କହିଛନ୍ତି। ତେଣୁ ସେମାନଙ୍କୁ ପାରୋଲରେ ଘରକୁ ନ ପଠାଯିବାକୁ ସେମାନେ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ସେମାନଙ୍କ ଅନୁରୋଧକୁ ଜେଲ୍ ଅଧିକାରୀ ଗ୍ରହଣ କରିନେଇଛନ୍ତି। କଏଦୀଙ୍କ ଏଭଳି ମତ ନେଇ ଡିଜି ଆନନ୍ଦ କୁମାର ଡାସନା ଜେଲ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଛନ୍ତି।

ଆଡଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
ହିନ୍ଦୁସ୍ଥାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର୍,
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉପକୂଳବର୍ତ୍ତୀ ଜିଲା ସମେତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିବା ସହ କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ରବିବାର ଦିନର ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।




ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୭ | ୨୮.୧ |
| ଚାନ୍ଦବାଲି | ୩୩.୮ | ୨୬.୮ |
| କଟକ | ୩୫.୫ | ୨୭.୨ |
| ପାରାଦୀପ | ୩୨.୭ | ୨୯.୧ |
| ଭୁବନେଶ୍ୱର | ୩୫.୯ | ୨୮.୨ |
| ଗୋପାଳପୁର | ୩୩.୭ | ୨୯.୧ |
| ପୁରୀ | ୩୩.୮ | ୨୯.୨ |
| ଅନୁଗୋଳ | ୩୭.୭ | ୨୭.୬ |
| ବାରିପଦା | ୩୪.୦ | ୨୭.୫ |
| ଝାରସୁଗୁଡ଼ା | ୩୮.୬ | ୨୭.୫ |
| କେନ୍ଦୁଝର | ୩୩.୬ | ୨୪.୬ |
| ସମ୍ବଲପୁର | ୩୯.୬ | ୨୭.୬ |
| ସୁନ୍ଦରଗଡ଼ | ୩୩.୦ | ୨୨.୦ |
| ହୀରାକୁଦ | ୩୮.୬ | ୨୭.୧ |
| ତାଳଚେର | ୩୭.୫ | ୨୭.୩ |
| ଭବାନୀପାଟଣା | ୪୩.୦ | ୨୯.୪ |
| ବଲାଙ୍ଗୀର | ୪୦.୩ | - |
| କୋରାପୁଟ | ୩୭.୦ | ୨୨.୦ |
| ଫୁଲବାଣୀ | ୩୯.୨ | ୨୨.୦ |
| ଟିଟିଲାଗଡ଼ | ୪୧.୨ | ୨୬.୮ |
| ମାଲକାନଗିରି | - | ୨୪.୫ |
| ସୋନପୁର | ୪୧.୦ | ୨୭.୦ |
| ଦାରିଙ୍ଗିବାଡ଼ି | ୩୪.୦ | ୨୩.୦ |
| ନୟାଗଡ଼ | ୩୬.୦ | ୨୫.୫ |
| ବୌଦ୍ଧ | ୩୮.୦ | ୨୪.୦ |
| ଛତ୍ରପୁର | ୩୩.୬ | ୨୮.୬ |
| ପାରଳାଖେମୁଣ୍ଡି | ୩୮.୦ | ୨୮.୫ |
| ରାୟଗଡ଼ା | - | ୨୩.୩ |

ଡିଗ୍ରୀ ସେଲ୍‌ସିୟସ୍

## ମନେ ପଡ଼ନ୍ତି



ଧ-୭୧୧୦୫



ଧ-୬୯୩୯୭

# ଯୁବପିଢ଼ି ଓ ଧୂମପାନ







**ଡା. ରମାରମଣ ଷଡ଼ଙ୍ଗୀ**

ବର୍ତ୍ତମାନ ସମୟରେ ଗତ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ସାରା ବିଶ୍ୱବାସୀଙ୍କୁ ଭୟଭୀତ କରିଦେଇଛି। ବିଶେଷ ଭାବରେ ଦ୍ୱିତୀୟ ଲହରରେ ଯୁବପିଢ଼ିମାନେ ବେଶୀ ମାତ୍ରାରେ ସଂକ୍ରମିତ ହେବା ସହ ଭୂତାଣୁ ଫୁସ୍‌ଫୁସ୍‌କୁ ଆକ୍ରମଣ କରିବାରୁ ସେମାନଙ୍କ ଶରୀରରେ ଅମ୍ଳଜାନ ମାତ୍ରା କମିଯାଉଛି ଏବଂ ସେମାନେ ମୃତ୍ୟୁବରଣ କରୁଛନ୍ତି। ଏହି ବର୍ଦ୍ଧିତ ମୃତ୍ୟୁହାର ପଛରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଅଧିକାଂଶ ଯୁବପିଢ଼ିଙ୍କର ଧୂମପାନ ଅଭ୍ୟାସ। ଆଗରୁ ସେମାନେ ଧୂମପାନ କରୁଥିଲେ ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ଦୁର୍ବଳ ହୋଇଥାଏ ଏବଂ କରୋନାଜନିତ ଫୁସ୍‌ଫୁସ୍ ସଂକ୍ରମଣ ସେମାନଙ୍କର ବେଶୀମାତ୍ରାରେ ହୋଇଥାଏ। ଅତ୍ୟନ୍ତ ପରିତାପର ବିଷୟ ଯେ, ପ୍ରତିବର୍ଷ ସାରା ବିଶ୍ୱରେ ମେ ୩୧ ତାରିଖକୁ ଧୂମପାନ ନିରୋଧ ଦିବସ ରୂପେ ପାଳନ କରାଯାଇ ସବୁ ଦେଶରେ, ସବୁ ସ୍ଥାନରେ, ଜନସାଧାରଣଙ୍କୁ ଧୂମପାନର କରୁଣ ପରିଣତି ତଥା ସ୍ୱାସ୍ଥ୍ୟ ପାଇଁ ଏହା କେତେ କ୍ଷତିକାରକ, ସେ ବିଷୟରେ ସଚେତନତାର ବାର୍ତ୍ତା ଦେବାଠାରୁ ଆରମ୍ଭ କରି ସବୁ ଗଣମାଧ୍ୟମରେ ମଧ୍ୟ ତମାଖୁ ଓ ଧୂମପାନ ବିରୋଧରେ ଆଲୋଚନା କରାଯାଉଥିଲେ ବି ଯୁବପିଢ଼ି ଏ ଦିଗରେ ସଚେତନ ହେଉନାହାନ୍ତି। ସେମାନେ ଧୂମପାନ, ତମାଖୁ ସେବନ ତଥା ନିଶାଦ୍ରବ୍ୟ ସେବନ କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି । ଧୂମପାନ, ବିଡ଼ି, ସିଗାରେଟ୍, ଧୂଆଁପତ୍ର ତଥା ଖଇନି ସେବନ କରିବା ଦ୍ୱାରା ଫୁସ୍‌ଫୁସ୍, ହୃତ୍‌ପିଣ୍ଡ, ମୁଖଗହ୍ୱର ଓ ଅନ୍ୟାନ୍ୟ ଅଙ୍ଗଗୁଡ଼ିକରେ କ୍ଷତି ହୋଇଥାଏ।

ପ୍ରତିଟି ସିଗାରେଟ୍ ସେବନ ଜୀବନରୁ ସାଢ଼େ ପାଞ୍ଚ ମିନିଟ୍ ଆୟୁଷ ସାରିଦିଏ। ପ୍ରତିବର୍ଷ ଭାରତରେ ଦଶଲକ୍ଷ ଲୋକ ମୁଖଗହ୍ୱର କର୍କଟ ରୋଗ ପାଇଁ ମୃତ୍ୟୁବରଣ କରୁଛନ୍ତି। ତମାଖୁ, ଦୋକ୍ତା ଓ କଡ଼ାପାନ ଖାଇଲେ ଏବଂ ତା'ର ରସ ପିଇଲେ, ପାଟିରେ ଥିବା ଶୈଷ୍ମିକ ଝିଲ୍ଲୀ ଦେଇ ରସ ଶୋଷି ହୋଇଯାଏ। ଏଥିରେ ପାଟି ଭିତରେ କ୍ଷତ ସୃଷ୍ଟିହୁଏ ଏବଂ କ୍ରମେ ପାଟିରେ କ୍ୟାନ୍‌ସର ରୋଗ ସୃଷ୍ଟି ହୋଇଥାଏ। ଧୂମପାନ ଦ୍ୱାରା ରକ୍ତରେ ଟକ୍ସିନ ବା ବିଷ ମିଶି ଧମନୀ ଭିତର ପାର୍ଶ୍ୱରେ ଚର୍ବି ସୃଷ୍ଟି ହୋଇ ଧମନୀକୁ ଅଣଓସାରିଆ କରିଦିଏ। ଯୁବାବୟସରେ ଅନେକଙ୍କର ରକ୍ତଚାପ ବୃଦ୍ଧି ସହ ହୃଦ୍‌ରୋଗ, କରୋନାରି ଧମନୀଜନିତ ରୋଗ ଏବଂ ହଠାତ୍ ମୃତ୍ୟୁ ହୋଇଥାଏ (ସଡନ୍ ଡେଥ୍ ସିଣ୍ଡ୍ରୋମ୍)। କିଶୋରୀମାନଙ୍କର ମଧ୍ୟ ଶ୍ୱାସ ଓ ଫୁସ୍‌ଫୁସ୍ ସଂକ୍ରମଣ ସହ ବିଳମ୍ବିତ ଯୌବନ, ଅନିୟମିତ ଋତୁସ୍ରାବ ଏବଂ ବନ୍ଧ୍ୟାଦୋଷ ଆଦି ଦେଖା ଦେଇଥାଏ। ବେଳେବେଳେ ଅଳ୍ପ ବୟସରେ ମଧ୍ୟ ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ହୋଇ ନ ପାରି ଷ୍ଟ୍ରୋକ୍ ହୁଏ। ଯୁବାବସ୍ଥାରେ ଧୂମପାନ କଲେ ପୁରୁଷମାନଙ୍କର ମଧ୍ୟ ବନ୍ଧ୍ୟାଦୋଷ ହୋଇଥାଏ। ଯେଉଁମାନେ ନିଷ୍କ୍ରିୟ ଧୂମପାନର ଶିକାର ହୋଇଥାଆନ୍ତି, ସେମାନେ ଶ୍ୱାସରୋଗ ଓ ଫୁସ୍‌ଫୁସ୍ ସଂକ୍ରମଣ ଭୋଗିଥା'ନ୍ତି।



**ପ୍ରତିବର୍ଷ ମେ ୩୧ରେ ସାରା ପୃଥିବୀରେ ପାଳନ ହୋଇଥାଏ ବିଶ୍ୱ ଧୂମପାନ ନିରୋଧ ଦିବସ। ଚାରିଆଡେ ଏହି ଅବସରରେ ଜନସାଧାରଣଙ୍କୁ ଧୂମପାନ ସ୍ୱାସ୍ଥ୍ୟ ପକ୍ଷେ କେତେ କ୍ଷତିକାରକ ସେ ବିଷୟରେ ସଚେତନତାର ବାର୍ତ୍ତା ଦିଆଯାଏ । ତଥାପି ବି ଅନେକ ଯୁବପିଢି ଏ ଦିଗରେ ସଚେତନ ନୁହନ୍ତି। ଯାହା ଫଳରେ ସେମାନଙ୍କ ସହ ପରୋକ୍ଷରେ ଅନ୍ୟମାନେ ବି ଏହାର କୁପରିଣାମର ଶିକାର ହେଉଛନ୍ତି। ବିଶେଷ କରି ଏହି ବଦଭ୍ୟାସ ବର୍ତ୍ତମାନ କରୋନା ମହାମାରୀ ସମୟରେ ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରୁଛି ଆଉ ଅନେକଙ୍କୁ ମୃତ୍ୟୁମୁଖକୁ ଟାଣି ନେଉଛି...**

ସିଗାରେଟ୍‌ରେ ହାରାହାରି ୪୦୦୦ ପ୍ରକାରର ରାସାୟନିକ ପଦାର୍ଥ ବା' କେମିକାଲ୍‌ସ ଥାଏ। ସେହି କେମିକାଲ୍ ମଧ୍ୟରେ ନିକୋଟିନ୍ ଥାଏ ଏବଂ ଏହା ବ୍ୟତୀତ ବହୁ ପ୍ରକାରର କ୍ୟାନ୍‌ସର ରୋଗ ସୃଷ୍ଟି କରୁଥିବା କାର୍ସିନୋଜେନ୍‌ସ ଏବଂ ଅନ୍ୟ ବିଷାକ୍ତ ପଦାର୍ଥ ଥାଏ। ଧୂଆଁରେ ଥିବା କାର୍ବନ୍ ମନୋକ୍ସାଇଡ, ସିଲିଟକ୍ସିନ୍‌ସ ଏବଂ ଅନ୍ୟ କେମିକାଲଗୁଡ଼ିକ ଶ୍ୱାସକ୍ରିୟାରେ ବ୍ୟାଘାତ ସୃଷ୍ଟି କରିଥା'ନ୍ତି। ସିଗାରେଟ୍‌ରେ ଥିବା ଧୂଆଁ ମଣିଷ ମୁଖ ଓ ଶ୍ୱାସନଳୀରେ ଯାଇ ଫୁସ୍‌ଫୁସ୍ ମାଧ୍ୟମରେ ରକ୍ତରେ ମିଶିଥାଏ ଏବଂ ଦେହର ବିଭିନ୍ନ ପ୍ରକାର ରୋଗ ଯଥା ହୃଦ୍‌ରୋଗ, ଫୁସ୍‌ଫୁସ୍ ରୋଗ ଏବଂ ଫୁସ୍‌ଫୁସ୍ କ୍ୟାନ୍‌ସର୍ ଆଦି ସୃଷ୍ଟି କରିଥାଏ। ଏହାଛଡ଼ା ସ୍ୱରଯନ୍ତ୍ର, ଖାଦ୍ୟନଳୀ, ପାଟି, ପାକସ୍ଥଳୀ, ଅଗ୍ନ୍ୟାଶୟ, ଅନ୍ତନଳୀ, ମଳଦ୍ୱାର, ଯକୃତ, ପରିସ୍ରାଗାର, ବୃକ୍କ, ଜରାୟୁଗ୍ରୀବା ଏବଂ ସ୍ତନକର୍କଟ ରୋଗ ମଧ୍ୟ ହୋଇଥାଏ। ଧୂମପାନ ଏବଂ ତମାଖୁ ସେବନ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗକୁ ନଷ୍ଟ କରିଦିଏ। ଏହା ମଧ୍ୟ ଶରୀରରେ ଅନେକ ରୋଗ ସୃଷ୍ଟି କରିଥାଏ।

**ଅଳ୍ପ ବୟସରେ ଧୂମପାନର ହାର ବଢ଼ିବାର କାରଣ:**

**ପରିବାର ଓ ପରିବେଶ–** ଯେତେବେଳେ ପରିବାରର ଅନେକ ସଦସ୍ୟ, ବିଶେଷ ଭାବରେ ବାପା, ମା' ଓ ଗୁରୁଜନମାନେ ଧୂମପାନ କରନ୍ତି, ସେତେବେଳେ କିଶୋରୀ କିଶୋରମାନେ ଧୂମପାନ କରିବା ଆରମ୍ଭ କରିଦିଅନ୍ତି। ଅନେକ କ୍ଷେତ୍ରରେ ବାପା, ମା' ଓ ସନ୍ତାନମାନଙ୍କ ମଧ୍ୟରେ ମତପାର୍ଥକ୍ୟ, ପିତାମାତାଙ୍କର ବିବାହ ବିଚ୍ଛେଦ ତଥା ଟିକିଏ କଥାରେ ପିଲାମାନଙ୍କୁ ଅଶାଳୀନ ବ୍ୟବହାର, ଗାଳିଗୁଲଜ ମଧ୍ୟ କେତେକାଂଶରେ ଅଳ୍ପ ବୟସ୍କ କିଶୋର କିଶୋରୀଙ୍କୁ ଧୂମପାନ ଆଡ଼କୁ ଟାଣି ନେଇଥାଏ। ଅନେକ ସମୟରେ ଏକଲାପଣ ସେମାନଙ୍କୁ ତମାଖୁ ଓ ଡ୍ରଗ୍ ସେବନ ପାଇଁ ପ୍ରରୋଚନା ଦେଇଥାଏ।

**ଏକାଠି ଧୂମପାନ**

ନିଜ ବୟସର ସାଙ୍ଗସାଥୀ ଓ ଭାଇଭଉଣୀମାନେ ଧୂମପାନ କଲେ, ଏକାଠି ମିଶି ଧୂମପାନ କରିବାର ଇଚ୍ଛା ପ୍ରବଳ ହୋଇଉଠେ କିମ୍ବା ଭଲ ପିଲାଟିଏ ସ୍କୁଲରେ କିଛି ଅସାମାଜିକ ସାଙ୍ଗସାଥୀଙ୍କ ସଙ୍ଗେ ସାଙ୍ଗ ହେଲେ ଏହା ଘଟିଥାଏ। କେତେକ କ୍ଷେତ୍ରରେ ପିଲାମାନଙ୍କୁ ସହଜରେ ହାତପାହାନ୍ତାରେ ସିଗାରେଟ୍ ମିଳିଗଲେ ସେମାନେ ଧୂମପାନ କରିବାକୁ ପଛାଇ ନ ଥା'ନ୍ତି।

ଯୁବାବୟସର କିଶୋର କିଶୋରୀମାନେ ତମାଖୁ ସେବନ ବା' ଧୂମପାନ ଏବଂ ଶାରୀରିକ ଓ ମାନସିକ ସ୍ତରରେ ଏହାର ଅପକାରିତା ବିଷୟରେ ଜାଣି ନିଜକୁ ବିଭିନ୍ନ ପ୍ରକାର ରୋଗର କବଳରୁ ରକ୍ଷା କରିବା ସହ ପାଠପଢ଼ା ଓ କ୍ୟାରିୟରକୁ ଦୃଷ୍ଟି ଦେବା ଆବଶ୍ୟକ। ସେମାନେ ଅଳ୍ପ ବୟସରୁ କୁସଙ୍ଗ ପରିତ୍ୟାଗ କରି, ଧୂମପାନର କୁପରିଣାମ ହୃଦୟଙ୍ଗମ କରି ନିଜେ ସଚେତନ ରହି ଅନ୍ୟମାନଙ୍କୁ ମଧ୍ୟ ସଚେତନ ରହିବାର ମନ୍ତ୍ର ଶିଖାଇବା ଜରୁରୀ। ବିଶେଷ ଭାବରେ ଧୂମପାନ, ମଦ୍ୟପାନ, ଡ୍ରଗ ସେବନ ଯଥା ହେରୋଇନ୍, ବ୍ରାଉନ୍ ସୁଗାର, ଗୁଟ୍‌ଖା, କଡ଼ା ଗୁଣ୍ଡିମିଶା ପାନ ଓ ପାନମସଲା ଆଦି ପରିତ୍ୟାଗ କରିବା ଦରକାର। ଏହାଛଡ଼ା ଆଜିକାଲି ହୁକ୍କା ବାର ବା 'ଡେଥ୍‌ବାର'ରେ ଗଞ୍ଜେଇ ସେବନ ଏକ ଆରିଷ୍ଟୋକ୍ରାସି ବା' ଆଭିଜାତ୍ୟରେ ପରିଣତ ହେଲାଣି। ଆଜିକାଲି ତରୁଣ ପିଢ଼ି ବିଷବଳୟରୁ ନିଜକୁ ଦୂରେଇରଖି ଏକ ସୁସ୍ଥ ନାଗରିକ ହେବାର ସଂକଳ୍ପ ନେବା ଜରୁରୀ।

*– ହୃଦ୍‌ବକ୍ଷଶଲ୍ୟ ବିଶେଷଜ୍ଞ*
*ଲିଙ୍କ୍‌ରୋଡ଼, କଟକ – ୧୨*
*ମୋ: ୯୪୩୭୦୫୧୦୦୭*

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ୟୁନେସ୍କୋର ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ସ୍ଥାନ ପାଇଥିବା ସତପୁରା ଟାଇଗର ରିଜର୍ଭ ............ ରାଜ୍ୟରେ ଅବସ୍ଥିତ ?
୨– ଡିଏପିର ଫୁଲ୍‌ଫର୍ମ............. ?
୩– ମିକ୍ସଡ୍ ମାର୍ସିଆଲ୍ ଆର୍ଟିଷ୍ଟ ୱାର୍ଲ୍ଡ ଚାମ୍ପିୟନ୍‌ରେ ବିଜୟ ଲାଭ କରିଥିବା ପ୍ରଥମ ଭାରତୀୟ ଖେଳାଳି....... ?
୪– ୟୁନାଇଟେଡ୍ ଲଞ୍ଚ ଆଲିଆନ୍ସ ..............ଏବଂ .......... ନାମକ ଦୁଇ ଏରୋସ୍ପେସ୍ କମ୍ପାନୀର ମିଳିତ ଉଦ୍ୟମରେ ଗଠନ ହୋଇଛି ?
୫– ଆମ ଦେଶର.......... ରାଜ୍ୟରେ ସର୍ବାଧିକ ମିଠାଆଳୁ ଉତ୍ପାଦନ ହୋଇଥାଏ ?

## ଗତ ଥରର ଉତ୍ତର

୧ ଗୋଲିଆଥ୍ ଫ୍ରଗ୍
୨ ହରିୟାଣା
୩ ପରିବାର ଓ ନୂତନ ଜ୍ଞାନକୌଶଳ
୪ ପ୍ଲେଟ୍‌ଲେଟ୍ସ ଏବଂ ପ୍ରୋଟିନ୍
୫ ସୂର୍ଯ୍ୟ ପରାଗ

## ଉତ୍ତରଦାତା


ଦେବଦତ୍ତ ବେହେରା
ଭଦ୍ରକ


ସ୍ୱସ୍ତିକ ଷଡ଼ଙ୍ଗୀ
ଭୁବନେଶ୍ୱର


ତଥାଗତ ଜେନା
ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବାଧିକ ଜନସଂଖ୍ୟା ଥିବା ସହର–୨୦୨୧



୧– ଟୋକିଓ (ଜାପାନ)........................................ ୩୭,୩୩୯,୮୦୪
୨– ଦିଲ୍ଲୀ (ଭାରତ)........................................ ୩୧,୧୮୧,୩୭୬
୩– ସାଙ୍ଘାଇ (ଚାଇନା)........................................ ୨୭,୭୯୫,୭୦୨
୪– ସାଓ ପାଉଲୋ (ବ୍ରାଜିଲ୍)................................ ୨୨,୨୩୭,୪୭୨
୫– ମେକ୍ସିକୋ ସିଟି (ମେକ୍ସିକୋ)........................... ୨୧,୯୧୮, ୯୩୬
୬– ଢାକା (ବାଂଲାଦେଶ)....................................... ୨୧, ୭୪୧,୦୯୦
୭– କାଇରୋ (ଇଜିପ୍ଟ)........................................ ୨୧, ୩୨୨,୭୫୦
୮– ବେଜିଂ(ଚାଇନା)........................................ ୨୦, ୮୯୬, ୮୨୦
୯– ମୁମ୍ବାଇ (ଭାରତ)........................................୨୦, ୬୬୭, ୬୫୬
୧୦– ଓସାକା(ଜାପାନ)........................................ ୧୯,୧୧୦, ୬୧୬

## ଯୁଥ୍ ଫ୍ୟାଶନ

# ଜିନ୍ସରେ ବି ସ୍ଲିମ୍ ଲୁକ୍

**ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକଙ୍କ ଲାଗି ଜିନ୍ସ ବିନା ଯେମିତି ପରଫେକ୍ଟ ଲୁକ୍ ଅସମ୍ପୂର୍ଣ୍ଣ। କାଜୁଆଲ ହେଉ କି ପାର୍ଟିୱେର୍, ସବୁଥିରେ ସେମାନେ ଏହାକୁ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ଏମିତି ଅନେକ ଅଛନ୍ତି, ଯେଉଁମାନଙ୍କ ଫିଗର ସ୍ଲିମ୍ ନ ଥିବାରୁ ଜିନ୍ସ ପିନ୍ଧିଲେ ଅଧିକ ମୋଟା ଲାଗିବା ଡରରେ ଇଚ୍ଛା ଥିଲେ ବି ଏହାକୁ ପିନ୍ଧିପାରନ୍ତି ନାହିଁ। ତେବେ ଏଭଳି କେତୋଟି କଥା ପ୍ରତି ଦୃଷ୍ଟିଦେଲେ ଜିନ୍ସରେ ଆପଣ ନା କେବଳ ସ୍ଲିମ୍ ଲୁକ୍ ପାଇପାରିବେ ବରଂ ଅପେକ୍ଷାକୃତ ଅଧିକ ଷ୍ଟାଇଲିସ୍ ମଧ୍ୟ ଲାଗିବେ...**



- ଜିନ୍ସ ଗେଟ୍‌ଅପ୍‌ରେ ସ୍ଲିମ୍ ଲୁକ୍ ପାଇବାକୁ ଚାହୁଁଥିଲେ ସର୍ବପ୍ରଥମେ ପ୍ୟାଣ୍ଟ ହେଉ କିମ୍ବା ଅନ୍ୟାନ୍ୟ କୌଣସି ଆଉଟ୍‌ଫିଟ୍ କିଣିବା ବେଳେ ଏହାର ଭଲ କ୍ୱାଲିଟି ପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଭଲ ତଥା ବ୍ରାଣ୍ଡେଡ୍ ଜିନ୍ସ ଅପେକ୍ଷାକୃତ ଦାମ୍ ଅଧିକ ହୋଇଥିଲେ ହେଁ ଏହାର ଫିଟିଂ କମ୍ଫର୍ଟେବଲ୍ ରହିଥାଏ ଏବଂ ଏହା ବଡି ଫ୍ୟାଟ୍ ଲୁଚାଇ ସ୍ଲିମ୍ ଲାଗିବାରେ ସାହାଯ୍ୟ କରିଥାଏ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହାକୁ ସର୍ବଦା ଟ୍ରାଏ କରିବା ପରେ କିଣନ୍ତୁ।
- ଜିନ୍ସ ଗେଟ୍‌ଅପ୍ ବହୁତ ପସନ୍ଦ। ହେଲେ ଏହାକୁ ପିନ୍ଧିଲେ ଅଧିକ ମୋଟା ଲାଗିବାର ଡର। ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ, କାରଣ ଏହାର ମଧ୍ୟ ବିକଳ୍ପ ରହିଛି। ଜିନ୍ସରେ ସ୍ଲିମ୍ ଲାଗିବାକୁ ଚାହୁଁଥିଲେ ପ୍ରଥମେ ଏହାର କଲର ଉପରେ ଧ୍ୟାନ ଦିଅନ୍ତୁ।

କୌଣସି ଲାଇଟ୍ କଲର ପରିବର୍ତ୍ତେ ଡିପ୍ ବ୍ଲୁ, ଡିପ୍ ଇଣ୍ଡିଗୋ କିମ୍ବା ବ୍ଲାକ୍ କଲର ଆପଣଙ୍କ ପାଇଁ ବେଷ୍ଟ ଅପ୍‌ସନ। ଏହା କେବଳ ସ୍ଲିମ୍ ଲାଗି ନ ଥାଏ ବରଂ ସବୁ ପ୍ରକାର ଟପ୍ସ ଏବଂ ଟିଜ୍‌କୁ ମ୍ୟାଚ୍ ବି କରିଥାଏ।

- ପ୍ଲସ୍ ସାଇଜ୍ କିମ୍ବା ଅଳ୍ପ ମୋଟାଳିଆ ଫିଗର ହୋଇଥିଲେ ଆଙ୍କେଲ ଲେନ୍ଥ କିମ୍ବା ଶର୍ଟ ଜିନ୍ସ ବାଛନ୍ତୁ ନାହିଁ। ଏହା ବଦଳରେ ନ୍ୟାରୋ ଫିଟ୍ ଏବଂ ଫୁଲ୍ ଲେନ୍ଥ ପ୍ୟାଣ୍ଟ ସ୍ଲିମ୍ ଲୁକ୍ ଦେବାରେ ସାହାଯ୍ୟ କରିବ।
- ଅନେକଙ୍କର ଶରୀରର ଅନ୍ୟ ଭାଗଗୁଡ଼ିକ ବ୍ୟବସ୍ଥିତ ହୋଇଥିବା ବେଳେ ପେଟ ଏବଂ ଅଣ୍ଟା ପାଖ ମୋଟା ଥାଏ। ଯଦି ଆପଣଙ୍କ ଫିଗର ବି ଏହିଭଳି, ତେବେ ଲୋ ୱେଷ୍ଟ ଜିନ୍ସ ଆଦୌ ବ୍ୟବହାର କରନ୍ତୁ ନାହିଁ। କାରଣ ଏଭଳି ପ୍ୟାଣ୍ଟ ଆପଣଙ୍କ ଫ୍ୟାଟ୍‌କୁ ହାଇଲାଇଟ୍ କରିବ। ତେଣୁ ଏହା ବଦଳରେ ହାଇ ୱେଷ୍ଟ ପ୍ୟାଣ୍ଟ ବାଛନ୍ତୁ। ଏହା ଆପଣଙ୍କ ଫ୍ୟାଟ୍‌କୁ ଟାଇଟ୍ ଏବଂ ଟୋନ୍‌ଡ ରଖିବାରେ ସାହାଯ୍ୟ କରିବ।
- ଜିନ୍ସରେ ସ୍ଲିମ୍ ଲୁକ୍ ପାଇବାକୁ ଚାହୁଁଥିଲେ ବୁଟ୍ କିମ୍ବା ହାଇ ହିଲ୍ ସୁଜ୍ ବ୍ୟବହାର କରନ୍ତୁ।
- ଦେଖାଯାଏ ମୋଟା ଫିଗର ଥିବା ଅଧିକାଂଶ ଯୁବତୀଯୁବକ ଢିଲା ଜିନ୍ସ କିଣିଥା'ନ୍ତି। ହେଲେ ମନେରଖନ୍ତୁ, ଯଦି ଆପଣ ଫ୍ୟାଟ୍ ଲୁଚାଇ ଜିନ୍ସରେ ଏକ ସ୍ଲିମ୍ ଲୁକ୍ ପାଇବାକୁ ଚାହୁଁଛନ୍ତି, ତେବେ ଆଦୌ ଓଭର ସାଇଜ୍ କିମ୍ବା ବଏଫ୍ରେଣ୍ଡ ଜିନ୍ସ ଭଳି ଢିଲା ଜିନ୍ସ ପିନ୍ଧନ୍ତୁ ନାହିଁ। କାରଣ ଏହା ଆପଣଙ୍କୁ ଅଧିକ ମୋଟା ଲୁକ୍ ଦେବ।



## ଜାଣନ୍ତୁ ଦୁନିଆ

# କାଞ୍ଚିପୁରମ୍ କୈଳାସନାଥ ମନ୍ଦିର

**ଆମ ଦେଶରେ ଅନେକ ପୁରାତନ ଶୈବପୀଠ ରହିଛି, ଯାହାର ନିର୍ମାଣ ଶୈଳୀ ଏବଂ କାରୁକାର୍ଯ୍ୟ ସମସ୍ତଙ୍କୁ ବିମୋହିତ କରିଥାଏ। ଏମିତି ଏକ ମନ୍ଦିର ରହିଛି ତାମିଲନାଡୁସ୍ଥିତ କାଞ୍ଚିପୁରମ୍ ଠାରେ। କୈଳାସନାଥ ମନ୍ଦିର ନାମରେ ପ୍ରସିଦ୍ଧ ଏହି ୧୩୦୦ ବର୍ଷ ପୁରାତନ ମନ୍ଦିର ସମ୍ପର୍କରେ ଆସନ୍ତୁ ଜାଣିବା କିଛି ରୋଚକ ତଥ୍ୟ...**



- ପ୍ରସିଦ୍ଧ ଏଲୋରା ଗୁମ୍ଫାଠାରେ ରହିଛି ଏହି ମନ୍ଦିର। ଏହା ପଲ୍ଲବ ରାଜା ରାଜସିହ୍ମାଙ୍କ ଦ୍ୱାରା ନିର୍ମାଣ ଆରମ୍ଭ ହୋଇ ପ୍ରାୟ ୨୦୦ ବର୍ଷ ପରେ ରାଷ୍ଟ୍ରକୂଟ ରାଜା କୃଷ୍ଣ ପ୍ରଥମଙ୍କ ସମୟରେ ସମାପ୍ତ ହୋଇଥିଲା। ଏହାକୁ ନିର୍ମାଣ କରିବା ଲାଗି ୭୦୦୦ ଶିଳ୍ପୀ ପ୍ରାୟ ୧୦ ପିଢ଼ି ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ।
- ଏକ ବିଶାଳ ପଥର ଗୁମ୍ଫାକୁ ଖୋଦେଇ କରି ନିର୍ମାଣ କରାଯାଇଥିବା ଏହି ମନ୍ଦିରର ଉଚ୍ଚତା ୯୦ ଫୁଟ୍, ଚଉଡ଼ା ୨୭୬ ଫୁଟ୍ ଏବଂ ଲମ୍ବା ୧୫୪ ଫୁଟ୍ ।
- ଏହି ଭବ୍ୟ ମନ୍ଦିର ନିର୍ମାଣ ଲାଗି ଗୁମ୍ଫାରୁ ପ୍ରାୟ ୪୦ ହଜାର ଟନ୍‌ରୁ ଊର୍ଦ୍ଧ୍ୱ ପଥର ବାହାର କରାଯାଇଥିବା କୁହାଯାଏ।
- ଏହାର ଦ୍ରାବିଡ଼ ଶୈଳୀ ବାସ୍ତୁକଳା ମନ୍ଦିରକୁ ଖୁବ୍ ଆକର୍ଷଣୀୟ କରିଥାଏ। ବିଶେଷକରି ଏହି ମନ୍ଦିରରେ ଥିବା ଶିବ ତାଣ୍ଡବ କରୁଥିବାର ମୂର୍ତ୍ତି ଏତେ ଭବ୍ୟ, ଯାହାକି ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳି ନ ଥାଏ। ଏହା ବ୍ୟତୀତ ଏଠାରେ ଏକ ବିଶାଳକାୟ ସୁନ୍ଦର ଶିବଲିଙ୍ଗ ବି ଶୋଭାପାଇଥାଏ।
- ମନ୍ଦିରର ପ୍ରବେଶ ଦ୍ୱାର ଭିତରକୁ ଯିବା ମାତ୍ରେ ଏକ ବିଶାଳ ଖୋଲାମଣ୍ଡପ ରହିଛି। ଏଥିରେ ନନ୍ଦୀ ପ୍ରତିମା ଏବଂ ଏହାର ଉଭୟ ପାର୍ଶ୍ୱରେ ଦୁଇଟି ବୃହତ୍ ହାତୀ ସ୍ତମ୍ଭ ରହିଛି। ତେବେ ଏହି ମନ୍ଦିରରେ ଥିବା ଭୈରବଙ୍କ ମୂର୍ତ୍ତି ଅତ୍ୟନ୍ତ ଭୟଙ୍କର ଦେଖାଯାଇଥାଏ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୩୦ ମେ, ୨୦୨୧ Bhubaneswar, Sunday, May 30/2021

# ଆଇପିଏଲ୍‌ର ବାକି ମ୍ୟାଚ୍ ୟୁଏଇରେ

**ନୂଆଦିଲ୍ଲୀ,୨୯।୫(ପି.ଟି.)**

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ବାକି ମ୍ୟାଚ୍‌ଗୁଡିକ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବ। ୨୦୨୧ ଆଇପିଏଲ୍‌ର ୨୯ଟି ମ୍ୟାଚ୍ ଭାରତରେ ଖେଳାଯାଇଥିଲା। ତେବେ କୋଭିଡ୍-୧୯ ସଂକ୍ରମଣ କାରଣରୁ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା।

## ଟି୨୦ ବିଶ୍ୱକପ୍ ନିଷ୍ପତ୍ତି ପରେ

ଆଇପିଏଲ୍ ବାୟୋ ବବଲରେ କେତେଜଣ ଖେଳାଳି ଓ ସପୋର୍ଟ ଷ୍ଟାଫ୍ କରୋନା ପଜିଟିଭ ବୋଲି ଜଣାପଡିବା ପରେ ଏହି ଲିଗ୍‌କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସସ୍‌ପେଣ୍ଡ କରିବାକୁ ବାଧ୍ୟ ହୋଇଥିଲା। ଫଳରେ କ୍ରମାଗତ ଦ୍ୱିତୀୟଥର ପାଇଁ ଆଇପିଏଲ୍ ୟୁଏଇରେ ଆୟୋଜନ ହେବାକୁ ଯାଉଛି। ଆଇପିଏଲ୍‌ର ବାକି ଥିବା ୩୧ଟି ମ୍ୟାଚ୍ ମଧ୍ୟପ୍ରାଚ୍ୟର ଏହି ଦେଶରେ ଖେଳାଯିବ। ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୧୦ ମଧ୍ୟରେ ବାକି ମ୍ୟାଚଗୁଡିକ ଖେଳାଯିବ। ଏ ସଂକ୍ରାନ୍ତରେ ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ଶନିବାର କହିଛନ୍ତି। ୧୦ ଅକ୍ଟୋବରରେ ଆଇପିଏଲ୍‌ର ଫାଇନାଲ ମ୍ୟାଚ ଆୟୋଜନ ହେବ।

ଶନିବାର ଅନୁଷ୍ଠିତ ବିସିସିଆଇ ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍)ରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଦସ୍ୟମାନେ ସର୍ବସମ୍ମତି କ୍ରମେ ଆଇପିଏଲ୍‌ର ମ୍ୟାଚ୍ ପୁଣି ଆୟୋଜନ କରିବାକୁ ସମର୍ଥନ କରିଛନ୍ତି। ବୋର୍ଡ ମଧ୍ୟ ଆଇପିଏଲ୍‌ର ବାକି ମ୍ୟାଚ୍ ଆୟୋଜନ ନେଇ ଯୋଜନା ପ୍ରସ୍ତୁତ କରିଛି। ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ଭାରତରେ ମୌସୁମୀର ପ୍ରଭାବ ରହିଥାଏ ଓ



ବର୍ଷା ମଧ୍ୟ ହୋଇଥାଏ। ଫଳରେ ଆଇପିଏଲ୍‌ର ବାକି ମ୍ୟାଚ୍‌ଗୁଡିକ ୟୁଏଇକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଆଇପିଏଲ୍‌ର ଗତ ୨୦୨୦ ସଂସ୍କରଣ ମଧ୍ୟ ୟୁଏଇରେ ଆୟୋଜନ ହୋଇଥିଲା। ତେଣୁ ୟୁଏଇରେ ବାକି ମ୍ୟାଚ୍ ଆୟୋଜନ ନିଷ୍ପତ୍ତି ନେଇ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

ପୁଣି ଭାରତରେ ଅକ୍ଟୋବର ଓ ନଭେମ୍ବରରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ନେଇ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଥିଲା। ଏହି ମେଗା ଇଭେଣ୍ଟ ଆୟୋଜନ ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)କୁ ଆହୁରି ଅଧିକ ସମୟ ମାଗିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ ନେଇ ବୋର୍ଡ ଅଧିକାରୀମାନେ ଆଇସିସି ସହ ଆଲୋଚନା କରିବେ ବୋଲି କୁହାଯାଇଛି।

୬ ଖେଳାଳି, ୨ ସପୋର୍ଟ ଷ୍ଟାଫ୍ ଓ ଜଣେ ବସ୍ କ୍ଲିନର କରୋନା ସଂକ୍ରମିତ ହେବା କାରଣରୁ ଆଇପିଏଲ୍‌କୁ ସ୍ଥଗିତ ରଖିବାକୁ ପଡିଥିଲା। ପ୍ରଥମଥର ପାଇଁ ଆଇପିଏଲ୍ କ୍ରମାଗତ ଦ୍ୱିତୀୟ ଥର ପାଇଁ ୟୁଏଇରେ ଖେଳାଯିବ। ଇଂଲିଶ୍ କାଉଣ୍ଟିର ପ୍ରମୁଖ ୪ଟି ଦଳ ମିଡିଲସେକ୍ସ, ସରେ, ୱାରୱିକଶାୟାର ଓ ଲଙ୍କାଶାୟାର ଆଇପିଏଲ୍‌ର ବାକିଥିବା ୩୧ଟି ମ୍ୟାଚ୍ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ। ଭାରତରେ ଚଳିତବର୍ଷ ଶେଷ ଆଡକୁ କରୋନା ତୃତୀୟ ଲହର ଆସିବା ଆଶଙ୍କା କରାଯାଉଛି।

ଏଥିସହ ବୈଠକରେ ଟ୍ୟାକ୍ସ ରିବେଟ୍ ମାମଲା ନେଇ ମଧ୍ୟ ଆଲୋଚନା ହୋଇଥିଲା। ବିସିସିଆଇ ଟ୍ୟାକ୍ସ ଛାଡିବାକୁ ଆଇସିସି ଚାହୁଁଛି। କିନ୍ତୁ ସରକାରଙ୍କ ନିୟମ ଅନୁସାରେ ଆମକୁ ଚାଲିବାକୁ ହେବ। ପୁଣି ଘରୋଇ କ୍ରିକେଟରମାନଙ୍କୁ କ୍ଷତିପୂରଣ ଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଗତ ଜାନୁୟାରୀରେ ଅନୁଷ୍ଠିତ ଏଜିଏମ୍‌ରେ କ୍ଷତିପୂରଣ ଦେବାକୁ ଅନୁମୋଦନ କରାଯାଇଥିଲା। ତେବେ ଏ ନେଇ ଥିବା ବିଭିନ୍ନ ସମସ୍ୟା ସମାଧାନ କରାଯିବାର ଆବଶ୍ୟକତା ରହିଛି। ଜୁନ୍ ୧ରେ ଦୁବାଇରେ ହେବାକୁ ଥିବା ଆଇସିସି ବୋର୍ଡ ବୈଠକରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ସମ୍ପାଦକ ଜୟ ଶାହା ଓ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ଯୋଗଦେବେ। ଅକ୍ଟୋବରରେ ଭାରତରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ର ଭବିଷ୍ୟତ ନେଇ ଆଲୋଚନା କରାଯିବ। ବିଶ୍ୱକପ୍ ପାଇଁ ଆଇସିସିକୁ ଗୋଟିଏ ମାସ ସମୟ ମଗାଯିବ। ତେଣୁ ମହାରାଷ୍ଟ୍ରର ୩ଟି ଗ୍ରାଉଣ୍ଡ(ମୁମ୍ବାଇରେ ୨ ଓ ପୁଣେରେ ଗୋଟିଏ)ରେ ଏହି ମେଗା ଇଭେଣ୍ଟ ଆୟୋଜନ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ବୋର୍ଡର ଜଣେ ଅଧିକାରୀ କହିଛନ୍ତି।

ସୀମିତ ୱିଣ୍ଡୋ ହାତରେ ରହିଥିବା ବେଳେ ଆଇପିଏଲର ବାକି ମ୍ୟାଚ୍ ଆୟୋଜନ ନେଇ ବିସିସିଆଇ ସମ୍ମୁଖରେ ଏକାଧିକ ସମସ୍ୟା ରହିଛି। ସେପ୍ଟେମ୍ବର ୧୪ରେ ମାଞ୍ଚେଷ୍ଟରରେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଶେଷ ହେବ। ଏହାପରେ ପାକିସ୍ତାନ ଓ ବାଂଲାଦେଶ ବିପକ୍ଷ ସୀମିତ ଓଭର ସିରିଜ ଥିବାରୁ ଇଂଲଣ୍ଡ ଖେଳାଳିମାନେ ଆଇପିଏଲ୍ ପାଇଁ ଉପଲବ୍ଧ ହେବେ ନାହିଁ। ତେଣୁ ଆଗକୁ ହାତରେ କମ୍ ସମୟ ରହୁଥିବାରୁ ଆଇପିଏଲ, ଇଂଲଣ୍ଡ ବିପକ୍ଷ ସିରିଜ ଓ ଟି୨୦ ବିଶ୍ୱକପ କିପରି ଆୟୋଜନ ହେବ ସେ ନେଇ ନିଶ୍ଚିତ ଭାବେ ସମସ୍ୟା ରହିଛି ବୋଲି ମନେହୁଏ। ଭାରତରେ କୋଭିଡ୍-୧୯ କାରଣରୁ ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି। ତେଣୁ ବର୍ତ୍ତମାନ ଟି୨୦ ବିଶ୍ୱକପ୍ ନେଇ କିଛି ଅନ୍ତିମ ନିଷ୍ପତ୍ତି ନେବା ଉଚିତ ହେବ ନାହିଁ ବୋଲି ବୋର୍ଡ ତରଫରୁ କୁହାଯାଇଛି।

# କାରୁସୋ ଜିତିଲେ ଷ୍ଟେଜ୍-୨୦

## ଗିରୋ ଡି' ଇଟାଲିଆ



ଡାମିଆନୋ କାରୁସୋ

**ରୋମ୍, ୨୯।୫:** ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ୨୦ତମ ଷ୍ଟେଜ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭର୍ବାନିଆରୁ ଭାଲି ସ୍ପଲଗା ୧୬୪ କିଲୋମିଟର ବିଶିଷ୍ଟ ଏହି ଷ୍ଟେଜ୍‌ରେ ଇଟାଲୀର ଡାମିଆନୋ କାରୁସୋ (ବାହାରିନ୍ ଭିକ୍ଟୋରିୟସ୍) ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ୪ ଘଣ୍ଟା ୨୭ ମିନିଟ୍ ଓ ୫୩ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରିଛନ୍ତି। ତାଙ୍କଠାରୁ ଯଥାକ୍ରମେ ୨୪ ସେକେଣ୍ଡ ଓ ୩୫ ସେକେଣ୍ଡ ପଛରେ ରେସ୍ ଶେଷ କରି କଲମ୍ବିଆର ଇଗାନ ବର୍ନାଲ ଗୋମେଜ (ଇନୋସ୍ ଗ୍ରେନେଡିୟର୍ସ) ଓ କଲମ୍ବିଆର ଡାନିଏଲ୍ ମାର୍ଟିନେଜ୍ ପୋଭେଡା (ଇନୋସ୍ ଗ୍ରେନେଡିୟର୍ସ) ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ରେସ୍‌ର ଟପ୍ ଟେନ୍‌ରେ ରହିଥିବା ଅନ୍ୟ ରାଇଡରମାନେ ଯଥାକ୍ରମେ ହେଲେ ଫ୍ରାନ୍ସର ରୋମେନ ବାର୍ଡେଟ୍ (ଟିମ୍ ଡିଏସ୍‌ଏମ୍), ପର୍ତ୍ତୁଗାଲର ଜୋଆଓ ଅଲ୍‌ମିଦା (ଡେସିଉନିକ୍ କୁଇକ୍ ଷ୍ଟେପ୍), ଗ୍ରେଟ୍ ବ୍ରିଟେନର ସିମନ ୟେଟ୍ସ (ଟିମ୍ ବାଇକ୍ ଏକ୍ସଚେଞ୍ଜ୍), ରୁଷିଆର ଆଲେକ୍‌ସାଣ୍ଡର ଭ୍ଲାସୋଭ (ଅଷ୍ଟାନା ପ୍ରିମିୟର ଟେକ୍), ଗ୍ରେଟ୍ ବ୍ରିଟେନର ହଗ୍ କାର୍ଥି (ଇଏଫ୍ ଏଜୁକେଶନ ନିପ୍ପୋ), ଇଟାଲୀର ଲରେନ ଫର୍ଚ୍ଚୁନାଟୋ (କୋମେଟା ସାଇକ୍ଲିଂ ଟିମ୍) ଓ ସ୍ପେନର ଆଣ୍ଟୋନିଓ ପେଡ୍‌ରେରୋ (ମୋଭିଷ୍ଟାର ଟିମ୍)। ୨୦ତମ ଷ୍ଟେଜ୍ ପରେ ଜେନେରାଲ କ୍ଲାସିଫିକେଶନରେ କଲମ୍ବିଆର ଇଗାନ ବର୍ନାଲ ଗୋମେଜ୍, ଇଟାଲୀର ଡାମିଆନୋ କାରୁସୋ ଓ ସିମନ ୟେଟ୍ସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ଫଳରେ ବର୍ନାଲ ତାଙ୍କ ପିଙ୍କ୍ ଜର୍ସି ବଜାୟ ରଖିଛନ୍ତି। ରବିବାର ସେନାଗୋ ଓ ମିଲାନୋ ମଧ୍ୟରେ ୩୦.୩ କିଲୋମିଟର ବିଶିଷ୍ଟ ଅନ୍ତିମ ଷ୍ଟେଜ୍ ୨୧ ଅନୁଷ୍ଠିତ ହେବ। ୟେଟ୍ସ ଓ କାରୁସୋଙ୍କ ମଧ୍ୟରୁ ଜଣେ କେହି ବର୍ନାଲଙ୍କୁ ଜେନେରାଲ କ୍ଲାସିଫିକେଶନ ଟେବୁଲର ପ୍ରଥମ ସ୍ଥାନରୁ ହଟାଇ ପାରୁଛନ୍ତି କି ନା ତାହା ସ୍ପଷ୍ଟ ହେବ।




# ଭାରତୀୟ ଦଳ ସ୍ୱତନ୍ତ୍ର ଆଇସୋଲେଶନରେ ରହିବ

**ଦୁବାଇ,୨୯।୫(ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଖେଳିବା ପୂର୍ବରୁ ଭାରତୀୟ କ୍ରିକେଟ ଦଳ ସାଉଥାମ୍ପଟନରେ ସ୍ୱତନ୍ତ୍ର ମ୍ୟାନେଜ୍‌ଡ ଅର୍ଥାତ୍ ପ୍ରବନ୍ଧିତ ଆଇସୋଲେଶନରେ ରହିବ। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ସ୍ପଷ୍ଟ କରିଛି। ୟୁକେରେ ପହଞ୍ଚିବା ପରେ ଭାରତୀୟ ଦଳର ସଦସ୍ୟମାନେ ହାର୍ଡ କ୍ୱାରାଣ୍ଟାଇନରେ ରହିବେ। ତେବେ ଏହାର ପ୍ରକୃତ ସମୟ ଅବଧି କେତେ ରହିବ ସେ ନେଇ ଆଇସିସି କିଛି କହିନାହିଁ।

## ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍

ଜୁନ୍ ୧୮ରୁ ୨୨ ତାରିଖ ମଧ୍ୟରେ ସାଉଥାମ୍ପଟନର ହାମ୍ପଶାୟାର ବାଉଲ୍‌ରେ ବିଶ୍ୱର ଶ୍ରେଷ୍ଠ ଦୁଇଟି ଟେଷ୍ଟ ଦଳ ଡବ୍ଲ୍ୟୁଟିସି ଫାଇନାଲ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ନ୍ୟୁଜିଲାଣ୍ଡ ଦଳ ଏବେ ଇଂଲଣ୍ଡରେ ରହୁଛି ଓ ଘରୋଇ ଦଳ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଅପରପକ୍ଷରେ ବିରାଟ କୋହଲିଙ୍କ ଭାରତୀୟ ଦଳ ଜୁନ୍ ୩ ତାରିଖରେ ୟୁକେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ




ଖେଳାଳିମାନେ ବର୍ତ୍ତମାନ ଭାରତରେ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି।

ୟୁକେରେ ପହଞ୍ଚିବା ପରେ ଭାରତୀୟ ଖେଳାଳିମାନେ ହାମ୍ପଶାୟାର ବାଉଲର ଟିମ୍ ହୋଟେଲକୁ ଯିବେ। ଏଠାରେ ଖେଳାଳିମାନଙ୍କର ଆଉଥରେ ପରୀକ୍ଷା କରାଯିବ। ଏହାପରେ ଯାଇ ଭାରତୀୟ ଖେଳାଳିମାନେ ସ୍ୱତନ୍ତ୍ର ଆଇସୋଲେଶନରେ ରହିବେ ବୋଲି ଆଇସିସି ତରଫରୁ କୁହାଯାଇଛି। କ୍ୱାରାଣ୍ଟାଇନର ସମୟ ଅବଧି ସମ୍ପର୍କରେ କିଛି କୁହାଯାଇନାହିଁ। ତେବେ ପୂର୍ବରୁ ନ୍ୟୁଜିଲାଣ୍ଡ ଖେଳାଳିମାନେ ୩ ଦିନିଆ ବାଧ୍ୟତାମୂଳକ ରୁମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ଟ୍ରେନିଂ କରିବାର ସୁଯୋଗ ପାଇଥିଲେ। ଆଇସୋଲେଶନରେ ନିୟମିତ ଭାବେ ଖେଳାଳିମାନଙ୍କ ପରୀକ୍ଷା କରାଯିବ। ମୁମ୍ବାଇରେ ବାୟୋ-ବବଲରେ ୧୪ ଦିନିଆ କ୍ୱାରାଣ୍ଟାଇନରେ ରହିବା ଅବସରରେ ୬ଟି ଆରଟି-ପିସିଆର ନେଗେଟିଭ ଟେଷ୍ଟ ପରେ ୟୁକେରେ ପ୍ରବେଶ କରିବେ।

ରବିଚନ୍ଦ୍ରନ ଅଶ୍ୱିନ, ମୟଙ୍କ ଅଗ୍ରୱାଲ, ୱାଶିଂଟନ ସୁନ୍ଦର ମେ' ୨୫ରୁ ଏକ ସପ୍ତାହ ଧରି କ୍ୱାରାଣ୍ଟାଇନ ପରେ ଓ ୩ଟି ନେଗେଟିଭ ଟେଷ୍ଟ ପରେ ହୋଟେଲ ଜିମ୍ନାସିୟମ ବ୍ୟବହାର କରିବାକୁ ଅନୁମତି ପାଇଛନ୍ତି। ତେବେ କୋହଲି ଓ ରୋହିତ ଶର୍ମା ବିଳମ୍ବରେ ଯୋଗ ଦେଇଥିବାରୁ ରୁମ୍ କ୍ୱାରାଣ୍ଟାଇନ ଶେଷ କରିବେ ଓ ତା'ପରେ ଯାଇ ୟୁକେ ଯିବେ। ରୁମ୍‌ରେ ଏହି ଦୁଇ ଖେଳାଳିଙ୍କୁ ଜିମ୍ ସରଞ୍ଜାମ ପ୍ରଦାନ କରାଯାଇଛି।

ୟୁକେରେ ନେଗେଟିଭ ଟେଷ୍ଟ ପରେ ଖେଳାଳିମାନେ ସମୟକ୍ରମେ ଅଧିକରୁ ଅଧିକ କାର୍ଯ୍ୟକଳାପର ସୁବିଧା ପାଇବେ। ପ୍ରଥମେ ଛୋଟିଆ ଗ୍ରୁପ୍‌ରେ ଏକ୍ସରସାଇଜ କରିବା ପରେ ବଡ଼ ଦଳରେ ନିଜର କ୍ରିୟାକଳାପ କରିବାର ସୁଯୋଗ ପାଇବେ। ତେବେ ସମ୍ପୂର୍ଣ୍ଣ ଜୈବ ସୁରକ୍ଷିତ ଭେନ୍ୟୁରେ ଖେଳାଳିଙ୍କୁ ରହିବାକୁ ପଡିବ। ଅନ୍ୟପଟେ ଜୁନ୍ ୧୫ରେ ନ୍ୟୁଜିଲାଣ୍ଡ ଦଳ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଜୈବ ସୁରକ୍ଷିତ ପରିବେଶରୁ ଡବ୍ଲ୍ୟୁଟିସି ଫାଇନାଲ ବବଲକୁ ସ୍ଥାନାନ୍ତର ହେବ। ସାଉଥାମ୍ପଟନରେ ପହଞ୍ଚିବା ପୂର୍ବରୁ ଓ ପରେ ଦଳ ନିୟମିତ ଭାବେ ପରୀକ୍ଷାର ସମ୍ମୁଖୀନ ହେବ।

# ବଜରଙ୍ଗ ରୁଷିଆରେ ଟ୍ରେନିଂ ନେବେ

**ନୂଆଦିଲ୍ଲୀ, ୨୯।୫ (ପି.ଟି.)**

ଭାରତର ଟପ୍ ରେସ୍‌ଲର ବଜରଙ୍ଗ ପୁନିଆ ପୋଲାଣ୍ଡରେ ହେବାକୁଥିବା ର୍‍ୟାଙ୍କିଙ୍ଗ ସିରିଜ ଇଭେଣ୍ଟରେ ଭାଗ ନ ନେବା ଲାଗି ସ୍ଥିର କରିଛନ୍ତି। ସେ କହିଛନ୍ତି ଏହି ଟୁର୍ନାମେଣ୍ଟରେ ଭାଗ ନେଲେ ତାଙ୍କୁ ଅବଶ୍ୟ ର୍‍ୟାଙ୍କିଙ୍ଗ ପଏଣ୍ଟ ମିଳିବ। ହେଲେ ଟୋକିଓ ଅଲିମ୍ପିକ୍ସ ୬୫କେଜି କାଟେଗୋରିରେ ତାଙ୍କୁ ବିଶ୍ୱର ଟପ୍ ରେସଲରମାନଙ୍କ ସହ ତାଙ୍କୁ ମୁକାବିଲା କରିବାକୁ ପଡ଼ିବ। ତେଣୁ ଏହା ପୂର୍ବରୁ ସେ ମ୍ୟାଚ ଟ୍ରେନିଂ ନିହାତି ଆବଶ୍ୟକ କରୁଛନ୍ତି। ୨୭ବର୍ଷୀୟ ଏହି ରେସ୍‌ଲର କହିଛନ୍ତି ମହାମାରୀ ତାଙ୍କ ଟ୍ରେନିଂ କାର୍ଯ୍ୟକ୍ରମରେ ପ୍ରତିକୂଳ ପ୍ରଭାବ ପକାଇଛି। ଅଭ୍ୟାସ ପାଇଁ ସେ ବିଦେଶ ଯାଇପାରିଲେନି କିମ୍ବା ଭାରତକୁ କାହାରିକୁ ଆମନ୍ତ୍ରଣ କରିପାରିଲେନି। ଅଲିମ୍ପିକ ଯୋଗ୍ୟତା ହାସଲ କରିଥିବା ଭାରତର ଅନ୍ୟ ରେସ୍‌ଲରମାନେ କିନ୍ତୁ ପୋଲାଣ୍ଡ ଗସ୍ତ କରିବେ। ଅନ୍ୟପକ୍ଷରେ ବଜରଙ୍ଗ ତାଙ୍କ ଜର୍ଜିଆନ କୋଚ୍ ଶାକୋ ବେନ୍‌ଟିନିଡିସ୍‌ଙ୍କ ସହ ଟ୍ରେନିଂ ପାଇଁ ରୁଷିଆ ଯିବେ। ଅଲିମ୍ପିକ୍ସ ପୂର୍ବରୁ ଜୁନ୍ ୮ରୁ ୧୩ ପର୍ଯ୍ୟନ୍ତ ଓାର୍‌ସ ହେଉଛି ଶେଷ ର୍‍ୟାଙ୍କିଙ୍ଗ ସିରିଜ ଇଭେଣ୍ଟ। ଟୁର୍ନାମେଣ୍ଟ ପରେ ଭାରତୀୟ ଦଳ ଅବଶ୍ୟ ଏକ ଟ୍ରେନିଂ କ୍ୟାମ୍ପ ପାଇଁ ୱାର୍‌ସରେ ରହିବ।

# ତାମିମ ଇକ୍‌ବାଲଙ୍କୁ ଜରିମାନା

**ଦୁବାଇ,୨୯।୫(ପି.ଟି.)**

ବାଂଲାଦେଶ କ୍ରିକେଟ ଦଳର ଅଧିନାୟକ ତାମିମ ଇକବାଲଙ୍କୁ ତାଙ୍କ ମ୍ୟାଚ ଫି'ର ୧୫ପ୍ରତିଶତ ଜରିମାନା କରାଯାଇଛି। ଢାକାଠାରେ ଶୁକ୍ରବାର



ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ମ୍ୟାଚରେ ଖରାପ ଭାଷା ପ୍ରୟୋଗ ପାଇଁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ଏକ ଅନ୍ତର୍ଜାତୀୟ ମ୍ୟାଚ ବେଳେ ଯଦି ଜଣେ ଖେଳାଳି ଅବା ସପୋର୍ଟ ଷ୍ଟାଫ୍ ଯଦି କାହାକୁ ଆକ୍ଷେପ କରି ଖରାପ ଭାଷା ବ୍ୟବହାର କରନ୍ତି ତେବେ ଏହାଦ୍ୱାରା ଆଇସିସି ଆଚରଣବିଧିର ଧାରା ୨.୩ ଉଲ୍ଲଂଘନ କରାଯାଇଥିବା ବିଚାର କରାଯିବ। ଜରିମାନା ବ୍ୟତୀତ ତାମିମଙ୍କୁ ଏକ ଡିମେରିଟ ପଏଣ୍ଟ ଦିଆଯାଇଛି। ଏହା ତାଙ୍କ ଶୃଙ୍ଖଳାଗତ ରେକର୍ଡରେ ସାମିଲ କରାଯିବ। ୨୪ ମାସ ମଧ୍ୟରେ ତାମିମଙ୍କର ଏହା ହେଉଛି ପ୍ରଥମ ଅପରାଧ। ଶୁକ୍ରବାର ବାଂଲାଦେଶ ଇନିଂସର ୧୦ମ ଓଭରରେ ଏହି ଘଟଣା ଘଟିଥିଲା। ତାଙ୍କ କଟ୍ ବିହାଇଣ୍ଡ ଆଉଟ ବିରୋଧରେ ଡିଆର୍‌ଏସ୍ ଅପିଲ କରି ବିଫଳ ହେବାପରେ ଉତ୍ତେଜିତ ହୋଇ ସେ ଖରାପ ଭାଷାରେ ଗାଳି କରିଥିଲେ। ତାମିମ ନିଜ ଦୋଷ ସ୍ୱୀକାର କରିବା ସହ ଆଇସିସି ମ୍ୟାଚ ରେଫରି ନିୟାମୁର ରସିଦଙ୍କ ଦ୍ୱାରା ପ୍ରସ୍ତାବିତ ଦଣ୍ଡ ବିଧାନକୁ ଗ୍ରହଣ କରି ନେଇଥିଲେ। ଫଳରେ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ୩୧ରେ ୪ ସ୍ଥାନରେ ୫୦୦ ଲୋକଙ୍କୁ ଟିକା ପ୍ରଦାନ

ଡେଲାଙ୍ଗ,(ଡି.ଏନ୍.ଏ.)- ଡେଲାଙ୍ଗ ଅଞ୍ଚଳରେ ସୋମବାର ୪ଟି ସ୍ଥାନରେ ୫ଶହ ଲୋକଙ୍କୁ କୋଭିଡ୍ ଟିକା ଦିଆଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଗୁଆଲିପଡା କଲ୍ୟାଣ ମଣ୍ଡପରେ ୧୦୦ଜଣଙ୍କୁ, ହରିରାଜପୁର ସୋମନାଥ ଉଚ୍ଚ ବିଦ୍ୟାଳୟରେ ୧୦୦ ଜଣଙ୍କୁ, ଡେଲାଙ୍ଗ ହାଟ ବଜାରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୦ ଜଣଙ୍କୁ ଓ ଇନ୍ଦିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ଇନ୍ଦିପୁର ପ୍ରାଥମିକ ବିଦ୍ୟାଳୟରେ ୧୦୦ଜଣଙ୍କୁ ଟିକା ଦେବାର ବ୍ୟବସ୍ଥା କରାଯାଇଛି। ସକାଳ ୭ଟାରେ ଟିକାକରଣ ପ୍ରକ୍ରିୟା ଆରମ୍ଭ ହେବ। ଏହି ପ୍ରଥମ ଡୋଜ ଟିକାକରଣ ପାଇଁ ପ୍ରତ୍ୟେକଙ୍କୁ ଆଧାର କାର୍ଡ ନେଇ ଟିକାକେନ୍ଦ୍ରରେ ପହଞ୍ଚିବା ସହ ସାମାଜିକ ଦୂରତା, ମାସ୍କ ପିନ୍ଧିବା ବାଧ୍ୟତାମୂଳକ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ତ୍ରିପାଠୀ ନିବେଦନ କରିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୯.୦୫.୨୦୨୧

୧୨୧୧ ଟଙ୍କା

# ଅଟୋ, ଟ୍ୟାକ୍ସି ଚାଳକଙ୍କ ଜୀବିକା ଛଡ଼ାଇଛି କରୋନା

- ବୋଝ ପାଲଟିଛି ଋଣ, କିସ୍ତି ଟଙ୍କା
- ଭଡ଼ା ନ ହେବାରୁ ଖରାପ ହେଲାଣି ଗାଡ଼ି

ପୁରୀ ଅଫିସ,୨୯।୫

କରୋନାର ଦ୍ୱିତୀୟ ଲହର ସମାଜର ମଧ୍ୟମ ଓ ଗରିବ ଶ୍ରେଣୀର ଜନସାଧାରଣ ପାଇଁ ଏବେ ବାଧକ ସାଜିଛି। ପୁରୀ ସହର ଏକ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ବର୍ଷତମାମ ଏଠାକୁ ପର୍ଯ୍ୟଟକମାନେ ଆସିଥାନ୍ତି। ପର୍ଯ୍ୟଟକଙ୍କ ଉପରେ ନିର୍ଭର କରି ପୁରୀର ଅଧିକାଂଶ ଲୋକ ନିଜର ଜୀବନ ନିର୍ବାହ କରିଥାନ୍ତି। ମାତ୍ର କରୋନା କଟକଣା ଯୋଗୁ ପୁରୀକୁ ପର୍ଯ୍ୟଟକ ଆସୁ ନ ଥିବାରୁ ପର୍ଯ୍ୟଟକଙ୍କ ଉପରେ ନିର୍ଭର କରି ଚଳୁଥିବା ବ୍ୟବସାୟୀ ଏବେ ଜୀବିକା ହରାଇ ବସିଛନ୍ତି। ଏହି ସମସ୍ୟା ଭିତରୁ ବାଦ୍ ପଡ଼ିନାହାନ୍ତି ପୁରୀର ଅଟୋ ଏବଂ ଟ୍ୟାକ୍ସି ଚାଳକମାନେ। କରୋନାର ପ୍ରଥମ ଲହରରେ କଷ୍ଟେମଷ୍ଟେ ଚାଳକମାନେ ଦିନ କଟିଥିବା ବେଳେ ଏବେ ଦ୍ୱିତୀୟ ଲହର ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାବେ ଦୋହଲାଇ ଦେଇଛି। ଏପରିକି ନିଜ ପରିବାରକୁ ଦୁଇଓଳି ଖାଦ୍ୟ ଦେଇପାରୁ ନାହାନ୍ତି।

ପୁରୀ ସହରରେ ଅଟୋ ଚଳାଇ ପେଟ ପୋଷୁଥିବା ହଜାରରୁ ଊର୍ଦ୍ଧ୍ୱ ଚାଳକ ଓ ମାଲିକମାନଙ୍କର ଏବେ ଚଳିବା କଷ୍ଟକର ହୋଇପଡ଼ିଛି। ଲକ୍‌ଡାଉନ, ଶଟ୍‌ଡାଉନ କାରଣରୁ ବେପାର ବନ୍ଦ ହୋଇଯାଇଛି। ଏପରି ସମୟରେ ଋଣ କିସ୍ତି ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଅଧିକାଂଶ ଅଟୋ ଚାଳକଙ୍କର କିସ୍ତି ଶୁଝିବାକୁ ବାକି ରହିଛି। ସହରକୁ ପର୍ଯ୍ୟଟକ ଆସିଲେ ଅଟୋ ଚାଳକ ଦୁଇପଇସା ରୋଜଗାର କରିଥାନ୍ତି ଓ ପରିବାର ପୋଷିଥାନ୍ତି। ତେବେ ବର୍ତ୍ତମାନ ପୁରୀ ସହରକୁ କିଛି ହାତଗଣତି ଟ୍ରେନ ଚାଲୁଥିବା ବେଳେ ଶଟ୍‌ଡାଉନ ଓ ଲକ୍‌ଡାଉନ ଯୋଗୁ ପର୍ଯ୍ୟଟକ ଆସିପାରୁନାହାନ୍ତି। ଫଳରେ ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ସମୁଦ୍ରକୂଳ ଅଞ୍ଚଳରେ ଶତାଧିକ ଅଟୋ ଏବଂ କାର୍ ଖରାରେ ଠିଆ ହୋଇ ରହୁଥିବା ଦେଖିବାକୁ ମିଳିଛି। ଅଟୋ ଚାଲୁ ନ ଥିବାରୁ କେତେକ ଅଟୋ ମଧ୍ୟ ଖରାପ ହୋଇଗଲାଣି। ତେଣୁ କରୋନା ସମୟରେ ସହାୟତା ପ୍ରଦାନ କରିବାକୁ ଅଟୋ ଚାଳକମାନେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ପେଟପାଟଣା ପାଇଁ ଅଟୋ ଏବଂ ଟ୍ୟାକ୍ସି କିଣିଥିଲେ ମଧ୍ୟ କରୋନାଜନିତ କଟକଣା କାରଣରୁ ଏବେ ଗାଡ଼ିଗୁଡିକୁ ପୋଷିବାକୁ ପଡୁଛି ବୋଲି ଅଟୋ ଚାଳକ ବିନୋଦ କୁମାର ସାହୁ କହିଛନ୍ତି। ପୂର୍ବରୁ ଦିନକୁ ୩୦୦ରୁ ୫୦୦ ଟଙ୍କା ଭିତରେ ରୋଜଗାର ହେଉଥିବା ବେଳେ କରୋନା କାରଣରୁ ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଘର ଚଳାଇବା ସମ୍ଭବ ହେଉନାହିଁ। ତେଣୁ ପୁରୀ ସହରରେ ଥିବା ଅଟୋ ଏବଂ ଟ୍ୟାକ୍ସି ଚାଳକମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ନିମନ୍ତେ ବିଭିନ୍ନ ଅଟୋ ଏବଂ ଟ୍ୟାକ୍ସି ଚାଳକ ସଂଘ ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ରଥଖଳାରୁ

# ବିଲେଇ ବାଡ଼ିଆ କାର୍ଯ୍ୟ ଆରମ୍ଭ



ପୁରୀ ଅଫିସ,୨୯।୫

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଆଉ ୪୪ଦିନ ବାକି ଥିବାବେଳେ ବଡ଼ଦାଣ୍ଡ ରାଜନଅର ସମ୍ମୁଖ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ମହାରଣାମାନଙ୍କ ବାରିସି ଶବ୍ଦରେ ବେଶ ଚଳଚଞ୍ଚଳ ହୋଇଉଠୁଛି ରଥଖଳା। ଶୁକ୍ରବାର ତିନି ରଥ ପାଇଁ ୨ଟି ଲେଖାଏ ଚକରେ ପଇ ଯୋଖା କାର୍ଯ୍ୟ ସରଥିବା ବେଳେ ଶନିବାର ଉକ୍ତ ଚକଗୁଡ଼ିକର କଳସା କରାଯାଇଛି। ପଇ ପଇ ମଧ୍ୟରେ ସଂଯୋଗର ଖାପ ବା ଘାଟି ତିଆରିକୁ କଳସା କୁହାଯାଇଥାଏ। ସେହିପରି ଶନିବାରଠାରୁ ବିଲେଇ ବାଡ଼ିଆ କାର୍ଯ୍ୟ ଆରମ୍ଭ ହୋଇଛି। ଅରରେ ପଇ ସଂଯୋଗ ବିନ୍ଧରେ କିଳା ବାଡ଼େଇ ପଇକୁ ପଇରେ ଖାପ ଦେବା କାର୍ଯ୍ୟକୁ ବିଲେଇ ବାଡ଼ିଆ ବୋଲି କୁହାଯାଇଥାଏ। ବିଲେଇ ବାଡ଼ିଆ କାର୍ଯ୍ୟ ପରେ ତୁମ୍ବରେ ଅଖ ବିନ୍ଧ ସ୍ଥାନରେ ଦୁଇ ପାର୍ଶ୍ୱରେ ଲୁହା ପନ୍ଦାରୀ ବସା ଯିବା ସହ ତୁମ୍ବଗୁଡିକର ଦୁଇପଟେ ଲୁହା ବଳା ଫିଟିଂ ହୋଇ ତିନି ରଥର ଦୁଇଟି ଲେଖାଏ ଚକା ସମ୍ପୂର୍ଣ୍ଣ ହୋଇଛି । ଏଥିସହ ପ୍ରତି ରଥର ଦୁଇଟି ଲେଖାଏ ଚକର ଅର ସଂଯୋଗ, ସିଙ୍ଗଡ଼ା ବାଡ଼ିଆ, ତୁମ୍ବ ବିନ୍ଧ କାମ ସରଛି। ଅପରପକ୍ଷେ ତାଳଧ୍ୱଜ ରଥର ୪ଟି ପଇ, ଦେବଦଳନର ୮ଟି ପଇ ଏବଂ ନନ୍ଦିଘୋଷର ୪ଟି ପଇର ବିନ୍ଧକାମ ଜାରି ରହିଛି। ତାଳଧ୍ୱଜ ରଥର ୨ଟି ଚକ ସମ୍ପୂର୍ଣ୍ଣ ହୋଇ ଆଉ ୨ଟି ଚକରେ ଅର ସଂଯୋଗ, ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ସରିବା ପରେ ଅରସାଲ ଓ ବିନ୍ଧ କାମ ଶେଷ ହୋଇ ପଇଗୁଡିକରେ ବିନ୍ଧ କାର୍ଯ୍ୟ ଜାରି ରହିଛି। ଏଥିସହ ତାଳଧ୍ୱଜ ରଥ ପାଇଁ ଆବଶ୍ୟକ ୧୧ଟି ସାଲଗୁଜର ଚଉପଟ ସରିଛି। ୯ଟି ଜଳ ଯନ୍ତ୍ରରୁ ୮ଟିର ନିର୍ମାଣ ସରିଛି। ଦେବଦଳନ ରଥର ୨ଟି ଚକର ତୁମ୍ବରେ ପନ୍ଦାରୀ ଏବଂ ବଳା ବସାଯାଇ ୨ଟି ଚକର କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇ ଆଉ ଦୁଇଟି ଚକର କାମ ଆରମ୍ଭ ହୋଇ ଥିବାବେଳେ ତୁମ୍ବରେ ଅର ସଂଯୋଗ ସହ ସିଙ୍ଗଡ଼ା ବାଡ଼ିଆ, ଅରସାଲ ସହ ତୁମ୍ବରେ ଅଖ ବିନ୍ଧ କାର୍ଯ୍ୟ କରାଯାଇଛି। ସେହିପରି ୨ଟି ଚକ ପାଇଁ ପଇ ବିନ୍ଧ କାମ ଶେଷ ହୋଇଛି । ଏଥିସହ ୧୧ଟି ସାଲଗୁଜ, ୯ଟି ଜଳଯନ୍ତ୍ରର ଚଉପଟ କାର୍ଯ୍ୟ ସରିଛି। ଦେବୀ ରଥ ମହାରଣା ଯୋଗାଇଥିବା ସାଲଗୁଜରେ ରୂପକାର ସେବକ ସିଂହ ବିରାଳ ରୂପ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ନନ୍ଦିଘୋଷ ରଥର ୨ଟି ଚକରେ ପନ୍ଦାରୀ, ବଳା ଫିଟିଂ ପରେ ୨ଟି ଚକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଆଉ ୨ଟି ଚକ ନିର୍ମାଣ ପାଇଁ ତୁମ୍ବରେ ଅର ସଂଯୋଗ ସହ ଯନ୍ତାଗାଡ଼ରେ ସିଙ୍ଗଡ଼ା ବାଡ଼ିଆ ସରି ଅରସାଲ ହୋଇ ତୁମ୍ବରେ ଅଖ ବିନ୍ଧ ଶେଷ ହୋଇଛି। ଚାରୋଟି ପଇର ବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ୧୧ଟି ସାଲ ଗୁଜ, ୬ଟି ଜଳଯନ୍ତ୍ର, ଗୋଟଏ ଗୁଜ ଚଉପଟ ସରି ରୂପ ଖୋଦେଇ ପାଇଁ ରୂପକାର ସେବକଙ୍କୁ ଦିଆଯାଇଅଛି। ଅପରପକ୍ଷେ ଦୋଳବେଦିସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଚକ ପାଇଁ ଆବଶ୍ୟକ ପନ୍ଦାରୀ, ବଳା ଏବଂ ଅରକଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଶନିବାର ରଥ ଖଳାରେ "ମୋଟ ୧୬୬ ଜଣ ସେବକ ଏବଂ କାରିଗର ନିୟୋଜିତ ଥିଲେ।

## ସଂକ୍ଷେପରେ

### ୨ ଦୋକାନ ଉପରେ ଚଢ଼ିଗଲା କାର୍

ନିମାପଡ଼ା,୨୯।୫(ଡି.ଏନ୍.ଏ.)- ନିମାପଡ଼ା-ପିପିଲି ରାସ୍ତାର ରଟିଲୋ ଛକଠାରେ ଶନିବାର ଅପରାହ୍ନରେ ଦ୍ରୁତଗତିରେ ଯାଉଥିବା ଏକ କାର୍ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍‌ଖୁଣ୍ଟକୁ ଧକ୍କା ଦେଇ ନିକଟରେ ଥିବା ୨ଟି ଦୋକାନ ଉପରେ ଚଢ଼ିଯାଇଥିଲା। ଫଳରେ ଜଣେ ଦୋକାନୀ ପ୍ରଶାନ୍ତ ପ୍ରଧାନ ଓ କାର୍‌ରେ ବସିଥିବା ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଛନ୍ତି। କାର୍‌ରେ ବସିଥିବା ଆହତ ଯୁବକ ହେଲେ ନିମାପଡ଼ା ଥାନା ଅଞ୍ଚଳର ସଞ୍ଜୟ ବେହେରା। ଦୁର୍ଘଟଣା ପରେ ଗାଡ଼ି ଛାଡ଼ି ଡ୍ରାଇଭର ଫେରାର ହୋଇଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍(ଓଆର୍ ୦୨ବିକ୍ୟୁ ୫୨୪୨)କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଦୁର୍ଘଟଣାରେ କାର୍ ସହ ୨ ଦୋକାନର ଆସବାବପତ୍ର ଭାଙ୍ଗିରୁଜି କ୍ଷତିଗ୍ରସ୍ତ ହୋଇଛି।

### ଗାଡ଼ି ଓଲଟି ଯୁବକ ମୃତ

ଡେଲାଙ୍ଗ,୨୯।୫(ଡି.ଏନ୍.ଏ.)- କଣାସ ଥାନା ଅଞ୍ଚଳରେ ଶନିବାର ଏକ ପଇଡ଼ ବୋଝେଇ ହୋଇଥିବା ଟାଟା ଏସିଇ ଓଲଟି ପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା କଲ୍ୟାଣପୁର ଗ୍ରାମର ଶୁଭକାନ୍ତ ବେହେରା। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କଣାସରୁ ଡେଲାଙ୍ଗ ଅଭିମୁଖେ ଏକ ପଇଡ ବୋଝେଇ ଟାଟା ଏସିଇ ଆସୁଥିଲା। ଅପରାହ୍ନ ୪ଟାରେ ତ୍ରିଲୋଚନପୁର ପଞ୍ଚାୟତର ଚାନ୍ଦପଡା ଛକ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଗାଡ଼ି ଡାଲା ଉପରେ ବସିଥିବା ଶୁଭକାନ୍ତ ତଳକୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ଦେଖି ଆହତଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବେଆଇନ ବାଲି ବୋଝେଇ ଟ୍ରକ୍ ଜବତ

ଡେଲାଙ୍ଗ,୨୯।୫(ଡି.ଏନ୍.ଏ.)- ଶଟ୍‌ଡାଉନ ସମୟରେ ଡେଲାଙ୍ଗ ବ୍ଲକ ଅଞ୍ଚଳରେ ଶନିବାର ଅବାଧରେ ବାଲି ଚାଲାଣ ହେଉଥିବା ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଖବରପାଇ ଡେଲାଙ୍ଗ ଥାନା ପୋଲିସ ପାଟ୍ରୋଲିଂ ସମୟରେ ଏକ ବାଲି ଟ୍ରକ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଡେଲାଙ୍ଗ ଥାନା ଏସ୍‌ଆଇ ଲାଇକା ମହାରଣା ସଦଳବଳ ଶନିବାର ପାଟ୍ରୋଲିଂ କରୁଥିଲେ। ରେଞ୍ଚ ଛକ ନିକଟରେ ବେଆଇନ ଏକ ବାଲି ବୋଝେଇ ଟ୍ରକ୍ ଡେଲାଙ୍ଗ ବଜାର ଅଭିମୁଖେ ଆସୁଥିବା ଖବର ପାଇଥିଲେ। ସେଠାକୁ ଯାଇ ଟ୍ରକ୍‌କୁ ଅଟକାଇ କାଗଜପତ୍ର ମାଗିଥିଲେ। କାଗଜପତ୍ର ଯାଞ୍ଚ ସମୟରେ ଚାଲାଣ ବାଲିର ଠିକ କାଗଜପତ୍ର ଦେଖାଇପାରି ନ ଥିଲେ। ପୋଲିସ ଟ୍ରକ(ଓଡି ୩୩ ଏଏ ୨୯୦୬)କୁ ଜବତ କରିବା ସହିତ ଡ୍ରାଇଭରକୁ ଗିରଫ କରି ମାଲିକଙ୍କ ନାମରେ ନଂ.୧୩୦/୨୧ ମାମଲା ରୁଜୁ କରାଯାଇଛି।



ନରେନ୍ଦ୍ର ପୁଷ୍କରିଣୀକୁ ଚାପ ଖେଳାଇବାକୁ ଶନିବାର ଶ୍ରୀଜମ୍ବେଶ୍ୱର ମହାଦେବଙ୍କୁ ସେବାୟତମାନେ ପାଲିଙ୍କିରେ ନେଉଛନ୍ତି ।

# ମହାପ୍ରଭୁଙ୍କ ସହ ଚାପ ଖେଳିଲେ ଶ୍ରୀଜମ୍ବେଶ୍ୱର

ପୁରୀ ଅଫିସ, ୨୯।୫

ଅକ୍ଷୟତୃତୀୟାଠାରୁ ମହାପ୍ରଭୁଙ୍କ ୨୧ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ଚାଲିଛି। ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରୁଛନ୍ତି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା। ଶ୍ରୀମନ୍ଦିରରେ ଯାତ ଭୋଗ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ, ଶ୍ରୀରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ବିମାନ ଏବଂ ପାଲିଙ୍କିରେ ବିଜେ ହୋଇ ନୌକାବିହାର ନିମନ୍ତେ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରିଥାନ୍ତି। ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ସହ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ଚାପରେ ବସି ଜଳକ୍ରୀଡ଼ା କରିଥାନ୍ତି। ଏହି ପଞ୍ଚପାଣ୍ଡବଙ୍କ ମଧ୍ୟରେ ପ୍ରଭୁ ଶ୍ରୀଜମ୍ବେଶ୍ୱର ଅଗ୍ରଜ ଅଟନ୍ତି। ଜମ୍ବେଶ୍ୱରଙ୍କୁ ଯୁଧିଷ୍ଠିର ବୋଲି ବିବେଚନା କରାଯାଇଥାଏ। ସେହିପରି ଜମ୍ବେଶ୍ୱରଙ୍କୁ ଅଧା ବିଷ୍ଣୁ ଓ ଅଧା ଶିବ ଅର୍ଥାତ୍ ହରିହର ରୂପରେ ପରିକଳ୍ପନା କରାଯାଇଥାଏ। ପୁରୀର ସାତ ସାହି ମଧ୍ୟରେ ଅନ୍ୟତମ ଗୌଡ଼ବାଡ ସାହିର ଶେଷ ମୁଣ୍ଡରେ ଏବଂ ଶ୍ରୀମନ୍ଦିରର ନୈଋତ ଦିଗରେ ଶ୍ରୀଜମ୍ବେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ। ବାହାର ଚନ୍ଦନ ଯାତ୍ରା ସମୟରେ ମହାପ୍ରଭୁଙ୍କ ମଣିବିମାନର ପଛେ ପଛେ ଶ୍ରୀଜମ୍ବେଶ୍ୱର ବିମାନ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥାଏ । ଶ୍ରୀରାମକୃଷ୍ଣଙ୍କ ସହିତ ଜମ୍ବେଶ୍ୱର ଏବଂ ଅନ୍ୟ ଚାରି ମହାଦେବ ଭଦ୍ରା ଚାପ ବା ନାଲି ଚାପରେ ବସି ନୌକା ବିହାର କରିଥାନ୍ତି। ଚାପ ବ୍ୟତୀତ ମହାପ୍ରଭୁଙ୍କ ହିସାବ ରକ୍ଷକ ଭାବେ ଶ୍ରୀଜମ୍ବେଶ୍ୱରଙ୍କୁ ବିବେଚନା କରାଯାଏ। ଶୀତଳଷଷ୍ଠୀରେ ବା ଶିବବିବାହ ଉତ୍ସବରେ ଜମ୍ବେଶ୍ୱର ନବବିବାହିତ ପତ୍ନୀଙ୍କୁ ନେଇ ଶ୍ରୀମନ୍ଦିକୁ ଆସିଥାନ୍ତି। ସେହିପରି ରୁକ୍ମିଣୀ ବିବାହ ପରେ ଚମ୍ପକ ଦ୍ୱାଦଶୀ ଅବସରରେ ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ନୀତି ସମ୍ପାଦନା ନିମନ୍ତେ ଜମ୍ବେଶ୍ୱର ମନ୍ଦିରକୁ ବିଜେ କରିଥାନ୍ତି। ରାଧା ଅଷ୍ଟମୀ ଦିନ ଚକ୍ରରାଜ ସୁଦର୍ଶନ ଶ୍ରୀମନ୍ଦିରରୁ ଜମ୍ବେଶ୍ୱର ମନ୍ଦିରକୁ ବିଜେ କରିଥାନ୍ତି। ଏହାବ୍ୟତୀତ ଅମାବାସ୍ୟା ନାରାୟଣ ବିଜେ, ଚାରି ଆଶ୍ରମ ବିଜେ, ଶ୍ରାବଣ ପୂର୍ଣ୍ଣିମା ଏବଂ ଆଶ୍ୱିନ ପୂର୍ଣ୍ଣିମା ତିଥିରେ ଜମ୍ବେଶ୍ୱର ମହାଦେବଙ୍କ ସହିତ ଶ୍ରୀମନ୍ଦିରର ନୀତି ରହିଥାଏ ।

# ସମିତିସଭ୍ୟ, ଆଶା ଓ ଅଙ୍ଗନୱାଡି କର୍ମୀ ବାଣ୍ଟିଲେ ମାସ୍କ

ପିପିଲି,୨୯।୫(ଡି.ଏନ୍.ଏ.)

ରାଜ୍ୟରେ ଏବେ ସହର ଅପେକ୍ଷା ଗାଁରେ କରୋନା ସଂକ୍ରମଣ ସଂଖ୍ୟା ବଢି ଚାଲିଛି। ତେବେ ପିପିଲି ଅଧୀନ ତେଇଶିପୁର ପଞ୍ଚାୟତର ପୋଡ଼ଙ୍ଗ ଗ୍ରାମରେ କେତେଜଣ ବ୍ୟକ୍ତି କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେଣୁ ଗ୍ରାମବାସୀଙ୍କୁ ସୁରକ୍ଷା ରଖିବା ପାଇଁ ଶନିବାର ତେଇଶିପୁର ସମିତିସଭ୍ୟ ତଥା ଆମ୍ବ ଅଧକ୍ଷ ଧରଣୀଧର ସାହୁ, ୱାର୍ଡ ମେମ୍ବର ରମେଶ ପଣ୍ଡା, ଅଙ୍ଗନୱାଡି କର୍ମୀ ପୋଡଙ୍ଗ(୨)ସାଗରିକା ସାହୁ, ଆଶାକର୍ମୀ ମୀନାରାଣୀ ବେହେରା ପ୍ରମୁଖ ଗ୍ରାମରେ ଲୋକମାନଙ୍କୁ ସରକାରଙ୍କ କୋଭିଡ୍-୧୯ ନିୟମକୁ ମାନି ଚଳିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହ ଅଯଥାରେ ବାହାରକୁ ନ ବାହାରିବା, ସବୁବେଳେ ମାସ୍କ ପିନ୍ଧିବା, ହାତକୁ ସାବୁନ ଓ ସାନିଟାଇଜରେ ବାରମ୍ବାର ଧୋଇବା, ଥଣ୍ଡା, ଜ୍ୱର କି କାଶ ହେଲେ ନିକଟସ୍ଥ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ ଯିବା ସହିତ କୋଭିଡ୍ କେନ୍ଦ୍ରରେ କୋଭିଡ୍ ପରୀକ୍ଷା କରାଇବାକୁ ନିବେଦନ କରିଥିଲେ। ଏପରିକି ଗ୍ରାମବାସୀଙ୍କୁ ସାନିଟାଇଜ, ମାସ୍କ, ସାବୁନ ଆଦି ବଣ୍ଟନ କରିଥିଲେ।

# ମୋବାଇଲ ଚୋରିକରି ୨ ଗିରଫ

ପୁରୀ ଅଫିସ, ୨୯।୫

ଜଣେ ପର୍ଯ୍ୟଟକଙ୍କଠାରୁ ମୋବାଇଲ ଚୋରି କରିବା ଅଭିଯୋଗରେ ଟାଉନଥାନା ପୋଲିସ ଶନିବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହରଚଣ୍ଡୀ ସାହି ଜଗନ୍ନାଥ କଲୋନୀର କାର୍ତ୍ତିକ ବେହେରା (୨୨) ଏବଂ ସମ୍ବିତ କୁମାର ପ୍ରଧାନ(୨୦)। ଏ ନେଇ ପୋଲିସ ନଂ .୫୦/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ମୋବାଇଲ ଜବତ କରିଛି। ସୂଚନା ଅନୁଯାୟୀ, ଫେବୃୟାରୀରେ ଝାଡ଼ଖଣ୍ଡ ଅଞ୍ଚଳର ଜଣେ ପର୍ଯ୍ୟଟକ ପୁରୀ ବୁଲିବାକୁ ଆସିଥିବା ସମୟରେ ତାଙ୍କ ମୋବାଇଲଟି ଚୋରି ହୋଇଯାଇଥିଲା। ଏ ନେଇ ସେ ଥାନରେ ଅଭିଯୋଗ କରିଥିଲେ। ଫୋନକୁ ଟ୍ରାକ୍ କରି ପୋଲିସ ଅଭିଯୁକ୍ତ ୨ଜଣଙ୍କୁ ଗିରଫ କରିଛି।

# ୫୧ କୋରେକ୍ସ ବୋତଲ ଜବତ, ୨ ଗିରଫ

ପୁରୀ ଅଫିସ,୨୯।୫

ବେଆଇନ ଭାବେ କୋରେକ୍ସ ବିକିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗରିଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପେଣ୍ଠକଟା ଅଞ୍ଚଳର ମହେନ୍ଦ୍ର ସାହୁ ଓରଫ ମୁନା (୨୩) ଏବଂ ବାଙ୍କୀମୁହାଣ ଅଞ୍ଚଳର ମହାବୀର ବାରିକ (୨୭)। ଏ ନେଇ ପୋଲିସ ନଂ ୧୨୧, ୧୨୨/୨୧ରେ ୨ଟି ପୃଥକ ମାମଲା ରୁଜୁ କରିଛି। ପୋଲିସ ସେମାନଙ୍କଠାରୁ ୫୧ଟି କୋରେକ୍ସ ବୋତଲ ଜବତ କରିଛି। ସୂଚନା ଅନୁଯାୟୀ, ସମୁଦ୍ରକୂଳ ଥାନାର ଏସ୍‌ଆଇ ବିଦ୍ୟାଧର ଭୋଳା ଏକ ଟିମ୍ ସହ ପାଟ୍ରୋଲିଂ କରୁଥିବା ସମୟରେ ସମୁଦ୍ରକୂଳ ଅଞ୍ଚଳରେ ନିଶା କାରବାର ହେଉଥିବା ଖବରପାଇ ଥିଲେ। ୱାଟର ୱାର୍କ ରୋଡ୍ ନିକଟରେ ଚଢ଼ାଉ କରି ଅଭିଯୁକ୍ତ ମୁନାକୁ ଗିରଫ କରିବା ସହ ତା' ନିକଟରୁ ୨୭ ବୋତଲ କୋରେକ୍ସ ବୋତଲ ଜବତ କରିଥିଲେ। ସେହିପରି ଏସ୍‌ଆଇ ଶିବାଶିଷ ଦାଶ ହୋଟେଲ ବି ଏନ୍ ଆର୍ ଚାଣକ୍ୟ ନିକଟରେ ଚଢ଼ାଉ କରି ଅଭିଯୁକ୍ତ ମହାବୀରକୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୪ ବୋତଲ କୋରେକ୍ସ ଜବତ କରିଛି।

# ସଂରକ୍ଷିତ ଜାଗାରେ ଚାଲିଛି କାମ

ଅସ୍ତରଙ୍ଗ,୨୯।୫(ଡି.ଏନ୍.ଏ.)

**କୋର୍ଟ ନିର୍ଦ୍ଦେଶକୁ ଅବମାନନା**

ଅସ୍ତରଙ୍ଗର ବିଭିନ୍ନ ଅଞ୍ଚଳରେ ଗୋଚର, ଅନାବାଦୀ, ରକ୍ଷିତ ଅନାବାଦୀ, ଜଙ୍ଗଲ କିସମ, ସର୍ବସାଧାରଣ ରାସ୍ତାକୁ କବ୍‌ଜା କରି ପାର୍କ, ଖେଳପଡିଆ ଏବଂ ବିଭିନ୍ନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ ପରେ ମଧ୍ୟ କେହି ନ ଶୁଣିବାରୁ ସାମାଜିକ କର୍ମୀମାନେ କୋର୍ଟରେ ଅଭିଯୋଗ କରିଥିଲେ। ତଥାପି ପ୍ରଶାସନ କୋର୍ଟ ନିର୍ଦ୍ଦେଶକୁ ନ ମାନି ନିର୍ମାଣ କାର୍ଯ୍ୟ ଜାରି ରଖିଛି। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଏକ ସୁସ୍ଥ ପରିବେଶ ନଷ୍ଟ ହେବାରେ ଲାଗିଛି। ଗତ କିଛିଦିନ ହେବ ଏହି ବ୍ଲକ ଅଞ୍ଚଳର ବିଭିନ୍ନ ସଂରକ୍ଷିତ ଜାଗାକୁ କେତେଜଣ ଅସାମାଜିକ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ କବଜା କରି ବିଭିନ୍ନ ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି। ଯାହାଫଳରେ ଗୃହପାଳିତ ପଶୁ ମୁକ୍ତଭାବେ ଚରାବୁଲା ନ କରିପାରି ରାସ୍ତାକଡ, ନଦୀନାଳ ପଠାରେ ଚରିବା ନଜିର ରହିଛି। ଏପରିକି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଜବକାର୍ଡ ହିତାଧିକାରୀ କର୍ମ ଦିବସ ସୃଷ୍ଟିକରିବା ନିୟମ ରହିଛି। ହେଲେ ବହୁ ଜାଗାରେ ମେଶିନରେ କାମ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ହିତାଧିକାରୀଙ୍କ ନାଁରେ ବିଲ୍ କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ବିଭିନ୍ନ ଗ୍ରାମର ଲୋକେ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ପରେ କେତେଜଣ ସାମାଜିକ କର୍ମୀ ଓଡ଼ିଶା ହାଇକୋର୍ଟରେ ଅଭିଯୋଗ କରିଥିଲେ। ଏବେ ଓଡ଼ିଶା ହାଇକୋର୍ଟରେ ଏ ସମ୍ପର୍କିତ ୨ଟି ମାମଲା ରୁଜୁ ହୋଇ ବିଚାରାଧୀନ ରହିଛି। ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଭିଯୋଗକୁ ଭିତ୍ତିକରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସମେତ ତହସିଲଦାର ବିଚାର କରି ନିର୍ଦ୍ଧାରିତ ସମୟରେ ରିପୋର୍ଟ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହାସତ୍ତ୍ୱେ କେତେକ ଜାଗାରେ ବେଆଇନ ଭାବେ କାମ ଚାଲିଛି। ତେଣୁ ଏହି ସବୁ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

# ଘର ନିକଟରେ କବର ଖୋଳାକୁ ନେଇ ଉତ୍ତେଜନା

ପିପିଲି,୨୯।୫(ସ୍ୱ.ପ୍ର.)

ପିପିଲି ପୌରାଞ୍ଚଳ ୧୪ୱାର୍ଡ ସୁଲତାନନଗର ଗ୍ରାମର ଏକ ଘର ନିକଟରେ ଶନିବାର ମୃତଦେହ ପୋତିବା ନିମନ୍ତେ ଏକ କବର ଖୋଳିବାକୁ ନେଇ ଉତ୍ତେଜନା ଦେଖାଦେଇଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଜଣେ ବୃଦ୍ଧାଙ୍କ ମୃତଦେହକୁ ପୋତିବା ପାଇଁ ଅନ୍ୟ ସମ୍ପ୍ରଦାୟ ଲୋକଙ୍କ ଘର ନିକଟରେ କବର ଖୋଳାଯାଉଥିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ଖବରପାଇ ଘଟଣାସ୍ଥଳରେ ପିପିଲି ଥାନାଧିକାରୀ ଅଭିମନ୍ୟୁ ନାୟକ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି। ସୂଚନା ଅନୁଯାୟୀ, ସୁଲତାନ ନଗର ଗ୍ରାମର ସେକ ଆସାଦୁନ ନବିଙ୍କ ମାଆଙ୍କ ଦେହ ଶନିବାର ସକାଳୁ ହଠାତ୍ ଖରାପ ହେବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟକୁ ନେଇଥିଲେ, କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ମୃତଦେହକୁ ଗ୍ରାମର କବର ସ୍ଥାନକୁ ନେବା ପରିବର୍ତ୍ତେ ଓଡ଼ିଆ ହରଜନ ବସ୍ତି ଘର ନିକଟରେ ପୋତିବା ପାଇଁ ସମ୍ପର୍କୀୟମାନେ କବର ପାଇଁ ଗାତ ଖୋଳିଥିଲେ। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇ ଉତ୍ତେଜନା ଦେଖାଦେଇଥିଲା। ହରିଜନ ବସ୍ତିବାସିନ୍ଦାଙ୍କ କହିବା ମୁତାବକ, ସେଠାରେ ଶହେରୁ ଊର୍ଦ୍ଧ୍ୱ ଲୋକ ଓ ପିଲାଛୁଆଙ୍କୁ ନେଇ ଦୀର୍ଘଦିନ ହେବା ଚଳିଆସୁଛୁ। ସେମାନଙ୍କ କବର ସ୍ଥାନ ଥିବାବେଳେ ଆମ ଘର ନିକଟରେ କାହିଁକି କବର କରାଯାଉଛି। ଏଠାରେ କବର କଲେ ଆମ ପିଲାଛୁଆ ଡରିବେ ଓ ନାନା ଅସୁବିଧା ସୃଷ୍ଟି ହେବ ବୋଲି ବସ୍ତି ପକ୍ଷରୁ ଶାନ୍ତିଲତା ବେହେରା ଓ ଅନ୍ୟମାନେ ଅଭିଯୋଗ କରିଥିଲେ। ଅନ୍ୟପଟେ ମୃତକଙ୍କ ପୁଅ ସେକ ଆସାଦୁନ ନବି କହିଛନ୍ତି, ଏହି ଜାଗାଟି ଆମର। ଏଠାରେ ମାଆଙ୍କ ମୃତଦେହ ପୋତାହେଲେ ଆମ ପାଇଁ ଶୁଭ ହେବ। ପରେ ପୋଲିସ ପହଞ୍ଚି ଘଟଣାର ସମାଧାନ କରିଥିବା ବେଳେ ଅଭିଯୋଗକାରୀ ଶାନ୍ତିଲତା ବେହେରା ଓ ତାଙ୍କ ସମ୍ପର୍କୀୟମାନେ ଏଥିରେ ସନ୍ତୁଷ୍ଟ ନ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।



ମୃତଦେହ ପୋତା ଯିବା ପାଇଁ ଖୋଳାଯାଇଥିବା କବର ।

# ଶ୍ରୀଗୁଣ୍ଡିଚା ଭକ୍ତନିବାସ କର୍ମଚାରୀଙ୍କୁ ମିଳୁନି ଦରମା

ପୁରୀ ଅଫିସ,୨୯।୫:

ଶ୍ରୀଗୁଣ୍ଡିଚା ଭକ୍ତନିବାସ କର୍ମଚାରୀମାନଙ୍କୁ ୨ମାସ ହେବ ଦରମା ମିଳି ନାହିଁ । ଏପରିକି ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ କରିଛନ୍ତି। ଏପରିକି ସେମାନେ ବକେୟା ଦରମା ପାଇବା ଦାବିରେ ଭକ୍ତ ନିବାସ ସମ୍ମୁଖରେ ଶନିବାର ଧାରଣାରେ ବସିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, କୋଭିଡ୍ ସମୟରେ ଜୀବନକୁ ବାଜି ଲଗାଇ ଶ୍ରୀମନ୍ଦିର ପ୍ରଶାସନ କହୁଥିବା ସବୁ କାମ କରିଛୁ। ସାନିଟାଇଜ୍‌ଠାରୁ ଆରମ୍ଭ କରି ଭ୍ୟାକ୍ସିନେଶନ୍ ସେଣ୍ଟରରେ ମଧ୍ୟ ଡ୍ୟୁଟି କରୁଛୁ। ଏହାପରେ ବି ଦରମା ଠିକ୍ ଭାବେ ଦିଆଯାଉ ନାହିଁ। ସେହିଭଳି ଅନ୍ୟ ଭକ୍ତନିବାସରେ ମିଳୁଥିବା ସୁବିଧା ସୁଯୋଗ ଶ୍ରୀଗୁଣ୍ଡିଚା ଭକ୍ତନିବାସ କର୍ମଚାରୀଙ୍କୁ ମିଳୁନି। ୩୦ ଦିନ ବଦଳରେ ୨୬ ଦିନର ଦରମା ଗତ୨୦୧୩ରୁ ମିଳିଆସୁଛି। ଶ୍ରୀମନ୍ଦିର ପ୍ରଶାସନ ଏକ ଘରୋଇ ଏଜେନ୍ସି ହାତକୁ ପରିଚାଳନା ଦାୟିତ୍ୱ ଦେଇଥିବାରୁ କଣ୍ଟ୍ରାକ୍ଟ ରିନୁଆଲ୍ ହୋଇପାରୁ ନାହିଁ। ଫଳରେ ୩୦ ଦିନର ଦରମା ମିଳୁନି। ଯୋଗ୍ୟତା ଓ ପଦବୀ ଅନୁଯାୟୀ ଦରମା ମଧ୍ୟ ମିଳୁନି। ଅନ୍ୟ ଭକ୍ତ ନିବାସର କର୍ମଚାରୀଙ୍କଠାରୁ ଶ୍ରୀଗୁଣ୍ଡିଚା ଭକ୍ତ ନିବାସ କର୍ମଚାରୀମାନେ କମ୍ ଦରମା ପାଉଛନ୍ତି। ଏଭଳି ନାନା ଅଭିଯୋଗ ଆଣିଛନ୍ତି ଶ୍ରୀଗୁଣ୍ଡିଚା ଭକ୍ତ ନିବାସର କର୍ମଚାରୀମାନେ। ସୁଜିତ୍ ନାୟକଙ୍କ କହିବା ଅନୁଯାୟୀ, ରିସେପ୍ସନିଷ୍ଟ ଭାବେ ଦାୟିତ୍ୱ ମିଳିଥିଲେ ମଧ୍ୟ ଦରମା କମ୍ ମିଳୁଛି। ଅନ୍ୟ ଭକ୍ତନିବାସରେ ସମ୍ପୃକ୍ତ ଚାକିରି କରିଥିବା ବ୍ୟକ୍ତି କୁଶଳୀ ଶ୍ରମିକ ଭାବେ ଦରମା ପାଉଥିବାବେଳେ ମୁଁ ରୁମ୍ ସର୍ଭିସ୍ କର୍ମଚାରୀ ଶ୍ରେଣୀର ଦରମା ପାଉଛି। ସେହିଭଳି ୨ ମାସ ହେବ ଦରମା ମିଳୁନି। ଅନ୍ୟ ଜଣେ କର୍ମଚାରୀ ଅଭିଯୋଗ କରିଛନ୍ତି ଯେ, ଭକ୍ତ ନିବାସରେ ବ୍ୟବହାର ହେଉଥିବା ସରଞ୍ଜାମ ନିମ୍ନମାନର। ୫ ଲିଟର ଫିନାଇଲ୍ ଆଣି ସେଥିରେ ପାଣି ମିଶାଇ ତାକୁ ୨୦ ଲିଟର କରି ଦିଆଯାଉଛି। ବେଡସିଟ୍ ଓ କପଡ଼ାମାନ ସଫା କରାଯାଉନାହିଁ। ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ଠିକ ଭାବେ କାର୍ଯ୍ୟ କରୁ ନ ଥିବାରୁ ନିମ୍ନମାନର ସେବା ମିଳୁଛି। କର୍ମଚାରୀମାନେ କହିଛନ୍ତି, ଦୀର୍ଘ ଦିନ ଧରି ଶ୍ରୀଗୁଣ୍ଡିଚା ଭକ୍ତ ନିବାସର କଣ୍ଟ୍ରାକ୍ଟ ପରିବର୍ତ୍ତିତ ହୋଇନାହିଁ। ପ୍ରଶାସନ କେବଳ କଣ୍ଟ୍ରାକ୍ଟ ମିଆଦକୁ ସମ୍ପ୍ରସାରଣ କରିବାରେ ବ୍ୟସ୍ତ ରହିଛି। ଅନେକଥର ଅଭିଯୋଗ ନେଇ ଶ୍ରୀମନ୍ଦିର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଏଜେନ୍ସି ବିଲ୍ ଦେବାରେ ବିଳମ୍ବ କରିବାରୁ ଦରମା ମିଳିପାରି ନାହିଁ। ଯେତେ ଶୀଘ୍ର ସମ୍ଭବ ଦରମା ଦେବାକୁ ଚେଷ୍ଟା କରାଯାଉଛି।



ଶ୍ରୀଗୁଣ୍ଡିଚା ଭକ୍ତନିବାସର କର୍ମଚାରୀମାନେ ବକେୟା ଦରମା ଦାବିରେ ଧାରଣାରେ ବସିଛନ୍ତି ।

**ସଂକ୍ଷେପରେ**

## ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ



**ଖୋର୍ଦ୍ଧା ଅଫିସ,୨୯।୫:** କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ ଓ ସହରାଞ୍ଚଳରେ ସପ୍ତାହାନ୍ତ ଶଟଡାଉନ ଜାରି ରହିଛି। ଏହି ସମୟରେ କାଠ ମାଫିଆମାନେ ସକ୍ରିୟ ହୋଇଉଠିଛନ୍ତି। ଖୋର୍ଦ୍ଧା ଏବଂ ଚନ୍ଦକା ବନଖଣ୍ଡରୁ ଲକ୍ଷାଧିକ ଟଙ୍କାର କାଠ ଚୋରାଚାଲାଣ ହେଉଛି। ଗୁରୁବାର ରାତିରେ ଖୋର୍ଦ୍ଧା ବନାଞ୍ଚଳ ଟାଟା ଏସିଇ ବୋଝେଇ ୩୦ ସିଏଫଟି ଶାଗୁଆନ କାଠ ଜବତ କରିଛି। ବୈଦେଶ୍ୱର ପଖାଣିଆରୁ ବାଙ୍କୀ ଅଭିମୁଖେ ଟାଟା ଏସିଇ (ଓଡି୦୨ବିଏମ୩୦୪୦)ରେ ଏହି କାଠ ଚୋରା ଚାଲାଣ ହେଉଥିଲା। ଖବରପାଇ ବନାଞ୍ଚଳର ଏକ ଟିମ୍ ଚଢ଼ାଉ କରିଥିଲା। ବନ କର୍ମଚାରୀଙ୍କୁ ଦେଖି ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଜବତ କାଠ ଓ ଗାଡି ବନ କାର୍ଯ୍ୟାଳୟରେ ରଖାଯାଇଥିବା ବନ ଅଧିକାରୀ ଅସିତ ମିଶ୍ର କହିଛନ୍ତି।

## ଡ୍ୟାମ୍‌ରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

**ବାଣପୁର,୨୯।୫(ଡି.ଏନ୍.ଏ.):** ଡ୍ୟାମରେ ବୁଡ଼ି ଶନିବାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଖଣ୍ଡିଆନାଳ ଗ୍ରାମର ସହଦେବ ଶବରଙ୍କ ପୁଅ ପ୍ରଦୀପ ଶବର(୧୫)। ସୂଚନା ମୁତାବକ, ବାଣପୁର ଥାନା ଅଧୀନ ନୀଳାଦ୍ରିପ୍ରସାଦ ପଞ୍ଚାୟତର ଖାରିଆପଲ୍ଲୀ ଗ୍ରାମ ମାଉସୀ ଘରକୁ କିଛି ଦିନ ହେବ ପ୍ରଦୀପ ଆସିଥିଲେ। ଶନିବାର ଅପରାହ୍ନ ପ୍ରାୟ ୨ଟାରେ ଗାଁର ଦୁଇ ଜଣ ନାବାଳକଙ୍କ ସହ ପ୍ରଦୀପ ଗ୍ରାମ ନିକଟ ଏକ ଡ୍ୟାମକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ପ୍ରଦୀପଙ୍କ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଏହା ଦେଖି ଅନ୍ୟ ଦୁଇ ଜଣ ତାଙ୍କ ମାଉସୀଙ୍କ ଘରେ ଜଣାଇଥିଲେ। ଖବରପାଇ ଅଗ୍ନିଶମ କେନ୍ଦ୍ର ଅଧିକାରୀ ବିବେକାନନ୍ଦ ଦାସ ସଦଳବଳ ପହଞ୍ଚି ପ୍ରଦୀପକୁ ପାଣିରୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଶିଷ୍ଟ ବ୍ୟବସାୟୀଙ୍କ ମୃତ୍ୟୁ

**ପୁରୀ ଅଫିସ, ୨୯।୫ :** ପୁରୀ ବାଲିଘାଟ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ନବଘନ ସାହୁଙ୍କ ଗୁରୁବାର ରାତ୍ରିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ସେ କର୍କଟ ରୋଗରେ ଆକ୍ରାନ୍ତ ଯୋଗୁ କିଛିଦିନ ତଳେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ନବଘନ ଜଣେ ମିଷ୍ଟଭାଷୀ, ମେଳାପୀ ଓ ଭଗବତ ପ୍ରେମୀ ମଣିଷ ଭାବେ ପୁରୀ ସହରରେ ବେଶ୍ ପରିଚିତ ଥିଲେ। ଭୁବନେଶ୍ୱରସ୍ଥିତ ସତ୍ୟନଗର ଶ୍ମଶାନରେ ତାଙ୍କର ଶବ ସତ୍କାର କରାଯାଇଥିଲା। ପୁତ୍ର ବିଶ୍ୱମ୍ଭର ସାହୁ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ବୋହୂ, ଝିଅ ଜ୍ୱାଇଁଙ୍କ ସମେତ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ନବଘନଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

## ସମ୍ପତ୍ତିକୁ ନେଇ ଆକ୍ରମଣ

**ପୁରୀ ଅଫିସ, ୨୯।୫ :** ପୁରୀ ବାସେଳୀ ସାହି ଅଞ୍ଚଳରେ ଘରୋଇ ସମ୍ପତ୍ତିକୁ କେନ୍ଦ୍ରକରି ସାନଭାଇ ଏବଂ ଭଉଣୀଙ୍କ ଆକ୍ରମଣରେ ବଡ଼ଭାଇ ଏବଂ ତାଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇ ପୁରୀ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆହତ ବ୍ୟକ୍ତିମାନେ ହେଲେ ରବି ଭୋଇ (୪୩) ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବରାଳ (୩୩)। ସୂଚନା ଅନୁଯାୟୀ, ଘର ସମ୍ପତ୍ତିକୁ ନେଇ ରବି ଏବଂ ତାଙ୍କ ପରିବାର ଲୋକଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ତେଣୁ ରବି ସୁଜାତା ନଗର ଅଞ୍ଚଳରେ ଘରଭଡା ନେଇ ରହୁଥିଲେ। ତେବେ ଶୁକ୍ରବାର ରାତିରେ ରବି ଏବଂ ତାଙ୍କ ସ୍ତ୍ରୀ ନିଜ ଘରକୁ ଫେରିଥିଲେ। ଏହାଦେଖି ତାଙ୍କ ସାନଭାଇ ଏବଂ ଭଉଣୀମାନେ ମିଶି ରବି ଏବଂ ତାଙ୍କ ସ୍ତ୍ରୀଙ୍କୁ କାଠଫାଳିଆ ଏବଂ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ଉଭୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ରବି ବାସେଳୀ ସାହି ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ବିନା ପଦକ୍ଷେପରେ 'ଅପରେଶନ କ୍ଲିନ୍ ଅପ୍'

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ଜେଲ୍‌ର ସେଲ୍ ଭିତରୁ ହେଉଛି ଅପରାଧର ବ୍ଲୁ ପ୍ରିଣ୍ଟ। ବାହାରେ ଫୁଟୁଛି ଗୁଳି, ଗଡୁଛି ମୁଣ୍ଡ। ମୋବାଇଲ୍ ଫୋନ୍ ମାଧ୍ୟରେ ଅପରାଧୀମାନେ ଅପରାଧ ନିୟନ୍ତ୍ରଣ କରୁଥିବାବେଳେ ନିଶା ସେବନ କରି ମଉଜ କରିବା ଘଟଣାର ଅନେକ ନଜିର ରହିଛି। ସ୍ଥିତି ବିଗିଡ଼ିଯିବା ପରେ ଏବେ ଶୋଇଯାଇଥିବା ଜେଲ ବିଭାଗ ଏବେ ଆରମ୍ଭ କରିଛି 'ଅପରେଶନ କ୍ଲିନ୍ ଅପ୍'। ଚଢ଼ାଉ ଚାଲିଥିବାବେଳେ ଜେଲରୁ ପୁଳା ପୁଳା ମୋବାଇଲ୍ ଫୋନ୍, ନିଶାଦ୍ରବ୍ୟ ସାଙ୍ଗକୁ ବିଭିନ୍ନ ବେଆଇନ ସାମଗ୍ରୀ ବିଭାଗର ନିଦ ହଜାଇ ଦେଇଛି। ତେବେ ମାସାଧିକ କାଳ କେବଳ ଚଢ଼ାଉ ଚାଲିଥିଲେ ମଧ୍ୟ କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ଉପରେ ପଦକ୍ଷେପ ହୋଇ ନ ଥିବାରୁ ଜେଲ ବିଭାଗର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଝାରପଡ଼ା ଜେଲରୁ ପୁଣି ବାହାରିଲା ମୋବାଇଲ, ଗଞ୍ଜେଇ

ଝାରପଡା ସ୍ପେଶାଲ ଜେଲରୁ ପୁଣି ବିପୁଳ ବେଆଇନ ସାମଗ୍ରୀ ମିଳିଛି। ୧ ନମ୍ବର ଓ ୧୫ ନମ୍ବର ୱାର୍ଡ, ଡାଇନିଂ ହଲ ପଛପଟୁ ୬ ମୋବାଇଲ ଫୋନ, ୪ ସିମ୍ କାର୍ଡ, ୫ ଚାର୍ଜର, ଗୋଟିଏ ପେନ୍‌ଡ୍ରାଇଭ, ୫ ମୋବାଇଲ ବ୍ୟାଟେରୀ ଓ ୨୫୦ ଗ୍ରାମର ଗଞ୍ଜେଇ ମିଳିଛି। ଏସବୁକୁ ଜବତ କରିବା ପରେ ଜେଲ କର୍ତ୍ତୃପକ୍ଷ ଲକ୍ଷ୍ମୀସାଗର ଥାନାକୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପଟେ ଜବତ ଗଞ୍ଜେଇକୁ ଓଡ଼ିଶା ମଡେଲ ଜେଲ ମାନୁଆଲ-୨୦୨୦ ଅନୁସାରେ ନଷ୍ଟ କରାଯାଇଛି ବୋଲି ଜେଲ ବିଭାଗ ମୁଖ୍ୟାଳୟ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି।

### ଭେଳିକି କରୁଛି ଜେଲ ବିଭାଗ

ଜେଲ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଚାଲିଛି 'ଅପରେଶନ କ୍ଲିନ୍ ଅପ୍'। ଜେଲକୁ ନିଶା କାରବାର ଓ ମୋବାଇଲ ଫୋନ୍ ମୁକ୍ତ କରିବା ପର୍ଯ୍ୟନ୍ତ ଏପରି ଅଭିଯାନ ଚାଲୁ ରହିବ ବୋଲି ମୁଖ୍ୟାଳୟ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ହେଲେ ଝାରପଡ଼ା ସ୍ପେଶାଲ ଜେଲରୁ କେବଳ ମାସକ ଭିତରେ ୨୧ ମୋବାଇଲ୍ ଫୋନ୍, ନିଶାଦ୍ରବ୍ୟ ମିଳିଥିଲେ ମଧ୍ୟ ଏସବୁ ଭିତରକୁ କିପରି ଗଲା ତାହାର ଉତ୍ତର ବିଭାଗୀୟ ଅଧିକାରୀଙ୍କ ପାଖରେ ନାହିଁ। ଜବତ ମୋବାଇଲ୍ ଫୋନ୍‌ରେ ବାରମ୍ବାର ଭଏସ୍ କଲ୍, ମେସେଜ୍, ଭିଡିଓ କଲିଂ ହୋଇଛି। ଏସବୁ ଘଟଣାରେ ଦାୟିତ୍ୱରେ ରହୁଥିବା ବରିଷ୍ଠ ଅଧିକାରୀଙ୍କର ପ୍ରମୁଖ ଭୂମିକା ରହୁଥିବାରୁ ପଦକ୍ଷେପ ନିଆଯାଉ ନ ଥିବା ଚର୍ଚ୍ଚା ଚାଲିଛି। ଜେଲ୍ ନିୟମ ଅନୁସାରେ, କୌଣସି ଅଭିଯୁକ୍ତ ଜେଲ ଭିତରକୁ ଯିବାବେଳେ କ୍ୟାମେରା ସମ୍ମୁଖରେ ତନ୍ନତନ୍ନ କରି ଯାଞ୍ଚ କରାଯାଇଥାଏ। ଏଥିସହ କର୍ମଚାରୀମାନେ ନିୟମିତ ଜେଲ୍ ଭିତରେ ନିରୀକ୍ଷଣ ଓ ଯାଞ୍ଚ କରନ୍ତି। ମୋବାଇଲ ଓ ବେଆଇନ ସାମଗ୍ରୀ କିପରି ଯାଉଛି ତାହାର ବଡ଼ ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏନେଇ ଜେଲ ବିଭାଗ ଆଇଜି ହିମାଂଶୁ ଲାଲ କହିଛନ୍ତି, ଝାରପଡା ସ୍ୱତନ୍ତ୍ର କାରାଗାରରେ ବାରମ୍ବାର ଚଢ଼ାଉ କରାଯାଇ ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏନେଇ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ସିସିଟିଭି ଯାଞ୍ଚ କରାଯାଇ ତଦନ୍ତ କରାଯାଉଛି।



ସପ୍ତାହାନ୍ତ ଶଟ୍‌ଡାଉନ ପାଇଁ ଶନିବାର ଜଟଣୀ ରେଳ ଷ୍ଟେଶନ ନିକଟ ଗୋଲେଇ ମାର୍କେଟ ରାସ୍ତା ଶୂନଶାନ ରହିଛି।

## ଘରେ ପଶି ଅଳଙ୍କାର, ଟଙ୍କା ନେଇଗଲେ

**ଖୋର୍ଦ୍ଧା ଅଫିସ,୨୯।୫**

କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧାରେ ଲୁଟେରାମାନେ ସକ୍ରିୟ ହୋଇଉଠିଛନ୍ତି। ଖୋର୍ଦ୍ଧା ଟାଉନ ଥାନା ଅଧୀନ ଠାକୁରପଡ଼ା ଗ୍ରାମର ପ୍ରକାଶ ସାହୁଙ୍କ ଘରେ ପଶି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଶନିବାର ପ୍ରକାଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୧୪/୨୧) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ରାତିରେ ପ୍ରକାଶଙ୍କ ପରିବାର ଶୋଇଥିବା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କ ଘର ଝରକା ତାଡି ଭିତରକୁ ପଶିଥିଲେ। ଏକ ରୁମ୍‌ରେ ଥିବା ଆଲମାରି ତାଡି ସୁନା ଅଳଙ୍କାର ଏବଂ ଟଙ୍କା ଚୋରି କରି ନେଇଯାଇଛନ୍ତି। ପ୍ରକାଶ ଝିଅ ବାହାଘର ପାଇଁ ଧାରକରଜ କରି କିଣିଥିବା ଅଳଙ୍କାର, ଟଙ୍କା ଏବଂ ସ୍ତ୍ରୀର ଗହଣା ଆଲମାରିରେ ରଖିଥିଲେ। ଚୋରି ହୋଇଯିବା ପରେ ସେ ଏବେ ମୁଣ୍ଡରେ ହାତ ଦେଇବସିଛନ୍ତି।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା, ୩ ଗିରଫ

### ପୋଲିସ ସହାୟତାରେ ମୃତଦେହ ସଂସ୍କାର

**ବାଣପୁର,୨୯।୫(ଡି.ଏନ୍.ଏ.)**

ବାଣପୁର ଥାନା ଅଧୀନ ସରଳସିଂ ଗ୍ରାମରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ବିଷ ପିଆଇ ହତ୍ୟା କରାଯାଇଛି। ମୃତା ହେଲେ ଏହି ଥାନା ଅଧୀନ ଗମ୍ଭାରୀମୁଣ୍ଡା ନିକଟ ଭଗବତୀପୁର ଗ୍ରାମର କିଶୋର ପରିଡ଼ାଙ୍କ ଝିଅ ଝରଣା। ଏନେଇ ଝରଣାଙ୍କ ମା' ମଣି ପରିଡ଼ାଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୪୯୮ଏ, ୩୦୨, ୩୦୪ବି, ୩୪ଆଇପିସିରେ ଏକ ହତ୍ୟା ମାମଲା (ନଂ.୧୮୮/୨୧) ରୁଜୁକରି ଶନିବାର ସ୍ୱାମୀ ରାଜୀବ ନାୟକ, ଦେଢ଼ଶୁର ଓ ଶାଶୁଙ୍କୁ ଗିରଫ କରିଛି। ଅନ୍ୟପଟେ କରୋନା ସଂକ୍ରମଣ ଭୟରେ ସମ୍ପର୍କୀୟଙ୍କ ଅସହଯୋଗ ଯୋଗୁ ପୋଲିସ ସହାୟତାରେ ମୃତଦେହ ସଂସ୍କାର କରାଯାଇଛି।

ଅଭିଯୋଗ ମୁତାବକ, ଭଗବତୀପୁରର ଝରଣାଙ୍କ ୩ବର୍ଷ ପୂର୍ବେ ସରଳସିଂ ଗ୍ରାମର ଯୁଧିଷ୍ଠିର ନାୟକଙ୍କ ସାନ ପୁଅ ରାଜୀବଙ୍କ ସହ ବାହାଘର ହୋଇଥିଲା। ଉକ୍ତ ସମୟରେ ଯୌତୁକ ବାବଦରେ ୧ଲକ୍ଷ ଟଙ୍କା ସମେତ ଅଢ଼େଇ ଲକ୍ଷ ଟଙ୍କାର ଅଳଙ୍କାର, ଆସବାବପତ୍ର ଦିଆଯାଇଥିଲା। ବିବାହର କିଛି ଦିନ ପରେ ରାଜୀବ ବିଦେଶ ଯିବା ପାଇଁ ବାପ ଘରୁ ଆଉ ୧ଲକ୍ଷ ଟଙ୍କା ଆଣିବା ପାଇଁ ଶାଶୁଘର ଲୋକେ ଝରଣାଙ୍କୁ କହିଥିଲେ। ଏଥିରେ ସେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ବାରମ୍ବାର ନିର୍ଯାତନା ଦେଉଥିଲେ। ଶେଷରେ ଟଙ୍କା ସମ୍ପର୍କରେ ବାପାଙ୍କୁ ଜଣାଇଥିଲେ। କିଶୋର ଗ୍ରାମର କେତେଜଣ ବରିଷ୍ଠ ନାଗରିକଙ୍କ ସହ ସରଳସିଂରେ ପହଞ୍ଚି ଜ୍ୱାଇଁ, ଶାଶୁ ଓ ଦେଢ଼ଶୁରଙ୍କୁ ବୁଝାଶୁଝା କରିଥିଲେ। ଗତ ଗୁରୁବାର ଝରଣାଙ୍କୁ ଗୁରୁତର ଅବସ୍ଥାରେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ନେଇ କିଶୋର ଖବରପାଇ ସେଠାରେ ପହଞ୍ଚିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ଶୁକ୍ରବାର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ରାତିରେ ଗ୍ରାମରେ ମୃତଦେହ ପହଞ୍ଚିଥିଲା। ତେବେ କରୋନା ଭୟରେ ସମ୍ପର୍କୀୟଙ୍କ ଅସହଯୋଗ ଯୋଗୁ ବାଣପୁର ଏବଂ ନାରୁଣୀ ପୋଲିସ ସହାୟତାରେ ମୃତଦେହ ସଂସ୍କାର କରାଯାଇଥିଲା। ଶାଶୁଘର ଲୋକେ ଝରଣାଙ୍କୁ ବିଷ ପିଆଇ ହତ୍ୟା କରିଛନ୍ତି ବୋଲି ମଣି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ୩ଜଣଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

## ଦିନକରେ ୪୪୨୧ ଜଣ ନେଲେ ଟିକା

**ଖୋର୍ଦ୍ଧା ଅଫିସ,୨୯।୫**

କରୋନା ସଂକ୍ରମଣ ରୋକିବା ଲାଗି ରାଜ୍ୟରେ ଟିକାକରଣ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ଖୋର୍ଦ୍ଧା ଗ୍ରାମାଞ୍ଚଳର ୧୬ଟି କେନ୍ଦ୍ରରେ ୪୪୨୧ଜଣଙ୍କୁ ଟିକା ଦିଆଯାଇଛି। ସେଥିରୁ ୧୮ରୁ ୪୪ ଯୁବ ବର୍ଗ ୩୨୫୧ଜଣ ଟିକା ନେଇଛନ୍ତି। ୪୫ବର୍ଷରୁ ଊର୍ଦ୍ଧ୍ୱ ପ୍ରଥମ ଡୋଜ ୨୮୧, ଦ୍ୱିତୀୟ ଡୋଜ ଜଣେ ନେଇଛନ୍ତି। ୬୦ବର୍ଷରୁ ଊର୍ଦ୍ଧ୍ୱ ୮୮୬(ପ୍ରଥମ) ଏବଂ ଜଣେ ବରିଷ୍ଠ ନାଗରିକ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି। ଏଥିସହ ଜଣେ ଫ୍ରଣ୍ଟ ଲାଇନ ୱାର୍କର ଟିକା ନେଇଛନ୍ତି। ରବିବାର ୧୮ରୁ ୪୪ ଯୁବବର୍ଗଙ୍କ ଟିକାକରଣ ବନ୍ଦ ରହିବ ବୋଲି ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ ଜଣାଇଛନ୍ତି।

# କୋଭିଡ୍ ସ୍ଥିତି ସମୀକ୍ଷା କଲେ ବିଧାୟକ

**କୃଷ୍ଣପ୍ରସାଦ,୨୯।୫(ଡି.ଏନ୍.ଏ.)**

ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଶନିବାର କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟରେ କୋଭିଡ୍ ସ୍ଥିତିର ସମୀକ୍ଷା କରିଛନ୍ତି। ପ୍ରତି ପଞ୍ଚାୟତସ୍ତରରେ ଟିକାକରଣ ଅଭିଯାନ ତ୍ୱରାନ୍ୱିତକୁ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବିଧାୟକ ମହାପାତ୍ର ବିଡିଓ ଅଭିମନ୍ୟୁ ମାଝୀଙ୍କୁ ଅକ୍ସିଜେନ ମାପ ଯନ୍ତ୍ର ଏବଂ ତାପମାତ୍ରା ଯନ୍ତ୍ର ପ୍ରଦାନ କରିଥିଲେ। ଖୁବଶୀଘ୍ର ଲୋକମାନଙ୍କୁ ସାନିଟାଇଜର ଏବଂ ମାସ୍କ ପ୍ରଦାନ କରାଯିବ। ବୈଠକରେ ବିଡିଓ ଅଭିମନ୍ୟୁ ମାଝୀ, ଚିଲିକା ନୂଆପଡା ପଞ୍ଚାୟତ ସମିତି ସଭ୍ୟ ଉତ୍ତମ ତରେଇ, ସଂଗ୍ରାମ କେଶରୀ ଜେନା, ବିଷ୍ଣୁ ପ୍ରସାଦ ବେହେରା, ଅଶୋକ ବିଶ୍ୱାଳ, ସୁରେନ୍ଦ୍ର ନାଥ ମାଝୀ, ନବୀନ ଜେନା, ଶରତ ଚନ୍ଦ୍ର ଜେନା, ପ୍ରଦୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଧାୟକ ମହାପାତ୍ର ଚିଲିକା ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ବିଭିନ୍ନ ଦିଗରେ ଡା.ସନ୍ତୋଷ ବେହେରାଙ୍କ ସହିତ ଆଲୋଚନା କରିଥିଲେ।

# ବଢୁଛି ସୁସ୍ଥ ହାର, କମୁଛି ସଂକ୍ରମଣ

**ଖୋର୍ଦ୍ଧା ଅଫିସ,୨୯।୫**

### ୩ ଦିନରେ ୨୧୯ ଆକ୍ରାନ୍ତ, ୮୭୪ ସୁସ୍ଥ

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ଦ୍ୱିତୀୟ ଲହର ଜାରି ରହିଛି। ଗତ କିଛିଦିନ ଦୈନିକ ସଂକ୍ରମଣ ବଢ଼ି ୪ଶହ ଉପରେ ରହିଥିଲା। କ୍ରମାଗତ ଭାବେ ସଂକ୍ରମଣ ହାର କମିବାରେ ଲାଗିଛି। ଗତ ୩ଦିନ ମଧ୍ୟରେ ୨୧୯ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୮୭୪ଜଣ ସୁସ୍ଥ ହୋଇଥିବା ଜିଲା ପ୍ରଶାସନର ରିପୋର୍ଟରୁ ଜଣାପଡିଛି। ଗତ ୨୪ତାରିଖରେ ୧୨୯ଜଣ ଆକ୍ରାନ୍ତ ହୋଇଥିବା ବେଳେ ୨୧୦ଜଣ ସୁସ୍ଥ ହୋଇଥିଲେ। ଏହାର ଦୁଇ ଦିନ ପରେ ତଥା ୨୬ତାରିଖରେ ୪୯୫ଜଣ ଆକ୍ରାନ୍ତ ହୋଇଥିବା ବେଳେ ୨୭୬ଜଣ ସୁସ୍ଥ ହୋଇଥିଲେ। ଏହା ପରଠାରୁ ୨୭ତାରିଖରେ ୫୭ଜଣ ଆକ୍ରାନ୍ତ ହୋଇଥିବା ବେଳେ ୩୦୯ଜଣ ସୁସ୍ଥ ହୋଇଥିଲେ। ୨୮ରେ ୧୦୦ଜଣ ଆକ୍ରାନ୍ତ, ୨୮୮ଜଣ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଶନିବାର ୬୨ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୭୭ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୩, ବାଲିପାଟଣା ୧୧, ଭୁବନେଶ୍ୱର ବ୍ଲକ ୧୧, ଜଟଣୀ ୮, ଖୋର୍ଦ୍ଧା୧୨, ବେଗୁନିଆ ୭, ବୋଲଗଡ଼ ୩, ଟାଙ୍ଗୀ ୨, ଚିଲିକା ୨ ଏବଂ ବାଣପୁରର ୩ଜଣ ରହିଛନ୍ତି। ରିପୋର୍ଟ ଅନୁସାରେ ଶନିବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୩,୪୩,୬୭୭ ନମୁନା ସଂଗ୍ରହ କରାଯାଇଛି। ୨୦,୬୫୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୯,୭୪୮ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମୃତ୍ୟୁ ସଂଖ୍ୟା ୬୪ରେ ପହଞ୍ଚିଛି। ୧୪୩୮ ସକ୍ରିୟ ସଂକ୍ରମିତ ରହିଛନ୍ତି।



ଆଶା ଓ ଅଙ୍ଗନୱାଡି କର୍ମୀ ଘର ଘର ବୁଲି ସ୍ୱାସ୍ଥ୍ୟ ସର୍ଭେକ୍ଷଣ କରୁଛନ୍ତି।

ଅନ୍ୟପକ୍ଷେ ଭୁବନେଶ୍ୱର ସବଡିଭିଜନରେ ଶନିବାର ୪୫ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୬୦ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମୋଟ ୨୬୪୮ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୧୦୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କୋଭିଡରେ ଜଣଙ୍କର ମୃତ୍ୟୁ ଘଟିଛି। ୫୪୫ ସକ୍ରିୟ ସଂକ୍ରମିତ ରହିଛନ୍ତି। ଏହି ସବଡିଭିଜନରେ ସୁସ୍ଥ ହାର ୭୯.୩୮ ପ୍ରତିଶତ ରହିଥିବା ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି। ସେହିପରି ଖୋର୍ଦ୍ଧା ସବଡିଭିଜନରେ ଶନିବାର ୮୮ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୬୨ଜଣ ସୁସ୍ଥ ହୋଇଛନ୍ତି। ମୋଟ ୩୯୪୭ ପଜିଟିଭ୍ ରହିଛନ୍ତି। ତନ୍ମଧ୍ୟରୁ ୨୯୭୧ ସୁସ୍ଥ ହୋଇଛନ୍ତି। ୯୭୬ ସକ୍ରିୟ ସଂକ୍ରମିତ ରହିଛନ୍ତି। ଏହି ସବଡିଭିଜନରେ ସୁସ୍ଥ ହାର ୭୫.୨୭ ପ୍ରତିଶତ ରହିଥିବା ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଆଶା ଓ ଅଙ୍ଗନୱାଡି କର୍ମୀମାନେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସର୍ବେକ୍ଷଣ କରୁଛନ୍ତି। ବାତ୍ୟା ୟାସ୍ ଲାଗି ୨୫ ଓ ୨୬ ତାରିଖ ଟିକାକରଣ ଏବଂ ଟେଷ୍ଟିଂ କମିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଖୋର୍ଦ୍ଧା ମେଡିକାଲ ସମେତ ୧୦ଟି କେନ୍ଦ୍ରରେ କୋଭିଡ ଟେଷ୍ଟିଂ ଚାଲିଛି। ପୂର୍ବରୁ ପ୍ରତି କେନ୍ଦ୍ରରେ ଶହେ ଜଣଙ୍କ ପରୀକ୍ଷା ହେଉଥିବା ବେଳେ ରୋଗୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଏହାକୁ ବୃଦ୍ଧି କରାଯାଇଛି। ତେବେ ଆଗ ଅପେକ୍ଷା ପରୀକ୍ଷା ବଢ଼ିଥିବା ବେଳେ ସଂକ୍ରମଣ କମିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ଆଲୋକ



@ ରଞ୍ଜିତ



@ କୃଷ୍ଣଚନ୍ଦ୍ର



@ ଲିପ୍‌ସା



@ ଶୁଭେନ୍ଦୁ



@ ଦୀପକ

# ପାଣିଗ୍ରାହୀପୁର ପାଟଣାରେ କରୋନା ପରୀକ୍ଷଣ ଶିବିର

**ବେଗୁନିଆ,୨୯।୫(ଡି.ଏନ୍.ଏ.)**

### ୨ ଗାଁ ନିଷିଦ୍ଧାଞ୍ଚଳ

ବେଗୁନିଆ ଓ ବାଙ୍କୀ ବ୍ଲକ ଉପାନ୍ତରେ ଥିବା ପାଣିଗ୍ରାହୀପୁର ପାଟଣା ଗାଁରେ କରୋନା ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଦୁଇଦିନ ଧରି ଆୟୋଜିତ ଶିବିରରେ କଢ଼ାମଲ୍ଲ ଓ ପାଣିଗ୍ରାହୀପୁର ପାଟଣା ଗ୍ରାମର ୧୫୦ଜଣଙ୍କ ପରୀକ୍ଷା କରାଯାଇଛି। ସେଥିରୁ ୨୯ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ପଜିଟିଭଙ୍କୁ ହୋମ୍ ଆଇସୋଲେଶନରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଅମରେଶ ସାହୁଙ୍କ ତତ୍ତ୍ୱାବଧାନରେ ଡା.ମିଲନ ତ୍ରିପାଠୀ, ଅଙ୍ଗନୱାଡି ଓ ଆଶାକର୍ମୀ କଳାବତୀ ବେହେରା, ମଞ୍ଜୁଲତା ପ୍ରଧାନ, ଲତା ନାୟକ, ସ୍ୱାସ୍ଥ୍ୟକର୍ମୀ ବିଶ୍ୱଭୂଷଣ ବାହୁବଳେନ୍ଦ୍ର, ରଞ୍ଜିତ ତ୍ରିପାଠୀ, ପାଣିଗ୍ରାହୀପୁର ପାଟଣା ଗାଁ କଲ୍ୟାଣ ସମିତିର ସଭ୍ୟମାନେ ସହଯୋଗ କରିଥିଲେ। ଗୋଷ୍ଠୀ ସଂକ୍ରମଣକୁ ଦୃଷ୍ଟିରେ ରଖି ପୁଇଁତା ସରପଞ୍ଚ ଆର୍ଯ୍ୟାଶ୍ରୀ ଆଦିତ୍ୟା ଜିଲାପାଳ କ୍ଷମତା ପ୍ରୟୋଗ କରି କଢ଼ାମଲ୍ଲ ଏବଂ ପାଣିଗ୍ରାହୀପୁର ପାଟଣା ଗ୍ରାମକୁ ୨୮ତାରିଖ ସନ୍ଧ୍ୟା ୬ଟାରୁ ୩୧ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ (ନିଷିଦ୍ଧାଞ୍ଚଳ) ଘୋଷଣା କରିଛନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ଗ୍ରାମକୁ ରବିବାର ବିଶୋଧନ କରାଯିବ ବୋଲି ସେ କହିଛନ୍ତି।